# [illegible].....



ജന-സാഹിത്യ പ്രകാശന

# [illegible].....

ଜଗଦୀଶ ପ୍ରସାଦ ମହାନ୍ତି

ପ୍ରକାଶକ :

ଜନ-ସାହିତ୍ୟ ପ୍ରକାଶନ

ଗଙ୍ଗାମଣ୍ଡଳ, କଟକ : ୧

ନୂତନ ସଂସ୍କରଣ

୧୯୫୭

ମୂଲ୍ୟ—ଏକଟଙ୍କା ପଚାଶ ନୂଆ ପଇସା

ମୁଦ୍ରକ :

ସୁପ୍ରିୟ କିଶୋର ଦାସ

କୃଷକ ପ୍ରେସ

କଟକ—୧

ଅଶୋକ ଚାଲିଚ ରାଜପଥ ଉପରେ ...ପୂର୍ବାଞ୍ଚଳର ପିଚ୍ ମସୃଣ ରାସ୍ତା ଦେଇ । ସହପାଠିନୀ ସୁଧାର ନିମନ୍ତ୍ରଣ ରକ୍ଷା କରିବାକୁ ତାର ମୋଟେ ଇଚ୍ଛା ନଥିଲେ ବି ଶେଷ ମୁହୂର୍ତ୍ତରେ ହଠାତ୍ କ ଗୋଟାଏ ଖିଆଲରେ ସେ ଘରୁ ଗୋଡ଼ କାଢ଼ିଛି ।

ଶୀତଳୋନ୍ମତ୍ତ ସହର ।

ଦୁଇ ପାଖରେ ବଙ୍ଗଳୋ ପରେ ବଙ୍ଗଳୋ ...ବିଦ୍ୟୁତ୍ ଆଲୋକ ଝଲସିତ —ଫ୍ଲୁରୋସେଣ୍ଟ ଟିଉବ୍ ଲାଇଟର ମାଳାଭ ପାର୍ଶ୍ୱ...ଭାସିଆସୁଚ ରେଡ଼ିଓର ମଧୁର ଛନ୍ଦ ସଙ୍ଗୀତ...ନାରୀ କଣ୍ଠର ତରଳ ଗୀତ ମୂର୍ଚ୍ଛନା । ଲମ୍ବା ରାଜପଥକୁ ଆଲୋକରେ ଉଜାଡ଼ି ଦେଇ ତା ଉପରେ ଚାଲିଚ ମଟର ପରେ ମଟର ।

ପେରାମ୍ବୁଲେଟରରେ ଚପଳ ଶିଶୁକୁ ଠେଲି ଠେଲି ଧୋବ ଫରକର ...ମା ଚାଲିଚ । ଶିଶୁଟି ସବୁଜ ଗଛପତ୍ର ଉପରେ ଆଲୋକର ଲହରି ଉଠୁ ଦେଖି ଆନନ୍ଦରେ କୁରୁଳି ଉଠିଚ ..

ବାଦଲ ଉଠିନି...ରାତ୍ରି କଳା ରଙ୍ଗ...ପୌଷର ସନ୍ଧ୍ୟା ..ଏଇ ଅଳ୍ପ ସମୟ ଆଗରୁ ଟିକିଏ ବର୍ଷା ହୋଇଯାଇଚ...ଥଣ୍ଡା ପବନରେ ସାରା ଦେହ ଶୀତେଇ ଉଠୁଚ...ପକେଟରୁ ଉଣ୍ଟର ଅଶୋକ ବୋତାମଗୁଡ଼ାକ ଲଗେଇ ଦେଲା । ଡେସ୍ପର ଶୀତୁଆ । ବାମ୍ପ ମଣ୍ଡଳର ଆର୍ଦ୍ର ଜରୁଣତା ଯାଗେ ଓ ମନରେ ଜେଇଁ ଉଠିଲା ଏକ ମୂର୍ତ୍ତି ଅସହାୟତା...

ପଶ୍ଚିମାଞ୍ଚଳର ବସ୍ତି ଭିତରୁ ସେ ଚାଲି ଚାଲି ଆସୁଚ...ସେଇଠି ରହେ ସେ । ଦୁଇଟି ଗଳି ଭିତରେ ଦୁଇ ମୋଟେ ବୁଲିଯାଇଲି । ଅନ୍ଧାର ଭୂମିତିର ଆବହାଓ୍ୱା ସମ୍ପୂର୍ଣ୍ଣ ଅଲଗା ।

,

ଏଠି ସନ୍ଧ୍ୟା ପରେ ପରେ ବସିଚ ନିଶୀଥ ଉତ୍ସବର ଆସର..
ସଙ୍ଗୀତ ସୁରଭି ଛଡ଼ାଇ ହୋଇ ପଡ଼ିଚ ଚାରିଆଡେ । ପ୍ରତ୍ୟେକ ବଙ୍ଗଳା
ପ୍ରଶସ୍ତ ବଗିଚା ଭିତରେ ଦୋହଲୁଚି ଫୋଟେନର ପୁଷ୍ପିତ ସ୍ତବକ···ସେଜ
ଫ୍ଲାୱାରର ରଙ୍ଗୀନ ସ୍ୱାଗତିକା....ବିଦ୍ୟୁତ୍ ଆଲୋକର ଅପୂର୍ବ ସମାବେଶ
ଭିତରେ ଜମି ଉଠିଚ ଗାର୍ଡ଼େନ୍ ପାର୍ଟି, କ୍ଲବ, ଏଆର୍ କଣ୍ଡିସନ୍
ପ୍ରେକ୍ଷାଳୟ ।

ଆଉ ପଶ୍ଚିମ ଅଞ୍ଚଳରେ—

ସେଇ ସନ୍ଧ୍ୟାର ଘଞ୍ଚ ଅନ୍ଧାର ଭିତରେ ନୁଆଣିଆ ଖପର୍ ଲି ବ୍ଧୁଲ ଚନେ
ର ଜୀବନର ଧାରା ଚାଲିଥିବ । ଧୂଳି କାଦୁଅ ମଳ୍ସ ଅପ୍ରଶସ୍ତ ଗଳି ଭିତରେ
ଦୋକାନ, ସଉଦା ହାଟ ବଜାର କରିବାକୁ ଡେଙ୍ଗୁଣି ପୋକ ପରି ଲୋକ
ଭିଡ଼ ଜମିଥିବେ । ରାସ୍ତା କଡ଼ରେ ଖେଳକୁଦ କରୁଥିବ ଅବିନ୍ୟସ୍ତ, ଅପରିଚ୍ଛନ୍ନ
ଛୁଆ ପିଲା ପିଲା । ଖୋଲା ନର୍ଦ୍ଦମା ଆଉ ସିୱେଜର ସୁରଭି ଛଡ଼ାଇ ହେଇ
ପଡ଼ିଥିବ ଚାରିଆଡେ । କଳି, ଦଙ୍ଗା, ରୋଗ, ବ୍ୟାଧି, ମଶା ତାଆଁ ସବୁ ଏ
ବସ୍ତି ପରିଆର ସେଇ ଜୀବନ ପ୍ରବାହ ଭିତରେ ମିଶି ଚାଲିଥିବ ।

ଟର୍ଚ୍ଚ ପକାଇ ପାଖ ବଙ୍ଗଳା ନମ୍ବର ଦେଖିଲା ଅଶୋକ । ୨୬
ହାତ ଟପିଲେ ପଣ୍ଡିତ ଛନ୍ଦାର ଘର ।

ପଥର ଗେଟ୍ ବନ୍ଦ କରି ଅଶୋକ ପଶିଲା ଭିତରକୁ । ତକମା ପିନ୍ଧି
ଦରୱାନ୍ ସଲାମ ଠୁକି ତାକୁ ପାଛୋଟି ନେଲା । ଡ୍ରଇଂ ରୁମର ଗୋଟା
କଣରେ ସୋଫା ଉପରେ ବସିପଡ଼ିଲା ଅଶୋକ । ଦରୱାନ୍ ଫେରିଗଲା ।

ଚାରିପାଖ କାନ୍ଥରେ ୱାଲ୍ ପେଣ୍ଟିଙ୍ଗ୍ । ଗ୍ରେଟାଗାର୍ବୋ, ଅମା
ଫୋର୍ଡ୍, ଜର୍ଜ ୱାସିଂଟନ୍, ଜାମସେଦଜୀ ଟାଟା ଆଉ ବହୁ
ବିଶ୍ୱନାଗରିକଙ୍କର କେତେଖଣ୍ଡ ତୈଳ ଚିତ୍ର—ହାଲୁକା ସବୁଜ ରଙ୍ଗ
ବ୍ୟାକ୍‌ଗ୍ରାଉଣ୍ଡ ଉପରେ ଅର୍ଦ୍ଧନଗ୍ନ ନାରୀର ପ୍ରସାଧନ ଭଙ୍ଗିମା—ଚମତ୍କା
ସାଜିଚ ଘରଟି ।

ପୋର୍ଟିକୋକୁ ପଶିଆସିଲା ଛନ୍ଦାର ଗାଡ଼ି । ଡ୍ରଇଂରୁମ୍ ଭିତରକୁ ପ
ଆସି ଛନ୍ଦା ହାତ ଯୋଡ଼ି କହିଲେ—ନମସ୍କାର ଅଶୋକ ବାବୁ, ଅନେ

ବେଳୁଁ ଆସିଲେଣି ବୋଧହୁଏ । କ୍ଷମା କରିବେ କ୍ଲବ୍‌ରେ ଟିକିଏ ଡେରି ହୋଇଗଲା ।

ଅଶୋକ ହସି ପ୍ରତି ନମସ୍କାର ଜଣାଇଲା ।

—ଏକୁଟିଆ ବସି ବିରକ୍ତ ହୋଇ ଉଠିଥିବେ ନିଶ୍ଚୟ !

ଅଶୋକ ଭୂମିକାଟାକୁ ବେଶୀ ଲମ୍ବା କରିବାକୁ ନଦେଇ କହିଲା—ବେଶୀ ସମୟ ଅପେକ୍ଷା କରିବାକୁ ପଡ଼ିଥିଲେ ମୁଁ ରହି ନଥାନ୍ତି ହୁଏତ ଛନ୍ଦା !

—ଆଜି ଅଜା ଖବର ନ ପଠାଇଥିଲେ ଅପଣ ଆମ ଘରକୁ ମୋଟେ ଆସି ନଥାନ୍ତେ ହୁଏତ ! ଛନ୍ଦା ଅଶୋକଠୁଁ କଥା ଛଡ଼ାଇ ନେଇ କହିଲା ।

—ପ୍ରୟୋଜନ ପଡ଼ିଲେ ଥରେ କାହିଁକି ପଚିଶ ଥର ଆସିବାକୁ ମୁଁ କୁଣ୍ଠାବୋଧ କରନ୍ତି ନାହିଁ ।

ଛନ୍ଦା ହସିଲା—ଏମ୍... ଏବେ ଦର୍ଶନ ଦେଇ ଅପଣ ମୁଣ୍ଡଟାକୁ ଏକବାରେ ବିଗାଡ଼ି ଦେଇଚନ୍ତି ଯାହା ଦେଖୁଚି ଅଶୋକ ବାବୁ । ସମାଜରେ ରହିବାକୁ ହେଲେ ବିନା ପ୍ରୟୋଜନରେ ବି ଲୋକଙ୍କ ସାଙ୍ଗେ ମିଳାମିଶା କରିବାକୁ ପଡ଼େ ।

ଛନ୍ଦା ଭିତରକୁ ପଶିଯାଇ ଟିକିଏ ପରେ ଫେରି ଆସି ସାମନାରେ କାଉଚ ଉପରେ ବସିଲା ।

—ମତେ କାହିଁକି ଡାକ ପଠାଇଥିଲ ଛନ୍ଦା...

—ବାଃ ଅପଣ ଏଠିକି ମାସେ ହେଲା ଆସିଲେଣି—ଦେଖା ସାକ୍ଷାତ ନାହିଁ, ଠିକ୍ କଲେଜରେ ଯେମିତି ପ୍ରଥମ ବେଞ୍ଚରେ ଗୁମ୍ ହୋଇ ବସି ରହୁଥିଲେ ସେଇ ଅଭ୍ୟାସ କଣ ରହିଯାଇଚି ଆପଣଙ୍କର ଅଶୋକ ବାବୁ !

ଅଶୋକ କହିଲା—ତମ କଥା ଅନେକ ସମୟରେ ମୋର ମନେ ପଡ଼େ ଛନ୍ଦା ! ଆଇ, ଏ.ରେ ଫାଷ୍ଟ ଡିଭିଜନରେ ପାଶ କରି ବି ତୁମେ ଯେ ଏତେ ଅପ୍ରତ୍ୟାଶିତ ଭାବରେ ପାଠ ଶେଷ କରିଦେବ ଏ ଧାରଣା ଆମର କାହାରି ବି ନଥିଲା । ମୋର କିନ୍ତୁ ବରାବର ମନେ ହୁଏ ତମେ ବେଶୀ ପଢ଼ିଥିଲେ ଖୁବ୍ ଭଲ କରିଥାଆନ୍ତ ।

—ଶୁଣିଲୁ ସେ କଥା ଅଶୋକ ବାବୁ । ସେ ଦେଉଡ଼ ଦୌଡ ଭିତରୁ ପଦାକୁ ଆସି ମୁଁ ତ୍ରାହି ପାଇଚ ! ତାପରେ ଏଠି କେମିତି ଲାଗୁଚ ?

—ଭଲଚ ଗୋଟାଏ ପ୍ରକାର, ବିଶେଷ ଅସୁବିଧା ତ ହେଉନ ।

—ବାପା କହୁଥିଲେ ବର୍ଷକ ପରେ କମାଣ୍ଡ ଭିତରୁ ସେ ଆପଣଙ୍କ ଇଉରୋପ ପଠେଇ ଟ୍ରେନ୍ କରି ଆଣିବେ—

—ତାଙ୍କଠାରେ ମୁଁ ବଡ କୃତଜ୍ଞ ଲୀଳା !

—ବାପା ଆହୁରି କହୁଥିଲେ ସେ ଆପଣଙ୍କର ହୁମିକ ଚଡ଼ି ଭିତରେ ରହିବାଟାକୁ ପସନ୍ଦ କରନ୍ତି ନାହିଁ । ଆପଣଙ୍କୁ କୁଆଡେ ସେ ସ୍ୱା ଭିତରେ ମାତ୍ର ଥରେ ଏ ପାଖକୁ ଆସିବାକୁ କହିଲେଣି ।

—ମୁଁ ସେଠି ଦେବ୍ ଆଶ୍ରମରେ ଅଛି ଲୀଳା...

—ଆଶ୍ରମରେ ଅଛନ୍ତି ? ମାନେ ? ଛି...ଛି...କି ଜଘନ୍ୟ ସେ ବସ୍ତି—କି କୁତ୍ସିତ, ଅପରିଚ୍ଛନ୍ନ ରାସ୍ତାଘାଟ, କେବଳ...ମୁଁ ତ ଥରେ ଯିଆଡ଼େ ବୁଲି ଯାଇଥିଲି, ପାଞ୍ଚ ମିନିଟ ବି ସେଠି ରହି ପାରିଲି ନାହିଁ...ଆଉ ଆପଣ କହୁଚନ୍ତି ସେଠି ରହିବାକୁ ଭଲ ଲାଗୁଚି ଆପଣଙ୍କୁ !

—ସେମାନଙ୍କୁ ପରିଷ୍କାର, ନିଷ୍ପର କରିବା ତ ଆମ କାମ ଲୀଳା—ରାସ୍ତାଘାଟ, ଘରଦ୍ୱାର ସବୁ ତ ଆମେ କରିବୁ—ଆମେ ବୁଝିଲେ, ସେଇ ନର୍କ ଭିତରେ ସ୍ୱର୍ଗ ବସି ଉଠିବ ।

—ତାହେଲେ ବି ବାପା ଆପଣଙ୍କୁ କହିବେ ଏ ଅଞ୍ଚଳରେ ରହିବାକୁ, ଆପଣଙ୍କର ଆପତ୍ତି କଣ ଶୁଣେ ।

ଅଶୋକ ନୀରବ ରହିବାକୁ ଭଲ ମନେକଲେ ଏ ପରିବେଶରେ । ହଠାତ୍ କଥାର ସୁଅ ବଦଳେଇ ଦେବାକୁ ଯାଇ ସେ କହିଲେ—ମୁଁ ଉଠୁଚି ଲୀଳା, ଅନେକ ଡେରି ହେଲାଣି ।

ବସ୍ ଷ୍ଟପ ଉପରେ ଦୁଇ ଗ୍ରେସ୍ଟ୍ରାମ ରଙ୍ଗ ଦେଖାଗଲା । ଲୀଳା ଜପ୍‌ରେ ବୁଝା ଟିକୁ ଟିକୁ କହିଲା—କଣ ପଞ୍ଚାସ ଅଛି, ପଠା ପଢିବେ ନାଁ କଣ !

—ନାଁ ଝୁନା, ଆଜି ଟିକିଏ କାମ ଅଛି । ବିଶେଷତଃ ଏଇ ସନ୍ଧ୍ୟା ପରେ ମୋର ଟିକିଏ ପଢ଼ାପଢ଼ି କରିବାର ଅଭ୍ୟାସ ରହି ଯାଇଛି—ସେଇଟା ଛାଡ଼ି ହୁଏନ ।

ସୁ କପ୍ ଅଶୋକ ହାତକୁ ବଢ଼ାଇ ଦେଇ ଝୁନା କହିଲା—ବେଶ୍, ଖୁଣ୍ଟା ଖାଇବାର ଯା'ନ୍ତୁ ।

ଅଶୋକ ଏକ ନିଃଶ୍ୱାସରେ ସୁ କପକ ପିଇଦେଇ ବାହାରି ପଡ଼ିଲା—ବଲେଇ ଦେବାକୁ ଆସି ଝୁନା ଫାଟକ ପାଖରୁ ଫେରିଗଲା । କହିଲା—ଶୀଘ୍ର ଆସିବେ ଅଶୋକ ବାବୁ !

ଅଶୋକ ମୁଣ୍ଡ ହଲେଇ ସମ୍ମତି ଜଣାଇଲା—ବାହାରକୁ ବାହାରିଲା ବେଳକୁ ତା ଦେହରୁ ଝାଳ ଗମ୍ ଗମ୍ ହୋଇ ବାହାରୁଛି—ଇଲେକ୍ଟ୍ରିକ ଫ୍ୟାନ୍‌ର ଅଜସ୍ର ଘୂମର ତା ମନର ଉତ୍ତାପକୁ କୌଣସି ଗୁଣରେ କମେଇ ପାରି ନାହିଁ । ଏଠି ଏଇ ଖୋଲା ଆବହାୱା ଭିତରେ ତା ଦେହ ଯେପରି ବିଷେଇ ଉଠିଛି ।

ପଥର ପ୍ରଣ୍ଡ ବିସ୍ତୀର୍ଣ୍ଣ ପଡ଼ିଆ ଭିତରେ ଶଗଡ଼ର ଗୁଳାବାଟ ନାଲି ଡିଆଁ ଜାହ୍ନୁଅଲେ ପଡ଼ି ରହିଛି । ଚଞ୍ଚଳ ଗୁଲି ହୋଇଛି । ବାଟ ମଝିରେ ଗାଁରର ଗୋଡ଼ାଗୁଡ଼ାଙ୍କ ମୁନ ଟେକି ରହିଛି ।

ଅଶୋକ ଆସି ଦେଖିଲା ତା ଘର ବାରଣ୍ଡା ଉପରେ ମାଧବ, ଅପର୍ତ୍ତି, ମଧୁ ଆଉ କେତେଜଣ ମେଳାବାନ୍ଧି ବସିଛନ୍ତି । ସେ ସମସ୍ତଙ୍କୁ ଭିତରକୁ ଡାକି ଆଣି କହିଲା—ବାହାର ଲୋକପର ଏମିତି ଅଣ୍ଡା ପବନରେ ତମେ ସବୁ କାହିଁକି ବସିଛ··· ।

ଗୋଟି ଗୋଟି କରି ସମସ୍ତେ ଘରେ ଆସି ତଳ ସପ ଉପରେ ବସିଲେ । ହସିଲା ଆଖିରେ ଥରେ ସମସ୍ତଙ୍କୁ ଦେଖି ନେଇ ଅଶୋକ ପୁଛିଲା—ମୁରଲୀ ଆଜି କଣ ତମ ସାଙ୍ଗେ ଆସିନାହିଁ ?

—ନା । ବାବୁ, ତା ପୁଅଟିକୁ ଆଜି ସକାଳଠୁଁ ଜ୍ୱର ଜର··ତାଉପରେ ଝାଡ଼ା ଫୁଟୁଛି··ଏ ପର୍ଯ୍ୟନ୍ତ ଝାଳ ବୋହିବାକୁ ନାହିଁ । ଆଜ୍ଞା ଭଦର

କାମକୁ ନ ଯାଇ ସକାଳ ପହରୁ ତାସ ପାଶଣ୍ଟିଆ ପାଖରେ ଜମିବସିଛ ।...ତା ଖୋଲି ପଡ଼ିଶା ଗୌରାଙ୍ଗ କହିଲ ।

—ଆଜ୍ଞା, ବିଚରାର ଗୋଟିଏ ବୋଲି ପୁଅ, ଗୋଟିଏ ବୋଲି ଝିଅ, ପିଲାଟିକୁ ମାଲୁ ଖାଉଛ...କଥାରେ କହନ୍ତି ବୁଦ୍ଧି ଭଲେ ତୁ ମୋହର ଏକଇ ନନ୍ଦନ...ସାଧବ ହସିବେଉନା ଭଙ୍ଗ କଥରେ କହିଲ । ସାଧବ ବସ୍ତି ଭିତରର ପୁରୁଣା ଲୋକ । ରେଙ୍ଗୁନ, ସୁରଟ୍, କାନପୁର, ଆହ୍ମଦାବାଦ, ବେଙ୍ଗଲ ଆଉ ନଗରର କେତେ ଜଳ ସେ ପିଇଛି । ବୟସ ଗଡ଼ିଲା ବେଳକୁ ଘର, ଜନ୍ମମାଟି ମନେ ପଡ଼ିଲା ସେ ଫେରିଛି ଆପଣା ଭୂଇଁକୁ ।

ଅଶୋକ ବ୍ୟସ୍ତ ହୋଇପଡ଼ି କହିଲା—ଆରେ ପୁଅକୁ କିଛି ଔଷଧ ପାଣି ଦେଉଛ କି ନାହିଁ ମୁରଲି । ଆଜିକାଲି ମହସମକୁ ଘମୋହଅ, ଟାଇଫଏଡ଼ ଟାକି ବସିଛି ·

ସାଧବ କହିଲା—ସେଇ ସଞ୍ଜ ପହରୁ ତାଙ୍କୁ ଦେଖିଲି ତେହୁଁ ମନଟା ମୋଟେ ଭଲ ଲାଗୁନି ବାବୁ । ଭିତର...

—ହଉ ହଉ ତମେ ବସୁ ବସ···ଟେବର ଗଜ ପଡ଼···କହି ଭିତରକୁ ପଶିଗଲା ଅଶୋକ ।

ତା ଶୋଇଲା ଘରର କୋଣଟାଏ କଣ୍ଟେ ଗୁଡ଼ାଏ କାଗଜପତ୍ର ମେଲାକରି ବସିଛି ସରଳା···ସାଧବର ଝିଅ । ନିବନ୍ଧ ଭାବରେ ସେ ଗୋଲ ଗୋଲ ଅକ୍ଷରରେ କାଗଜ ଉପରେ ଲେଖି ଚାଲିଛି ।

ଅଶୋକ ଥକା ଥକା ଘର ଭିତରକୁ ପଶିଲା । ଜାମା ପଟା ବଦଳି ମୋଟ ଲୁଦର ବଣ୍ଡିକ ଉହ୍ନରେ ଦେଇ ପଦାକୁ ବାହାରିଯିବା ପୂର୍ବରୁ କହିଲା—ସବୁଯାକ ଲେଖା ଆଜି ସରିଯିବା ଦରକାର । ତା ଛଡ଼ା ଡାକଘରେ ଖବର ପଠେଇବାର ଦାୟିତ୍ୱ ବି ଆଜି ତମର ସରଳା । ମୁଁ ଯାଉଛି ମୁରଲୀ ଘରକୁ । ତା ପୁଅ ଅନ୍ତ କଣ ବେମାର ।

ସରଳା ଅତର ଆଡ଼ିକି ଟିକେ ଚାହିଁ ପୁଣି ତା କାମରେ ମନଦେଲା—ସେ ତ' କାନରେ ଯାହା ଶୁଣିଗଲା ତାକୁ ଦେଖେଇ ବୁଝିବାର ଜାର ନୁଁ

ଚ'ଥିଲା ଯେପରି । କ୍ଷିପ୍ର ପଦକ୍ଷେପରେ ଅଶୋକ ବାହାରକୁ ବାହାରି ଗଲା ।

ଏକ ଅମଙ୍ଗଳ ଆଶଙ୍କାରେ ତା ମନ ଭରି ଉଠୁଥିଲା । ଘର ଭିତରକୁ ପଶିଆସି ଦେଖିଲା—ଖଟ ଉପରେ ଶୋଇଛି ମୁରଲୀର ଏକମାତ୍ର ପୁଅ ରାଜୀବ। ଦ'ନକର ଜରରେ ସେ ପଟି ସାଙ୍ଗରେ ମିଶି ଯାଇଛି । ଆଉ ମୁରଲୀ ବିଛଣା ପାଖରେ ବସି ପୁଅର ଗୋଡ଼ ଆଉଁସୁଛି । ଆଖିତଳେ ତାର ଶୁଖି ରହିଛି ବଧାର ଲୁହର ଦାଗ ।

—ମୁରଲି··· ଅଶୋକ ଦ୍ରୁତ ଗଳାରେ ଡାକିଲା । ମୁରଲୀ ସାମନାକୁ ଚାହିଁ ଭେ କରି କାନ୍ଦି ଉଠି ଅଶୋକର ଗୋଡ଼ ଉପରେ ଲୁଣ୍ଠି ହୋଇ ପଡ଼ିଲା ।

—ଏକଣ ମୁରଲି, ତମେ ଏମିତି ପାଗଳଙ୍କ ପରି କାହିଁକି ହେଉଛ ଜାଣିବା ଶୁଣିବା ଲୋକ ହୋଇ—ରୋଗ ବଇରାଗ ସମସ୍ତଙ୍କର ଅଛି । ରୋଗ ପାଇଁ ଔଷଧ, ପଥ୍ୟ କରିବା ଦରକାର—ଇମିତି ଅଧୀର ହେଲେ କଣ ହେବ ?

ଶୋକାବେଗକୁ ରୋକି ମୁରଲୀ କହିଲା—ଯାଇର ସମସ୍ତେ ଆସି ଦେଖି ଏଇକଥା ଏଇ ଅଭସ୍ଥ ଦେଇଗଲେ ବାବୁ । ଏଥିରେ କଣ ମୋର ପେଟ ପୂରିବ । ପିଲାଟା ସକାଳ ପହରୁ ବେସୋର ହୋଇ ପଡ଼ିଛି । ପାଣି ମୁନ୍ଦା ବି ପେଟକୁ ଯାଇନାହିଁ ।

—ହଉ ହେଲା, ସକାଳଠୁଁ ତ ଖାଇନାହିଁ । ତମେ ବ୍ୟସ୍ତ ହୁଅନା ମୁରଲି, ରାଜୀବକୁ ଭଲ କରିବା ଭାର ମୋ ଉପରେ । ସେ କାଲି ପଅରଦିନକୁ ଚେଙ୍ଗା ହୋଇ ଉଠିବ ।

ମୁରଲୀ ଭରସା ପାଇଲା ଯେମିତି । କହିଲା—ବାବୁ ଏ ଠେଙ୍ଗାଜର ନୁହେଁ ତ ? ଆସାମ ଚା ବଗିଚାରେ କାମ କଲାବେଳେ ଏମିତି ମୋର ଆଖି ଆଗରେ ଦିନଟାକ ଭିତରେ କେତେଟା ଟୋକା ପଡ଼ିବାର ଦେଖିଛି··ମୋର ବାବୁ ଆଉ ବଞ୍ଚିବ ନାହିଁ—ଏତୋଇର ବାଳା ବସ୍ତିକେସନ··କଥା କହୁ କହୁ କାନ୍ଦି ଉଠିଲା ମୁରଲୀ ।

ଅଶୋକର ଅନ୍ତର ଭିତରେ ଶୋକୋଚ୍ଛ୍ୱାସ ଜମି ଉଠିଛି । ନିଜକୁ ସମ୍ଭାଳି ନେଇ ସେ କହିଲେ—ଛୁ ମୁରଲି, ତମେ ସବୁ ଏତେ କଥା ଜାଣି ପାରିବନି ଡାକ୍ତର, ବଇଦ କାହିଁକି ଅଛନ୍ତି । ମୁଁ ସବୁର ବ୍ୟବସ୍ଥା କରିବି । ତମେ ବ୍ୟସ୍ତ ହୁଅନାହିଁ । ଏ ଝରକା ଗୁଡ଼ାକ ଖୋଲିଦିଅ । ଘରେ ଟିକିଏ ଖୋଲାପବନ ବୁଲବୁଲ କରୁ···

ମୁରଲୀ ବାଈଁ ପିଲପର ପଛପଟର ଝରକା ଯୋଡ଼ିକ ଖୋଲିଦେଲା । ଝପଟାଏ ଥଣ୍ଡା ପବନ ପଶିଆସିଲା ଘର ଭିତରକୁ । ବାହାର ବାରଣ୍ଡାକୁ ବାହାରି ଆସି ଅଶୋକ ଡାକିଲା — ଶାନିଆ ଘରେ ଅଛୁ କିରେ ?

ଶାନିଆ ଦଉଡ଼ିଆସି ହାତଯୋଡ଼ି ନମସ୍କାର କରି ଗୁହିଁ ରହିଲା ।

—ଚଳ୍ ବାବୁ, ମୋ ଘରୁ ମଶାରିଟା ଫେରେଇ ଆଣିବୁ ।···ଶାନିଆ ଝପଟି ଚାଲିଗଲା ।

ମୁରଲୀ ପଛରୁ ଆସି କହିଲା—ବାବୁ ଆପଣଙ୍କ ମଣୁସ୍ୱରେ···

ଠିକ୍ ଅଛୁ ମୁରଲୀ, ସବୁ ମଣିଷଙ୍କ ଭିତରେ ଗୋଟିଏ ଆତ୍ମା ଅଛି—ଗୋଟିଏ ରକ୍ତ । ସଞ୍ଜୀବ କଣ ମୋର ପିଲା ନୁହେଁ !

ମୁରଲୀ କୃତଜ୍ଞତା ନେଇ ଗଦ୍‌ଗଦ ଭାଷାରେ କହିଲା—ତମର ଜୟ ହଉ ବାବୁ...ଠାକୁରେ ତୁମର ମଙ୍ଗଳ କରନ୍ତୁ ।

—ସେ କଥା ଥାଉ ମୁରଲି, କହିଲ କଣ ଔଷଧ ପତ୍ର ଦେଉଛ... ମିଲ ଡାକ୍ତରଖାନାକୁ ଯାଉଥିଲ ?

—ସେଠିକି କାହିଁକି ଯାଆନ୍ତୁ ବାବୁ । ଆମ ଗରିବ ମୁଣ୍ଡକୁ ସେଠି ପଚାରିବ କିଏ ? ତଥାପି ବହୁତ ଭରସା କରି ବେଲକୁଡ଼ି ଡାକ୍ତରବାବୁଙ୍କ ପାଖକୁ ଯାଇଥିଲି । କହିଲେ...ଏଠାରୁ ମତେ ଯିବାକୁ ଫୁରୁସତ ନାହିଁ । କମ୍ପାଉଣ୍ଡର ବାବୁ ଶିଶିରେ କଣ ଗୁଣପାନେ ଔଷଧ ଦେଲେ । ପାନେ ବଟୁ ଭିତରେ ମିଲାଇଟା ପାଟିରେ ଦେଉଛି ।

—ହଉ ମୁଁ ଯାଇ ନିଜେ ଡାକି ଆଣିବି ଡାକ୍ତରଙ୍କୁ । ତମେ ସାବୁ ଟିକିଏ କରି ତା ପାଟିରେ ଦିଅ । ଯାଅ, ମୋ ପାଖରେ ରହିବା ଦରକାର ନାହିଁ ।

ଅଶୋକ ପୁଣି ଥରେ ଭିତରକୁ ପଶି ଆସିଲା...ବଖରାଏ ବୋଲି ଘର, ପଛ ଆଡ଼ ହୋଇ ତ ପାଖେ ଦଉଡ଼ିନା ବାରଣ୍ଡା...ପଛ ବାରଣ୍ଡାରେ ହାଣ୍ଡିଶାଳର ଘର କରଣା...ସେଥିରେ ଧୂଆଁରେ ଘର ସାରା ଅଳନ୍ଧୁ, ବାଉଁଶ ଝାଟି...ସନ୍ତସନ୍ତିଆ ଚଟାଣ....ଚୂନ ସୁରୁକି ଖସି ପଡ଼ି ଠାଏ ଠାଏ ଗାତ ହୋଇ ଯାଇଚି କାନ୍ଥ ଭିତରେ···ବାହାରର ନର୍ଦ୍ଦମାର ପଚା ଗନ୍ଧ ଭିତରେ ଖେଳି ବୁଲୁଚି ମଶା, ଡାଆଁଶର ଅସ୍ପଷ୍ଟ ଗୁଞ୍ଜନ।

ଦୀର୍ଘ ନିଶ୍ୱାସ ପକାଇ ଅଶୋକ ବସି ପଡ଼ିଲା ରଙ୍ଗାବର ବିଛଣା ଉପରେ। ତା ମୁଣ୍ଡ ଉପରେ ହାତ ବୁଲାଇ ଆଣିଲା ଥରେ...ଖଇ ଫୁଟା ଭାବରେ ତା ପାଦୁଲି ତଳ ଗରମ ହୋଇ ଉଠିଲା। ତାପରେ କ୍ଷିପ୍ର ଭାବରେ ସେ ବାହାରି ଆସି ଛୁଟି ଚାଲିଲା ଅନ୍ଧାରିଆ ଗଳି ରାସ୍ତା ଉପରେ ପଶ୍ଚିମାଞ୍ଚଳର ବସ୍ତି ଆଡ଼କୁ।

—ଡାକ୍ତର ବାବୁ ଅଛନ୍ତି ? ସାମନାର କବାଟକୁ ଖୁବ ଜୋରରେ ଠକ ଠକ କରି ଡାକିଲା ଅଶୋକ। ମିଲର ୯ଟା ବେଳର ଚୁଙ୍ଗା ଆର୍ତ୍ତନାଦ କରି ଉଠିଲା। ଦରୱାନ ଦଉଡ଼ି ଆସି ସଲାମ କରି କହିଲା—ସାହେବ ଶୋଇ ପଡ଼ିଲେଣି ହଜୁର।

—ଉଠାଅ ତମ ସାହେବଙ୍କୁ, ଜରୁରୀ ଦରକାର ଅଛି...ଦରୱାନକୁ ଅପେକ୍ଷା ନ କରି ଆଉଥରେ କଡ଼ା ବଜାଇ ଜୋରରେ ଡାକିଲା ଅଶୋକ—ଡାକ୍ତର ବାବୁ...

ଅଶୋକ କାନରେ ବାଜିଲା ଘର ଭିତରୁ ଭାସି ଆସୁଥିବା ନାରୀକଣ୍ଠର ଅପୂର୍ବ ହର୍ଷୋଚ୍ଛ୍ୱାସ...ଅବାଞ୍ଛିତ ନା' ଡାକ୍ତରବାବୁ···ତାର ଭାବନା ଭାଙ୍ଗି ଭିତରୁ ଜବାବ ଆସିଲା—କିଏ ?

—ମୁଁ ଅଶୋକରଞ୍ଜନ ଦାସ—ଡାକ୍ତରବାବୁ ଅଛନ୍ତି....ପାଞ୍ଚମିନିଟ ପରେ ଡାକ୍ତର ମନ୍ମଥ ବାହାରକୁ ଆସିଲେ। ଆଗରେ ତାଙ୍କର ଅଶୋକ...ରୁକ୍ଷ, ଅବିନ୍ୟସ୍ତ ଅଶୋକ। ମନେ ମନେ ଶଙ୍କିଗଲେ ମନ୍ମଥ। କହିଲେ—ଅଶୋକ ବାବୁ, କଣ ହୋଇଚି ଆପଣଙ୍କର, ଖୁବ ଭାବେଲା ଦେଖାଯାଉଚନ୍ତି ଯେ। ଆଜି କାରଖାନାରେ ତ ମତେ କିଛି କହିଲେ ନାହିଁ।

—ମୋର କିଛି ହୋଇ ନାହିଁ ମନ୍ମଥ ବାବୁ—ମୁରଲୀର ଦୁଃଖକୁ ଖାତିର କର, ସକାଳଠୁଁ ଚେତା ନାହିଁ । ମୁରଲୀ ଚଟପଟ ପାଗଳ ପରି ହୋଇ ଯାଇଛି । ଆପଣ ଶୀଘ୍ର ଆସନ୍ତୁ । ଅଶୋକର କଥା ଭିତରେ ଏକ ଦୃଢ଼ ଆଦେଶର ଇଙ୍ଗିତ ।

—ମୁରଲୀ, କୋଉ ମୁରଲୀ କହୁଚ....ଭାବିଲା ପରି ମନ୍ମଥ କହିଲେ ।

—ଭାବିବାର ସମୟ ନାହିଁ ମନ୍ମଥ ବାବୁ । ମୁରଲୀକୁ ଚିହ୍ନିବା ଆପଣ ବୋଧହୁଏ ପ୍ରୟୋଜନ ମନେ କରି ନାହାନ୍ତି । ସେଇଥିପାଇଁ ସେ ଆପଣଙ୍କୁ ଡାକିଲାବେଳେ ଆପଣ ତାଙ୍କୁ ଉପେକ୍ଷା କରି ପାରନ୍ତି । ମୁରଲୀ ଏଇ କଳର ଦୁଇ ହଜାର ଶ୍ରମିକଙ୍କ ଭିତରୁ ଜଣେ ।

ଅଶୋକର କଥାରେ ଶାଣିତ ଆକ୍ଷେପ । ମନ୍ମଥ ମନେ ମନେ ଥର ଥରି ଉଠିଲେ ବି ମ୍ୟାନେଜରଙ୍କ ନିଜ ଲୋକ ବୋଲି ଗର୍ବରେ କିଛି କହି ପାରିଲେ ନାହିଁ !

—ଏତେବେଳେ, ଏତେ ରାତିରେ ଯାଇ କଣ ଲାଭ ହେବ ଅଶୋକ ବାବୁ; ବରଂ ମୁଁ ସକାଳେ ଯାଇ ଦେଖି ଆସିବି । ଆପଣ ନିଶ୍ଚିନ୍ତ ରହନ୍ତୁ ।

—ମୁଁ ତା'ହେଲେ କହିବି ଆପଣ ନିଜ କର୍ତ୍ତବ୍ୟରେ ଅବହେଳା କରୁଛନ୍ତି । ଲୋକଙ୍କ ଜୀବନ ସହିତ ନେଇ ଏମିତି ଖେଳ ଖେଳା ହୁଏନା ମନ୍ମଥ ବାବୁ !

ରକ୍ତ ଗୁହଳ ଶ୍ଵେଦେଇ ଭିତରକୁ ପଶିଗଲେ ମନ୍ମଥ....ତା ପରେ ୧୦ ମିନିଟ ଭିତରେ ବାହାରି ପଡ଼ିଲେ ଅଶୋକ ସଙ୍ଗରେ । ଇଞ୍ଜେକସନ ଔଷଧ, ପଥ୍ୟର ସବୁ ବ୍ୟବସ୍ଥା କରି ଅଶୋକ ଘରକୁ ଫେରିଲାବେଳକୁ ରାତି ଏଗାରଟା ।

ମାଧବ ବସି ବସି ଘୁମେଇ କେତେବେଳୁ ହୁଏତ ଶୋଇ ପଡ଼ିଛି—କିନ୍ତୁ ସରଳା ସେମିତି ଏକଧ୍ୟାନରେ ଖାତାରେ ପୃଷ୍ଠା ପରେ ପୃଷ୍ଠା ଲେଖି ଚାଲିଛି ।

—କଣ ଏ ପର୍ଯ୍ୟନ୍ତ ସରିନା ନାହିଁ ସରଳା···କଟକଟୁଛ କି ଘଣ୍ଟା ଘଣ୍ଟା, ବସି ପଡ଼ିଲା ଅଶୋକ । ଉଠ୍....ଏବେ କି କରଣୀ କର ଲେଖିକା ।

ସରଳା କେବଳ ଆଖି ଟେକି ଚାହିଁଲା...ଯେମିତି ସେ କେତେ ଦୋଷ କରିଛି ।

—ଓ କଣ ମାଗୁଥିଲ ନା···ଶୁଣ ଆଜି ଏକଥା ଆଉ ସରଳା··· ଏଇ ଯନ୍ତ୍ରା ଲେଖିଚ ତାଙ୍କୁ ତମେ ବସ୍ତି ଭିତର ମା ଭଉଣୀଙ୍କୁ ବୁଝେଇ ଦେଇ ପାରିବତ....ଆବର୍ଜନାରୁ ଦୂରରେ ରହି ସୁସ୍ଥ ପରିବାର ଗଢ଼ିବାର ଦାୟିତ୍ୱ ଯେଉଁମାନଙ୍କ ଉପରେ ସେମାନଙ୍କୁ ଠିକ ବାଟରେ ଚଲାଇବା ପକ୍ଷରେ ଯୋଉ ସାଧନା, ଯୋଉ ପରିଶ୍ରମ ଦରକାର ତା ତମେ କରି ପାରିବ ତ ? ଅଜ୍ଞାନ ଅନ୍ଧକାର ଦୂର କରିବା ତମ କାର୍ଯ୍ୟ ସୂଚୀର ପ୍ରଥମ କର୍ତ୍ତବ୍ୟ !

ମୁହଁକୁ ତଳକୁ ପୋତି ସରଳା କହିଲା—ମୋ ଉପରେ ବିଶ୍ୱାସ ରଖନ୍ତୁ ଆପଣ···ଆଶୀର୍ବାଦ କରନ୍ତୁ ମତେ ।

—ବେଶ୍, ଆଜି ତମେ ଏଇ ବାଟରେ ସାହସ ଧରି ଦମ୍ଭ ଧରି ଚାଲିବାର ଶପଥ କର । ଏ ରାସ୍ତାରେ ଚାଲିଲେ ଝୁଣ୍ଟି ପଡ଼ିବାର ଭୟ ନାହିଁ, କିନ୍ତୁ କୁତ୍ସିତ ଅପବାଦ ଅଛି । ଦେଶ ସେବା ଆଗରେ ନିଜକୁ ଭୁଲି ଯିବାକୁ ପଡ଼ିବ...ନିଜର ଆତ୍ମ ସମ୍ମାନକୁ ଜଳାଞ୍ଜଳି ଦେବାକୁ ପଡ଼ିବ । କାଲିଠାରୁ ତମେ ଚାହେଲେ ବସ୍ତିର ମା, ଭଉଣୀଙ୍କୁ ସବୁ ଦିଗରେ ଆଗେଇ ନବାକୁ ଆରମ୍ଭ କର । ସେମାନଙ୍କ ଭିତରୁ କେତେଜଣଙ୍କୁ ନେଇ ପାଠ ପଢ଼େଇ ଆଦର୍ଶ ଘର କରଣା କରିବାକୁ ଶିଖାଅ । ପାରିବତ ?

ସେମିତି ମୁଣ୍ଡପୋତି ସରଳା ଜବାବ ଦେଲା—ପାରିବି ।

ଅଶୋକର ମନେହେଲା ଏଇ ପୋଷି ଘରର ଗହଳ ଅନ୍ଧକାର ତଳେ ଯେପରି ଚେଇଁ ଉଠୁଚି ଏକ ଆଲୋକ-ପଲ୍ଲବିତ ଉଷାର ଅପୂର୍ବ ଉଦ୍ଭବ ।

ପରଭନ ମିଲ ଭିତରେ ଓ୍ୱାର୍କସ କମିଟି ବସିବାର ପାଳି—ଶିକ୍ଷା-ନବିସ ଶ୍ରମିକ ମଙ୍ଗଳ ଅଫିସର ଅଶୋକ ଏହି କମିଟିର ପ୍ରତିନିଧି ଡାକ୍ତିକୁ

ନେଇଛି । ତା'ର ଉଦ୍ୟମରେ ଏଇ କେତେଦିନ ଭିତରେ ପ୍ରତ୍ୟେକ ବିଭାଗରୁ ଶ୍ରମିକ ପ୍ରତିନିଧି ବଚ୍ଛା ହୋଇଛନ୍ତି—ଏମାନଙ୍କ ଉପରେ ମିଳିତ ଭାବରେ ଶ୍ରମିକ ସଂଙ୍ଘ ଜ୍ଞୀୟ ସମସ୍ତ ଦାବିଦାଉ ନେଇ ବଢ଼, ବରଖାସ୍ତ, ମୁଅତ୍ତଲ ନେଇ ମିଲର ପରିଚାଳକଙ୍କୁ ସୁପାରିଶ କରିବାର ଭାର ।

କମିଟିର କାର୍ଯ୍ୟନିର୍ଘଣ୍ଟ ବେଳେ ଅଶୋକ ଅନେକଥର ଖୁବ ଅସ୍ଥିର ହୋଇ ପଡ଼ିଛି—ବିଶେଷତଃ କାଲିର ଘଟଣାର ଗଭୀର ଛାପ ପଡ଼ିଛି ତା ମନ ଉପରେ—ଆଜି ବି କମିଟିରେ ଯେଉଁ ପ୍ରକାର ଆଲୋଚନା ଚାଲିଛି ସେଥିରେ ଅଶୋକ ସନ୍ତୁଷ୍ଟ ହୋଇ ପାରୁ ନାହିଁ—ମାଲିକ ପକ୍ଷରେ ଏତେ ସୁବିଧା ନିରାପଦ ଭାବଙ୍କ ପାଇଁ ଆଇନ କାନୁନର ନିଗଡ ବାନ୍ଧିବା ଯେପରି ସବୁ ଠକାମି—ସବୁ ଫାଙ୍କି ।

ରଙ୍ଗ ବିଭାଗର ଅନାଦି କହିଲା—କାରଣ ନେହେଗାର ନାଁ କଟିଯାଇଛି, ବିଚରାର ସ୍ତ୍ରୀ ବେମାରି...ଘରକୁ ଯାଇଥିଲା ପାଞ୍ଚଦିନ ଛୁଟି ନେଇ—ରହିଯାଇଛି ବେଶୀ ଦୁଇଦିନ, ସେଥିରେ ତା'ର ଚାକିରି ଯାଇଛି ।

ତନ୍ତକଳର ଗୋଲକ କହିଲା—ମେଲେରିଆ ମଶା ଦାଉରେ ଜର, ସର୍ଦ୍ଦି, କାଶରେ ଲୋକେ ସଢ଼ୁଛନ୍ତି—କର୍ତ୍ତୃପକ୍ଷଙ୍କର ସେ ଦିଗରେ ନଜର ନାହିଁ । କାମରେ ଟିକିଏ ଲୁଗା ଲୋକସାନ ହୋଇଗଲେ ସାହାବ ଜରିମାନା କରି ପଗାରର ଅଧା କାଟୁଛି ।

ରେଳବଣିକଳର ଦାସବୁଢ଼ା କହିଲା—ବାବୁ, ଆମ କାମ କମ ନେଇଲେ ପଇସା ଖାଉଛି— ମୁନାଫା ଦେଖୁଛି—ହେଲେ ଆମେ ଖଟି ଖଟି ଯୋଉ ଲୁଗୁରାକୁ ସେଇ ଲୁଙ୍ଗୁରା ।

ଇମିତି ସବୁ ଆପତ୍ତି, ଅଭିଯୋଗର ପ୍ରତିଧ୍ୱନି ଶୁଣି ଶୁଣି ଆହୁରି ଅତିଷ୍ଠ ହୋଇପଡ଼ିଛି ଅଶୋକ । ସେକ୍ରେଟେରୀ ମହାନ୍ତି ସମସ୍ତଙ୍କ କଥା କାଟିବାକୁ ନିଜ ସଫେଇ ଦେଉଛନ୍ତି—କୌଣସି ଅନୁଷ୍ଠାନକୁ ଚଳାଇବାକୁ ହେଲେ କେତୋଟି ଧରାବନ୍ଧା ନିୟମ ଦରକାର—ନ ହେଲେ ସମସ୍ତେ ଯେଝା ମନମୁଖୀ କାମ କରିବେ—ମାଲିକର ଫାଇଦା ନ ହୋଇ ଲୋକସାନ ହେବ—ତମେ ସସପେଣ୍ଡ ହବ, ଛଟେଇ ହବ, ବରଖାସ୍ତ ହବ ।

ମାଧବ ମହନ୍ତି ଖୋଜୁଥିଲା ପଦେ କହିବାକୁ—ହଜୁର ଆମେ ଭୁଖ ମଜଦୁର ଲୋକ—ଲାଭ ଲୋକସାନ କଥା ଆମେ କଣ ଜାଣୁ ?

ଅଶୋକ କହିଲା—ତମେମାନେ ଏମିତି କେତେଦିନ ଅନ୍ଧାରରେ ଥିବ ମାଧବ । ତମର ହାତର କସ୍ରତରେ ମାଲିକର ମୁନାଫା ଫସଲ ଫଳିଚ ଆଉ ତାର ଅଂଶୀଦାର ହେବ ତୁମେ—

ପାଓ୍ୱାର ହାଉସର ଅଚ୍ୟୁତ କହିଲା—ଆମେ କେମିତି ଅଂଶୀଦାର ହବୁ ? ତେଲିଆ ମୁଣ୍ଡରେ ସବୁଦିନ ତେଲ, ଆମ ଭଳି ଯୋଉ ଲୁଖୁରାକୁ ସେଇ ଲୁଖୁରା ।

—ସେ ସବୁ ଭୁଲ ଧାରଣା ଅଚ୍ୟୁତ—ତମେ ମୁନାଫା କଲେ ତମରି ପାଇଁ ଭଲ ରହିବା ଘର, ଡାକ୍ତରଖାନା, ତମ ପିଲାଙ୍କ ପାଇଁ ସ୍କୁଲ...ଭଲ ରାସ୍ତାଘାଟ ସବୁ ସେଇ ମୁନାଫା ଠାରୁ ହବ—ଏ ବସ୍ତି ହସି ଉଠିବ ।

ତମତମ ହୋଇ ଅପର୍ତ୍ତି କହିଲା—ମୁନାଫା ନ ହୋଇ ସାହବ ବସ୍ତି ତ ହୋଇପାରୁଚି...ସେମିତି ଆମ କୁଲି ବସ୍ତି କାହିଁକି ନ ହବ ?

ମାଧବ କହିଲା—ଇଏ ମୂଲିଆରଡ଼ ପୁଅ ଏତେ ସବୁ ହୋଇ ବାଧକ ପଡୁଚି, କେତେ ଜଣ ପିଠିରେ ପଡୁଚି । ଆମ କରୁଥିଲା ଯାଏ ସବୁ ଭଲ, ସବୁ ତାରଫ, ଟିକଏ ଅଚଳ ହେଲେ କଏ କାହାକୁ ପଚାରିବ ।

ଅଶୋକର ମନ ଭିତରେ ଏ କଥା ଲାଗିଲା । କହିଲା—କାଲିକା ଘଟଣା ମୁଁ ସେକ୍ରେଟେରୀ ସାହାବଙ୍କୁ ଜଣାଇଚି—ଏଣିକି କାହାର ବେରାମ ଆରାମ ହେଲେ ସାଙ୍ଗେ ସାଙ୍ଗେ ଡାକ୍ତର ଆଉ ଔଷଧର ବ୍ୟବସ୍ଥା କରାହେବ ।

ମାହାର କହିଲେ—ହଁ, ଏ ବିଷୟରେ ମୁଁ ମୋର ଯଥାସାଧ୍ୟ ଚେଷ୍ଟା କରିବି ।

ତା ପରେ ଗୋଟି ଗୋଟି ହୋଇ ଛୁଟି, ଦରମା, ନାଗା, ବରଖାସ୍ତ କଥା ପୁଣି ଥରେ ପଡ଼ିଲା ।

ମାହାର ପୁଣି ଥରେ ଜୋର ଦେଇ କହିଲେ—ଦୋଷର ଦଣ୍ଡ ଅଛି—ଆଉ କୌଣସିଠାରେ ଯଦି କାହା ପ୍ରତି ଅବିଚାର ହୋଇଚି ବୋଲି ଏ

ସ୍ୱପ୍ନର ମତ ହୁଏ ତା'ହେଲେ ସେପରି ଜାଗାରେ ପୁଣି ଥରେ ବସ୍ତିର ଜନ୍ମ ହେବ ।

ବୈଠକ ସଫଳ—ଶ୍ରମିକମାନେ ଯିଏ ଯେଝା କାମକୁ ଫେରି ଗଲା ପରେ ଅଶୋକ ହେଡ଼ଅଫିସ ଭବନରେ କହିଲ—ଦୁର୍ବଳ ଲୋକ ଆଇନର ଆଶ୍ରୟ ନିଏ ସାର, ଏମାନଙ୍କୁ ଆଇନ ଶୃଙ୍ଖଳାର କଡ଼ା ଭିତରେ ବାନ୍ଧିଲେ ଅମର ଦୁର୍ବଳତାରହିଁ ପରିଚୟ ମିଳିବ ।

ନାୟାର ଟେବୁଲ କଣ ଥରେ ଚାହିଁଲେ ଅଶୋକ ଆଡ଼େ—30 ଫାଙ୍କରେ ତାଙ୍କର ଟିକିଏ ସ୍ୱର ବି ବଦଳିଗଲା—

—ବୁଝିଲେ ଅଶୋକ ବାବୁ, ଆପଣ ନୂଆ ହୋଇ ଚାକିରି କରୁଛନ୍ତି—ମାତ୍ର ମୁଁ ଏଇ କଲ କାରଖାନାରେ ଗଲା ୨୦ ବର୍ଷ ଧରି ଚାକିରି କରୁଛି—ମୁଁ ଏଇ ସମୟରେ କେତେ ବଦମାସ, କେତେ ଜୁଲମକୁ ଶାସନ କରିଛି ।

—କିନ୍ତୁ ଜାଣ ଯେ ଗତି ବଦଳିଛି ସାର୍, ପ୍ରତ୍ୟେକ ଦେଶରେ ଆଜି ଶ୍ରମିକ ଏକ ଜାଗ୍ରତ ଶକ୍ତି ହୋଇ ଠିଆ ହୋଇଛି—ଏଇ ଶକ୍ତି ଭିତରେ ଅଣୁ ଓ ପରମାଣୁ ଶକ୍ତି ପରି ଭୟଙ୍କର ଧ୍ୱଂସକାରୀ ଉପାଦାନ ଅଛି...ଅଛି ଆଗ୍ନେୟଗିରିର ଉଷ୍ଣ ଉଚ୍ଛ୍ୱାସ—ସାଥେ ସାଥେ ସୃଜନର ଏକ ଅନୁପମ ଉପାଦାନବି ରହିଛି ।

—ମୋର ମନେ ହେଉଛି, ତୁମେ ହୁଏତ ସାହିତ୍ୟ ଅନୁଶୀଳନ କରୁଛ ଅଶୋକ.... ପ୍ରଶାସନର କର୍ମସୂଚୀ ଭିତରେ ଏମିତି ସାହିତ୍ୟ ବା ଦର୍ଶନର କୌଣସି ସ୍ଥାନ ନାହିଁ । ତାଠୁଁ ବେଶୀ ଦରକାର ଏକ ବଜ୍ର ମୁଷ୍ଟିରେ ଶ୍ରମିକର ଦର୍ପିତ ଅଶାନ୍ତ ଅଭିଯୋଗକୁ ଖର୍ବ କରିବା ।

—ତା ହେଲେ ମାଛିକୁ ତୋପ କଲା ଭଳି ହେବ ସାର୍ । ମୁଁ ସ୍ୱୀକାର କରୁଛି ଏମାନଙ୍କଠାରେ ଅନେକ ଦୋଷ ଅଛି, ଏମାନେ ଅନେକ ଭୁଲ କରୁଛନ୍ତି । ଏଇଟା ତ ସେମାନଙ୍କର ସ୍ୱାଭାବିକ । ଅଜ୍ଞାନ, ଅଶିକ୍ଷା ଓ ଦାରିଦ୍ର୍ୟର ଅନ୍ଧକାର ଭିତରେ ଏମାନେ ବଢ଼ି ଉଠୁଛନ୍ତି—ଏମାନଙ୍କୁ ଆମକୁ ଉତ୍ତମ ଶିକ୍ଷା ଦେବାକୁ ହେବ—ଏକ ସୁସ୍ଥ ପରିବେଶ ଭିତରେ ରଖିବାକୁ ହେବ—ମାନବିକ ଅଧିକାର ଦେବାକୁ ହେବ—ତା'ହେଲେ

ଏମାନେ ଆପେ ଆପେ ଠିକ ହୋଇଯିବେ । ସେତେବେଳେ କୌଣସି ଦଣ୍ଡର ଦରକାର ପଡ଼ିବ ନାହିଁ ।

କୁଟିଳ ସ୍ୱରରେ ଟିକିଏ ହସିଲେ ମାଥୁର ।

—ଯନ୍ତ୍ରୀମାନେ ତମେ ନିଷ୍ଠାବାନ ଅଛ । ମୋର ଆଦେଶ ଉପଦେଶ ଅନୁଯାୟୀ ମାଲିକର ମଙ୍ଗଳ ଦୃଷ୍ଟିରୁ ତମକୁ ସବୁବେଳେ କାମ କରିବାକୁ ହେବ ।

—ମୁଁ ତ ତା ଅସ୍ୱୀକାର କରୁନାହିଁ ସାର—ମୁଁ ମାଲିକ ଓ ଶ୍ରମିକ ଭିତରେ ଯେପରି ଉତ୍ପାଦନ ପାଇଁ ବନ୍ଧୁତ୍ୱର ମେଳ ରହିବ, ସେଇ କଥା ଭାବୁଛି—ସେଥିପାଇଁ ମୁଁ ସବୁ କଥାକୁ ଖୋଲେଇକରି ଦେଖୁଛି...

ଛୁଟିରେ ଯାଇ ଲୋକ ଠିକ୍ ସମୟରେ ଫେରୁନାହିଁ କାହିଁକି ? ଅଯଥା ଆଶଙ୍କା କରି ଶ୍ରମିକ କାହିଁକି କହୁଛି ତା ଝାଳବୁହା ହକ୍ ମଜୁରି କାଟି ନିଆ ହେଉଛି ।

ଶ୍ରମିକ କାହିଁକି ବେତନ ଅଗ୍ରୀମରେ ସୁବିଧା ପାଉନାହିଁ । ଏ ସବୁକୁ ମୁଁ ଗୋଟିଏ ଗୋଟିଏ ସମସ୍ୟା ରୂପେ ଦେଖୁଛି ସାର—ଏ କେବଳ କାହାରି ଜଣକର ଆପତ୍ତି ନୁହେଁ—ଏ ଯେପରି ଏକ ସମୂହ ଚେତାବନୀ । ଆଉ ସବୁରି ମୂଳରେ ମାଲିକର ନିଜ ଗୋଚରରେ ହେଉ ବା ଅଜାଣତରେ ହେଉ ଯେ ଦୋଷ ରହି ଯାଉଛି ଏହା ମୁଁ ବିଶ୍ଳେଷଣ କରି ଦେଖି ପାରୁଛି ।

—ସ୍ୱଳ୍ପ ଭିତରେ ଅନ୍ତତଃ ଏଇ ମାସକ ବ୍ୟବଧାନ ଭିତରେ ତମେ ମାଲିକର ଦୋଷ ଧରିବାରେ ବେଶି ଉତ୍ସାହ ହୋଇ ଉଠିଛ ଦେଖୁଛି ଅଶୋକ ।...ଗୋଟାଏ ଶାଣିତ ଦୃଷ୍ଟି ନିକ୍ଷେପକରି ବାହାରକୁ ବାହାରିଗଲେ ମାଥୁର । ଅଶୋକ ତାଙ୍କ ହାବ, ଭାବ ଓ କଥାରୁ ଠିକ ଠଉରେଇ ନେଲା, ଜାଣିନେଲା ଏଥିପାଇଁ ମାଥୁର ବାବୁ ତା ଉପରେ ଖୁବ ବିରକ୍ତ ହୋଇ-ଛନ୍ତି । କାଲି ହୁଏତ ମ୍ୟାନେଜର ସାହାବ ବିରକ୍ତ ହେବେ ।

ଅଫିସକୁ ଫେରି ଆସିଲା ଅଶୋକ—ମିଲର ପ୍ରବେଶ ଫାଟକକୁ ଲାଗି ତାର ଅଫିସ—ସେଇଠୁ ଜେନେରାଲ ଅଫିସ ଦେଖାଯାଏ—ମ୍ୟାନେଜର ଓ ସେକ୍ରେଟେରୀଙ୍କର ଅଫିସ ଠିକ୍ ତା ମୁହଁ ସାମନାରେ ।

ସେ ନିଜ କାମରେ ମନ ଦେବାକୁ ବସିଲା—ମାତ୍ର ଆଜି ତା ମୁଣ୍ଡଟା କଣ କେମିତି ଅଚଳ ହୋଇ ଯାଇଛି—କିଛି ଠିକ୍ ହୁଅନ। କାଳି ବର୍ଷ ହେଲା ଲେଖକଙ୍କର ଛୁଟି ଫର୍ଦ୍ଦ ଠିକ ହୋଇନାହିଁ, ପ୍ରୋଭିଡେଣ୍ଟ ଫଣ୍ଡ କଷା ହୋଇନି—ଯଥେଷ୍ଟ କାରବାର ବାକିଚ ଏଠି। ଏଇଥି କର ମାହାରବାବୁ ଆଜି କୋଉ ମୁହଁରେ କହୁଛନ୍ତି ଆଇନ ଶୃଙ୍ଖଳା ସେ ରକ୍ଷା କରିବାକୁ ଚାହାନ୍ତି।

ପାଞ୍ଚଟା ବାଜିବାକୁ ଆଉ ଅଧଘଣ୍ଟାଏ ବାକି—ଅଫିସ ବାହାର ବାରଣ୍ଡାକୁ ବାହାରି ଆସିଲା ଅଶୋକ—ହଠାତ୍ ତା ନଜରରେ ପଡ଼ିଲା ମାହାର ବାବୁଙ୍କ ଦପ୍ତରରୁ ଗୋଟି ଗୋଟି ହୋଇ ବାହାରି ଆସୁଛନ୍ତି ପଣ୍ଡା, ଅପର୍ତ୍ତି, ସୋଭନ। ହସ ହସ ମୁହଁରେ ଏଇମାନେ ଆଜି ଅଭିଯୋଗ କାଢ଼ିଥିଲେ ନା ୱାର୍କସ କମିଟିରେ ? ଅଥଚ ଘଣ୍ଟା ଭିତରେ ହି ଏତ ମାହାରବାବୁ କାବୁ କରି ସାରିଲେଣି ଏମାନଙ୍କୁ। ମନେ ମନେ ଖୁବ ହସିଲା ଅଶୋକ।

କାରଖାନାରୁ ଘରକୁ ଫେରିବା ବାଟରେ ପାନ ଦୋକାନରେ ଲୋକ ଗହଳି ଦେଖି ଭିତରକୁ ପଶିଆସିଲା ଅଶୋକ। ଘଡ଼ିମତ ଦାଙ୍ଗ ହୋଟେଲ ଗୁଲଜାର ଦୋକାନ ଭିତରେ। କାମ ଫେରନ୍ତା ଲୋକ ଆସ୍ତେ ଆସ୍ତେ ଜମା ହେଉଛନ୍ତି।

—କଣ ହୋଇଚି ଦଇତାରି, ଏତେ ପାଟିଗୋଳ କାହିଁକି ଏଠି ? କୌଣସି ମତେ ଭିଡ଼ ଭିତରେ ଠେଲିପେଲି ହୋଇ ଭିତରକୁ ପଶିଲା ଅଶୋକ। ଯାହା ଦେଖିଲା ସେଥିରେ ସେ ଅବାକ ହୋଇଗଲା। ଗୌରାଙ୍ଗ ବେକରେ ଗାମୁଛା ଗୁଡ଼ାଇ ଭିଡ଼ି ଧରିଛି ଦୋକାନଦାର ଅନାଦି।

—କଣ ହେଲା ଅନାଦି, ଏମିତି ବାନ୍ଧି ରଖିଚ କାହିଁକି ? ଅନାଦି ହାତ ଭିତରେ ଗାମୁଛା ମୋଡ଼ା କୋହଳ ହୋଇଗଲା—ପଛକୁ ଘୁଞ୍ଚିପଡ଼ି କହିଲା—ବାବୁ ଛ ଛ ମାସ ହେଲା ଷାଠିଏ ଟଙ୍କା ବାକି—ଦରମା ପାଇଲା ଦିନ ମତେ ଲୁଚି ବୁଲୁଚି। ଆମର ପାଣ୍ଠି କେତେ ଯେ ଆମେ ଏତେ ସହିବୁ।

—ମିଲର ହାକିମ ଆଉ କାହାପାଖରେ କି ଏଠି ପାଞ୍ଚ ଭାଇଙ୍କ ପାଖରେ କହୁଥିଲେ ତ ତମେ ତା ବନ୍ଦବସ୍ତ ଅଚୂଲ କରି ପାରି ଥାଆନ୍ତ—ଭାନ କରି......

—ନାହିଁ ବାବୁ, ସେ କାହା କଥା ମାନିବା ଜନ୍ତୁ ନୁହେଁ—ଓଲଟି କହିଲା ବେଲକୁ ନାଲି ଆଖି ଦୁମାକ ଦେଖାଉଚ....ହଜ ଧାରି··

—ତମେ ତା ବେକରୁ ଗାମୁଛା ଫିଟାଇ ଦିଅ ଅନାଦି, ତା ନେଙ୍ଗ ଦେଣ କଥା ବୁଝାଯିବ।

—ଆଜ୍ଞା ଦରମା ବାଉ—ସେ ଦରମା ନେଇ ପଛବାଟେ ସେମିତି ଖସି ପଳାଇ ଯାଉଥିଲା। ଡାକ ପକେଇଲେ ବି ଶୁଣିଲା ନାହିଁ। ବାଧ୍ୟ ହୋଇ ତାକୁ ଏମିତି ଗାମୁଛା ପକାଇ ଓଟାରି ଆଣିଚ—ମୋ ଗଣ୍ଡାକ ଦେଇଦେଲେ ମୁଁ କାହିଁକି ତାକୁ ଧରି ରଖିବି।

ଗୌରାଙ୍ଗ ମୁଣ୍ଡପୋତି ସମସ୍ତଙ୍କ ସାମନାରେ ଠିଆ ହୋଇଚି ସେମିତି—ନିସ୍ପନ୍ଦ ନିର୍ଜିବ କାଠ ପଥର ପରି। ଅଶୋକ ଅଭିଭୂତ ହୋଇ ପଡ଼ିଲା ତା' ଚେହେରା ଦେଖି। କହିଲା—ଅନାଦି ମୁଁ ସେ ଟଙ୍କା ଦେବ, ତମେ ଗୌରାଙ୍ଗକୁ ଫିଟେଇ ଦିଅ।

ଅନାଦି କେବଳ ଚାହିଁ ରହିଲା ଅଶୋକକୁ। ତା ତୁଣ୍ଡରେ କଥା ଫୁଟିଲି ନାହିଁ।

ଅଶୋକ ଡାକିଲା—ଆସ ଗୌରାଙ୍ଗ।

ଗୌରାଙ୍ଗ ଅଶୋକ ପଛରେ ଠିଆ ହେଲା...ଯିବା ଆଗରୁ ଅଶୋକ ଅନାଦିକୁ କହିଲା—ଗୌରାଙ୍ଗର ଯେତେ ଟଙ୍କା ବାକି ଅଛି ସବୁ ହିସାବ କରି ମୋ ଘରୁ କାଲି ସନ୍ଧ୍ୟାବେଳେ ନେଇ ଆସିବ।

ଆଶ୍ଚର୍ଯ୍ୟ!! ଏତେଗୁଡ଼ାଏ ଲୋକ ଜମା ହୋଇଥିଲେ ବି ଅନାଦିର ଅତ୍ୟାଚାର ବିରୁଦ୍ଧରେ ପଦେ କଥା କେହି କହିବାକୁ ପ୍ରସ୍ତୁତ ନୁହନ୍ତି—କାହିଁକି? ଏମାନେ କଣ ସମସ୍ତେ ଜୀଅନ୍ତା ମୂର୍ଦ୍ଧାର! ଟୋପାଏ ହେଲେ କାହାର ଦେହରେ ରକ୍ତ ନାହିଁ?? ନା, ନିଜ ନିଜ ଭିତରେ ଏମାନଙ୍କର [illegible]ସା ବାଦ ଭରି ରହିଚ?

ଖୋଲା ପଡ଼ିଆ ଉପରେ ବସି ପଡ଼ିଲା ଅଶୋକ । ଉପରେ ମୁକ୍ତ ଆକାଶ ......ମହାନ୍ ଉଦାର....ଆଉ ତାର ତଳେ, ଏତେ ବଡ଼ ବ୍ୟାପ୍ତି ତଳେ କେତେ ସଙ୍କୁଚିତ ଏଇ ମଣିଷର ମନ !

—ଗୌରାଙ୍ଗ ! ଷାଠିଏ ଟଙ୍କା ବାକି କାହିଁକି କରିଥିଲ ଅନାଥ ଦୋକାନରୁ ? ଅଶୋକ ଗୌରାଙ୍ଗ ମୁହଁକୁ ଚାହିଁଲା—ଏ ପର୍ଯ୍ୟନ୍ତ ଭୟର ଚିହ୍ନ ତା ମୁହଁରୁ ଲିଭିନାହିଁ । ଅଶୋକର ଏହି କଥା ପଦକରେ ଗୌରାଙ୍ଗ ଭେଁ ଭେଁ ହୋଇ କାନ୍ଦି ଉଠିଲା ।

ବ୍ୟସ୍ତ ହୋଇ ଅଶୋକ କହିଲା···ତମ ମନରେ କଷ୍ଟ ହେଲା ମୁଁ ଏ କଥା ପଚାରିଲାରୁ ? ଅଶୋକ ଗୌରାଙ୍ଗ ମୁଣ୍ଡ ଉପରେ ହାତ ବୁଲାଇ ଆଣିଲା । ତରଳ ଗଳାରେ ଲୁହ ପୋଛି ଗୌରାଙ୍ଗ କହିଲା...ଆଜି ତମେ ମୋ ଇଜ୍ଜତ ରଖିଲ ବାବୁ···ଅନାଥ ସାହୁଠାରୁ ମୁଁ ମୋଟେ ଚାଳିଶ ଟଙ୍କା ଆଣିଥିଲି. ସେ ତାକୁ ଛଅ ଡବଲ କଲାଣି····ଏଇ ନିଅ ଏ ଚାଳିଶ ଟଙ୍କା ବାବୁ, ଆଉ ଦୁଇଟା ପଇସା ପାଇଲେ ଆଉ ଆପଣଙ୍କୁ କୋଡ଼ିଏ ଟଙ୍କା ଶୁଝିଦେବି । ଗୌରାଙ୍ଗ ତା ପେଣ୍ଟ ପକେଟରୁ ଚାରିଖଣ୍ଡ ଦଶଟଙ୍କିଆ ନୋଟ କାଢ଼ି ଦେଇଲା ।

ଅଶୋକ ପଚାରିଲା – କେତେ ଦରମା ପାଇଥିଲ ଆଜି ?

ଗୌରାଙ୍ଗ ଜବାବ ଦେଲା—ପଇଁଚାଳିଶ ଟଙ୍କା ।

—ଏଇ ୫ ଟଙ୍କାରୁ ତମେ ଘରକୁ ପଠାଇବ କେତେ, ଏଠି ଖାଇବ କେତେ—ମତେ ୪୦ ଟଙ୍କା ଦେଇ ଦଉଚ ? ଘରେ କ'ଣ କେହି ନାହାନ୍ତି ?

—ବାପା, ମା, ଭଉଣୀ ସମସ୍ତେ ଅଛନ୍ତି ବାବୁ, ମୋର ରୋଜଗାର ଉପରେ ସମସ୍ତଙ୍କର ଭରସା—

—ତା ହେଲେ ଏଠି ତମେ ଚା, ପାନ, ବିଡ଼ି, ଗୁଲୁଗୁଲାରେ ଏତେ ଟଙ୍କା ନଷ୍ଟ କରୁଥିଲ କାହିଁକି ?

ଗୌରାଙ୍ଗ ଚୁପ ରହିଲା—ଆଉ ଆଗକୁ କିଛି କହିବାକୁ ତା ପାଟି ଯେମିତି ଦେଉନାହିଁ ।

—ଏ ଟଙ୍କା ତମେ ରଖ ଗୌରାଙ୍ଗ । ମୁଁ ସବୁ ଟଙ୍କା ଦେବି—ମତେ ସେ ଟଙ୍କା ଶୁଝିବାକୁ ପଡ଼ିବ ନାହିଁ ତମକୁ ।

—ଆପଣ ଦେବେ ସେ ଟଙ୍କା ମୋ ପାଇଁ, କାହିଁକି ବାବୁ ? ଘରେ ତିନି ତିନି ଜଣଙ୍କୁ ଉପାସ ଶୋକରେ ପକାଇ ରଖି ମୁଁ ଏଠି ନିଶାପାଣି କରି ପାଣି ପରି ପଇସା ଖର୍ଚ୍ଚ କରିବି ଆଉ ଆପଣ ଦେବତା ସମାନ ଲୋକ ହୋଇ ଏ ପାପ ଲାଗି ପ୍ରା’ଚିତ୍ତ ହେବେ । ନାଁ ବାବୁ, ମୁଁ ଆପଣଙ୍କଠାରୁ ଗୋଟାଏ ହେଲେ ଟଙ୍କା ନେବିନାହିଁ ।

ଏକା ସାହାରେ ସବୁ କହିଗଲା ଗୌରାଙ୍ଗ—ମିଲ ଭିତରେ ସମସ୍ତେ ଗୌରାଙ୍ଗକୁ ଗୁଣ୍ଡା, ବଦମାସ ବୋଲି କହନ୍ତି—ଅଥଚ କାହିଁ ଗୌରାଙ୍ଗର ସେଇ ପାଶବିକ ମନୋବୃତ୍ତି—ଗୌରାଙ୍ଗ ଦେହ ଭିତରେ ଆଜି ନିଭିଲା ଦୀପ ଯେମିତି ଶିଖା ଟେକିଛି—ସେ ଶିଖାରେ ନିର୍ମଳ ମାନବିକତା ବିକଶି ଉଠିଛି । ସ୍ତବ୍ଧ ହୋଇଗଲା ଅଶୋକ ।

—ଅନାଥ କଣ ନିଶା ପାଣି ବିକ୍ରୀ କରେ ଗୌରାଙ୍ଗ ?

—କାରଖାନାର ରାତି ଦଶଟା ଭୁଙ୍ଗା ପରେ ସହରଯାକ ନିଶବଦ ହେଲେ ସେଠି ରୋଜ ଜୁଆ ଓ ମଦର ହାଟ ବସେ । ଲୋକ ଗହଳିରେ ତା ଦୋକାନ ସବୁଆଡ଼ଟା ଫାଟିପଡ଼େ ବାବୁ । ମୂଳିଆ, ଧନିଆ, ଦାଶରଥି ଏମିତି କେତେ ତାର ସବୁ ବନ୍ଧା ଗ୍ରାହକ । ସେଇମାନେ ପରା ଅନାଥ ମୋ ବେକରେ ଗାମୁଛା ପକାଇ ଭିଡ଼ି ଆଣିଲା ବେଳେ ଚୁପ ହୋଇ ଠିଆ ହୋଇଥିଲେ । କାହାର ପାଟିରୁ ମୋ ପେଇଁ ପଦେ ଆହା ବାହାରିଲା ନାହିଁ । ହେଲେ କେତେଥର ମୋଠୁଁ ସେ କ’ଣ ଖାଇନାହାନ୍ତି । ମାସ ମାସ ଧରି ଦରମାରୁ ଅଧେ ତାଙ୍କରି ପଛରେ ଉଡ଼ାଇ ଦେଇଛି ବାବୁ ।

ଅଶୋକ ମନ ଭିତରେ ଆବର୍ଜନାର ପାହାଡ଼ ଜମି ଉଠିଲା, କହିଲା—ତମେ ତାହେଲେ ଘରକୁ ମାସକୁ ମାସ ଟଙ୍କା ପଠାଉନା ଗୌରାଙ୍ଗ ?

—ନାଇଁ ବାବୁ, ପାଞ୍ଚମାସ ହେଲା ଗୋଟିଏ ପଇସା ଦେଇନାହିଁ, ସବୁବେଳେ ନିଅଣ୍ଟିଅ ଲାଗି ରହିଛି । ବାପା ଗାଁ ଲୋକଙ୍କ ହାତରେ ଅନ୍ତ ମାସରେ ବାତେନ ଦେଇଥିଲା ଖରଚକୁ •କର୍•••ହେଲେ ପଇସାଟାକର ପଥିବ...

ଗୌରାଙ୍ଗର ଆଖି ତଳକୁ ଦୁ ଧାର ତତଲ ଲୁହ ଗଡ଼ି ପଡ଼ିଲା— କୋହ କୋହ ହୋଇ ଆସିଲା ସେ ... ।

ଅଶୋକ ଗୌରାଙ୍ଗର ବ୍ୟଥା ମନେ ଅନୁଭବ କରୁଥିଲେ ବି ଚୁପ୍ ରହି ପାରିଲା ନାହିଁ । ସେ ଯେପରି ଯାଠୁଁ ବହୁତ ବେଶୀ ଶୁଣିବାକୁ ଆଶା କରୁଥିଲା ଗୌରାଙ୍ଗଠୁଁ ।

ପଚାରିଲା ସେ—ତା ହେଲେ ତମେ ଏ କେତେମାସ ହେଲା ତମ ଦରମା ଟଙ୍କାଗୁଡ଼ାକୁ କୋଉଥିପାଇଁ ଖର୍ଚ୍ଚ କଲ ?

— ଭର୍ତ୍ତି ବେଳେ ହାକିମ ବାବୁକୁ କହିଥିଲି ଦୁଇଶ' ଟଙ୍କା ଦେବି ବୋଲି । କେତେ ଟଙ୍କା ଶୁଝିଥିଲି । ବାକି ଚାରି କୋଡ଼ି ଟଙ୍କା ରହିଯାଇଥିଲା, ହାକିମ ବାବୁ ସେଇଥି ପାଇଁ ମିଲରେ ମୋ ନାଁରେ ମିଛ ଛଳ ଯୋଖି ଚାରସିଟ୍ ବାହାର କଲା—କାମରୁ ବାହାର କରିଦବ ବୋଲି ଧମକ ଦେଲା । ବହୁତ କୁହାବୋଲା କରି ମାସ ଚାରିଟାର ମହଲତ ନେଇଥିଲି । କୋଳମଞ୍ଜି ପର ମାସକୁ ମାସ କୋଡ଼ିଏ ଟଙ୍କା ପଗାରରୁ କାଟିଦେଇ ଆସେ । ଆଉ ମାସରେ ସବୁ ଶୁଝିଲି ।

ଅବାକ୍, ଆଶ୍ଚର୍ଯ୍ୟ ହୋଇଗଲା ଅଶୋକ—କେତେଆଡ଼ୁ ଶୋଷଣ, ନିଷ୍ପେଷଣରେ କଳ ବସିଚି ଗରିବ ଖଟିଖିଆ ପାଇଁ—ସବୁଆଡ଼େ ଜାଲ, ଫାଙ୍କି, ଧପ୍ପାବାଜି, ଘୁଷ୍ ।

ଗୋଟାଏ ଦୀର୍ଘ ନିଃଶ୍ୱାସ ପକାଇ ସେ ଉଠି ପଡ଼ିଲା—ପାତଳ ଅନ୍ଧାର ସେତେବେଳକୁ ରାସ୍ତାଘାଟ ଛୁଇଁ ଦେଲାଣି । ଗୌରାଙ୍ଗ ପକେଟରେ ଜବରଦସ୍ତି ଚାରିଖଣ୍ଡ ଯାକ ନୋଟ ଗୁଞ୍ଜି ଦେଇ ଅଶୋକ କହିଲା—ତମେ ଏ ଟଙ୍କା ଘରକୁ ପଠେଇ ଦିଅ ଗୌରାଙ୍ଗ । ନିଶାପାଣି, ଜାଲ, ବଦମାସି ଛାଡ଼ି ଆଜଠାରୁ ଭଲ ମଣିଷ ହବାକୁ ଶିଖ—ଆଜିର ଅନୁଶୋଚନା ଯେମିତି ସବୁ ଦିନକୁ ରହେ ।

ଗୌରାଙ୍ଗ ଅଶୋକର ପାଦଧୂଳି ନେବାକୁ ଚେଷ୍ଟା କରିବାରୁ ସେ ଘୁଞ୍ଚିଗଲା । ତାପରେ ଧୀରେ ଧୀରେ ଅନ୍ଧାର ଭିତରେ ଅଦୃଶ୍ୟ ହୋଇଗଲା ସେ ।

ନିଜର ସବୁ ଶକ୍ତି ସେ ଯେପରି ହଜାଇ ବସିଚି—ଅବସାଦ ଭିତରେ କ୍ଲାନ୍ତ ବଢ଼ି ଉଠିଚ—ନିସ୍ତେଜ ହୋଇ ଯାଇଚ ଅଶୋକ—ସେ ଏଠି

ସୁକେଶୀ କରି ଜନତାର ଯେଉଁ ସେବା କରିବ ବୋଲି ଭାବିଥିଲା, ସେଥିପାଇଁ ଏଠାରେ ଯେପରି ଅନୁକୂଳ ପରିସ୍ଥିତି ନାହିଁ ! ସୁଲୁଣି ପରି ସ୍ତ୍ରୀଆଡ଼େ ଜଳା ମେଲା ହୋଇଚି—କେତେଠି ଜଳାରେ ମାଟି ଦେଇ ବନ୍ଦ କରିବ ସେ ? ? ଏଇ ଦୁ' ଦିନର ଘଟଣାରେ ସେ ଯେପରି ଭାଙ୍ଗି ପଡ଼ିଚି—ଉତ୍ସାହ ଅପେ ଅପେ ମରିଯାଉଚି ।

ଚଣ୍ଡିମୁଣ୍ଡେ କୋଳାହଳ ଶୁଣି ସେ ଅଟକି ଗଲା—ଭିଡ଼ ମଝିରେ ନିର୍ଭୀକ ଭାବରେ ଠିଆ ହୋଇଚି ସରଳା—ଆଖି ଦୁ'ଟା ଜଳି ଉଠିଚି ତାର ବାଘୁଣୀର ହିଂସ୍ର ଆଖି ପରି ।

—ତମ ସମସ୍ତଙ୍କର ତ ମା, ଭଉଣୀ ଅଛନ୍ତି । ବିଚରା ଲଳିତାକୁ ଦୁର୍ବଳ ଦେଖିଲ ବୋଲି ତା ଉପରେ...ଏହାର ଠିକ ବିଚାର ହେଉ ।

ବରଗଛ ମୂଳ ଚଉତରା ଉପରେ ବସିଚି ଲଳିତା ସରଳା ପାଖକୁ ଲାଗି—ଆଖି ଦୁ'ଟା ତାର କାନ୍ଦି କାନ୍ଦି ଫୁଲି ରଙ୍ଗା ପଡ଼ି ଯାଇଚି ।

ହାଟ ମଂଗଳାଙ୍କ ଗୁମୁରେ ନିଶାପ ବସିଚି । କାଲି ରାତି ଅଧରେ ସାଧୁଆ ମଦ ଖାଇ ଲଳିତା ଘରେ ତା ସ୍ୱାମୀ କାମକୁ ଯାଇଥିଲା ବେଳେ ପଶି ଜବରଦସ୍ତି ଲଳିତାର ଇଜ୍ଜତ ନବାକୁ ବସିଥିଲା ।

ମଦନା କାମରୁ ବାହୁଡ଼ି ସବୁ ଶୁଣି ଲଳିତାକୁ ଘରୁ ବାହାର କରି ଦେଇଚି । ଲଳିତା ଫେରାଦ ହୋଇଚି ପଞ୍ଚାୟତଙ୍କ ପାଖରେ—ମଦନା ଆଜି ସାଧୁଆ ଧରା ହେଇ ଆସିଚନ୍ତି । ପାଞ୍ଚ ଭାଇ ବସି ବିଚାର କରିବେ ତାଙ୍କ ଦୋଷ, ଗୁଣ ।

ଅଶୋକ ଯାଇ ସମସ୍ତଙ୍କ ମଝିରେ ବସିଲା । ସମସ୍ତେ ସାବ୍ୟସ୍ତ କରି ସାରିଚନ୍ତି ସାଧୁଆ ଦୋଷୀ—ସାଧୁଆ ମଦ ନିଶାରେ ଏତେ ବଡ଼ ଜଘନ୍ୟ କାମ କରିଚି—ପଞ୍ଚାୟତଙ୍କ ହାତରେ ତାର ଦଣ୍ଡ । ପାଲଦଉଡ଼ି ନେଇ ବସିଚି ସାଧୁଆ...ଲଜ୍ଜା ଓ ଭୟ ଉକୁଟି ଉଠୁଚି ତା ମୁହଁରେ ।

ମାଧବ କହିଲା—ମଦନା, ଆମେ ତ ଯାହା ଦଣ୍ଡ ଦବୁ ସାଧୁଆକୁ ତା ସେ ମାନିନେବ । ହେଲେ ଭୁଆସୁଣିଟାକୁ ପଦାରେ ପକେଇବା ତୋର ମୋଟେ ମଣିଷପଣିଆ ହେଇ ନାହିଁ । ଆରେ, ସଂସାର କଲେ ସବୁ ସହିବାକୁ ହେବ ।

ସାଧୁଆ ଆଉ ସହି ପାରିଲାନି । ପାଲଟହଉ ତାମୁଡ଼ ପଞ୍ଚାୟତଙ୍କ ସାମନାରେ ଲମ୍ବ ହୋଇ ଗୋଡ଼ ତଳେ ପଡ଼ିଗଲା ।

ଅଶୋକ ସାଧୁଆକୁ ଭୁଇଁରୁ ଟେକି ଧରିଲା ।

ଲୁହ ଦାଜ, ସିଙ୍ଗାଣି ବୋହି ସାଧୁଆର ଆଖି ଯୋଡ଼ାକ କୁହୁଟିଆ ଆଖି ପରି ଦିଶିଲାଣି ।

ଅପର୍ତ୍ତି କହିଲା—ସାଧୁଆ ଏ କାରାରୁ ଯାଉ, ଏ ମିଲ୍‌ରୁ ଯାଉ. ତାକୁ ସମସ୍ତେ ବାଛନ୍ଦ କର । ସାହେବଙ୍କୁ କହିଦେଲେ ତା ଚାକରୀ କେତେ ଘଡ଼ି ।

ସାଧବର ମୁହଁ ଫିକା ପଡ଼ିଗଲା । ପଞ୍ଚାୟତର ବାକି କେତେଜଣଙ୍କ ମୁହଁକୁ ସେ ବଲ ବଲ କରି ଚାହିଁ ରହିଲା । ସମସ୍ତେ ଅପର୍ତ୍ତି କଥାରେ ହଁ ଭରିଲେ, ମୁଣ୍ଡ ଟୁଙ୍ଗାରିଲେ । ସରଳାର ଆଖି ଭିତରର କଳାତେଜ ନାଚ ଉଠିଲା—ମାତ୍ର ଥରେ ଅଶୋକକୁ ଚାହିଁ ଦେଇ ସେ ଦବିଗଲା ଯେମିତି ।

ପଛକୁ ଘୁଞ୍ଚିଯାଇ ସରଳା କହିଲା—ଆଜି ଜଳତା ଅପା କଥା କ'ଣ ବିଚାର ହେଲ ?

ଧନେଶ୍ୱର କହିଲା—ମଉନା ତାକୁ ନେଇ ସେମିତି ଦର କରିବ—କିନ୍ତୁ ତ ସେମିତି ହେଲେ...ସାଧୁଆ ଖାଲି ତା ପଣତକୁ ଧରି ହିଡ଼ିଦେଉଛି ।

ମଦନା କହିଲା—ହେଲେ ଧନୀଭାଇ, ଆମର ଶ୍ରେଷ୍ଠ ପାଠକ କଥା—କାହା ଧରି ବସିବେ--କଥାଟା ଯେତେବେଳେ ଘଟିଲାଣି, କାହା ଭାଇଙ୍କ କାନକୁ ଯିବ ।

ରାଜୀବ କହିଲା—ଠିକ୍ କଥା କହୁଛ ମଦନା—ସାଧୁଆ ଜାତିଅଣ ପାଇଁ ଯେତେ ଷଣ୍ଢ ଖେସରୀ ଲାଗିବ ସବୁ ଜୋରିମାନା ଦେଇ [illegible] ଯିବ । ସମସ୍ତେ ମୁଣ୍ଡ ଟୁଙ୍ଗାରିଲେ—କଥାଟା ଠିକ୍ କରି ହୋଇଗଲା ।

ହେଲେ ବିଚାରଟା ଅଶୋକ ମନକୁ ପାଇଲା ନାହିଁ । ସାଧବ ମୁହଁ ଆଡ଼କୁ ସେ ଚାହିଁଲା—ମୁହଁ ଶୁଖିଯାଇଛି ବିଚାରର—

ଅଶୋକ କହିଲା—ନାଁ, ଏ ବିଚାର ଠିକ୍ ନୁହେଁ—ସାଧୁଆ ଏଇଠି ପାଞ୍ଚଭାଇଙ୍କ ପରି କାମ କରିବ, ଚାକରୀ କରିବ—ସମସ୍ତଙ୍କ ସାଙ୍ଗେ ଚଳିବ ।

ଅପର୍ଣ୍ଣି ବିରକ୍ତିଆ ହୋଇ କହିଲା—ଏ କୋଉଆଡ଼ର ବୁଦ୍ଧିମଣା ବାବୁ !

—ଏ ବସ୍ତିର ଠିକ୍ ଅପର୍ଣ୍ଣି—ସାଧୁଆକୁ ଭାମରୁ ତଡ଼ିଦେଲେ ସେଭ ଉପାସରେ ତା ପିଲା ଛବାଳା ଓଧାଳ ବାକଲ ହୋଇ ମରିଯିବେ । ଏଥିରେ ସେମାନଙ୍କର କେଉଁ ଦୋଷ ଯେ ସେମାନେ ଦଣ୍ଡ ପାଇବେ ।

ମାଧବ କହିଲା—ଏତେବେଳକେ ଠିକ କଥା ପଦେ କହିଲ ବାବୁ, ମୋ ମନକୁ ଖାସା ପାଇଲା—ନ ହେଲେ ଭ ଶାସ୍ତ୍ରରେ କହୁଛ ଶଠ ଘର ପିଲା ଶଠ ।

ସମସ୍ତେ ତାଟଙ୍ଗା ହୋଇ ଚାହିଁଲେ । ଅଶୋକ କହୁ ଚାଲିଛ—ସାଧୁଆ ପରି ଅନେକ ଲୋକ ଇମିତି କରୁଥିବେ । ଆଜି ନ ହେଲେ ସାଧୁଆ ଧରା ପଡ଼ିଛି । ଲୋକକୁ ଦଣ୍ଡ ଦେଇ ତାକୁ ଭଲ ବାଟକୁ ଆଣି ହୁଏ ନାହିଁ ଅପର୍ଣ୍ଣି...ବୋଟ୍ ନଦଲେ ଖସଡ଼ା ବାଟରେ ପାଦ ଆପେ ଆପେ ଖସିଯାଏ, ଆଜି ସାଧୁଆକୁ ସମସ୍ତେ ଶହାଇ ଦେଲେ, ହସଖୁସିରେ ପାଖ୍ରୁଟି ନେଲେ ତା ଭିତରେ ଚେଇଁ ଉଠିବ ଗୋଟିଏ ନୂଆ ଦଖଲ, ନିର୍ଦ୍ଦୋଷ ମଣିଷ । ଏଇ ପାଞ୍ଚଜଣଙ୍କ ସାମନାରେ ଯେ ତା କଥା ବିଗ୍ଧର ହୋଇଛି ସେଇଥିରେ ସାଧୁଆ ମରି ଶୋଇଲାଣି । ଦେଖୁନା ତାକୁ । ମଲା ସାପକୁ ବାଡ଼େଇ କ'ଣ ଲାଭ ଅଛି ?

ଯା ସାଧୁଆ, ଲଳିତା ଅପା ହାତକୁ ମାହାର୍ଦ୍ଦ ଦେ । ଆଜିଠୁଁ ସେ ତୋର ଭଉଣୀ । ଏଣିକି ଆଜି ବାଟ ମଙ୍ଗଳାଙ୍କୁ ସାକ୍ଷୀ ରଖି କହୁ, ବସ୍ତିର ସବୁ ମା' ଭଉଣୀଙ୍କର ମାନ ଇଜ୍ଜତ ରଖିବାପାଇଁ ତୁ ଆଗୁଆ ହୋଇ ଠିଆ ହବୁ ।

ସାଧୁଆ ଯତ୍ନକୁଳର ଜାବପର ମହାପ୍ରସାଦ ଭଣିକାଏ ଲଳିତା ହାତକୁ ବଢ଼ାଇ ଦେଇ ଡାକିଲା—ଲଳିତା ଅପା । ଆଖିରେ ତାର ଲୁହର ଝରଣା । ଲଳିତା ଓ ସରଳାର ଆଖି ଭିତରେ ଲୁହ ଛକୁଟୁକୁ ହେଲାଣି ।

ମାଧବ ବସିଲାଠାରୁ ଉଠି ଆସି ସାଧୁଆକୁ କୁଣ୍ଢେଇ ପକେଇଲା । ତା ଆଖିରୁ ଟପ୍ ଟପ୍ ହୋଇ ଲୁହ ଗଡ଼ିଲା—ସ୍ନେହର ଖଣ୍ଡ ରତ୍ନାକର

ଭ ଏତେ ବଡ଼ ଦୃଷ୍ଟି ହେଲା...ମଣିଷ ମନ ଭିତରେ ପାପକୁ ତେଜିଲେ ସେଥିରୁ ଆଲୁଅ ବାହାରେ—ତୁ ଶୋଚନା କରୁଛୁ କାହିଁକି ?

ମନ୍ଦା ଦଉଡ଼ି ଆସି ସାଧୁଆକୁ ଜାକି ଧରି ଡାକିଲା—ଭାଇ...

ସେତିକିରେ ଗଦ୍ ଗଦ୍ ହୋଇ ସାଧୁଆ କହିଲା...ମନ୍ଦା ଭାଇ, ମୋର ସବୁ ଦୋଷ କ୍ଷମା କର। ସବୁ କଥା ପାଶୋରି ଦେଇ ତୁ ମୋ ଅପାକୁ ସୁଖରେ ରଖିବୁ ବୋଲି କହ।

—ସେ ସବୁ ହବ ସାଧୁଆ—ଆଜି ଏଇ ଲୁହର ଗଙ୍ଗାଧାରରେ ସବୁ ମଇଳା ଧୋଇ ଯାଇଛି—ଏଇଥର ଦିନ ବାଟମଙ୍ଗଳାଠି ମହୋତ୍ସବ ହେବ, ତୁ ତୋ ଜାତିଭାଇଙ୍କୁ ଡାକି ଆଣିବୁ।

ହରିବୋଲ ଦେଇ ସମସ୍ତେ ଉଠିଲେ—ଅଶୋକ ଆଗକୁ ଚାଲିଲା... ଜମିଦାରବାବୁ, ଗୌରାଙ୍ଗ, ସାଧୁଆ ସମସ୍ତଙ୍କ କଥା ତା ମନ ଭିତରେ ଘୂରି ବୁଲିଲା। ସମସ୍ତେ ଖରାପ—ପୁଣି ସମସ୍ତେ ଭଲ। ଲୁହାକୁ କଅଁଳ କଲେ ବଙ୍କା ହୁଏ, ସେମିତି ମଣିଷ...ଭଲ କଥାରେ, କଅଁଳ ବ୍ୟବହାରରେ ଖରାପ ମସ୍ତିଷ୍କ ବି ଏକଦମ ବଦଳିଯାଏ।

ଛନ୍ଦା ଖବର ପଠେଇଛି ଯିବାପାଇଁ—ହୁଏତ ବଡ ନିଃସଙ୍ଗ ସେ ବୋଧ କରୁଚ...ଅଶୋକ ଯାଇ ପାରିଲେ ଛନ୍ଦା ଖୁବ୍ ସୁଖୀ ହୁଅନ୍ତା...ଖୁବ ଆନନ୍ଦ ପାଆନ୍ତା। ସେ ହସ, ଖୁସି, ଗପସପରେ କେତୋଟି ଘଣ୍ଟା କଟେଇ ଦେଇ।

ଅଶୋକ ଲୁଗା ବଦଳି ବାହାର ବାରଣ୍ଡାକୁ ଆସିଲା...ପିଅନ ନଟ ଠିଆ ହୋଇଛି ପିଣ୍ଡା ଉପରେ।

—କିଓ ନଟ, ତମେ କାହିଁକି ଏତେ ରାତିରେ ?

—ବାବୁ ଆପଣଙ୍କୁ ଡକେଇଛନ୍ତି—କହିଛନ୍ତି ସାଙ୍ଗରେ ନେଇଯିବାକୁ !

—ବାକ୍ସ ନବାକୁ କହିନାହାନ୍ତି ତ ? ରକ୍ଷା ହୋଇଛି।

ନର୍ସ ପଛଆଡ଼କୁ ହାତ ବୁଲାଇ କିଛି ନ ଶୁଣିଲାପରି ମୁଣ୍ଡ ଝୁଣ୍ଡେଇ ଦେଲା ।

—ଆରେ ସାହେବ ଆସିଲେଣି ବଙ୍ଗଳାକୁ ?

—ନାଁ ଆଜ୍ଞା, ଏ ପର୍ଯ୍ୟନ୍ତ ମିଲରୁ ଫେରିନାହାନ୍ତି ।

—ହଉ ତୁ ଯା, ତାଙ୍କୁ କହିବୁ ମୋ ଦେହ ଭଲ ଲାଗୁନାହିଁ । ଚାଲି ଯିବ ।

ନର୍ସ ନମସ୍କାର କରି ଫେରିପଲା—ଅଶୋକ ଭାବିଲା—ହୁଏତ ସେ ନ ଗଲେ ଛନ୍ଦା ମନରେ କଷ୍ଟ ହେବ—ଛନ୍ଦା ହୁଏତ ଖବର ଜାଣିଶୁଣି ନେଇ ତାଙ୍କୁ ଅଡ଼ୁଆଳ ହେଉଛି—ମାତ୍ର ଏଠାରେ ସେ ଯେଉଁ ବିରାଟ କର୍ମ-ଚକ୍ରୀ ଦେଇଛି ସେଥିରେ ତ ସେ ଦୃଢ଼ ଗଣ୍ଠି ଆବଦ୍ଧ ହୋଇ ରହିଛି—ମୁକୁଳେଇ ନାହିଁ ତାର ? ଘର ଭିତରେ ମୁଣ୍ଡରେ ହାତ ଦେଇ ଭାବୁଥିଲା ଅଶୋକ—ଅଜା ହୋଇ ଘର ଭିତରେ ପଶିଲା ସରଳା—ଅଶୋକକୁ ଭାବ-ଗମ୍ଭୀର ଦେଖି ସେ ଥୁଣ୍ଟି ସେଇଠି ଘର ମଝିଠାରେ ଠିଆହୋଇ ରହିଲା ।

କେତେବେଳକେ ଅଶୋକ ମୁହଁଟେକି ଚାହିଁଲା । ସରଳା ସ୍ପଷ୍ଟ ହୋଇ ଦେଖାଯାଉଛି ତା ଆଗରେ—ଢ଼ଳଢ଼ଳ ଡ଼ାଳିଲ ଦେହ—ଗୋରା ତକ ତକ ବାହା—ଭସାଣିଆ ଟଣା ଆଖି—ସୁନ୍ଦର ଚେହେରା । ବାପ ମାଙ୍କ ଅନେକ ଦେଶ ବୁଲି ତାର ଶିକ୍ଷା ହୋଇଛି—ଭଲ ମନ୍ଦ ବୁଝି ପାରିବାର ଶକ୍ତି ହୋଇଛି ।

—ଆପଣଙ୍କ ମନରେ ଆଜି ଖୁବ କଷ୍ଟ ହୋଇଛି, ନାଁ ?—ଖୁବ୍ ଭରସି ଏତକ କହିଲା ସରଳା—ମଟିରେ ତା ପାଟି ଖନ ବାଜିଗଲା—।

—ନାଁ, ସାମାଜିକ ଅନ୍ୟାୟ ଓ ବ୍ୟଭିଚାର ବିରୁଦ୍ଧରେ ତମେ ଅଣ୍ଟା ଭିଡ଼ି ବାହାରିଛ ଦେଖି ବରଂ ମୁଁ ଖୁସୀ ହୋଇଛି ।

ସରଳା ମୁହଁ ତଳକୁ ପୋତି ସେମିତି ସେଇଠି ଠିଆ ହୋଇଛି, କିଛି ଚଳଚଳ ନାହିଁ ।

—ତା ପରେ, ତମ କାମ ଆଜି କେତେଦୂର ଗଲା ? ଅଶୋକ ପଚାରିଲା ।

ସରଳା କହିଲା—ବସ୍ତିର ସବୁ ସାଇରେ କାଗଜ ବଣ୍ଟା ହୋଇଛି । ଛ'ଟି ଘର ସଫା କରା ହୋଇଛି । ସେଇଠି ସ୍କୁଲ ହେବ । ବୋହୂ ଝିଅ ପାଠ ପଢ଼ିବେ, ସିଲେଇ ଶିଖିବେ— ଘରକରଣା ଶିଖିବେ ।

—ଏତେ କାମର ଭାର ତମେ ଏକା ନେଇ ପାରିବତ ?

—ମୁଁ ବସ୍ତିର ଆଉ ସାତୋଟି ପାଠୋଇ ଝିଅଙ୍କୁ ଠିକ୍ କରିଛି— ସମସ୍ତେ ଆଗ୍ରହରେ ଏ କାମ କରିବେ ବୋଲି କହୁଛନ୍ତି ।

—ବେଶ୍, ଶୁଣି ଖୁବ୍ ଖୁସି ହେଲି ।

ଏମିତି ସଂକ୍ଷିପ୍ତ ଉତ୍ତର ଅଶୋକଠୁ ଶୁଣିବାରେ ସରଳା ଅତ୍ୟନ୍ତ ହୋଇ ପଡ଼ିଛି—ଅଶୋକର ମନତଳେ ଆଜ ଯେ ଏକ ଅନ୍ତଃସଲିଳା ଫଲ୍ଗୁ ବୋହି ଚାଲିଛି, ତା ଅଶୋକର ଅନ୍ୟମନସ୍କତାରୁ ବୁଝିପାରିଛି ସରଳା ।

ମାଧବ ବୁଢ଼ା ପଶି ଆସିଲା ଘର ଭିତରକୁ ।

—ଆଉ ସବୁ କିଏ ଆସିଛନ୍ତି, ଘର ଭିତରକୁ ଡାକ ମାଧବ, ସପ ପକାଇ ସମସ୍ତଙ୍କୁ ବସିବାକୁ କହ ।

ଗୋଟି ଗୋଟି ହୋଇ ଘରଭିତରକୁ ପଶି ଆସିଲେ ଶେଖର, ଘନଶ୍ୟାମ, ନାରୁ, ରସିଦ । ମାଧବକୁ ଲକ୍ଷ୍ୟକରି ପଚାରିଲା ଅଶୋକ—ଅଜି ଅପର୍ତ୍ତି ଆସିନାହିଁ ଯେ । ଘନଶ୍ୟାମ ମୁହଁରେ ହସ ଫୁଟି ଉଠିଲା । କହିଲା—ବାବୁ, ଆମେ ସେ ଲୋକଟାକୁ ହାଡେ ହାଡେ ଚହ୍ନିଛୁ । ଆପଣ ତାକୁ କେବେ ବିଶ୍ୱାସ କରନ୍ତେ ନାହିଁ । ନିଜର ଭୁଲ ଘୋଡ଼େଇବା ପାଇଁ ସେ ଅନ୍ୟ ଉପରେ ଦୋଷ ଲଦିବାକୁ କେବେ ପଛେଇବ ନାହିଁ ।

ରସିଦ କହିଲା—ବାବୁ, ଏକ ନମ୍ବର ନିମକହାରାମ ସେ । ଏଇ ବୁଢ଼ା ତାକୁ ଆଣି କାମରେ ଭର୍ତ୍ତିକଲା—ନିଜ ପିଲା ପରି ହାତ ଧରି ତାକୁ କାମ ଶିଖେଇ ମଣିଷ କଲା । ସାହାବ ପାଖରେ ଲାଗି ଲାଗେ ମିଛ ଚୁଗୁଲି କହି ଆଜି ସେ ମିସ୍ତ୍ରୀ ହୋଇ ହାକିମି କରୁଛି—ଲୋକଙ୍କଠୁ କମିଶନ ନେଇ ଚକ୍‌ଚକିଆ ହେଉଛି । ବଡ଼ବାବୁ ଲକ୍ଷ୍ମୀକାନ୍ତଙ୍କ ପଇସା ପି... ମାରି ବଡ଼ ହୁଏ ସେ କଣ ଭଲ ଲୋକ ବାବୁ !

ଅଶୋକର ମୁଣ୍ଡ ଗରମ ହୋଇଗଲା—ଏ ଅଭିଯୋଗ, ... ଅନ୍ୟାୟର ଯେପରି ଶେଷ ନାହିଁ, କଳନା ନାହିଁ ।

କହିଲେ ସେ—ଏ କଥା ଶୁଣିବାକୁ ମତେ ଆଜ ଭଲ ଲାଗୁ ନାହିଁ ରବି । ଏଇ କେତେ ଦିନ ଭିତରେ ଏଠି ଯାହାକୁ ଦେଖିଚି, ଯାହା ସାଙ୍ଗରେ ମିଶିଚି...ତାଠି କିଛି ନା କିଛି କଳଙ୍କ ଅଛି । ତମେ ସମସ୍ତେ ଅମୁହାଁ ହୋଇ ଗୋଟାଏ ରାସ୍ତାରେ ଠେଲି ପେଲି ହୋଇ ଚାଲୁଚ—କାହାର ବାଧା, ଭଙ୍ଗୁଆ ଛୁରୀ ମାଡ଼ରେ କିଏ ସେ ପଛରେ ପଡ଼ି ରହୁଚି ତାର ହିସାବ ତମେ ରଖୁନା । ଏଠିକାର ବାୟୁମଣ୍ଡଳ ବିଷାକ୍ତ ହୋଇ ଯାଇଚି ।

ମାଧବ କହିଲା—ଏହାର ଭଲ କିଛି ପ୍ରତିକାର ନାହିଁ ବାବୁ !

ଅଶୋକ ସେମିତି ଉତ୍ତେଜିତ ସ୍ୱରରେ କହିଲା—ହଁ ନିଶ୍ଚୟ ଅଛି । ତମେମାନେ ସମସ୍ତେ ଏକା ସାଙ୍ଗରେ ଚେଷ୍ଟା କଲେ ଏହାର ପ୍ରତିକାର ହୋଇ ପାରିବ । ଏ ଭୁଇଁ, ଏ ମଣିଷ ସମସ୍ତେ ସୁନା ହୋଇଯିବ । ତମର ଦୋଷ ସବୁଠିଁ ରହିଚି—ସାମାଜିକ ଜୀବନରେ ତମେ ଉଦାସୀନଙ୍କୁ ଖସି ପଡ଼ିଚ—କାହାରି ଲାଗି କାହାରି ସ୍ନେହ ମମତା ନାହିଁ—ସବୁବେଳେ ନିଜ ନିଜ ଭିତରେ ହିଂସା, ପର ଉପରେ ଦାଉ ସାଧିବାର ପାଶବିକ ପ୍ରବୃତ୍ତି ଏଠି ବସା ବାନ୍ଧି ରହିଚି—ମଦ, ଜୁଆ, ମାଇକିନିଆଁରେ ପଇସା ପାଣି ପରି ଉଡ଼ି ଯାଉଚି । ଖାଲି ମାଲିକ ଚକ୍କରେ ବେଶୀ ମଜୁରି ପାଇବା ପାଇଁ ଲଢ଼େଇ କଲେ ହେବ ନାହିଁ—ଯଦି ତମର ନିଜ ଚୁଞ୍ଚ ଠିକ ନ ରୁଏ ତା ହେଲେ ଯେତେ ବେଶୀ ପଇସା ପାଇବ ସେତେ ଅଶାନ୍ତି ବଢ଼ି ଉଠିବ ।

ଶୋଭନ କହିଲା—ଆମକୁ ରାସ୍ତା ବତାଅ ବାବୁ, ଆମେ ଯେମିତି ମଣିଷ ହେବୁ, ଶାନ୍ତି ପାଇବୁ, ଆମ ଆଖି ଯେମିତି ଫିଟିବ—ସେଇ କଥା ଆମକୁ କୁହ ।

—ସେ ରାସ୍ତାର ମୂଳଦୁଆ ତମେ ଇଚ୍ଛା କଲେ ପକେଇ ମଜଭୁତ କରି ପାରିବ ଶୋଭନ ! ତମେ ସମସ୍ତେ ଏକଜୁଟ ହୁଅ, ଛତିଶ ପାଟକ କଥା ଭୁଲି ଯାଅ ତମେ ଗୋଟାଏ ଜାତି ବୋଲି, ଖଟିଖିଆ ଜାତି—ନିଜ ନିଜ ଭିତରେ ଫରକ ନାହିଁ—ଜଣେ ଜଣକୁ ଭଲ ପାଇବାକୁ ଶିଖ—ତାହେଲେ ଶତ୍ରୁର ଖଣ୍ଡା ବ ନଇଁ ପଡ଼ିବ ।

କଳଘର ଖଟଣି ଅପେକ୍ଷା ଏଠି ବେଶୀ ଖଟିବାକୁ ପଡ଼ିବ ଏଥିପାଇଁ— ତମର ନିଜର ସଙ୍ଗଠନ ଗଢ଼ିବାକୁ ହେବ—ସମସ୍ତେ ଏକଜୁଟ ହୋଇ ଇଚ୍ଛା କଲେ ଦିନ ପାଞ୍ଚୁଟା ଭିତରେ ଏ ଭୂଇଁ ହସି ଉଠିବ।

ମିତୁ କହିଲା—ଆମେ ସମସ୍ତେ ଖଟିବାକୁ ତିଆର ଅଛୁ ବାବୁ।

—ବେଶ୍, ତା ହେଲେ ଆଜି ଏଇଠି ବସି ପ୍ରତି ସାଇରୁ ଜଣେ ଜଣେ ମୁଖିଆ ଲୋକ ବାଛି ଦିଅ। ତାଙ୍କ କଥା ମାନି ସାଇରେ ସମସ୍ତେ ଚଳିବେ। ଦଙ୍ଗା ହେଙ୍ଗାମ କିଛି ହେଲେ, କାହାର ବିପଦ ଆପଦ ପଡ଼ିଲେ ଶ୍ରମିକ ପଞ୍ଚାୟତ ତା'ର ବିଚାର କରିବେ, ବ୍ୟବସ୍ଥା କରିବେ। ଶ୍ରମିକ ପଞ୍ଚାୟତ ପାଇଁ ବାଟମଙ୍ଗଳାଙ୍କଠି ଘର ତୋଳ। ଆଇଲା, ଗଲା, ଅତିଥି ଅଭ୍ୟାଗତ ସେଇଠି ରହିବେ—ତମେ ପାଞ୍ଚଭାଇ, ପଚିଶ ଭାଇ ବି ସେଇଠି ବସିବ— ମସୁଧା କରିବ, ନ୍ୟାୟ, ଅନ୍ୟାୟ, ବିଚାର କରିବ। ସାଇର ଟୋକା କାମରୁ ଫେରିଲା ପରେ ଏକଜୁଟ ହୋଇ ଦିନକୁ ଘଣ୍ଟାଏ ଦି'ଘଣ୍ଟା କୋଡ଼ି କୋଦାଳ ନେଇ ମାଟି କାମ କର ଏ ରାସ୍ତାଘାଟକୁ ସମତୁଲ କର—ଠାକୁରାଣୀ ଗାଡ଼ିଆରୁ ଦଳ କାଢ଼—ଅସନା ଅଳିଆ ବସ୍ତି ବାହାରେ ଗୋଟାଏ ଜାଗାରେ ଜମାଇ ରଖ—ବାଉର ଯାଗା ଚେନାକ ଉଠିଆ କର; ଫୁଲ, ପତ୍ରକ, ପନପରିବା, ଗଛ ଦି'ଟା ଲଗାଅ—ଘର ମାଇପିଙ୍କୁ କିଛି କାମ ଶିଖାଅ, ଘରକରଣା ଶିଖାଅ, ସେମାନେ କଳିକଜିଆ ବାଦ ହିଂସା ସବୁ ଭୁଲିଯିବେ।

ସମସ୍ତେ ବଲବଲ ହୋଇ ଅନେଇ ରହିଚନ୍ତି ଅଶୋକକୁ—ତାହାର ପାଟିରେ କଥା ନାହିଁ।

—କାଲିକି ସବୁ ଯୋଗାଡ଼ କର ସମସ୍ତେ। ମୁଁ ତମ ସାଙ୍ଗରେ ମିଶି କାମ କରିବି। ତମେ ମନ ଦେଲେ ସବୁ ହୋଇ ପାରିବ।

—ଆପଣ ମଣିଷ ନୁହନ୍ତି, ଆମ ଆଗରେ ଆପଣ ଦେବତା—ଆପଣ ଗରିବ ଲୋକଙ୍କର ମା, ବାପ...ଘନଶ୍ୟାମ କହିଲା ଗଦ୍‌ଗଦ କଣ୍ଠରେ।

ଧଇଁ ସଇଁ ହୋଇ ନାବକ ଦଉଡ଼ି ଆସିଲା—ଘନିଆ ଭାଇ, ଏଠି ଅଛୁ କିରେ ?

ସମସ୍ତଙ୍କୁ ବିଶେଷତଃ ଅଶୋକକୁ ଏମିତି ଫୁଙ୍ଗୁଳା ବେଶରେ ଦେଖି ସେଇଠି ଅପ୍‌କନା ଠିଆ ହୋଇ ପଡ଼ିଲେ……।

ଘନଶ୍ୟାମ କହିଲା—ମୋ ପିଇସି ପୁଅ ଭାଇ ବାବୁ, ଫେରେଇ କଳରେ କାମ କରେ । କଣ ହେଲା ନବା……।

ଉଣା ମନ, ଶୁଖିଲା ମୁହଁରେ ନାବନ କହିଲା—ହେଲାନାହିଁ ଭାଇ—ଶେଷକୁ ସାହାବ ଗୋଡ଼ତଳେ ପଡ଼ିଲି, ହେଲେ ତା ମନ ଟିକିଏ ତରଳିଲା ନାହିଁ । ତୁଇ ମ'ତ ରଖ ଘନଆ ଭାଇ !

—କଣ ହେଉଚି ନବାର ?

—ହବ କଣ ବାବୁ, ବଦମାସ ଟୋକା—କମେଇ ଯୁଆଡ଼େ ପେଟ ସିଆଡ଼େ । ବାପ ପିଅନ ଗୁଳିଖି କରି ମାଣେ ଭୂଇଁ କରି ଯାଇଥିଲା—ଖଜଣା ଟିକସ ବକେୟାରୁ ତିନି ସହିତ ସବୁ ନିଲମ ହଉଚି । ହେଲେ ବାବୁ ବିପଦ ଆପଦ ପଡ଼ିଲେ ମାଲିକ ଯଦି ଆମକୁ ନ ଚଳେଇବ, ଆମେ ଏତେ ହାଡ଼ ଭାଙ୍ଗି ଖଟିବୁ କାହିଁକି ?

—ସତକଥା କହିଲୁ ଘନ, ହେଲେ ତମେ ପଚଶ ଜଣ ଇଚ୍ଛା କଲେ କଣ ନବାର କାମଟା ରହିଯିବ ନା କାହାର ବାହା, ପୁଅଣି ଟଙ୍କା ପାଇଁ ବନ୍ଦ ହୋଇଯିବ ? ନିଜ ବାହା ଉପରେ ଭରସା ରଖି ଏମିତି କେତେଦିନ ତମେ ପରର ଅନୁଗ୍ରହ ଉପରେ ନିର୍ଭର କରି ମାଗି ଯାଚି କାମ ଚଳେଇବ ?

ରସିଦ କହିଲା—ଆଜି ନେଲୁ, କାଲିତ ପୁଣି ଆମରି କମେଇରୁ ଶୁଝିବୁ, ନା ମାଲିକ ଆମକୁ ଛାଡ଼ିଦେବ ? ସୁଧ କଡ଼ା ବରକତ କଷି ଅସୁଲ କରିବ ।

—ଆରେ ମୁଁ କହୁଚି ମାଲିକ ତମରି କମେଇରେ ତ ସୁଧ ଲଗଉଚି, ତା ତମେ ନ କରୁଚ କାହିଁକି ? ଯଦି ତମେ ସମସ୍ତେ ମିଶି ମାସକୁ ଆଠ ଅଣା ଜମା କରି ଗୋଟିଏ ପାଣ୍ଠି କରନ୍ତ, ତାହେଲେ ମାସକୁ ଦେଢ଼ ହଜାର, ସାତ ପା ଟଙ୍କା ଜମା ହୁଅନ୍ତା…ସେଇଥିରୁ କରଜ ଦେଇ ସମସ୍ତଙ୍କ ଗୁଜୁରାଣ ମେଣ୍ଟନ୍ତା । ଟଙ୍କା ବି ବଢ଼ନ୍ତା….ସମସ୍ତେ ମୁନାଫା ପାଆନ୍ତ ।

ସାଧବ ମନକୁ କଥାଟା ଲାଗି ଘେନିଲା । କହିଲା, ସେଇଆ ହବ ବାବୁ, ଏ ମାସଠୁଁ ସେଇଆ ହବ, ତମ କଥା ଅକ୍ଷରେ ଅକ୍ଷରେ ଆମେ ସମସ୍ତେ ମାନି ଚଳିବୁ । କେତେ ଟଙ୍କା ତୋର ଦରକାରରେ ନବ ?

ଧାନବଣ ଆବାଜାବା ହୋଇ କହିଲା — ପଚିଶ ଟଙ୍କା....

ଆମେ ନାଲି ଲଗେଇ ସୁଧା ଭରି ଦେବୁ ପଚିଶ ଟଙ୍କା, କିନ୍ତୁ ଭାବନା କରନା—ଆଜି ବାବୁ ତ ଆମର ଆଶାଭରସା । ତାଙ୍କର କଥା ମାନି, ବୋଲ କରି ସମସ୍ତେ ଲାଗିପଡ଼ — ଆମ ଅବସ୍ଥା ବଦଳିବାକୁ ବେଶୀ ସମୟ ଲାଗିବ ନାହିଁ, ଭଗବାନ ଦୁଃଖୀର ଗୁହାରି କେତେଦିନେ ଶୁଣିବେନି ।

ତନ୍ମୟ ହୋଇ ଶୁଣୁଥିଲେ ଅଶୋକ । ଟେଙ୍କନିଆ କଥାରେ କହିଲେ ସେ —ସାବାସ, ମୁଁ ତମମାନଙ୍କଠୁ ଏତିକି ଆଶା କରିଥିଲି । ତମେମାନେ ମନେରଖ ଆଜି ଶହେଟା ସିଂହର ବଳ ଦେଖେଇଚ—ଏଣିକି ତମମାନଙ୍କ ଉପରେ କେହୁ ଜୁଲମ କରିପାରିବ ନାହିଁ । କାଲିଠାରୁ ସମସ୍ତେ କାମରେ ଲାଗିପଡ଼ । ଯାଅ ସମସ୍ତେ......

ସମସ୍ତେ ଜଣ ଜଣ କରି ପଦାକୁ ବାହାରିଗଲେ । ସାଧବ ଡାକିଲା... ସର, ସରଳେ, ଆ ଯିବା ।

କିନ୍ତୁ ଜବାବ ନାହିଁ । ସରଳା ଗଲା କୁଆଡ଼େ ?—ପ୍ରକୃତିସ୍ଥ ହୋଇ ଭାବିଲେ ଅଶୋକ—ଏତେ କଥା ମଝିରେ ତ ସେ ସରଳାକୁ ଏକାବେଳକେ ଭୁଲିଯାଇଚି — ତାର କଥାରେ ଆଗ ନଥିଁକୁ ଡେଇଁଚି ସରଳା···ମନଦୁଃ ଢାଳି ଦେଇଚି ତାର ଇଙ୍ଗିତରେ ।

ଭିତରକୁ ପଶିଗଲେ ଅଶୋକ । ସରଳା ଗୋଟାଏ କଣକୁ ଠିଆ ହୋଇଚି...ଆଖିରୁ ତାର ଶ୍ରାବଣର ଧାରି ପରି ଲୁହର ଧାର ଛୁଟି ଚାଲିଚି ।

ସାମନାରେ ଅଶୋକଙ୍କୁ ଦେଖି ଅପ୍ରସ୍ତୁତ ହୋଇ ପଡ଼ିଲା ସରଳା— କାନି ପଣତର ଲୁହ ପୋଛି ସେ ଦାଣ୍ଡକୁ ବାହାରିଗଲା । ସାଧବର ସନ୍ଦେହ ଘୁଞ୍ଚେଇବାକୁ ଯାଇ କହିଲା—ଟିକିଏ ଧୂଆଁ ମାଡ଼ିଥିଲା ବାପା । ସାଧବ ଝିଅ ଉପରେ ଢୁଲୁ ଢୁଲୁ କହିଲା—ବାବୁଟି ଖାଣ୍ଟି ମଣିଷ ସିଏ ! ପର ଉପକାର ପାଇଁ କିଏ ଏତେ ଧାଇଁବ—କିଏ ଜନସେବା କରିବ ବୁଲି

ମୂଲିଆଙ୍କ ପାଇଁ ? ତୁ ଶୋଇଲୁ—ବାବୁ ଯାହା କାମ ବରାଦ କଲେ ଶୁଣିଲୁଟିକି ?

କଥାଗୁଡ଼ାକ ସରଳାର ଏ କାନରେ ପଶି ସେ କାନରେ ବାହାରି ଗଲା—ସେ ହଁ ଚୁଁ କିଛି ନ କହି ଆହୁରି ଧମସରେ ଆଗକୁ ଗୋଡ଼ କାଢ଼ିଲା ।

ନିର୍ବାକ୍, ନିଷ୍ପନ୍ଦ ଭାବରେ କୋଠରୀ ମଝିରେ ସେମିତି ଅଶୋକ ଠିଆ ହୋଇ ରହିଲା—ହାଲୁକା ମନ ଭିତରେ ତାର ପୁଣି ପୋକ କାଟିଲା....କାହିଁକି କାନ୍ଦୁଚି ସରଳା ? ସେ ତାର କିଛି ଖୋଜ ଖବର ନେଇ ନାହିଁ ବୋଲି ! ଯା ଛଡ଼ା ଆଉ କିଛି ଭାବି ପାରିଲା ନାହିଁ ଅଶୋକ । ସରଳା ଆଜ କାନ୍ଦୁଚି, କାଲି ହସିବ । ହସ, କାନ୍ଦର କାରଣ ଖୋଜି ବସିଲେ ଖାଲି ଭାବନାରେ ଦିନ ଗଡ଼ିବ ସିନା, କାମ କିଛି ହେବନାହିଁ ।

ତଥାପି ନିସ୍ପୃହା ସରଳାର ବିବେକୀ ନାସ୍ତିକ ପାଖରେ ନଇଁ ପଡ଼ିଲା ଅଶୋକର ମୁଣ୍ଡ......ମନ ଭିତରେ ତାର ଅଜସ୍ର କ୍ରନ୍ଦନର ଧ୍ୱନି ଗୁମୁରି ଉଠିଲା ।

ଭିତରେ ହଜାର ହଜାର ଯନ୍ତ୍ର ଚାଲିଚି...ଟିକିଏ ହେଲେ ଉଲମ ବିରାମ ନାହିଁ—ଏକାପରି କାମ କରିଯାଉଚି...ବାହାରେ ଦାନବ ପରି ନକ୍ତିଆଗରୁଠୁଁ ଉଚ୍ଚ ଚିମ୍‌ନି...କଳା ଧୂଆଁର କୁଣ୍ଡଳୀ ସୃଷ୍ଟି କରି ଚାଲିଚି—ଯନ୍ତ୍ରକୁ ଶକ୍ତି ସାମର୍ଥ୍ୟ ଦେଉଚି ସେ—ଭିତରେ କଳା ଭୋଚଟ ହୋଇ କାମ କରୁଛନ୍ତି ଶହ ଶହ ଲୋକ—ଏମାନେ ନ ଥିଲେ ଏ କଳ ଚାଲନ୍ତା ନାହିଁ...ନୂଆ ଜିନିଷର ସୃଜନ ବନ୍ଦ ହୋଇଯାଆନ୍ତା ।

ଅଥଚ ଏତେଗୁଡ଼ାଏ ମଣିଷଙ୍କୁ କଳ ପରି ନିର୍ଜୀବ ଭାବିଚନ୍ତି ସମସ୍ତେ, ଯାହାର ରଞ୍ଜନବାବୁ ବି । ମନେ ମନେ ହସି ଉଠିଲା ଅଶୋକ ।

ବାହାରେ ସଲାମ ଦେଲା ଚପ୍ରାସୀ ।

—କଣ !

—ହଜୁର, ସେକ୍ରେଟେରୀ ସାହେବ ଡାକୁଛନ୍ତି...

ଅଶୋକ ଉଠିପଡ଼ି ଗଲା । ସାମନାର ଚୌକି ଟାଣି ବସୁ ବସୁ କହିଲା—ନମସ୍କାର ସାର୍ ।

ମୁହଁକୁ ତଳକୁ ପୋତି ମାନ୍ଦାର ଗମ୍ଭୀର ଭାବରେ କହିଲେ—ନମସ୍କାର! ଟିକିଏ ରହି ଆରମ୍ଭ କଲେ ..ଅଶୋକବାବୁ, ମୁଁ ଆପଣଙ୍କୁ ଡେକେଟା ଘଟେଇ କଥା ମାନେ ଏକାନ୍ତ ପରଶାନାଲ ବ୍ୟାପାର ନେଇ ଡାକିଛି ।

ଉପରକୁ ବେପରୁଆ ଭାବରେ ବୁଝିଁ କହିଲା ଅଶୋକ—କୁହନ୍ତୁ ସାର!

—ତା କହିବା ପୂର୍ବରୁ, ଆଶାକରେ ଆପଣ ବୋଧହୁଏ ଏହା ଭିତରେ ପରିଚାଳନାର ପଲିସି ବିଷୟରେ ଜାଣିଥିବେ ।

ଆଶ୍ଚର୍ଯ୍ୟ ଭାବରେ ଅଶୋକ କହିଲା—ହଁ, ଏଇ ସାଧାରଣ ଭାବରେ କିଛି ଜାଣେ । ମାତ୍ର ବିଶେଷ କିଛି ଥିଲେ, ଆପଣ ତା ମତେ ଦେବେ କହି ନାହାନ୍ତି ।

—ତେବେ ଶୁଣନ୍ତୁ ଅଶୋକବାବୁ, ଏଇଟା ଆପଣଙ୍କ ପାଇଁ ଗୋଟିଏ ଟେଷ୍ଟିଂ ଗ୍ରାଉଣ୍ଡ—ପରୀକ୍ଷା କ୍ଷେତ୍ର । ଆପଣ ପଢ଼ିଥିବେ, ଆଜିକାଲି ପ୍ରତ୍ୟେକ ବ୍ୟବସାୟ କେମିତି ଡିପ୍ରେସନ୍ ଓ ଲୋକସାନ ଦେଇ ଚାଲିଛି—ବଜାରରେ ଚାହିଦା କମିଯିବା ସାଙ୍ଗେ ସାଙ୍ଗେ ଭଲ ଜିନିଷର ଆଦର ଚଢ଼ିଛି । ଏ ଅବସ୍ଥାରେ ଏ ଶିଳ୍ପକୁ ବଞ୍ଚାଇବାକୁ ହେଲେ ଖାଲି ଯେ କଠିନ ପରିଶ୍ରମ ଦରକାର ତା ନୁହେଁ, ବରଂ ସବୁଠୁଁ ବେଶୀ ଦରକାର ବୁଦ୍ଧିର—ବୁଦ୍ଧିମାନ ପରିଚାଳନାର ।

—ମୁଁ ଆପଣଙ୍କ ସହିତ ଏକମତ ସାର୍ ।

—କିନ୍ତୁ ଅଶୋକବାବୁ! ଆପଣ ଯେପରି ଭାବରେ ଓ୍ୱାର୍କର୍ସ କମିଟିରେ ପରିଚାଳନାର ସମାଲୋଚନା କଲେ ତା ତ ବୁଦ୍ଧିମାନର କାମ ହେଲା ନାହିଁ । ଏଇ ପରିସ୍ଥିତିରେ ଆମେ ସମସ୍ତେ ବିଚକ୍ଷଣତା ଦେଖାଇ ପାରିଲେ ମାଲିକ ସାଥେ ସାଥେ ଆମର ବି ଯଥେଷ୍ଟ ଉନ୍ନତି ହେବ । ବିଶେଷତଃ ମ୍ୟାନେଜରଙ୍କର ଆତ୍ମୀୟ ବନ୍ଧୁଙ୍କ ପୁଅ ହିସାବରେ ଆପଣଙ୍କର ଯଥେଷ୍ଟ ପଦୋନ୍ନତି ହେବାର ସମ୍ଭାବନା ଅଛି ।

—ମୁଁ ତ ଆପଣଙ୍କର ଏ ସବୁ କଥାରୁ କିଛି ବୁଝିପାରୁ ନାହିଁ ସାର୍ !

—ବୁଝିବ, ବେଶ୍ ବୁଝିବ । ମୋର ମୋଟାମୋଟି କହିବାର ମତଲବ ତମେ ଟିକିଏ ବେଶୀ ଶ୍ରମିକ ଆଡ଼କୁ ଢଳି ପଡ଼ିଛ ଆଉ ସେଇଟା ଏ ମିଲ୍ ପକ୍ଷରେ ଖୁବ୍ ଅନିଷ୍ଟକର । ···ମିହିରରଞ୍ଜନ ମୁହଁଟେକି ଅଶୋକଆଡ଼େ ଚାହିଁଲେ । ତାଙ୍କ ଓଠ ଫାଙ୍କରେ ଫୁଟିଲା ହସ ।

ନିର୍ଭୀକ ଭାବରେ ଅଶୋକ କହିଲା—ମୁଁ ନ୍ୟାୟ ଆଡ଼କୁ ଠିକ୍ ଢଳିଛି ସାର୍, ଆଉ ମୋର ମନେ ହୁଏ ସେଇଟା ଏ ମିଲ୍ ପକ୍ଷରେ ସବୁଠାରୁ ମଙ୍ଗଳପ୍ରଦ ।

କଟେଇ ଚାହିଁଲେ ମିହିର—ବେଶ୍, ଆପଣଙ୍କ ଇଚ୍ଛା, ମ୍ୟାନେଜର ସାହେବ କହିଥିଲେ ତମକୁ ଏ କଥା ଜଣାଇଦବାକୁ । ସେ ବାସ୍ତବିକ କାଲିର ଘଟଣା ଶୁଣି ବଡ଼ ମର୍ମାହତ—ମତେ ଅବଶ୍ୟ କହିଲେ ଅଶୋକ ପିଲା ଲୋକ, ତାକୁ ଡ଼ାକି ବୁଝାଇ ଦେବ । ଏଣିକି ଆପଣଙ୍କ ଇଚ୍ଛା ।

—ମୋର ମଙ୍ଗଳ କାମନାପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ ସାର୍ !

ଉଠିପଡ଼ି ପଛକୁ ବୁଲିପଡ଼ିଲା ଅଶୋକ । ମିହିର ଥରେ ଅଗ୍ନି ଦୃଷ୍ଟିରେ ଚାହିଁଲେ ସେଇଆଡ଼େ । ପଛରୁ ଡ଼ାକିଲେ—ଆହୁରି ଶୁଣନ୍ତୁ ଅଶୋକବାବୁ, ମ୍ୟାନେଜର ସାହେବଙ୍କ ହୁକୁମ ଆପଣ କାଲିଠାରୁ ଶ୍ରମିକ ବସ୍ତି ଛାଡ଼ି ଅଫିସର ପଡ଼ାରେ ରହିବେ ।

—ଆପଣ କହିଦେବେ, ମତେ ସେଠି ବେଶ୍ ଆରେଇ ଗଲାଣି, ମୁଁ କୁଲି ବସ୍ତି ଭିତରେ ରହିବି ।

ନମସ୍କାର କରି ଚାଲିଗଲା ଅଶୋକ । ମିହିରରଞ୍ଜନ ଗମ୍ଭୀର ଅପମାନରେ ଫୁଲି ଉଠିଲେ—କାଲିକାର ଏଡ଼େ ଟିକିଏ ପିଲା, ଅଥଚ ଦମ୍ଭକ୍ ଦେଖ । ମିହିର ଅନେକ କଥା କହିବାକୁ ମନେ ମନେ ଭାବିଥିଲେ, କିନ୍ତୁ ଅଶୋକର ପ୍ରଭାବଶାଳୀ ବ୍ୟକ୍ତିତ୍ୱ ପାଖରେ ସେ ଶେଷକୁ ହାର ମାନିଗଲେ । ଏ ତୀବ୍ର ଅପମାନର ପ୍ରତିଶୋଧ ସେ ଦିନେ ନା ଦିନେ ନେବେ । ଉତ୍ତେଜିତ ଭାବନା ଭିତରେ ଡହଳ ବିକଳ ହୋଇ ଛଟପିଟି ହେବେ ସେ । ଟେବୁଲ୍ ଉପରେ ଥୁଆ ହୋଇଥିବା ଗିଲାସକ ପାଣି ସେ ଏକା ନିଶ୍ୱାସକେ ପିଇଗଲେ ।

ଚପ୍ରାସୀ ଭିତରକୁ ପଶି ଆସିଲା । ସାହେବଙ୍କୁ ଏମିତି ରୁଦ୍ର ବେଶରେ ଦେଖି ସେ ଶଙ୍କିଗଲା ।

—କଣ...କର୍କଶ କଣ୍ଠରେ ପଚାରିଲେ ମିହାର ।

—କଲଘରର ଅପର୍ତ୍ତି ମଲ୍ଲିକ ବାହାରେ ଠିଆ ହୋଇଛି ହଜୁର ।

—ଭିତରକୁ ଡ଼ାକ ।

ଅପର୍ତ୍ତି ଭିତରକୁ ପଶି ଆସିଲା । ମିହାରରଞ୍ଜନଙ୍କ ମୁଣ୍ଡ ଭିତରେ ସଇତାନ ଚେଇଁ ଉଠିଲା । ସାମନାକୁ ଅନେଇ ଟିକଏ ହସିଦେଲେ ମିହାର । କହିଲେ—ବସ ।

ସନ୍ତର୍ପଣରେ କଣରେ ଗୋଟାଏ ଚୌକିରେ ବସି ପଡ଼ିଲା ଅପର୍ତ୍ତି ମଲ୍ଲିକ ।

—ମୋ ସାମନାରେ ବସ ଅପର୍ତ୍ତି ।

—ଅପର୍ତ୍ତି ଆଦେଶ ମାନି ସାମନା ଚୌକିରେ ବସିଲା ।

—ତମକୁ ତମ ଡିପାର୍ଟ ସାହେବ କିଛି କହିଥିଲେ ?

ଅପର୍ତ୍ତି ହାତମଲି କହିଲା—ହଜୁର, ସବୁ ଆପଣଙ୍କ ଦୟା, ଆପଣ କଲମ ମୁନରେ କେତେ ଲୋକ ଆତଯାତ କରୁଛନ୍ତି । ଆମ ପେଟ କଥା କ'ଣ ଆପଣଙ୍କୁ ଲୁଚିଛି ?

—ତମ ବସ୍ତିର ଆଉ ସବୁ ଖବର କଣ, କାଲି ରାତିରେ ଅଶୋକ ବାବୁଙ୍କ ଘରକୁ ଯାଇଥିଲ ?

—ନାଇଁ ହଜୁର, କାମରୁ ଖଟି ଖଟି ଯାଇ କାହାକୁ ଏତେ ବେଳ ଅଛି ଭୁଚ୍ଛା ଗପଗୁଡ଼ାଏ ଶୁଣିବାକୁ । ଧାନ କୁଟିଲେ ସିନା ଚାଉଳ ବାହାରିବ, ତଷୁ କୁଟିଲେ କଣ ମିଳିବ ।

—ଠିକ୍ ବୁଝିଚ ଅପର୍ତ୍ତି ! ଏ ଅଛେଇ ଘନଆ କଥା—ପଛରେ ପିଠିରେ କେହି ପଡ଼ିବେ ନାହିଁ ।

—ଆଉ କଣ ହଜୁର, ଆମେ ଯେଠିକର ଲୋକ ସେଠିକରେ ରହିବା ନାଁ—ଗିଣ୍ଡି ହୋଇ ଦୀପରୁଖା ଉପରକୁ ଉଠିଲେ କୋଉ ସୁନ୍ଦର ।

—ଆଉ କଣ ଚାଲିଚ, ଶୁଣାଶୁଣି କରନା ?

—ହଜୁର, କିଛି ଶୁଣିନି ନାହିଁ । ତେବେ ବଡ଼ଗୋଟାଏ ତାଜବ କଥା— ସକାଳୁ କାମକୁ ଆସିଲା ବେଳେ ଦେଖିଲି ସାଇ ଭିତରେ କୋଡ଼ିଗାଣ୍ଡୁଆ ନେଇ ଲୋକ ରାସ୍ତାଘାଟରେ ମାଟି ପକେଇବାରେ ଲାଗିଚନ୍ତି । ଠାକୁରାଣୀ ମୂଳକୁ ଆସିଲା ବେଳକୁ ଆଣ୍ଠୁଏ ବହଳ ମୂଳଦୁଆ ପଡ଼ିଚି । କାଲି ତ କିଛୁ ହେଲେ ଚିହ୍ନବର୍ଣ୍ଣ ନଥିଲା—ରାତିକ ଭିତରେ କି ପାଞ୍ଚ ହେଲା କେଜାଣି ସକାଳୁ ଏତେ କଥା—ଶୋଭନ ମିଆଁକୁ ରାସ୍ତାରେ ଦେଖି ସବୁ ହାଲ [illegible] ବୁଝିଲି । ଅଶୋକ ବାବୁ କୁଆଡେ ରାତିରେ କହୁଚି ଏ ସବୁ କରିବାକୁ—ସମସ୍ତେ ଏକ ହୋଇ ମେଳ ବାନ୍ଧିବାକୁ ।

—ଏତେବେଳେ ଅକଲରେ ପଶୁଚିତ ଅପର୍ତ୍ତି ? ଯା ଫଳ କଣ ହବ ବୁଝୁଚ ? ଅପର୍ତ୍ତି ମଲିକ ଅବାକ୍ ହୋଇ ରହିଲା ।

—ମେଳ ବାନ୍ଧି ଶେଷକୁ ଯାଚି ଗୁଣ୍ଡ ହବ । ଅପର୍ତ୍ତି କାହିଁକି ଏତେ ପ୍ରଚାର କରୁଚ, ମୋର କାହିଁକି ଏଡ଼କି—ବଳ କଷାକଷି ହେବ, ବୁଝିଲ ?

—ସେଇଆ ନୁହେଁ ଆଉ କଣ ହଜୁର—ଆମ ଗାଇଁରେ ପେଜଖିଆ ଘର ଶାଗଖିଆକୁ ଉ ଆଖିରେ ଦେଖି ପାରବ ନାହିଁ ।

—ଜାଣିବା ଶୁଣିବା ଲୋକ ହୋଇ, ତମମାନଙ୍କର ଏ ସବୁ ବନ୍ଦ କରିବା ଉଚିତ ।

—ସେଥିପାଇଁ ତ ସେଠିକି ଆଉ କାଲିଠୁଁ ମାଡ଼ିବାକୁ ନାହିଁ ହଜୁର ।

—ଭୁଲ କରୁଚ ଅପର୍ତ୍ତି ! ସେଠିକି ଯାଉ ଯାଇ, ତାଙ୍କ ଦଳ ସାଙ୍ଗେ ମିଳ ଭାବରେ ମିଶି ଭିତରେ ଫଟେଇବାକୁ ଚେଷ୍ଟା କର, ଲୋକ ଗୁଡ଼ାଏ ଆମ ତରଫକୁ ଆଣିବାକୁ ଚେଷ୍ଟା କର । ପାରିବ ଗୋଟାଏ ଦଳ ସୃଷ୍ଟିକରି ?

—ହଜୁର ପାରିବ ନାହିଁ କାହିଁକି, କେତେ କେତେ ଧର୍ମଘଟ ମେଳ ଲାଇ ଆସିଚି ଏଇଟା କବା କଥା ! ହେଲେ ହଜୁରଙ୍କ ଦୟା ଟିକିଏ ହେଲେ ହେଲା ।

—ଟଙ୍କା ତ ? ଯେତେ ଟଙ୍କା ଦରକାର ପଡ଼ିବ ପାଇବ । ଏବେ କେତେ ଲୋକ ଅଛନ୍ତି ହାତରେ ?

—ହଜୁର, ଲୋକ ହଜାରେ କଣ ନାହାନ୍ତି ?...ହାତ ମଳି ମୁରୁକି ହସି କହିଲା ଅପର୍ତ୍ତି—ଆପଣ ଖାଲି ଆଙ୍ଗୁଠି ଦେଖେଇଲେ ମୁଁ ଦନ ଆଠୁଟାରେ ବାହା ଗିଳିଯିବ—ସବୁ ଓଲଟେଇ ପକେଇବ ।

—ସାବାସ୍......

—ହୁଁ, ତମ ଝିଅ ବାବଦ୍‌କୁ ନିଅ ଏ ଟଙ୍କା—ପାଞ୍ଚଶ ଅଛି, ଠିକ କାମ କଲେ ଆହୁରି ବକ୍‌ସିସ୍ ପାଇବ ।

ଟଙ୍କା ବିଡ଼ାକ ଅପର୍ତ୍ତି ମଳିଛ ପକେଟରେ ପୂରାଇଲା । ମାହାର ସେଇଆଡେ ହଂସ ଆଖିରେ ଚାହିଁ କହିଲେ । —ଏଥର ତୁମେ ଯାଅ ଅପର୍ତ୍ତି । ଖୁବ୍ ସାବଧାନ ହୋଇ କାମ କରିବ—କେହି ଯେମିତି ତମ ମସୁଧାର ଟେର ନ ପାଆନ୍ତି । ବୁଝିଲ ।

ଅପର୍ତ୍ତି ଯିବା ବାଟରେ ଅଟକି ରହିଲା

—କଣ କହୁଚ ?

ହାତ ମଳି ମଳି ଅପର୍ତ୍ତି କହିଲା—ହଜୁର ମା ବାପ, ଆପଣଙ୍କ ଆଗରେ କହିବୁ ନାହିଁତ କାହା ଆଗରେ କହିବୁ ? ଗୋଟିଏ ପିଲାକବିଲା ନେଇ ଏ ମହଙ୍ଗା କାଳରେ ଏ ପଗାରରେ ଚଳି ହଉନାହିଁ ହଜୁର ।

—ଓ...ହସିଲେ ମାହାର । ମୁଁ ତମ ଡିପାର୍ଟ ସାହେବଙ୍କୁ କହି ଦଉଚି ତମର ଆଜି ଶୋଭନର ରେଟ୍ ଦୁଇଅଣା ବଢ଼ାଇ ଦେବ ।

ଅପର୍ତ୍ତି ଅଣ୍ଟାଯାଏ ନଇଁପଡ଼ି ନମସ୍କାର କରି ଅଫିସ ବାହାରକୁ ଆସିଲେ । ଖାର, କଣ୍ଟ୍ରା, ସାଧୁଆ ଆଉ ଗୁଲବୁଲ ଲୋକେ ଅପର୍ତ୍ତିକୁ ଦେଖି ଆଖି ଠାରଠରି ହେଲେ । ଅପର୍ତ୍ତି ମନ ଦବିଗଲା । ଚଞ୍ଚଳ ଚଞ୍ଚଳ ଚାଲିଲା ସେ ନିଜ ମେସିନ ପାଖକୁ—ମିଲ ଭିତରେ ପଡ଼ିଆ ମଝି କଦମ ଗଛ ମୂଳେ ତାକୁ ଚକେଇ ରହିଛି ଶୋଭନ ।

—ଅପର୍ତ୍ତି ଭାଇ...

କନ କନ ହୋଇ ଅପର୍ତ୍ତି ଆସିଲା ଶୋଭନ ପାଖକୁ...ଚାରିଆଡେ ଥରେ ନଜର ବୁଲେଇ ଆଣି ଶୋଭନ କାନ ପାଖରେ କଣ ଫୁସ୍ ଫୁସ୍ କରି କହିଲା—ଶୋଭନର ମୁହଁ ହସରେ ଫୋଫା ହୋଇ ଆସିଲା ।

—ବୁଝିଲୁ ଶୋଭନ ଭାଇ, ଆମ କଥା ସାହେବ ଠିକ ବୁଝିବ। ଖାଲି ତୁଣ୍ଡ ଖୋଲୁ ଖୋଲୁ ଚାରେଣା ବଢ଼ିଛୁ । ସାହେବଙ୍କୁ ମନେଇ ରଖି ପାରିଲେ ଆମ ଚାଡ ଜଏ ଯାଇବ। ତମ ଜାତିଭାଇଙ୍କ ଠୁ ଠିକ କର ଶୋଭନ ଭାଇ....

ଶୋଭନ ଆଉ ଅପର୍ତ୍ତି ହସ ହସ ହୋଇ କଲ ଘର ଭିତରକୁ ପଶିଗଲେ ।

* * * *

ଅଫିସ ସାମନାରେ ଲୋକ ଦଳେ ଠିଆ ହୋଇଚନ୍ତି ।

ଅଶୋକ ଅଫିସ ଭିତରେ ପଶିଯିବା ସାଂଗେ ସାଂଗେ ସମସ୍ତେ ଯେଝା କଥା କହି ପକାଇଲେ ଏକା ସାଂଗରେ। ଗୋଳ ବନ୍ଦ କରି ଜଣ ଜଣ କରି ସମସ୍ତଙ୍କ କଥା ଶୁଣିଲା ଅଶୋକ ।

—ତିନ ବର୍ଷ ହେଲା ଚାକେରି ହେଲାଣି ବାବୁ! ଥରଟାଏ ନାଗା ନାହିଁ। ହେଲେ ଆର ମାସରେ ମା ବାଧିକା ପଡ଼ିଲା ବେଳେ ଦଶ ଦିନ ଛୁଟି [illegible]ଇଥିଲି ଯେ ତାର ପଇସା ମିଳିଲା ନାହିଁ । ଆମେ କୁଲି ମୂଲିଆ ବୋଲି ଆମର କଣ ଛୁଟି ନାହିଁ ବାବୁ ।

—ଛ ମାସ ହେଲା ଚାକେରି ଗଲାଣି । ପ୍ରତି ମାସରେ ହାକିମ ବାବୁ ଯେଉଁ ଫଣ୍ଡକୁ ଟଙ୍କା କାଟି ରଖେ ତା ମିଳିବାକୁ ନାହିଁ । ଦଶ ଥର ଝଛାନ୍ତ ହୋଇ ଦଉଡ଼ିଲଣି, ହାକିମ ବାବୁଙ୍କୁ ନେହୁରା ନମନ୍ତ ହେଲଣି—ବାବୁ, କାନରେ କଥା ପୂରଉ ନାହିଁ । ମୋ ହିସାବକୁ ୪ କୋଡ଼ି ଟଙ୍କା ହଉଚ, ଆମେ ମୂଲିଆ ମୁଣ୍ଡ···

ଚାରି ମାସ ହେଲା ୮ ଘଣ୍ଟା ଜାଗାରେ ୧୨ ଘଣ୍ଟା କାମ ଖଟିଲୁ—ମିସିନ ବସେଇଲୁ ଜିପଟ ସାଇବ କହିଲୁ ଡବଲ ପଗାର ଦବ । ହେଲେ ମଜୁରି ଉପରେ ପଇସାଟାଏ ବେଶୀ ଏପର୍ଯ୍ୟନ୍ତ ପାଇବାକୁ ନାହିଁ ।

ଶେଷକୁ ତଇତାଙ୍କ ଆସି ଠିଅ ହେଲ—ଗୋଟାଏ ହାତ ନାହିଁ । ବାହା ମୂଳରୁ କଟି ଯାଇଚ—ଏପର୍ଯ୍ୟନ୍ତ ପଟି ବନ୍ଧା ହୋଇଚ । ଅଶୋକ ତାର ଅଡ଼କୁ ଚାହିଁଲା କରୁଣ ଅଧୈର୍ଯ୍ୟରେ ।

—ମିସିନ ହାତଟା ଖାଇ ଯାଇଚ ବାବୁ । ପାଞ୍ଚ ମାସ ହେଲାଣି, ଘରେ ପିଲାଛୁଆଙ୍କ ଗଣ୍ଡା ମରୁଚନ୍ତି, ମୋର ବି ବଳପ ନାହିଁ ଆଉ କୋଉଠି ମୂଲ ଖଟି ତାଙ୍କୁ ପୋଷିବାକୁ—ବଡ ସାଇବ କହିଥିଲେ ଟଙ୍କା ଦେବ । ସାତ ଦିନ ଗୁଡ଼ିଆ, ପନ୍ଦର ଦିନ ଗୁଡ଼ିଆ, ଏଇଆ କହୁଚ । ଏ ମାଲିକ ଏ ମେସିନ ପାଇଁ, ଦେହରୁ ରକ୍ତଢ଼ାଳି ଶେଷରେ ମୋର ଏଇ ଦଶା ହେଲା ବାବୁ — ମତେ ହନ୍ତସନ୍ତ କରି ମାରିବା କଣ ନ୍ୟାୟ ହେଲା ?

—ମତେ ଟିକିଏ ସମୟ ଦିଅ—ସମସ୍ତଙ୍କ କଥା ମୁଁ ବୁଝିବି । ଅଶୋକ ଖାତାରେ ଟିପି ରଖିଲା ସବୁ ଆପତ୍ତି, ଅଭିଯୋଗ । ହସ ହସ କଥା କହି ସମସ୍ତଙ୍କୁ ବିଦାୟ ଦେଲା । ମନ ଭିତରେ ସେ ଭାବି ପାରିଲା ନାହିଁ— କେମିତି ଏତେ କଥା ସେ ବୁଝିବ, କେମିତି ଏତେ ଲୋକଙ୍କୁ ସେ ସନ୍ତୁଷ୍ଟ କରିବ ଏ ଅସହଯୋଗ ପରିସ୍ଥିତି ଭିତରେ । ମାହ୍ୱାର ବାବୁଙ୍କ କଥା ଶୁଣି ତା ମନ ପିତା ହୋଇ ଯାଇଚ — ମାହ୍ୱାର ବାବୁ କୋଡ଼ିଏ ବର୍ଷ ତଳର ମଣିଷ—ଗୋଟାଏ ଯୁଗ ଆଗ କଥା ସେ କହୁଚନ୍ତି—ବର୍ତ୍ତମାନ ଓ ଭବିଷ୍ୟତର ପରିବେଶ ଆଡ଼କୁ ତାଙ୍କର ମୋଟେ ନଜର ନାହିଁ । ନା ..... ଏ ସବୁ କଥାର ଶେଷ ମୀମାଂସା ସେ କରିବ ମ୍ୟାନେଜର ସୁବୋଧ ବାବୁଙ୍କ ସଙ୍ଗେ କଥାବାର୍ତ୍ତା କରି ।

ଅଫିସରୁ ଫେରି ସିଧା ସଳଖ ଅଶୋକ ଚାଲିଚ ମୂଲିଆ ଘରଆଡ଼େ । ସ୍ତା ଭିତରେ ରାଜୀବକୁ ଦେଖିବାର ଫୁରୁସତ ପାଇ ନାହିଁ ସେ—ରାଜୀବ ହୁଏତ ଟିକିଏ ଭଲ ହୋଇ ଆସିବଣି !

ବାଟମଙ୍ଗଳାଙ୍କ ପାଖକୁ ଲାଗି ଯୋଡ଼ ସାଇ ସେଇଠି ରହେ ମୂଲିଆ .. ତା ଘର ଆଗକୁ କୋଣ କୋଣ ଧରି ଲମ୍ବି ଯାଇଚ ପଥୁରିଆ ଭୂଇଁ ...କଅଁଳ ଘାସର ସାବନା ପଡ଼ିଆ ...

ବାଟମଙ୍ଗଳାଙ୍କଠିଁ ପଞ୍ଚାୟତ ଘର କାମ ଜୋର ସୋରରେ ଚାଲିଚ । ଦୁଆକୁ ଦୁଆ କାନ୍ଥ ଉଠି ମଥାନ ମୁଣ୍ଡି ଧରିଲାଣି—ଅପୂର୍ବ ଉତ୍ସାହରେ ଲାଗି ପଡ଼ିଚନ୍ତି ପଚାଶ ଜଣ ସରିକି ଟୋକା, ବୁଢ଼ା ଟୁମିକି...ଖଟିଖିଆ—ସାଇର ମୁଖିଆ ଲୋକେ ମେଳ ବାନ୍ଧି ବସିଚନ୍ତି ବରଗଛ ମୂଳେ ଯଦୁ,

ମାଧବ, ରହମାନ, ବୈକୁଣ୍ଠ, ନନ୍ଦ ଆଉ କେତେଜଣ । ବରଗଛ ପଛକୁ କାଠ ବାଉଁଶ ଜମା କରି କାମ କରୁଚ ବଷ୍ଟନ ମହାରଣା ।

ଅଶୋକକୁ ଦେଖି ସମସ୍ତେ ଉଠି ଆସିଲେ ତଳକୁ । ମାଧବ କହିଲା—ଏ ଟୋକାଙ୍କ ଉଦ୍ୟମରେ ଫିରିବ ବଲ ବାବୁ, ସକାଳ ପହରୁ ଅଖିଆ ଅପିଆ ଲଗିଚନ୍ତି ଏକା ଜିଦ୍‌ରେ । ଆଜ ଘର ଉପରେ ଚାଳ ଥୋଇ ଦିବେ ।

ଆନନ୍ଦରେ କୁରୁଳି ଉଠିଲା ଅଶୋକ । ସମସ୍ତ ଗ୍ଲାନି ସେ ଯେମିତି ଭୁଲି ଯାଇଚ । —ଭଲ ମନ୍ଦ ପରଖି ନିଜ କଥା ନିଜେ ବୁଝିଲେ ସବୁ ହେବ ମାଧବ । ଏତେ ବାଉଁଶ, ନଡ଼ା କୁଟା କୋଉଠୁ ଯୋଗାଡ଼ କଲ ସବୁ ?

—ଏ ସବୁ ବୈକୁଣ୍ଠ, ନନ୍ଦ, ରହମାନ, ଯଦୁ ସମସ୍ତଙ୍କ କାମବାବୁ । ଯୋଉଠି କି ଗଲେ ସେଠୁ ଖଣ୍ଡେ ଉଠେଇଲେ । ସମସ୍ତେ ହସି ହସି ଦେଲେ । ଚଢେଇ ତ ପୁଣି କାଠିକୁଟା ସାଉଁଟି ବସା ବାନ୍ଧୁଚ—ଆମେ ସମସ୍ତେ ସେମିତି ସାଉଁଟି ଆଣିବୁ ଏସବୁ—ଏକାଠି ହେଲେ, ଏକମେଳ ହେଲେ ତମେ ଆହୁରି ବଡ଼ ବଡ଼ କାମ କରି ପାରିବ...

—ଏକଯୁଟ ତ ହେଲୁ ବାବୁ, ଆଉ ହବାକୁ କଣ ବାକୀ ଅଛୁ, ତମରି ଦୀକ୍ଷା ନେଇଚୁ ସମସ୍ତେ ସକାଳଠୁ । ସିଆଡ଼େ ବସ୍ତି ଭିତର ଅଗମା ସଫା ହେଉଚ—ରାସ୍ତା ଘାଟରେ ମାଟି ପଡ଼ୁଚ—ଆମେ ଅନ୍ୟକୁ କାହିଁକି ଭରସା କରିବୁ ? —ବୈକୁଣ୍ଠ ଏକା ନିଃଶ୍ୱାସରେ କହିଗଲା ।

ଆନନ୍ଦରେ ଆଖି ଛଳ ଛଳ ହୋଇ ଆସିଲା ଅଶୋକର । କହିଲା—ହଉ, ହଉ, ତମେ ସବୁ ଟିକଏ ଏଠି ଦେଖା ଶୁଣା କର—ମୁଁ ଟିକଏ ବୁଲି ଆସେ ବସ୍ତିଆଡ଼ୁ ।

ଚାଲି ଯାଉ ଯାଉ ପଛକୁ ଫେରିପଡ଼ି ଅଶୋକ ନନ୍ଦ ହାତରେ ପାଞ୍ଚଟଙ୍କିଆ ନୋଟ ଖଣ୍ଡେ ଗୁଞ୍ଜିଦେଲା—ନିଅ, ପିଲାଙ୍କୁ ଟିକଏ ଚାପାଣି ଖାଇବାକୁ ଦିଅ ।

ସମସ୍ତଙ୍କ ମୁଣ୍ଡ ନଇଁ ପଡ଼ିଲା । ରହମାନ୍ କହିଲା—ଆରେ ବାବୁ ଡାକବର ଘରର ପିଲା—ବଡ଼ ଲୋକ ମିଜାସ । ନହେଲେ ଆମ ଖଟିଖିଆଙ୍କ

ପାଇଁ ନିଜ ହାତରୁ ଏତେ ପଇସା କିଏ କାହିଁକି ଖର୍ଚ୍ଚ କରିବ । ହୋଇ ପାରେ, ଗୌରାଙ୍ଗ ପେଇଁ ମାନ ହୋଇ ହାତକୁ ହାତ ଷାଠିଏ ଟଙ୍କା ବଢ଼େଇ ଦେଲେ ଅନାଦିକୁ । ପର ପେଇଁ ଏମିତି ଦିନ ରାତି ମୁଣ୍ଡବିଣ୍ଡାଳ କିଏ ଭଣ୍ଡରେ ମାରି ଭାମ କରିବ !

ମୃଣ୍ମୟୀର ଘର ଭିତରକୁ ପଶିଆସିଲା ଅଶୋକ । ରାଜୀବର ମୁହଁ ଟିକିଏ ଫାଳା ଦେଖାଯାଉଚି । ମୁଣ୍ଡ ଉପରେ ସରଳା ବସି ଗରମପାଣି ଓଦା ତଉଲିଆରେ ତାକୁ ପୋଛି ଦଉଚି ।

ରାତି କଥା ମୁଣ୍ଡରେ ଖେଳିଗଲା ଅଶୋକର ।

ସରଳା ନିର୍ଲିପ୍ତ ନିର୍ବିକାର ଭାବରେ ରାଜୀବର ସେବା କରିବାରେ ଲାଗିଚି । କାଲି ରାତିର କଥା ସେ ହୁଏତ ଭୁଲିଗଲାଣି ।

—ମୃଣ୍ମୟୀ କୁଆଡ଼େ ଯାଇଚି ସରଳା ?

ସରଳା ଚମକି ପଡ଼ିଲା । ନିଜ କାମ ଭିତରେ ଅଶୋକର ଆସିବାଟା ସେ ଲକ୍ଷ୍ୟ କରି ନାହିଁ । ଗୋଟାଏ କଣକୁ ଘୁଞ୍ଚି ବସି କହିଲା—ସେ ଔଷଧ ଆଣିବା ଲାଗି ଯାଇଚନ୍ତି ।

ପାଖଶୁଆ ଉପରେ ବସି ପଡ଼ି ଅଶୋକ ପଚାରିଲା—କେମିତି ଅଛି ରାଜୀବର ଦେହ ?

—ଭଲ ଅଛି, ଦିନେ ଦି ଦିନ ଗଲେ ରାଜୀବ ଉଠି ବସିବ ।

ରାଜୀବର କପାଳ ଆଉ ଗାଲପାଖରେ ହାତମାରି ଅଶୋକ କହିଲା—ଜ୍ୱରରେ ତ ମୋଟେ ଚାଲି ନାହିଁ...ତେବେ ଏ କେତେଦିନ ଟିକିଏ ଖିଆ ପିଆରେ ସାବଧାନ ହେବା ଦରକାର, ପାଣି ପବନକୁ ନଜର ଦେଇ ସେବା କରିବା ଦରକାର ।

ରାଜୀବ ଆଖି ମେଲି ଚାହିଁଲା । ଅଶୋକ ତା' କପାଳ ଆଉଁସି ଦେଇ ପଚାରିଲା—କେମିତି ଲାଗୁଚି ରାଜୁ !!

—ଭାରି ଶୋଷ । ରାଜୀବ ହାତ ବଢ଼େଇଲା ସରଳା ଆଡ଼େ ।

—ମୁଁ ପାଣି ଆଣୁଚି—କହି ସରଳା ପଶିଗଲା ଭିତର ପାଖ ବାରଣ୍ଡାକୁ । ରାଜୀବ ଆଖିବୁଜି ପଡ଼ି ରହିଲା ।

ସରଳାର ପଛେ ପଛେ ଉଠି ଆସିଲ ଅଶୋକ । ହାଣ୍ଡିଶାଳରେ ଚୂଲି ଫୁଙ୍କିବାକୁ ଆରମ୍ଭ କରି ଦେଇଚି ସରଳା । ଅଶୋକ ଡାକିଲା—ସରଳା !

ଚୂଲି ଭିତରେ କାଠ ଦିଖଣ୍ଡ ଖେଳେଇ ଦେଇ ସାରୁ ହାଣ୍ଡି ବସେଇ ଦେଲା ସରଳା । —ଉଠି ପଡ଼ି ଚାହିଁଲା ଅଶୋକ ଆଡ଼କୁ··ଆଖି ଛଳ ଛଳ ହେଉଚି ତାର ।

ସିଆଡ଼ୁ ମୁହଁ ବୁଲେଇ ଆଣି ଅଶୋକ ଦାଣ୍ଡଆଡ଼କୁ ଚାହିଁ ପଚାରିଲା—ସରଳା, ତମେ କାଲି ରାତିରେ ଏମିତି କାନ୍ଦୁଥିଲ କାହିଁକି ?

ଫୁଲି ଫୁଲି ଉଠିଚି ସରଳାର ଗୋରା ମୁହଁ—କଣ ଅଭିମାନ କରିଚି ସେ !

—ନାଇଁ ଏମିତି ?

—କଣ ମନ କଷ୍ଟ ଥିଲା ?

—କାହିଁକି, ମନ ଖୁସି ହେଲେ କଣ ମଣିଷକୁ କାନ୍ଦ ମାଡ଼େ ନାହିଁ ?

ଅଶୋକ ବୋକାଙ୍କ ପରି ଖାଲି ଚାହିଁ ରହିଲା ସରଳାକୁ ।

—ଆପଣ ଯେ ଆମ୍ଭମାନଙ୍କ ପାଇଁ ଏତେ ଭାବୁଚନ୍ତି, ଏତେ ଖଟୁଚନ୍ତି, ଏକ'ଣ ଆମର ସୌଭାଗ୍ୟ ନୁହେଁ—ଏଇ ନର୍କ ଭିତରେ ଦିନେ ଆପଣଙ୍କ ଲାଗି ସ୍ୱର୍ଗ ହସି ଉଠିବ, ଆପଣ ଯଶସ୍ୱୀ ହେବେ । ଆପଣଙ୍କ ଲାଗି ଗର୍ବ କରିବାର, ଆନନ୍ଦ କରିବାର ମୋର କଣ ଅଧିକାର ନାହିଁ ?

ଉଚ୍ଛ୍ୱସିତ ସରଳାର କଥା ସାବୁନର ଫେଣପରି ନିର୍ମଳ, ଅମାୟିକ, ଆର୍ଦ୍ର, ସକରୁଣ—ଆଗେ ରକ୍ତଟୀକା ପିନ୍ଧାଇ ବୀର ପାଇକଙ୍କୁ ଯୁଦ୍ଧ ଭୂଇଁକୁ ପଠାଉଥିଲେ । ଆମ ଦେହରୁ ରକ୍ତ ଶୁଖି ଯାଇଚି...ପାଣି ଫାଟି ଯାଇଚି । ଏ ବିପ୍ଳବ ବେଳେ ଲୁହର ଜୟ ଟୀକା ପିନ୍ଧାଇ ଦବା ଛଡ଼ା ଆମ ପାଖରେ କଣ ଅଛି ।

—ବିପ୍ଳବ !!! ଚମକି ପଡ଼ିଲା ଅଶୋକ ।

—ହଁ, ସାମାଜିକ ଆଉ ଅର୍ଥନୀତିକ ଅନ୍ୟାୟ ବିରୁଦ୍ଧରେ ଆମର ଏ ବିପ୍ଳବ ଚେଇଁ ଉଠିଚି । କାହାର ଶକ୍ତି ନାହିଁ ଏ ବିଦ୍ରୋହକୁ ଦବେଇ

ରଖିବାର—ଆପଣ ଯେଉଁ ଯଜ୍ଞ କୁଣ୍ଡରେ ଅଗ୍ନି ସଂଯୋଗ କରିଚନ୍ତି ତା ଜଳିବାକୁ ଆରମ୍ଭ କରିଚି ମାତ୍ର—ଆହୁରି ଜୋରରେ ସେ ଜଳି ଉଠିବ, ସବୁ ସ୍ୱାର୍ଥ ଓ ଅନ୍ୟାୟର ଶେଷ ଆହୁତି ନ ହେବାଯାଏ ।

ଚକିତ, ରୋମାଞ୍ଚିତ ହୋଇ ଉଠିଲା ଅଶୋକର ଦେହ ଓ ମନ । ସରଳା ସାମନାରେ ଅଶେଷ ପ୍ରଦ୍ଧା ବାଢ଼ି ତା ମୁଣ୍ଡ ତଳକୁ ନଇଁ ଆସିଲା । ଯେମିତି ଅଗ୍ନିର ସ୍ଫୁଲିଙ୍ଗ ବାହାରୁଚି ସରଳାର ଆଖିରୁ ।

ସାବୁ ଡାଲି ନେଇ ଆଉଘରକୁ ଚାଲିଗଲା ସରଳା । ଅଶୋକ ସ୍ଥାଣୁପରି ସେଇଠି ଠିଆ ହୋଇ ରହିଲା ।

ସବୁତକ ସାବୁ ଗ୍ରାହକଙ୍କୁ ପିଆଇ ଦେଇ ସରଳା ପୁଣି ଥରେ ହାଣ୍ଡିଶାଳକୁ ପଶି ଆସିଲା । ଅଶୋକ ଆଡ଼କୁ ଚାହିଁ ସେ ଚମକି ପଡ଼ିଲା । ଅଶୋକ ଯେମିତି ଗୋଟାଏ ତୋଫାନ, ଗୋଟାଏ ମୂର୍ତ୍ତିମନ୍ତ ଝଡ଼ !!

—ଅଶୋକ ବାବୁ···

ଚମକି ପଡ଼ିଲା ପରି ଅଶୋକ କହିଲା—ହଁ ସରଳା, ତମରି କଥା ଗୁଡ଼ାକୁ ଏ ପର୍ଯ୍ୟନ୍ତ ଖେଳେଇ ଦେଖୁଥିଲି । ମୁଁ ବାହାରିଲି । ମନ୍ତ୍ରୀଙ୍କୁ କହିବ ଟିକିଏ ସାବଧାନ ରହିବ ।

ଅଶୋକ ଏକମୁହାଁ ହୋଇ ଘରକୁ ଚାଲିଲା । ମେଘବିମୁକ୍ତ ନୀଳ ଆକାଶ ତଳେ ଜ୍ୟୋତ୍ସ୍ନାର ଜୁଆର....ଦୂରରେ ପୂର୍ବାଞ୍ଚଳର ଅଭିଜାତ ବସ୍ତି— ଆଜି ଯେ କୌଣସି ମତେ ଛନ୍ଦା ଘରକୁ ଯିବାକୁ ହେବ ।

ଟିକିଏ ଧୂଆଧୋଇ, ସଫାସୁତୁରା ହୋଇ ପୁଣି ବାହାରିପଡ଼ିଲା ଅଶୋକ ପୂର୍ବାଞ୍ଚଳ ଆଡ଼େ ।

ଛନ୍ଦା ବଗିଚା ଭିତରେ ବସିଚି....ମୁକ୍ତ ଆକାଶତଳେ ଏଇ ସ୍ନିଗ୍ଧ ଚାନ୍ଦିନୀକୁ ସେ ହୁଏତ ପ୍ରାଣଭରି ଉପଭୋଗ କରୁଚି—ସେ ହୁଏତ ସ୍ୱପ୍ନ ଦେଖୁଚି କେଉଁ ଅନାଗତ ଯୁଗର ରାଜକୁମାରକୁ । ତନ୍ଦ୍ରା ଜମି ରହୁଚି ଆଖିରେ, ମୃଦୁ ଅଳସ ଭରି ରହୁଚି ଅଙ୍ଗେ ଅଙ୍ଗେ ।

ଦରଓ୍ୱାନ୍ ସଲାମ ପକାଇ ଫାଟକ ଖୋଲିଦେଲା ।

ଅଶୋକ ଛନ୍ଦା ସାମନାର ଗୋଟାଏ ଚୌକି ଉପରେ ବସିଲା··· ତଥାପି ଛନ୍ଦା ମୁହଁରେ କଥା ନାହିଁ ।

--ମୋ ଉପରେ ରାଗିଚ ଛନ୍ଦା...

ଛନ୍ଦା ଆଖିପତା ଉଠାଇ ଚାହିଁଲା ଅଶୋକକୁ ।

—ମୋ ଦେହ କାଲି ଭଲ ନ ଥିଲା...

—ମୁଁ ସବୁ ଶୁଣିଚି ଅଶୋକ ବାବୁ, ଏ କେତେ ଦିନ ଭିତରେ ଆପଣ ଖୁବ୍ ନାଁ କମେଇଚନ୍ତି, ନୁହେଁ ?

—ମାନେ ?

—ମାନେ ଆପଣ ଏକାବେଳକେ ବିଶ୍ୱଜେତା ଆଲେକ୍‌ଜାଣ୍ଡର ହୋଇ ଉଠିଚନ୍ତି ।

—ସତେ ନାଁ କଣ ? ସେ ଜଗତର ଗୌରବଟା ତାହାହେଲେ ତମର ଛନ୍ଦା ।

କୁଟୀଳ ଭ୍ରୂ ଭଙ୍ଗୀ କରି ଛନ୍ଦା କହିଲା—ମୋର ସେଇଟା କାମ୍ୟ ନୁହେଁ ଅଶୋକ ବାବୁ । ଆଚ୍ଛା, ସେ ସରଳା ବୋଲି ଝିଅଟି କଏ ଶୁଣେ ?

—ତାର କେମିତକା ପରିଚୟ ଚାହଁ ଛନ୍ଦା...

—ଯେଉଁ ପରିଚୟ ଆପଣ ପାଇଚନ୍ତି ।

—ତାହେଲେ ସରଳାର ଶ୍ରେଷ୍ଠ ପରିଚୟ ଦବାକୁ ଯାଇ ମୁଁ ଏତିକି କହିବି ଯେ ସେ ଏମିତି ଗୋଟିଏ ଝିଅ ଯାହା ଉପରେ ଭାର ଦେଇ ହବ, ଭରସା ରଖି ହେବ···

—ଆଉ ଯାହାକୁ ଭଲ ପାଇ ହେବ...ଅଶୋକର ଅଧାକୁହା କଥାକୁ ପୂରଣ କରି ଛନ୍ଦା କହିଲା—କିନ୍ତୁ ·ଗୋଟାଏ କଥା ଅଶୋକ ବାବୁ, ମୁଁ ଯେତେଦୂର ଜାଣେ ସରଳାଟି ସହଜ ଝିଅ ନୁହେଁ···ଅନ୍ତତଃ ଏତିକି ମୁଁ ଶୁଣିଚି ।

ହିଂସା ଜଳୁଚି ହୁଏତ ଛନ୍ଦାର ମନ ଭିତରେ··ଛି' ଏତେ ପାଠ ପଢ଼ି କି ବୁଦ୍ଧି ହୋଇଚି ଛନ୍ଦାର !! ଅଶୋକର ରାଗ ହେଲା ଛନ୍ଦା ଉପରେ ।

—ସତେ ଏତେ ଜରୁରୀ କାହିଁକି କାଲି ଡକେଇ ପଠେଇଲ ଛନ୍ଦା ?

—ମୁଁ ନୁହେଁ, ବାପା ଡକାଇଥିଲେ ।

—ମଉସା ଡ଼କାଇଥିଲେ ! କିନ୍ତୁ ପିଅନ୍ ତ କହିଲା ସେପର୍ଯ୍ୟନ୍ତ ସେ କାରଖାନାରୁ ଫେରି ନଥିଲେ ।

—ବେଶ୍, ତାଙ୍କ ଆଗରେ ପିଅନ୍‌କୁ ଡାକି ମୁକାବିଲା କରିନେବେ ।

ଖାପଛଡ଼ା ଛନ୍ଦାର କଥାଗୁଡାକ—ଏପରି ପରିବେଶ ଭିତରେ ବେଶୀ ସମୟ ବସି ରହିବାକୁ ଅଶୋକକୁ ଭାରି ଖରାପ ଲାଗିଲା । ଏମିତି ବ୍ୟବହାର କଲେ ସେ ଆଉ ଏ ଦୁଆର ମାଡ଼ିବ ନାହିଁ । ଗୋଟାଏ ସାମାନ୍ୟ କଥାରୁ ମିଛ ପାହାଡ଼ଟାଏ ମୁଣ୍ଡ ଟେକିଲାଣି । ଏ ଅସତ୍ୟକୁ ଭାଙ୍ଗି ଛନ୍ଦାର ମାନଭଞ୍ଜନ କରିବାକୁ ତାର ସମୟ ନାହିଁ....ଫୁରସତ ନାହିଁ ।

—ମୋ ପାଖରେ ଆଜି ବିଶେଷ କିଛି କାମ ଅଛି ଛନ୍ଦା ?

—ବସନ୍ତୁ, ଟିକିଏ ପରେ ବାପା ଆସିବେ—

—ମଉସା ଆଜି ୯ଟା ଆଗରୁ ଫେରିପାରିବେ ନାହିଁ—ମିଲ ଭିତରେ ବ୍ରେକଡାଉନ ହୋଇଚି, ମୁଁ ଯାଏ ଛନ୍ଦା । ପରେ ଆସିବ ।

ଅଶୋକ ଛୁଟି ଫାଟକ ପାର ହୋଇଗଲା । ଛନ୍ଦାର ନମସ୍କାରର ଉତ୍ତର ଦବାକୁ ତାର ସମୟ ନ ଥିଲା ।

ଛନ୍ଦା ନାଗୁଣି ପରି ଫଁ ଫଁ ହୋଇ ପଛରୁ ଫେରି ପଡ଼ି ଗୁଣୁଗୁଣୁ ହୋଇ କହିବାକୁ ଲାଗିଲା—ଟ୍ରାସ, ଆଦର୍ଶବାଦ ପଛରେ ଯେତେ କିଛି ଧପ୍‌ପାବାଜି···

ପୁଣି ଚୌକିରେ ଆସି ବସି ପଡ଼ିଲା ଛନ୍ଦା—ଆଗରେ ତାର ଖୋଲା ହୋଇ ପଡ଼ିଚି ସେକ୍‌ସପିଅରଙ୍କର ଅମର ନାଟକ ଅଥେଲୋ—ଅନବଦ୍ୟ ରସମୟ । ବହିଟା ଗଡ଼ରେ ବନ୍ଦ କରିଦେଲା ସେ । ଇଲେକ୍‌ଟ୍ରିକ ଟେବଲ ଲ୍ୟାମ୍ପର ଉଜ୍ଜ୍ୱଳିତ ଆଲୋକ ବି ତାର ସହ୍ୟ ହେଲାନି । ସୁଇଚ୍‌ଟା ଅଫ କରିଦେଇ ବଗିଚ୍ଚ ଭିତରର ଅଧା ଜୁଇ ଅଧା ଅନ୍ଧାର ଭିତରେ ବସି ରହିଲା ।

—ହେଲେ ଛନ୍ଦା ଦେବି···! ଫାଟକ ଫିଟାଇ ପଶିଆସିଲେ ମିହିର—ଆପଣ ଏଠି ଏମିତି କଣ୍ଟି ଚନ୍ତି ଯେ...

ଛନ୍ଦା ସୁଇଚ ଅନ୍ କରି କହିଲା—ବସନ୍ତୁ ।

ମିହିର ବସିପଡ଼ି ସାମନା ବହିର ପୃଷ୍ଠା ଓଲଟଉ ଓଲଟଉ କହିଲେ—ଆଜି କାହିଁକି ବଡ଼ ଶୁଖିଲା ଦେଖାଯାଉଚନ୍ତି ଆପଣ । ମନ ଭଲ ନାହିଁ ନା କଣ ?

—ନାଁ—ସଂକ୍ଷେପରେ ଉତ୍ତର ଦେଲା ଛନ୍ଦା ।

—ଶୁଣି ଖୁସି ହେବେ, ଆପଣଙ୍କର ଅଶୋକବାବୁ ବାରଣ ବଢ଼େଇ ନଦେଇ ଗୋଟାଏ ଦେହଳ ତୋଳେଇବାରେ ଲାଗିପଡ଼ିଛନ୍ତି ।

ଛନ୍ଦାର ମୁହଁର ସ୍ୱାଭାବିକ ବଦଳିଗଲା । ବିରକ୍ତି ଓ ଅନୁଶୋଚନା ମିଶା କଥାରେ ସେ କହିଲା—ମୁଁ ଟିକିଏ ଏକାନ୍ତରେ ରହିବାକୁ ଚାହେଁ ମିହିର ବାବୁ—କିଛି ମନେ କରିବେ ନାହିଁ ।

ଛନ୍ଦା ଉଠିପଡ଼ିଲା ଚୌକିରୁ । ବାଧ୍ୟହୋଇ ମିହିର ଚାଲି ଚାଲି ଆସିଲେ ଫାଟକ ପାଖକୁ—ଆପଣଙ୍କୁ ଏତେବେଳେ ଆସି ବ୍ୟସ୍ତକଲି, କିଛି ମନେ କରିବେ ନାହିଁ । ଛନ୍ଦାକୁ କଣେଇ ଚାହିଁ ମିହିର ଫାଟକ ବାହାରକୁ ବାହାରିଗଲେ । ଛନ୍ଦା ଫେରିଗଲା ଘର ଭିତରକୁ—ଶୋଇବା ଘରେ ତକିଆରେ ମୁହଁ ମାଡ଼ି ସେ ପଡ଼ିରହିଲା ।

ଦରଓ୍ୟାନ ପଛରେ ବନ୍ଦେଇ ଦେଇ ଫେରି ଆସୁ ଆସୁ ମିହିର ଡାକିଲେ – ଶୁଣ ବାହାଦୁର ।

ବାହାଦୁର ସିଂ ସଲାମ କରି ଠିଆ ହେଲା ।

—ମୋ ଆଗରୁ ସାହେବଙ୍କ କୋଠିକି କିଏ ଆସିଥିଲେ ?

—ଅଶୋକ ବାବୁ ଆସିଥିଲେ ହଜୁର ।

—ହୁଁ, କେତେ ସମୟ ରହିଲେ ଏଠି...

ବାହାଦୁର ସିଂ କହିଲା—ପନ୍ଦର ମିନିଟ ଯାଏ ବସିଥିଲେ ହଜୁର... ଗଲାବେଳେ ମନେ ହେଲା କିଛି ଖଟ୍‌କା ଲାଗିଛି ।

—ହଉ ତମେ ଯାଅ ବାହାଦୁର...

ବାହାଦୁର ସଲାମ ଠୁକି ଫେରିଗଲା ।

ମିହିର ବାଟ ଚାଲୁ ଚାଲୁ ଆତ୍ମପ୍ରସାଦରେ ହସି ଉଠିଲେ । ଓଷଧ ତା ହେଲେ ତାଙ୍କର ଖୁବ କାମ୍ କରିବ...ଏବେ ହୁଏତ ଛନ୍ଦା ପାଗଳୀ ହୋଇ ପଡ଼ୁଥିବ ।

ଘନ ସାଭୁଁଟା ମଝିରେ ଫାଙ୍କ ପଡ଼ିଯାଇଚି...ଏହା ଭିତରେ କାରଖାନାର କାର୍ଯ୍ୟ ନିର୍ଘଣ୍ଟରେ ବ୍ୟସ୍ତ ରହି ଅଶୋକ ବାହାରକୁ ବାହାରି ପାରି ନାହିଁ । ସକାଳ ସୂର୍ଯ୍ୟୋଦୟ ଦେଖି ମିଲକୁ ଯାଇ ରାତି ପହରଡ଼କଠୁଁ ଡେରିରେ ସେ ଫେରିଚି ନିଜ ବସାକୁ । ସରଳା, ସାଧବ, ନିଧି, ଅଚ୍ୟୁତ ଆଉ ସବୁ ଘର ମୁଖିଆମାନଙ୍କୁ ରାତିରେ କାମ କଥା, ଭଲ ମନ୍ଦ କଥା ବୁଝିଚି, ବୁଝାଇଚି । ସମସ୍ତେ ଯନ୍ତ୍ରପରି କାମ କରିବାରେ ଲାଗି ପଡ଼ିଚନ୍ତି ।

ଏକ ପରିତୃପ୍ତ ଆନନ୍ଦ ଓ ଶାନ୍ତିରେ ଅଶୋକ ସୁଖ ନିଦ୍ରା ଯାଇ ଥାଇଚି ଏ କେତେଦିନ ।

ମିଲ ଭିତରେ କାମର ଚାପ ଟିକା ଉପରେ ବଢ଼ିଚି । ମ୍ୟାନେଜରଙ୍କ ଆଦେଶରେ ତା ଉପରେ ହାଜିରା ଅଫିସ, ଶ୍ରମିକ ଅଫିସ ଓ ଅନ୍ୟାନ୍ୟ ବାହାର କାମର ବୋଝ ଲଦି ଦିଆ ହୋଇଚି । ଫୁରସତ ଖୋଜିଲେ ବି ରାହା ନାହିଁ ଟିକିଏ ନିର୍ଲିପ୍ତ ହୋଇ ବସିବାର...ତା ଛଡ଼ା ସମୂହ ସ୍ୱାର୍ଥ ଦୃଷ୍ଟିରୁ ସେ ଶ୍ରମିକ ସମ୍ବନ୍ଧୀୟ ଛୁଟି, ପ୍ରୋଭିଡେଣ୍ଟ ଫଣ୍ଡ ଓ ସର୍ଭିସ ରେକର୍ଡ଼ ଠିକ କରିବାରେ ଲାଗିଚି—ଏଥିପାଇଁ ନିଜ କାମ ଉପରେ ଘଣ୍ଟାଏ ଦି ଘଣ୍ଟା ଅଧିକା ରହି ତାକୁ ହାତରେ ସବୁ କାମ କରିବାକୁ ପଡ଼ୁଚି ।

ମିହାର ବାବୁଙ୍କ ସାଙ୍ଗେ ତାର ଏକରକମ ଭିତରେ ଅପଡ଼ ହୋଇ ଯାଇଚି – ଏତେ ବେଶୀ କାମ ହେଲେ ବି ଅଧିକା ଜଣେ କିରାଣୀ ଦେବାକୁ ସେ ନାରାଜ । ସବୁବେଳେ ଆକ୍ଷେପ ଭରା କଥା···

ଆଜି ବାଟମଙ୍ଗଳାଙ୍କଠିଁ ମଉଛବ ।

ଛୁଟି ବାଜିବା ମାତ୍ରେ ଅଶୋକ ମିଲ ଫାଟକ ଛାଡ଼ିଲା ।

—ଅପର୍ତ୍ତି, କଣ ଖବର ? ଚା ଦୋକାନରେ ବସିଚି ଅପର୍ତ୍ତି । ପଞ୍ଚୁ, ଶୋଭନ, ରତ୍ନାକର ସମସ୍ତେ ବସିଚନ୍ତି ସେ ପାଖ କାଠ ବେଞ୍ଚରେ—ସମସ୍ତଙ୍କ ମୁହଁରେ ହସର ବୋଲ ବସିଚି—ଆରେ ତମେ ସବୁ ଏଠି ବସିରହିଲ, କଣ ମ । ଠାକୁରାଣୀଙ୍କଠିଁ ପରା ମଉଛବ, ଯାଇ ସେଠି କିଛି ଯୋଗାଡ଼ ଯନ୍ତ୍ର କର ।

ଅପର୍ତ୍ତି ପଞ୍ଚୁ, ଶୋଭନ ଓ ରତ୍ନାକରଙ୍କୁ ଟିକିଏ କଡ଼େଇ ହୋଇ ବୁଝିଲା । କହିଲା—ଆପଣ ଯାନ୍ତୁ ବାବୁ, ଆମେ ଏଇ ପଛେ ପଛେ ଯାଉଚୁ ।

ଅଶୋକ ଆଗକୁ ଚାଲି ଚାଲିଗଲା ।

ପଛରେ ଏକାସାଙ୍ଗରେ ସମସ୍ତେ ଫେଁ କନା କନା ହସି ଉଠିଲେ—
—ଆଗୁ ମହାତ୍ମାଗାନ୍ଧୀ ସାଜିଚି ଟୋକା । ଏକାଥରକେ ସେକ୍ରେଟେରୀ ସାଇବ ଘଣ୍ଟାରେ ପୂରେଇ ମୋଡ଼ିମାଡ଼ି ଦବ ଯେ, କାଏ ପିଠିରେ ପଡ଼ିବ ସେତେବେଳେ ।

ଦୋକାନୀ ଅନାଦି କହିଲା—ଆରେ ବାପରେ ବାପ—ସେଦିନ ତ ମତେ ମାରେ କି ନ ମାର । ଚୌଦ୍ଦ ଟଙ୍କା ଅଣିଥିଲା, ଯେମିତି ଟଙ୍କା ମାଗିଚି ମୋ ଉପରକୁ ତ ତୋନାଲି ମୋନାଲି ।

—ଏ ବଢ଼େଇ କେତେଦିନ ରହିବ ମ ଅନାଦି ? ଅପର୍ତ୍ତି କହିଲା—
ମେନେଜର ସାଇବର ସୁପାରିଶ୍ ବୋଲି ନାଁ, ତା ନ ହେଲେ ତାକୁ ପାଣି ପିଆଇବାକୁ ଆଜିଯାକେ ଥାଆନ୍ତା !

— ଢ ଦିନ ତଳେ କଣ ଏଠି କମ୍ ଝୁମେଳି ଖେଳ ଲଗେଇଦେଲେ ବସ୍ତି ଟୋକାଏ । ଗାଡ଼ି ଦଶଟାବେଳେ ପାଞ୍ଚି ଗୁଣ୍ଡି କରି ବନ୍ଦୀ ବନ୍ଦ କଲେ । କଏ ନାଁ କଣାପାଣି କେହି ଛୁଇଁବେ ନାହିଁ ! କରେ ଯାହାର ଧଇସା ହେଲା, ସେ ଖାଇଲା, ତମ ବୋପାର କଣ ଗଲା ।

—ହଉ ସେଇ ଟୋକା ଝଣ୍ଡକର ଫସାଦ ଅନାଦିଭାଇ ! ସେଇ ମଟେଇ ଦେଇଚି ସମସ୍ତଙ୍କୁ—ଶୋଭନ କହିଲା ।

—ଆରେ ଅନାଦିଟା ମାଇଚିଆ ବୋଲି ନାଁ, ଆମେ ହୋଇଥିଲେ ଚୁଙ୍ଗୁଡ଼ି ଦେଇ ଥାଆନ୍ତୁ, ସେଇଠି ରକ୍ତନଦୀ ବୋହି ଯାଇଥିଲେ—

ଅପର୍ତ୍ତିଠୁଁ କଥା ଛଡ଼ାଇ ନେଇ ଅନାଦି କହିଲା—ମୁଁ କଣ ତା କରନ୍ତି ନାହିଁ ଅପର୍ତ୍ତି ଭାଇ·····ହେଲେ ମୋର ଆଗକୁ ପଛକୁ କେହି ନାହିଁ, ସେଇଥିପାଇଁ ଗୁଡ଼ି ପଡଉ ନାହିଁ ।

ଅପର୍ତ୍ତି କହିଲେ—କେହି ନାହିଁ କଣ ଅନାଦି, ଆମେ ତୋ ପଛକୁ ଅଛୁ.......ଏଣିକି ଏଠି କେହି ଆଉ ଗୋଲମାଲ କଲେ ତା ଭାଲୁ ଫଟେଇ ଦେ । ଦେଖିବା କଏ କଣ କରିବ । କେସ୍ କଲେବେଲେ ଆମେ ମୁଦାଲି ହୋଇ ଠିଆ ହବୁ ।

ରତ୍ନାକର କହିଲା—ଆଉ ନ ହେଲେ କଣ ହେ, ଏଇଟା ଅନ୍ୟାୟ ନୁହେଁ । ସେ ନିଶା ବିକୁ, ଯାତ୍ରା ବିକୁ, ସେଥିରୁ ତ ପଇସା ଭେଇ ସେ ତା କୁଟୁମ୍ବ ଚଳଉଚ । ଦେଲା ଲୋକ ଗଣିଦେଇ ଯାଉଚନ୍ତି । ମଝିରେ ନେଣ ନାହିଁ, ଦେଣ ନାହିଁ, ଉପରେ ପଡ଼ି ଭଲ ଲୋକ ।

—ତା କରିବ ନାହିଁ ତ ଆଉ କଣ କରିବ ? ଅପର୍ତ୍ତି କହିଲା—ଆରେ ଆଜିଯାଏ ତ ବୁଝିଉଚ ରତ୍ନାକର, ଘାଟକର, ପାଠ ପଢ଼, ସଫା ସୁତୁରା ହୁଅ···ହେଲେ କାହାର ମଜୁରି ପଇସାଟାଏ କେମିତି ବଢ଼ିବ ସେ କଥା କିଛି କହୁଚ । ମୂଲିଆ ମୁଣ୍ଡ—ଆମର ଏତେ କଥାରେ ଯାଏ କେତେ ? ଆସେ କେତେ ? ପଇସା ଭଲ କି ଆମେ ଭଲ ।

ପଞ୍ଚୁ ସବୁ ଶୁଣି ଶୁଣି କହିଲା—ଆରେ ବଗଡ଼ି ବୈଷ୍ଣବ ସାଜିଚ ଅଶୋକବାବୁ । ପକ୍କା ଦଲାଲ । ନ ହେଲେ କି ମେନେଜର ସାଇବ ନିଜ ଲୋକ ବୋଲି ତାଙ୍କୁ ରଖେଇ ଆଣନ୍ତା ।

ପଞ୍ଚାଏ ଲୋକ ଆସିଲେ ସାମନାରୁ । ସମସ୍ତେ ଚୁପ୍ ଚୁପ୍ ହୋଇ ଉଠି ପଡ଼ିଲେ । ଅପର୍ତ୍ତି ଅନାଦି କାନରେ ଫୁସ୍ ଫୁସ୍ କରି କହିଲା—କିଛି ଭାବନା ନାହିଁ ଅନାଦି, ସେ ବେନେ ଅନ୍ଧାରଆକୋଷ । ହାନି ଲାଭକୁ ଆମେ ଦାୟୀ ।

ଅନାଦି ହସ ହସ ହୋଇ କହିଲା—ଏ କଥା ଆଉ ପଚାରିବାକୁ ଅଛି କି !

ଅଶୋକ ଠାକୁରାଣୀ ଚହଟରୁ ବାଟେ ନ ଯାଇ ବସ୍ତିର ଶେଷ ମୁଣ୍ଡ ବାଟେ ବୁଲି ବୁଲି ଆସୁଚି·····ତାର କଲ୍ପିତ ସ୍ୱପ୍ନ ଯେମିତି ସବୁଠିଁ ରୂପ ପାଇ ହସି ଉଠିଚି...ଝକୁପର ରାସ୍ତାଘାଟରେ.......ସବୁଜଫୁଲ ପତୁରିରେ···ବସ୍ତି ଭିତରର ଘର ସବୁ କେମିତି ଫରକ ଦିଶୁଚି—ଆଗପରି ଲକ୍ଷ୍ମୀଛଡ଼ା ରୂପ ନାହିଁ...ବାଉ ବାଡ଼ବଢ଼ ଭିତରେ କନ୍ଧି କଖାରୁଗଛ ନଟେଇଲାଣି । ଠାକୁରାଣୀ ପୋଖରୀରେ କଳା ଭଅଁର ପରି କାଚକେନ୍ଦୁ ପାଣି—ପାହାଡ଼େ ଉଞ୍ଚର ଦଳ କଟା ହୋଇ ଗଦା ହୋଇଚ ଗୋଟାଏ ପାଖରେ....ସଫା ସୁତୁରା ପିଲାଏ ବୁଲୁଚନ୍ତି ଘରେ ଘରେ । ସରଳା ଠିକ

କହୁଚ—ଏ ମଶାଲ ଲିଭିବ ନାହିଁ, ଲିଭିବାର ନୁହେଁ, ଖାଲି ଜଣେ ଲୋକ ଦରକାର ତେଜିଦବା ପାଇଁ ।

ପ୍ରତ୍ୟେକ ସାଇ ମୁଣ୍ଡ ଘରେ ସ୍କୁଲ ବସିଚ...ସାଇ ମାଇପେ ଫୁରୁସତବେଳେ ଆସି ପାଠ ପଢୁଚନ୍ତି, ସିଲେଇ ବା ଅନ୍ୟ ଘରକରଣା କାମ ଶିଖୁଚନ୍ତି । ଅଜ୍ଞାନ ଓ ଅଶିକ୍ଷାର ବହଳ ଅନ୍ଧାର ଆସ୍ତେ ଆସ୍ତେ ଫିକା ପଡ଼ି ଆସୁଚ ।

ଆନନ୍ଦରେ ଭରପୂର ହୋଇଯାଇଚ ଅଶୋକର ମନ । ତାର ଭାବନା ଓ କାମନାର ସଫଳ ସାର୍ଥକତା ହୋଇଚ ସମସ୍ତଙ୍କର ଏକନିଷ୍ଠ ସାଧନା ବଳରେ । ନିଜ ଘର ବାରଣ୍ଡା ଉପରେ ବସିପଡ଼ିଲି ଅଶୋକ······ତା ସାମନାର ମଥାନ ସେପାଖେ ଲମ୍ବି ଯାଇଚ ଗାଁ ଗହଳ, ବିଲବଣ....... ଭାରତର ୩୫ କୋଟୀ ଜନତାର ଏକ ବିଶାଳ ଭୂଖଣ୍ଡ । ଏହି ବିରାଟ ଜନତାକୁ ସ୍ୱାଧୀନତାର ମଧୁ ଚଖାଇବାକୁ ହେବ······ରାଜନୈତିକ ସ୍ୱାଧୀନତା ସାଙ୍ଗେ ସାଙ୍ଗେ ଆର୍ଥିକ ଓ ସାମାଜିକ ସ୍ୱାଧୀନତା ଆଣି ଦେଇ ଏମାନଙ୍କର ମେରୁଦଣ୍ଡ ମଜବୁତ କରିବାକୁ ପଡ଼ିବ । ସେଥିପାଇଁ ଦରକାର ବିରାଟ ତ୍ୟାଗ ଓ ସାଧନା !

—ଅଶୋକ ବାବୁ !

ଭାବାବେଶରୁ ଫେରି ଆସିଲି ଅଶୋକ । ଆଗରେ ତାର ସରଳା ।

ସଞ୍ଜ ଉଙ୍କୁରି ଗଲାଣି । ଘରେ ଘରେ ସଞ୍ଜବତୀ ବି କେତେବେଳୁ ଲିଭିଲାଣି । ଜହ୍ନ ଆଲୁଅରୁ ମେଞ୍ଚାଏ ପଡ଼ିଚ ବାରଣ୍ଡା ଉପରେ ଆଉ ସରଳାର ମୁହଁ ଉପରେ ।

ସରଳା ବିଷୟରେ ଛନ୍ଦାର କଥା ମନେ ପଡ଼ିଲି ଅଶୋକର । ମନ ତାର ବିକ୍ଷେଇ ଉଠିଲି ଛନ୍ଦା ଉପରେ । ନିବଦ୍ଧ ଆଖିରେ ସେ ଚାହିଁଲି ସରଳା ମୁହଁକୁ ମନର ମ୍ଲାନ ଭୁଲିଯିବା ପାଇଁ । ସରଳାର ଟଣା ଟଣା ଆଖି ସଙ୍ଗେ କେତେଥର ଆଖି ମିଳିଗଲି ଅଶୋକର । ସରଳାର ଚାହାଣୀରେ କି ଜଣାନ୍ଥ ଭାଷା ଫୁଟି ଉଠୁଚ—ଅଥଚ ଛନ୍ଦା କହୁଚ ସରଳା ସହଜ ନୁହେଁ, ଦୁର୍ବୋଧ୍ୟ ।

— ମଉଛବକୁ ଡାକି ନବାକୁ ଆସିଲି । ବାପା ପଠେଇଲେ ।

— ଆରେ ମନେ ତ ! ପ୍ରକୃତିସ୍ଥ ହୋଇ କହିଲା ଅଶୋକ—ତମେ ଝିଅମାନେ ସଙ୍ଗ ହୋଇ ଯା, ମୁଁ ଟିକଏ ପଛରେ ଯାଉଚି ।

ଓଠ ଫାଙ୍କରେ ଟିକଏ ହସି ଦେଇ ଚାଲିଗଲା ସରଳା ।

ଠାକୁରାଣୀଙ୍କ ପାଖେ ମଉଛବ ଲାଗିଚି । ଚନ୍ଦ୍ରାତପ ଉପରେ କୀର୍ତ୍ତନ ଦଳ ସୁର ଧରିଛନ୍ତି......ଝୁଣା, ଧୂପ, ପଣା, ପାଣିରେ ଚାରିଆଡ଼ ମହମହ ବାସୁଚି । ଧୋବ ଫରଫର ଚନ୍ଦ୍ରଧଉଳା ପଞ୍ଚାମୃତ ଘରେ, ସିମେଣ୍ଟ ଚଟାଣ ଉପରେ ସପ ମଶିଣା ପଡ଼ା ହୋଇଚି । ଚାରିଟା ପେଟ୍ରୋମାକ୍ସ ଲଣ୍ଠନ ଘର ବାହାର ହୋଇ ଚାରିଆଡ଼ ଆଲୋକ କରୁଚି । ପଛପାଖରେ ଖନ୍ଦା ଲାଗିଚି । ସାଇର ମୁଖିଆ ଲୋକେ ସେଇଟି ବରାଦ କରିବାରେ ଲାଗି ପଡ଼ିଛନ୍ତି—ଚାରିଆଡ଼ ଲୋକ ଗହଳରେ ଫାଟି ପଡ଼ୁଚି । ଅନୁମାନ ଦୁ ହଜାର ସରିକି ଲୋକ ଜମିଛନ୍ତି ।

ଠାକୁରାଣୀଙ୍କୁ ଟିକେ ଦର୍ଶନ କରିନେଇ ଖନ୍ଦାଶାଳ ଆଡ଼େ ଗଲା ଅଶୋକ ।

—କୋଉଠି ଯାଏ ହେଲା ?

ସାହେବ, ନଥି, ମଧୁ, ଜାବନ, ରହିଦ ସମସ୍ତେ ଏକା ସାଙ୍ଗରେ କହି ପକେଇଲେ—ସବୁ ଆସି ସରିବା ଉପରେ ହେଲାଣି ବାବୁ । ସମସ୍ତଙ୍କର ଆପଣଙ୍କୁ ଯାହା ଅପେକ୍ଷା ।

ଘନଶ୍ୟାମ କହିଲା—ଆଜି ଓଡ଼ା .ଅଧିକେ ଆମେ ସମସ୍ତେ ଏଠି ଏକାଠି ହୋଇଥାଉଁ ବାବୁ, ଏମିତି ସୁଯୋଗ ଯେତେବେଳେ ମିଳଚି, ସେତେବେଳେ ଆପଣଙ୍କ ମୁହଁରୁ ଟିକଏ ଆମ ହାଲ, ହକତ ବୁଝିବୁ, ଏଥି ପାଇଁ ସମସ୍ତେ ତକେଇ ରହିଚନ୍ତି ।

ମାଧୁଆ କହିଲା—ଅରେ ବାବୁତ ଆମକୁ ଏ ଜାଅନ୍ତା ନର୍କରୁ ଉଦ୍ଧାର ହେବାର ବାଟ ବତେଇଚନ୍ତି, ଶେଷବେଳକୁ ଆମକୁ ସେଇ କନାରରେ ଲଗାଇବେ ନାହିଁ ଯେ । ଆମେ ଖାଲି ଏତିକି ଜାଣୁ, ବାବୁ ଯାହା ଯେତେବେଳେ କହିବେ ତା' ଆମେ ସମସ୍ତେ ମଣି କରିବୁ ।

ମାଧବ କହିଲା—ଆରେ ଆଗଚାଲ ଟୋକା, ତୁ ତୁନି ହୁ, ବାବୁଙ୍କ ମୁହଁରୁ ଅମୃତ ଭଳିଆ କଥା ଝରେହେଲେ ସମସ୍ତେ ଶୁଣିଯାନ୍ତୁ । ଏକା ପଦାକରେ ଶତ୍ରୁର ମୁଣ୍ଡ ନଇଁଯିବ ।

କେତେ ସରଳ, କେଡ଼େ ଫମ୍ପଲା ଏ ଲୋକଗୁଡ଼ାକ ଠିକ୍ ବାହାରର ଖୋଲ ପ୍ରକୃତ ପରି । ସଭ୍ରମରେ ଅଶୋକର ମନ ସଙ୍କୁଚିତ ହୋଇଆସିଲା ।

ଅଶୋକ କହିଲା—ମୋ ତୁଣ୍ଡରୁ ଖାଲି ବଡ଼ ବଡ଼ କଥା ଶୁଣିଲେ କିଛି ହବ ନାହିଁ ଘନ, ତାର ଅନୁସାରେ କାମ କରିପାରିଲେ ଯାଇ ତମର ଦଶା ବଦଳିବ ।

ଅଶୋକ ଉଠି ଆସିଲା ସାମନାକୁ । ଠାକୁରାଣୀ ଚଉତରା ଗୁଡ଼ିପାଖେ ପିମ୍ପୁଡ଼ି ପରି ଲୋକ ଘେରିଗଲେ । ସମସ୍ତେ ତାର ମୁହଁକୁ ଚାହିଁ ରହିଚନ୍ତି । ବିରାଟ ଜନତା ଆଜି ତାର ନେତୃତ୍ୱ ଉପରେ ଭରସା ରଖିଚନ୍ତି ।

ପ୍ରଗଲ୍ଭ ହୋଇ ଉଠିଲା ଅଶୋକ । ଠିଆ ହୋଇପଡ଼ି ସେ କହିବାକୁ ଆରମ୍ଭ କଲା—ଭାଇମାନେ, ଯଦି ତମମାନଙ୍କ ଭିତରୁ କେହି ଆଶା କରୁଥାଅ ଯେ ମୁଁ ଲମ୍ବା ଚଉଡ଼ା ବକ୍ତୃତା ଦେଇ, ସଭା ସମିତିରେ ହାତତାଳି ଲୁଟି, ତମମାନଙ୍କର ଦଶା ବଦଳାଇ ପାରିବ ତାହେଲେ ଭୁଲ କରୁଚ । ତଥାପି, ଆଜି ତମମାନଙ୍କୁ ଏଠି ଏପରି ଅବସ୍ଥାରେ ଏକାଠି ଦେଖି, ମୋ ମନ ଭିତରେ ଯେ କେତେ ଆନନ୍ଦ ଓ ଶାନ୍ତି ପାଉଚି ତା ପ୍ରକାଶ କରିବାକୁ ମୋର କଥା ନାହିଁ । ତମେମାନେ ଆଜି ଜାଗି ଉଠିଚ । ଏକ ଏକାଠି, ଏକଗୋଷ୍ଠୀ ହେଲାବେଳେ ତମମାନଙ୍କ ମନରେ ଅନେକ ଆଶା ଓ ଆକାଂକ୍ଷା ଥିବ; ମୁଁ ପରିଷ୍କାର କହି ଦେଉଚି ତମେମାନେ ଏକମନ ଏକ ଚିତ୍ତ ହୋଇ ଲାଗିପଡ଼ିଲେ ତମର ସ୍ୱପ୍ନ ସଫଳ ହେବ । ସାମାଜିକ ଅତ୍ୟାଚାର ବିରୁଦ୍ଧରେ ଲଢେଇ କରି ତମେ ଆଜି ଯଶସ୍ୱୀ ହୋଇଚ । ଅଜ୍ଞାନ, ଅନ୍ଧକାର, କୁସଂସ୍କାରକୁ ସମୂଳେ ପାଇଁ ଏ ଭୂଇଁରୁ ହଟେଇ ଦେବାକୁ ତମେମାନେ ପ୍ରାଣପାତ କରିବାର ଦୀକ୍ଷା ନେଇଚ । ତମର ଅକ୍ଲାନ୍ତ ପରିଶ୍ରମରେ ଏ ବସ୍ତି ସୁନ୍ଦର, ସବୁଜ, ନିର୍ମଳ ହୋଇଚି, ପିଲାଟିଙ୍କ

ଆଖି ଫିଟେଇବା ପାଇଁ ଶିକ୍ଷାର ବନ୍ଦୋବସ୍ତ ହୋଇଚ, ସମସ୍ତ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଲଢ଼େଇ କରିବା ପାଇଁ ତମ ସଙ୍ଗଠନର ମୂଳଦୁଆ ମଜଭୁତ ହୋଇଚ । ତମମାନଙ୍କୁ ଏମିତି ଅନ୍ଧାର ଭିତରେ ପକେଇରଖି ଫାଇଦା ଉଠାଇବାର ମନବୃତ୍ତିକୁ ଆଜି ତମେମାନେ ଯଥାର୍ଥରେ ହଟାଇ ଦେଇଚ । ନିଜ ଶକ୍ତି ଉପରେ ଭରସା ରଖିବାକୁ ମୁଁ ତମମାନଙ୍କୁ ସବୁବେଳେ ଉପଦେଶ ଦେବି—କହିବି ସବୁବେଳେ ନ୍ୟାୟ ଆଉ ସତ୍ୟର ବାଟରେ ଚାଲିବାକୁ ।

ସମସ୍ତେ ଏକ ଲୟରେ ଶୁଣୁଚନ୍ତି—କାହାର ଟିକିଏ ହେଲେ ହଲଚଲ ନାହିଁ ।

— ତମେମାନେ ଆଜି ଯେଉଁ ବିପ୍ଳବ ଭିତର ଦେଇ ଗତି କରୁଚ ସେ କେବଳ ଏଠି ନୁହେଁ, ଆମ ଦେଶସାରା ସେଇ ବିପ୍ଳବର ପ୍ରଳୟଙ୍କରୀ ବାର୍ତ୍ତା ବ୍ୟାପିଯାଇଚ । ଆଜି ସବୁଠି ଅତ୍ୟାଚାର ବିରୁଦ୍ଧରେ ଶଙ୍ଖ ବାଜି ଉଠିଚ, ଦଳିତ ଜନତାର ଭଗବାନ୍ ଆଜି ଚେଇଁ ଉଠିଚନ୍ତି । ଜନ୍ମଭୂମି ଆମର ସ୍ୱାଧୀନ ହୋଇଚ । ୩୫ କୋଟି ଜନତାର ଆର୍ଥିକ ଓ ସାମାଜିକ ଦୁର୍ଗତି ଶେଷ କରିବାକୁ ଆଜି ଚାରିଆଡ଼େ ନିଆଁ ଜଳି ଉଠିଚି । ଦେଶସାରା କର୍ମମୁଖର ହୋଇ ଉଠିଚ ଦାରିଦ୍ର୍ୟ ଓ ଅଭାବ ଘୁଞ୍ଚାଇବାକୁ । ଏ ବିପ୍ଳବର ତମେ, ମୁଁ ଓ ଆଉ ସମସ୍ତେ ସମାନ ଅଂଶୀଦାର । ସମସ୍ତଙ୍କୁ ଭଲଭାବରେ ବଞ୍ଚିବା ପାଇଁ ଖଟିବାକୁ ହେବ, କାମ କରିବାକୁ ହେବ, ସ୍ୱାର୍ଥ ଛାଡ଼ି ତ୍ୟାଗ କରିବାକୁ ହେବ ।

ଅଶୋକ ଜନତା ଆଡ଼କୁ ଚାହିଁ ରହିଲା ଭାବାବିଷ୍ଟ ଭାବରେ । ଶୋଭନ ଉଠିପଡ଼ି କହିଲା—ଏ ସବୁ ତୁଚ୍ଛାକଥା ବାବୁ, ଆମେ ନିଜେ ବଞ୍ଚି ରହିଲେ ଘରବାର କଥା ଭାବିବୁ, ଦେଶ କଥା ଭାବିବୁ । ଭୋକିଲା ହେଲେ ମା ବାପାବି ଝିଅକୁ ବେଚେଇ ଯିବେ ।

ପଞ୍ଚୁ କହିଲା—ଆମ ଉପରେ ତ ଜୋର ଜୁଲୁମ ଦିନକୁ ଦିନ ବଢ଼ି ଚାଲିଚି—ତିନତିନ ବର୍ଷ ହେଲା ଖଟି ପଇସାଟିଏ ବେଶୀ ମିଳିବାକୁ ନାହିଁ, ଅଧିକ ଦିନକୁ ଦିନ କମୁଚ । ୟା'ର ପ୍ରତିକାର କଣ ହେବ କୁହ ।

ଅଶୋକ ଚକ୍ରବର୍ତ୍ତୀ ଉପରୁ ଉଠିଆସି ସମସ୍ତଙ୍କ ମଝିରେ ବସିପଡ଼ିଲେ ।

—ନିଜର ପଇସା ବଢ଼ିବା ଆଗରୁ କେବେ ତମ କାମ ବଢ଼ାଇବା କଥା ଭାବି ଦେଖିଛ ପଞ୍ଚୁ ?

—ଆମେ କାମ କରୁ ନାହୁଁ, ମୋ ଫଡ଼ରେ ଭଣ ମାଲିକ ଆମକୁ ପଇସା ଗଣି ଦଉଛ ? ଉତ୍ତେଜିତ ଭାବରେ ପଛରୁ ରହିମାନ୍ କହିଲା ।

—ସେ କଥା ମୁଁ କହୁନାହିଁ ରହିମାନ୍ କି ଆଗ ନିଜକଥା ନଭାବି, ଦେଶକଥା ଭାବ ବୋଲି ବି କହୁନାହିଁ । ମୁଁ କହୁଛି କିଛି ଦାବି କରିବା ପୂର୍ବରୁ ବା ତାର ନାଁରେ କିଛି ଅଭିଯୋଗ କରିବା ପୂର୍ବରୁ ନିଜ ଭିତର ପ୍ରଥମେ ଖୋଳେଇ ଦେଖ । ନିଜ ଭିତରେ କିଛି ଗଲତି ଥିଲେ ତାକୁ ସଂଶୋଧନ କରିବାକୁ ସବାଆଗେ ଚେଷ୍ଟାକର ।

ଲୋକଙ୍କ ଭିତରେ ଉତ୍ତେଜନା ଟିକିଏ ବଢ଼ିଗଲା । ନିଜକଥା ପଡ଼ିଲାରୁ ସମସ୍ତେ ସେଇ ସୂଅରେ ଛୁଟିଗଲେ—ଚାରିଆଡ଼ୁ ନାନା ପ୍ରଶ୍ନ, ନାନାପ୍ରକାର ଅଭିଯୋଗ ଆସି ଅଶୋକଙ୍କୁ ବ୍ୟସ୍ତବିବ୍ରତ କରିପକାଇଲା ।

ଅଶୋକ ବଡ଼ପାଟି କରି କହିଲେ—ମତେ ବୁଝିବାକୁ ଚେଷ୍ଟାକର ଭାଇମାନେ ।

ଅପର୍ତ୍ତି ସେମିତି ପାଟି କରି କହିଲା, ଆମ ଉପରେ ଆପଣ ସବୁଯାକ ଦୋଷ ଲଦିଦେଲେ ଆମେ ମାନିବୁ କାହିଁକି ? ଆମର ପିଲାମାଇପେ କଣ କଲେ ଭଲରେ ରହିବେ, ଆଗେ ସେ କଥା କୁହ ।

—ବେଶ୍ ବେଶ୍···ଅଶୋକ ଅପର୍ତ୍ତି ପାଟିରୁ କଥା ଛଡ଼ାଇ ନେଇ କହିଲେ—ତେବେ ସେଇକଥା କହୁଛି ଶୁଣ, ତମେମାନେ କେହି କଣ ଅନୁଭବ କରୁନା ପଚିଶ ଦିନ ତଳେ ତମେମାନେ ଯେମିତି ଥିଲ ତାଠୁଁ ଭଲରେ ଅଛ ?

—ହଁ, ତା ହୋଇନାହିଁ କଣ ? କହୁଚ ସବୁ ପ୍ରଜାମେଳ କି ରଜା ପରେ ନାହିଁ । ଆମେ ଯେତେବେଳେ ଏକମେଳ ହୋଇଚୁ, ସେତେବେଳେ ଆଜି ଯାହା ମସୁଧା କରିବୁ କାଲି ହୋଇଯିବ । ପୁଣି ତ ସାଇକାମ, ଏ ପଞ୍ଚାୟତ ଘର କାମ ତ ହବାକୁ ହିନ ଚାରିଟା ଲାଗିଲା ନାହିଁ ।—ସାଧବ

ସବୁ ଶୁଣି କହିଲା—ଆରେ ବାବୁ କଣ କହୁଚନ୍ତି ଆଗେ ଶୁଣିଯା, ତମେ ସବୁ ବଲୁଆ ଭଲଆ ଏମିତି ଭୁକିଲେ କଣ କିଛି କଥା ସାରଭାଙ୍ଗ କରିପାରିବ।

ମାଧବ ପୁରୁଣା ଓ ମାନ୍ତୀ ମଣିଷ। ତା କଥା ଶୁଣିଲାରୁ ସମସ୍ତେ ଚୁପିଗଲେ। ଅଶୋକ କହିଲା—ତମେମାନେ କଣ ଚାହଁ ? ଭଲ ଖାଇବାକୁ, ଭଲ ପିନ୍ଧିବାକୁ, ଭଲରେ ରହିବାକୁ—ତମ ପିଲାପିଲାଙ୍କୁ ଭଲରେ ରଖିବାକୁ ଏଇଆ ତ ? ସବୁଥି ପାଇଁ ଅଧିକା ମୂଲ ମଜୁରି ଦରକାର। କେଣ ଏ ଅଧିକା ପଇସା କୁଆଡ଼ୁ ଆସିବ କେବେ ଭାବି ଦେଖିଛ ? ତମେମାନେ ଅଧିକା କାମ କଲେ, କାରଖାନାରେ ନାଗିପତ୍ର କେତେ ଭଲ ଜିନିଷ ତିଆରି କଲେ ସେଇଥିରୁ ମାଲିକ ପାଁ ପଇସା ବେଶୀ ଉଠେଇବ। ତମକୁ ଯଇଁ ପଇସାଟାଏ ଦେବ। ସେମିତି କାମପରେ ତମେ ନିଜ ଘର ପାଇଁ ସାଗ ପଇଁ ବାଗ ବଗିଚା ପାଇଁ ଖଟିଲେ ରୋଗ ବଇରାଗ ଦେଖିବ ନାହିଁ, ବଜାର ମହରଗ ଲୁଟିବ ନାହିଁ—ଶାଗ ପନି ପାଇଁବାକୁ ଦି ପଇସା ବଞ୍ଚେଇ ପାରିବ, ପିଲାଙ୍କୁ ମଣିଷ କରି ପାରିବ। ସବୁ ତମମାନଙ୍କ ହାଡ଼ ପିଞ୍ଜିଲା ଉପରେ ନିର୍ଭର କରେ। ...

ପଞ୍ଚୁ କହିଲା—ଆମେ ତ ଆମ ହାଡ଼ ଭାଙ୍ଗି ଖଟିବୁ ବାବୁ, ହେଲେ ମାଲିକ ବେଶୀ ମୁନାଫା କଲେ ସେ ଆମକୁ ବେଶୀ ପଇସାଟାଏ ଦେବାକୁ ଯିବ କାହିଁକି ? କିଏ କଣ ତାହାକୁ ଦେବାକୁ ଭଲପାଏ ?

ଅଶୋକ ହସି ହସି କହିଲା—ଆଜିର ଦୁନିଆରେ ମାଲିକ ଓ ଶ୍ରମିକ ଭିତରେ କିଛି ବନ୍ଧବାଡ଼ ନାହିଁ—ମାଲିକ ପଇସା ଖଟେଇଛି, ତମେ ତାକତ ଖଟେଇଛ—ଦୁହେଁ କଲ କାରଖାନାର ସମାନ ଅଂଶୀଦାର... ମାଲିକର ଗୁଳିଖିଆକୁ ପଣ୍ଡ କରିବାକୁ ତମର ସଂଗଠନ ଦରକାର। ତମମାନଙ୍କର ଆବାଜ ଏକ ହେବା ଦରକାର—ତା ହେଲେ ଯାଇ ମାଲିକ ଶିଖିବ...ତମ ପାଉଣା ତମକୁ ଦେବ। ଏଥିପାଇଁ ହିଂସାର ଦରକାର ନାହିଁ, ଦରକାର ନାହିଁ ରକ୍ତପାତର...ଶାନ୍ତି ଓ ସତ୍ୟର ବାଟରେ ତମେ ଚାଲି ତମର ଦାବୀ ଜଣେଇଲେ ତମର ଜୟ ନିଶ୍ଚୟ ହେବ।

ପଞ୍ଚୁ ପୁଣି ପାଳି ଧରିଲା—ଆଚ୍ଛା କହିଲ ବାବୁ, ଏ ୩।୪ ବର୍ଷ ହେଲା କଳ ଭିତରେ ଯନ୍ତ୍ରଗୁଡ଼ାକୁ ଆମେ ଖୀଆଇ ରଖିଲୁ। ଖଟି ଖଟି ହାଡ଼ ଖଇଁଲୁ। ଏଥିରୁ କଣ ମାଲିକ କିଛି ମୁନାଫା ଉଠାଇ ନାହିଁ।

ରହିମାନ କହିଲା—ସେ ମୁନାଫା କଥା ଦୂରରେ ଥାଉ, ଅଧିକ ଆମ ମେହନ୍ତ ଧନରୁ ବି ପଇସା କାଟି ରଖୁଚି—ଛୁଟି ପଇସା, ଓଭର ଟାଇମ... ଫଣ୍ଡ ସବୁତ ରହିଲା ତା ପାଖେ...।

—ସବୁ ମୁଁ ଜାଣେ ରହିମାନ...ଏ ସବୁ ତୁଟିଯିବାକୁ ବେଶୀ ବେଳ ଲାଗିବ ନାହିଁ। ତମେ ହିସାବ ରଖି ଶିଖିଲେ ତମକୁ କିଏ ଭୁଲାଇ ଦେଇ ପାରିବ ନାହିଁ। ଆଜି ଏଇଠି ସମସ୍ତେ ତମ ସାଇ ଭିତରୁ ଡିପାର୍ଟ ଭିତରୁ ତମ ସମସ୍ତଙ୍କ ପାଇଁ ଯିଏ ମାଲିକ ପାଖରେ କଥା କହି ପାରିବ, ଯୁଝି ପାରିବ, ସେମିତିଆ ଟାଣୁଆ ଲୋକ ଜଣେ ଜଣେ ବାଛ। ତାଙ୍କୁ ନେଇ ଶ୍ରମିକ ପଞ୍ଚାୟତ ଗଢ଼। ପଞ୍ଚାୟତକୁ ତମ ହାନିଲାଭ କଥା ଜଣାଅ...ଏଇ ପଞ୍ଚାୟତ ମାଲିକ ପାଖରେ ସେମାନଙ୍କ ତରଫରୁ ଦାବୀ କରିବେ...ତମମାନଙ୍କୁ ବାଟ ବତେଇବେ। ସେଇ ରାସ୍ତାରେ ଚାଲିଲେ ତମର ଦାବୀ ପୂରଣ ହେବ।

ସମସ୍ତଙ୍କ ମନରେ ଉତ୍ସାହ ଖେଳିଗଲା। ମାଧବ କହିଲା—ଏ ପଞ୍ଚାୟତ ଆମର ଶ୍ରମିକ ୟୁନିଅନ। ଆହମଦାବାଦରେ ଏମିତି ୧୦୦ରୁ ଉପର ମିଲ ଲଟେ ଉପରେ ଶ୍ରମିକ ଏ ୟୁନିଅନ କଥା ମାନି ଚଳୁଚନ୍ତି—ମାଲିକ ବି ଶୁଣୁଚି ୟୁନିଅନ କଥା—ଗାଳି, ଦଙ୍ଗା, ହେଙ୍ଗାମ କିଛି ନାହିଁ—ସବୁ କଥା ସୁରୁଖୁରୁରେ ମେଣ୍ଟି ଯାଉଚି।

ସମସ୍ତଙ୍କ ମୁହଁରୁ ବାହାରିଲା—ଆଉ ତାହେଲେ ଡେରି କାହିଁକି, ଏଇଠି ଏଇକ୍ଷଣି ଆମେ ପଞ୍ଚାୟତ ବାଛିବୁ...ଆମ ଉପରେ ଜୁଲମ ଦିନକୁ ଦିନ ବଢ଼ି ଚାଲିଲାଣି। ଆମେ ଆଉ ବରଦାସ୍ତ କରିପାରିବୁ ନାହିଁ।

ସାଙ୍ଗେ ସାଙ୍ଗେ ନାଁ ବଛା ହୋଇଗଲା—ମାଧବ, ପଞ୍ଚୁ, ଅପର୍ତ୍ତି, ରହିମାନ, ଘନଶ୍ୟାମ, ଶୋଭନ, ନାରଣ ସାତଜଣଙ୍କୁ ସଙ୍ଘରେ ସମସ୍ତେ ବାଛି ଦେଲେ ପଞ୍ଚାୟତ ଗଢ଼ିବାକୁ।

ମାଧବ କହିଲା—ଏତ ହେଲା ବାବୁ, ହେଲେ ଆମେ ହେଲୁ ମେଣ୍ଢା ପଲ...ଆମକୁ ଯୁଆଡ଼େ ତଡ଼ିବ ସିଆଡ଼େ ଯିବୁ, ଆମକୁ ଚଳେଇବ କିଏ ?

ଆମକୁ ବୁଝି, ପାଞ୍ଚ ଦବ କଏ ? କାଗଜ, ପତ୍ର, ଲେଖା ଲେଖି, ହିସାବ ପତ୍ର ବୁଝିବ କଏ ? ସବୁ ଜାଗାରେ ସଂଗଠନର ସମ୍ପାଦକ ଅଛନ୍ତି, ସେକ୍ରେଟେରୀ ଅଛନ୍ତି । ସେଇ ଯେମିତି ଚଲାଉଚନ୍ତି ସେମିତି ସଂସ୍ଥାପନା ଚାଲୁଚି ।

—ସେ କଥା ମୁଁ ସବୁ ଆଗରୁ ସ୍ଥିର ଠିକ କରିଚି ସାଧବ ! ସରଳା ତମ ସଙ୍ଗଠନର ଠିକ ଦାୟିତ୍ୱ ନେଇ ପାରିବ—ସେଇ ହବ ଏ ସଂସ୍ଥାର ସେକ୍ରେଟେରୀ...କାଗଜ ପତ୍ର, ହିସାବ ସେଇ ରଖିବ । ସାଧବ ପରି ପୁରୁଣା ଲୋକ ଥାଉଁ ଥାଉଁ ଆଉ ସମ୍ପାଦକ ଖୋଜି ଯିବାକୁ ବାହାରକୁ ଯିବାକୁ ପଡ଼ିବ ନାହିଁ ।

—ସେ ଅକଲ ମୋର କୋଉଠୁ ହବ ବାବୁ, ମତେ ଏ ଦାୟିତ୍ୱରୁ ଛଡ଼ାଇ ଦିଅ...ଆମର ଏ ମୁଣ୍ଡ କାହିଁ ? ସାଧବ ଆପତ୍ତି କରି କହିଲା ।

—ସବୁ ଠିକ ଅଛି ସାଧବ, ତମ ପଛରେ ମୁଁ ଅଛି, ଯେତେବେଳେ ଯୋଉ କଥା ପଡ଼ିବ ମୁଁ ହସି ହସି ତମକୁ ସାହାଯ୍ୟ କରିବି ।

ଅନେକ ରାତି ହୋଇଗଲା ସମସ୍ତେ ଖାଇପିଇ ଫେରୁ ଫେରୁ ।

ବାଟରେ ଅପର୍ଣ୍ଣା ଶୋଭନ ହାତକୁ ଚିପି ଦେଇ କହିଲା—ଦେଖିଲ ଶୋଭନ ଭାଇ, କେମିତି ଗୁଳ ଖଣ୍ଡେ ଖେଳି ଟୋକାକୁ ପଦାରେ ପକାଇ ଦେଲି ।

ବିଲେଇ ଆଖି ବୁଜି ଦୁଧ ପିଉଥିଲା ଏତେଦିନ ।

ଅପର୍ଣ୍ଣାର କଥାଗୁଡ଼ାକ ଅଶୋକକୁ ମୋଟେ ଭଲ ଲାଗିଲା ନାହିଁ । ମନେ ପଡ଼ିଲା ତାର ସେଦିନ ଓ୍ୱାର୍କସ କମିଟି ପରେ ସେ ସେକ୍ରେଟେରୀଙ୍କ ଦପ୍ତରରୁ ବାହାରି ଆସୁଥିବା ଅପର୍ଣ୍ଣାର ହସ ହସ ମୁହଁ—ତା ପରେ ଅପର୍ଣ୍ଣାର ଦରମା ବଢ଼ିଚି...ହୁଏତ ମାଦ୍ରାଜର ସ୍ତ୍ରୀନଙ୍କ ପାଖେ ତାର ଖାତିର ବି ବଢ଼ିଛି । ତା ବଢ଼ୁ...ସେ ଚାହେଁ ସମସ୍ତେ କେମିତି ବେଶୀ ପଇସା ପାଇ ଭଲରେ ରହନ୍ତୁ । ସମସ୍ତଙ୍କର ଯେମିତି ମର୍ଯ୍ୟାଦା ବଢ଼ୁ ।

ରାତରେ ଭଲ ନିଦ ହୋଇନି ଅଶୋକର । ସକାଳୁ ମିଲକୁ ଯିବା ପୂର୍ବରୁ ପଚାରିଥିଲା ସରଳା ।

—ମୋ ଉପରେ ଆପଣ ଏତେ ବଡ଼ ଦାୟିତ୍ୱ କାହିଁକି ଦେଇଦେଲେ ?

—ତମେ ସେ ଦାୟିତ୍ୱ ତୁଲାଇ ପାରିବ, ଏ ଭରସା ମୋର ଅଛି ବୋଲି । ଅଶୋକ ଟିକିଏ ଗୁମମାରି କହିଲା—ତା ଛଡ଼ା, ଜାଣ ସରଳା, ମୁଁ ଚାହେଁ ଶ୍ରମିକ ତାର ନିଜ ଦାୟିତ୍ୱ ବୁଝନ୍ତୁ, ନିଜ ଗୋଡ଼ରେ ଠିଆ ହୁଅନ୍ତୁ...କୌଣସି ଦଳ ବା ଗୋଷ୍ଠୀଗତ ରାଜନୀତି ଏଠି ନ ପଶୁ ।

ଅଶୋକ ତରତର ହୋଇ ବାହାରିଗଲା । କାରଖାନାରେ ଅନେକ କାମ ବାକି ଅଛି । ମିଲ ଭିତରେ ପଶି ପ୍ରଥମେ ସେ ଗଲା ନୀହାର ରଞ୍ଜନଙ୍କ ଦପ୍ତରକୁ । ନୀହାର ବାବୁ ଅଶୋକକୁ ଦେଖି କେଇ ଗମ୍ଭୀର ହୋଇଗଲେ ।

ଗୋଟାଏ ଚୌକି ଟାଣି ବସୁ ବସୁ ଅଶୋକ କହିଲା—ଆପଣଙ୍କ ସହିତ କେତୋଟି ଜରୁରୀ କଥାର ପରାମର୍ଶ କରିବା ପାଇଁ ଆସିଥିଲି ସାର !

ନୀହାର ଧୂର୍ତ୍ତ ଭାବରେ ହସି କହିଲେ—ଆପଣଙ୍କୁ ଏଣିକି ଆଉ ପରାମର୍ଶ ଦେବାକୁ ପଡ଼ିବ ନାହିଁ ଅଶୋକବାବୁ ! କୈଫିୟତ ଦେବାକୁ ପଡ଼ିବ । ମୋର କଥାର ମାନେଟା ବୋଧହୁଏ ବୁଝିପାରୁଛନ୍ତି ? କିନ୍ତୁ ଅଶୋକବାବୁ, ଏତେ ଉଚ୍ଚଶିକ୍ଷିତ ହୋଇବି ଆପଣଙ୍କ ମୁଣ୍ଡରେ ଏ ଦୁର୍ବୁଦ୍ଧି ପଶିଲା କାହିଁକି ?

—ଆପଣ କାଲିକାର ମିଟିଂ କଥା ବୋଧହୁଏ କହୁଛନ୍ତି ସାର୍ ?

—ହଁ, ସେଇକଥା କହୁଛି ଆଉ ଏଥିକି ବି କହି ରଖୁଛି ମୁଁ ଅଶୋକବାବୁ, ଏହାଦ୍ୱାରା ଆପଣ କୌଣସି ବୁଦ୍ଧିମାନର କାମ କରିନାହାନ୍ତି, ଆପଣ ହୁଏତ ଅଜାଣତରେ ମାଲିକର ସ୍ୱାର୍ଥ ସାଙ୍ଗରେ ନିଜର ସ୍ୱାର୍ଥ ଓ ଭବିଷ୍ୟତକୁ ବଳି ଦେଇଛନ୍ତି ।

—ମୁଁ ତା ବୁଝିଛି ସାର ।

—ଏ ନିଆଁ ସାଙ୍ଗରେ ଖେଳିବା ସହଜ ନୁହେଁ, ଅଶୋକବାବୁ । ଯଦି ଆପଣ ତା ବୁଝିଥାଆନ୍ତି, ତା ହେଲେ ଶୀଘ୍ର ଆପଣ ଏହାର ଫଳ ବୁଝି ପାରିବେ ।

—ମୁଁ ଏଥିପାଇଁ ସମସ୍ତ ପରିସ୍ଥିତିର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଅଛି । ମୁଁ ନିଜ ବିଶ୍ୱାସର ବୁଦ୍ଧିରେ ଯାହା କରିଛି ବା କରିବି, ତାର ସମ୍ପୂର୍ଣ୍ଣ ଦାୟିତ୍ୱ ନେବାକୁ ମୁଁ କେବେ ହେଲେ ପଛେଇବି ନାହିଁ ।

ତେବେ ମୁଁ ଗୋଟାଏ ଅଲଗା କାମରେ ଆସିଛି ସାର । ଏହା ଭିତରେ ମୁଁ ଲାଗିପଡ଼ି ସମସ୍ତଙ୍କର ଛୁଟି ଫର୍ଦ୍ଦ ଓ ସେ ବାବଦ ପାଉଣା, ପ୍ରୋଭିଡେଣ୍ଟ ଫଣ୍ଡ ବାବଦ ସବୁ ଟଙ୍କା ଟିକିନିଖି ହିସାବ କରିଦେଇଛି । ଛୁଟି ବାବଦ ପାଉଣା କେବଳ କୋଡ଼ିଏ ହଜାର ଟଙ୍କାରୁ ବେଶୀ ହେଉଛି । କେବେ ଶ୍ରମିକମାନଙ୍କୁ ଏ ଟଙ୍କା ଦିଆଯାଇ ପାରିବ ସେ କଥା ମୁଁ ବୁଝିବାକୁ ଆସିଛି ।

—ଆପଣଙ୍କର ଏଥିରେ ମୁଣ୍ଡ ଖେଳେଇବାର ମାନେ ? ବକ୍ର ଦୃଷ୍ଟିରେ ଚାହିଁଲେ ମିହିର ।

—ମୋର କର୍ତ୍ତବ୍ୟ ଦୃଷ୍ଟିରୁ ମୁଁ ଏଇଟା କରିବାକୁ ଉଚିତ ମନେ କଲି, ସାର । ଶ୍ରମିକଙ୍କର ଯଥାର୍ଥ ମଙ୍ଗଳ ଦେଖିବା ତ ମୋର କାମ...

—ତା ବୋଲି ମାଲିକର ବିରୋଧ କରିବା ତ ଆପଣଙ୍କର କାମ ନୁହେଁ ଅଶୋକବାବୁ । ତାଛଡ଼ା ଆପଣଙ୍କୁ ମୁଁ ଆଗରୁ କହିଛି ବର୍ତ୍ତମାନ ବ୍ୟବସାୟ ବଡ଼ ମାନ୍ଦା...ଲୋକସାନ ସହି କେବଳ ଲୋକଙ୍କୁ କାମ ଯୋଗାଇବା ପାଇଁ ମାଲିକ ମିଲ ଚଳଉଛି—ଏପରି ଅବସ୍ଥାରେ ଏ କୋଡ଼ିଏ ହଜାର ଟଙ୍କା ଦେବା ତ ମୋଟେ ସମ୍ଭବପର ହେବ ନାହିଁ ।

—କାହିଁକି ନ ହେବ ସାର ? ମାଲିକ ଯେତେବେଳେ ମୁନାଫା କରୁଛି ସେଥିରୁ ତ କିଛି ଭାଗ ମିଳୁ ନାହିଁ ଶ୍ରମିକମାନଙ୍କୁ, ଅଥଚ ଶ୍ରମିକ କାହିଁକି କ୍ଷତିର ଭାଗୀଦାର ହେବ ? ମିହିର ଚିଡ଼ି ଉଠିଲେ ମନେ ମନେ । କହିଲେ—ଅଶୋକବାବୁ, ଆପଣ ମ୍ୟାନେଜରଙ୍କ ସାଙ୍ଗେ କଥାବାର୍ତ୍ତା କଲେ ସେ ଏହାର ଜବାବ ଦେବେ । ଆପଣ ତାଙ୍କ ସାଙ୍ଗେ ଦେଖା କରି ପାରନ୍ତି ।

ଅଶୋକ ଉଠିପଡ଼ି ଚାଲିଲେ ମ୍ୟାନେଜରଙ୍କ ଦପ୍ତରକୁ ।

ଅଶୋକ ପଛେ ପଛେ ମିହିର ବି ପଶିଗଲେ ।

—ବସ ମାହାର, ଯେଉଁପରି ଖବରେ ଉତ୍ପାଦନ କମୁଚ, ବୋଧହୁଏ ଆଉ ୨୪ ଘଣ୍ଟିଆ କାମ କରିବା ସମ୍ଭବପର ହେବ ନାହିଁ । ଲୋକସାନର ହାର ବ ବଢ଼ିଯାଉଚ ଦିନକୁ ଦିନ । ମୁଁ ବୁଝିପାରୁନ ଏହା ମୂଳରେ କି କାରଣ ଅଛି—ଗୋଟାଏ ମୋଟା ରେଜିଷ୍ଟ୍ରାର ଉପରେ ଆଖି ରଖି ସୁବୋଧ ବାବୁ କହିଲେ ।

ମାହାର ଅଶୋକର ଉପସ୍ଥିତି ଜଣାଇବାକୁ କହିଲେ—ବସନ୍ତୁ ଅଶୋକ ବାବୁ । ସୁବୋଧ ବାବୁ ମୁହଁ ଉଠାଇ ଚାହିଁଲେ ଅଶୋକକୁ ।

—ତମେ ଏତେଦୂର ଚାଲିଯିବ ବୋଲି ମୁଁ କେବେହେଲେ ଆଶା କରି ନଥିଲି ଅଶୋକ । ଅଶୋକ ନୀରବ ରହିଲା । ସୁବୋଧବାବୁଙ୍କ ସାମନାରେ ତା ମୁହଁ ଖୋଲିଲା ନାହିଁ ।

—ତଥାପି ବର୍ତ୍ତମାନ ବେଳ ଅଛି, ତମେ ନିଜକୁ ଫେରାଇ ଆଣିପାର । ଏ ଶ୍ରମିକ ସଙ୍ଗଠନରୁ ତମେ ନିଜକୁ ଅଲଗା କରିନେଇ ପାର ।

ଅଶୋକ ବିବ୍ରତ ହୋଇ କହିଲା—କିନ୍ତୁ କାହିଁକି ସାର, ଆପଣ ହୁଏତ କିଛି ଭୁଲ ଖବର ଶୁଣି ମୋ ଉପରେ ଗୋଟାଏ ଖରାପ ଧାରଣା କରିଚନ୍ତି ।

—ଭୁଲ ଖବର ? ଆଶ୍ଚର୍ଯ୍ୟରେ କହିଲେ ସୁବୋଧ—ଭୁଲ କେଉଁଟା, ତମେ କଣ ଶ୍ରମିକମାନଙ୍କୁ ମତେଇ ପଞ୍ଚାୟତ ଗଢ଼ିନା ? ଶ୍ରମିକମାନଙ୍କ ମନରେ ଗୋଟାଏ ଅଶାନ୍ତିର ଝଡ଼ ଉଠେଇନା ?

—ମୁଁ ଏ ସବୁ କରିଚ ସାର୍, ଆଉ ଏହା କରିବା ମୂଳରେ ମାଲିକର ସ୍ୱାର୍ଥ ମୁଁ ସବୁବେଳେ ଦେଖିଚ । ଶ୍ରମିକ ଓ ମାଲିକ ଭିତରେ ଗୋଟାଏ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ସୃଷ୍ଟି କରିପାରିଲେ...ଶ୍ରମିକର ଶକ୍ତିକୁ ମାଲିକ ବିଶ୍ୱାସ ଓ ସ୍ନେହର ବନ୍ଧନରେ ବାନ୍ଧିଦେଇ ପାରିଲେ, ଏ ଶିଳ୍ପର ଭବିଷ୍ୟତ ଉନ୍ନତ ହେବ ବୋଲି ମୁଁ ଦୃଢ଼ ଧାରଣା କରିଚ । ଉତ୍ପାଦନ ବଢେଇବାକୁ ଓ ଲୋକସାନ କମେଇ ଦେବାକୁ ମୁଁ ସମସ୍ତଙ୍କୁ ବାଧ୍ୟ କରିବି ଆଉ ଆପଣ ଏଇ ଦିନେ ଦୁଇଦିନ ଭିତରେ ତାର ଫଳ ଲକ୍ଷ୍ୟ କରି ପାରିବେ ।

ଅଶୋକ ଏକଲୟରେ କହି ଯାଉଥିଲା । ମାହାର ମଝିରେ ଖୁଣ୍ଟା ଦେଲାପରି କହିଲେ—ଅଶୋକବାବୁ ଲୋକଙ୍କ ପକ୍ଷରୁ ଲୁଟି ପଇସା,

ପ୍ରୋଭିଡେଣ୍ଟଫଣ୍ଡ ଓ ଅନ୍ୟାନ୍ୟ ପାଉଣା ଆମ ପାଖରେ ଦାବି କରିବାକୁ ଆସିଚନ୍ତି ସାର ।

—ମାହାରବାବୁ ଠିକ୍ କହୁଛନ୍ତି ସାର...ଲୋକେ ବହୁବର ଏଥିପାଇଁ ଫୁସ୍‌ଫାସ୍ ହେଉଛନ୍ତି...ଦିନକୁ ଦିନ ସେମାନଙ୍କ ଭିତରେ ଅସନ୍ତୋଷ ବଢ଼ୁଚି ଓ ମାଲିକ ପ୍ରତି ଅବିଶ୍ୱାସ ବଢ଼ୁଚି । ଏଇଟା କୌଣସି ଶିଳ୍ପପାଇଁ ମଙ୍ଗଳଜନକ ନୁହେଁ...ସେମାନେ ଦିନେ ନା ଦିନେ ସେମାନଙ୍କର ପାଉଣା ନେବେ...ତାହେଲେ ସେମାନେ ମାଗି ଉଠିବା ପୂର୍ବରୁ ସେମାନଙ୍କର ପାଉଣା ଚୁକ୍ତି କରିଦେଲେ ମାଲିକ ବରଂ ଭଲ କାମ ସେମାନଙ୍କଠାରୁ ଅସୁଲ କରି ପାରନ୍ତା ।

ବଡ଼ ବିପଦରେ ପଡ଼ିଲେ ସୁବୋଧ—ଏକ ଦିଗରେ ତାଙ୍କର ପ୍ରିୟ ବନ୍ଧୁପୁତ୍ର ଅଶୋକ ଓ ଅନ୍ୟଦିଗରେ କୁଟୀଳ ବିଚକ୍ଷଣ ମାହାର..... ଅଶୋକର ଆଦର୍ଶବାଦ ତାଙ୍କ ମନକୁ ଛୁଇଁଚି, ତାର ଯୁକ୍ତିର ପ୍ରଖରତା ତାଙ୍କୁ ଚାରିଆଡ଼ୁ ଘେରି ବସିଚି...ଅଥଚ ଅଶୋକ ଯାହା କହୁଛି ତା କହିଲେ ଚାକିରି ରହିବ ନାହିଁ...ଅଶୋକର କଥା ଓ ଚାଲିଚଳନ ମାଲିକ ପାଇଁ କଦାପି ଶୁଭସଙ୍କେତ ନୁହେଁ ।

—ତୁମକୁ ଏ ସବୁ ଛାଡ଼ିବାକୁ ପଡ଼ିବ ଅଶୋକ...ବଜ୍ରଗମ୍ଭୀର କଣ୍ଠରେ କହିଲେ ସୁବୋଧ—ଠିକ୍ ଭାବିଚିନ୍ତି ମତେ କାଲି ଭିତରେ କହିବ ।

ଅଶୋକ ନମସ୍କାର ଜଣାଇ ଦପ୍ତର ବାହାରକୁ ବାହାରି ଆସିଲା । ଶକ୍ତିହୀନ ଓ ଉତ୍ସାହହୀନ ଭାବରେ ସେ ନିଜ ଅଫିସରେ ବସି ପଡ଼ିଲା... ତାର ଦେହ ମନକୁ ରୋମାଞ୍ଚିତ କରି ଜାଗି ଉଠିଲା ଶ୍ରମିକର ମିଳିତ ଇସ୍ତାହାର—ବୃହତ୍ତରର ସ୍ୱାର୍ଥ ।

ଚାରିଆଡ଼େ ସବୁ ବିଭାଗ ଭିତରେ ଲୋକଙ୍କ ମନରେ ଅଦମ୍ୟ ଉତ୍ସାହ ଓ ପ୍ରେରଣା ଖେଳିଯାଇଛି—ପ୍ରତି ଡିପାର୍ଟମେଣ୍ଟରେ ଚାନ୍ଦା ଅସୁଲ ଚାଲିଚି ।

ଯୋଉ କେତେଜଣ ଚାନ୍ଦା ଦେବାକୁ ମନା କରୁଛନ୍ତି ତୁ ଏବେ ଅପତ୍ତି ସେମାନଙ୍କ ଭିତରେ ଟିହାଇ ଦେଇଚି । ଅପତ୍ତି ଓ ତା ଦଳର କେତେଜଣ ମୋଟେ ବାହାରକୁ ବାହାରୁ ନାହାନ୍ତି, ଅଥଚ ଭିତରେ ରହି କନ୍ଦଳ ସୃଷ୍ଟି

କରିବାରେ ଲାଗିଛନ୍ତି । ଅଶୋକ ମର୍ମାହତ ହୋଇପଡ଼ିଲା । ଯାହାଙ୍କ ପାଇଁ ସେ ଏ ସବୁ କରିବାକୁ ଯାଉଛି ଯଦି ତାଙ୍କର ଭିତରେ ଫାଙ୍କ ଫାଙ୍କ ହୁଏ, ତାହେଲେ ଏ ଆନ୍ଦୋଳନ ପଛେଇଯିବ ।

ଅପର୍ତ୍ତି ସବୁକଥା ଗୋଟି ଗୋଟି କରି ସେକ୍ରେଟେରୀ ସାହେବଙ୍କ ପାଖେ ବଖାଣ କରି ସାରିଲାପରେ କହିଲା—ହଜୁର, ଏ ଆମ ଉପରେ ଜୁଲମ ହେଉଛି । ଦଳେ ଲୋକ ମେଣ୍ଟ ବାନ୍ଧି, ଚାନ୍ଦା ଅସୁଲ କରି ଚଳିବାକୁ ବସିଛନ୍ତି ।

ମିହାର ସବୁକଥା ମନଦେଇ ଶୁଣୁଥିଲେ । କହିଲେ—ତମେ ଲୋକଙ୍କ ଭିତରେ ଜୋରସୋରରେ ପ୍ରଚାର ଚଲାଅ ଅପର୍ତ୍ତି....ଶ୍ରମିକ ପଞ୍ଚାୟତର ସାତଜଣଙ୍କ ଭିତରୁ ଚାରିଜଣଙ୍କୁ ତମଆଡ଼କୁ ଟାଣି ଆଣିବାକୁ ଚେଷ୍ଟାକର । ପାରିବ ତ ?

ହାତମଲ କହିଲା ଅପର୍ତ୍ତି—ମୋର ଖାଲି ଡର ସେଇ ସାଧବବୁଢ଼ାକୁ । ସେ କଥା କହିଲେ ସମସ୍ତେ ଚପିଯିବେ । ହଜୁର, ଯଦି ସେ ବିଷୟରେ କିଛି ବନ୍ଦୋବସ୍ତ କରନ୍ତେ...

—ବେଶ୍, ତା' ହେବ—ଆଜି ମୁଁ ନୋଟିସ ଦେଉଛି କାରଖାନା ଭିତରେ କେହି ଚାନ୍ଦା ଅସୁଲ କରି ପାରିବେ ନାହିଁ । ଯିଏ କରିବ ତାକୁ ଦଣ୍ଡ ଦିଆଯିବ ।

ଅପର୍ତ୍ତି ମୁଣ୍ଡ ଟୁଙ୍ଗାରି ବାହାରି ଆସିଲା—

ପଛରୁ ମିହାର ରଞ୍ଜନ କହିଲେ—ଠିକ ସନ୍ଧ୍ୟାବେଳେ ତମେ ମୋ ବଙ୍ଗଳାକୁ ଆସି ସବୁ ହାଲଚାଲ କହିଯିବ ଅପର୍ତ୍ତି । ମୁଁ ସେ ସାଧବ ପାଇଁ ବନ୍ଦୋବସ୍ତ କରୁଛି ।

ଅପର୍ତ୍ତି ବାହାରି ଆସିଲା ବାହାରକୁ—କଲରେ କାମ କରୁଥିଲା ବେଳେ ସାଧବ ପାଖକୁ ଆସି କହିଲା—ଅପର୍ତ୍ତି, ତୋ ଢଙ୍ଗଢାଙ୍ଗ କାହିଁକି ମତେ ଭଲ ଜଣାଯାଉ ନାହିଁ । ପାଞ୍ଚଭାଇଙ୍କ ଲାଗି ଯୁ' କାମ ହେଉଛି ତୁ ଯଦି ତାକୁ ଭାଙ୍ଗିବୁ ଭାଙ୍ଗ ।

ଅପର୍ତ୍ତି ନାଲି ନାଲି ଆଖି କରି କହିଲା—ମୁଁ ବି ପାଞ୍ଚଜାଗାରେ କାମ କରି, ଦଶଘାଟରୁ ପାଣି ପିଇ ଆସିଚି ସାଧୁଆ ଦା' ପାଞ୍ଚଜଣଙ୍କ ଆଖିରେ ଧୂଳି ପକେଇବା କାମ ମୋ ଦେହରୁ ସମ୍ଭବ ନାହିଁ ।

ସାଧବ ସେମିତି ଧୀର କଥାରେ କହିଲା—ମୋ ବାଳ ପାଚି ଯୋଟ ହେଲାଣି, ମତେ ସେ କଥାଗୁଡ଼ାକ କାହିଁକି ଶିଖଉଚୁ । ପାଞ୍ଚଭାଇଙ୍କ ଯତ୍ରରେ ଧୂଳି ଦେଲେ ଆପଣା ପତ୍ର ବି ଉଡ଼ିଯିବ ଅପର୍ତ୍ତି ।

—ଦେଖିବା କିଏ ପୁଅ ଅଛୁ, ମୋ ପତ୍ର ଉଡେଇ ଦବ ? ତମତମ ହୋଇ କହିଲା ଅପର୍ତ୍ତି । ସାଧବ ହସିଲା—ଅପର୍ତ୍ତି ପଲଟେକ—ତା ସାଙ୍ଗରେ ସେ ଗୋଟାଏ କଣ ବଢ଼ିବ ?

* * * *

ଛନ୍ଦା ଅପ୍ରସ୍ତୁତ ହୋଇପଡ଼ିଲା ଅଶୋକକୁ ଦେଖି—ଅଶୋକର ଫୁଙ୍ଗୁଳା ବାଳ, ନାଳି ନାଳି ଆଖି ଦେଖି ସେ ମନେ ମନେ ଶଙ୍କିଗଲା ।

—ବସନ୍ତୁ !

—ମେସୋଙ୍କ ସଙ୍ଗରେ ଖୁବ୍ ଜରୁରୀ କାମ ଅଛି ଛନ୍ଦା !

—ଅଚ୍ଛା ଆପଣ ବସନ୍ତୁ, ମୁଁ ବାପାଙ୍କୁ ଡାକି ଦଉଚି କହି ଛନ୍ଦା ଭିତରକୁ ପଶିଗଲା । ଟିକକ ପରେ ଛନ୍ଦା ବାପାଙ୍କୁ ନେଇ ପଶିଲା ଘର ଭିତରେ । ଅଶୋକ ଉଠି ଠିଆହେଲା । ସୁବୋଧ ନିଜେ ବସୁ ବସୁ କହିଲେ—ବସ ଅଶୋକ ! ସୁବୋଧବାବୁଙ୍କ ମୁହଁ ଶୁଖି କଳା କାଠ ପଡ଼ିଯାଇଚି । ଅଶୋକ ବୁଝି ପାରିଲା ନାହିଁ ହାମ୍‌ନାକୁ । ଗୋଟାଏ ଚେୟାର ବଂଥାରେ ସେ ଝାଉଁଳି ପଡ଼ିଲା ।

—କଣ ହେଇଚି ବାପା, ଆପଣ ଆଜି ମିଲ୍‌ରୁ ଏତେ ସକାଳ ଆସି ଏମିତି ମୁହଁ ଶୁଖାଇ ରହିଚନ୍ତି ଯେ—

--ତୁ ଯା ମା, ଭିତରକୁ....ଛନ୍ଦା ଭିତରକୁ ଚାଲିଯିବା ପରେ ସୁବୋଧବାବୁ କହିଲେ—ଅଶୋକ, ମୁଁ ତମଠୁଁ ବହୁତ କିଛି ଆଶା କରୁଥିଲି, ମୋର ଓ ତମ ବାପାଙ୍କ ଭିତରେ ଯେଉଁ ଘନିଷ୍ଠ ବନ୍ଧୁତ୍ୱ ଥିଲା ସେଥିରେ ମୁଁ ଆଶା କରିଥିଲି ତମେ ମୋର ପାଖରେ ରହି ବହୁତ ଉନ୍ନତି କରି ତମେ

ପାନ୍ତିଜଣଙ୍କ ଭିତରେ ଜଣେ ମଣିଷ ହୋଇ ବାହାରି ଆଆନ୍ତୁ । ତମ ବାପାଙ୍କର ସ୍ୱର୍ଗତଃ ଆତ୍ମା ତାହେଲେ ସନ୍ତୁଷ୍ଟ ହୋଇ ପାରିଥାଆନ୍ତା ।

ଅଶୋକ ସେମିତି ମୁହଁ ତଳକୁ କରି କହିଲା—ଆପଣ ସେ ସବୁ ଭୁଲିଯାନ୍ତୁ ମୌସା—

—ଆଜି କାରଖାନାରେ ତମ ଆବାଜ ଶୁଣିଲାବେଳୁ ମୁଁ ସେ ପ୍ରାଣମୟୀ ସମ୍ପର୍କ ଭୁଲି ଯାଇଛି ଅଶୋକ, ତମର କୌଣସି ଦାୟିତ୍ୱ ନବାକୁ ମୁଁ ମନା କରି ଦେଉଛି ।

—ଭଲ କରନ୍ତୁ ମୌସା—ଏ ବାଟରେ ବୁଲି ମୋର ହାର ହେଲେ ବି ମୁଁ ତା ମୋ ଜୀବନର ପରମ ସୌଭାଗ୍ୟ ବୋଲି ମନେ କରିବି । ଦରିଦ୍ର ନାରାୟଣର ସେବାକୁ ମୁଁ ମୋର ଜୀବନର ବ୍ରତ କରିଛି—ମୋର କୌଣସି ପ୍ରକାର ଲୋଭ ଅଭିଳାଷ ନାହିଁ ।

ସୁବୋଧ ବ୍ୟାକୁଳ ହୋଇ ପଡ଼ିଲେ ।

—ଯାଅ ତମେ ଅଶୋକ, ତମର କୁଲି ମଜଦୁରଙ୍କୁ ନେଇ ତମେ ରହ । କରୁଣ ଦୀର୍ଘ ନିଶ୍ୱାସ ମକାଇ କହିଲେ ସୁବୋଧ ।

—ମୁଁ ଯାଉଛି ମୌସା, ଆପଣଙ୍କ ଇଜ୍ଜତରେ ଆଞ୍ଚ ଲଗାଇବାକୁ ମୁଁ କୌଣସି ଦିନ ଏ ଦୁଆରେ ମାଡ଼ିବି ନାହିଁ । ଆଉ ଆପଣଙ୍କ ଆଇନ ଓ ଶୃଙ୍ଖଳା ରକ୍ଷା କରିବା ଦୃଷ୍ଟିରୁ ମତେ ଯେଉଁ କଠିନ ଦଣ୍ଡ ଦେବାକୁ ପଡ଼େ, ସେଥିପାଇଁ ମଧ୍ୟ ଆପଣ ଅନୁଶୋଚନା କରିବେ ନାହିଁ ।

ବିଦାୟ ନମସ୍କାର ଜଣାଇ ଦ୍ରୁତବେଗରେ ବାହାରକୁ ବାହାରି ଆସିଲା ଅଶୋକ । ଫାଟକ ପାର ହୋଇ କିଛି ଦୂର ଯିବା ଭିତରେ ଛନ୍ଦା ପଛରୁ ଡାକିଲା—ଅଶୋକ ବାବୁ !

ଅଶୋକ ଠିଆ ହେଲା । ଛନ୍ଦା ପାଖକୁ ଆସି ପଚାରିଲା—ଅଶୋକ ବାବୁ, ଏଣିକି ଆପଣଙ୍କ ସହିତ ହୁଏତ ଆଉ ଦେଖା ହେବାର ସୁଯୋଗ ହେବନି—ମୁଁ ଆପଣଙ୍କ କଥା ସବୁ ଶୁଣିଛି · · ତେବେ ଆପଣ ଆମ ପାଖରୁ ଚିର ବିଦାୟ ନେବା ପୂର୍ବରୁ ଆପଣଙ୍କ ପାଖରୁ ଗୋଟାଏ ଦୋଷ ପାଇଁ କ୍ଷମା ମାଗିବା ପାଇଁ ଆସିଛି ।

—ଦୋଷ ? ? ଆଶ୍ଚର୍ଯ୍ୟ ହୋଇ ପଚାରିଲା ଅଶୋକ ।

—ହଁ, ସେଦିନ "ଆପଣଙ୍କୁ ଅତି ଆପଣାର ମନେ କରି କଟୁ କଥା କହିଥିଲି ସରଳ ବିଶ୍ୱାସରେ । ଆପଣ ବି ଯେ ଖୁବ୍ ଚିଡ଼ି ଉଠିଥିଲେ ତା ବି ବୁଝି ପାରିଥିଲି । କିନ୍ତୁ ବର୍ତ୍ତମାନ ବୁଝୁଚି ମୋର ଆପଣଙ୍କ ଉପରେ ସେପରି ଅଧିକାର କରିବସିବା ଅନ୍ୟାୟ ହୋଇଛି । ସେଥିପାଇଁ କ୍ଷମା ଦେବେ ।

— ତୁମର ମୋ ଉପରେ ଚିରଦିନ ସମାନ ଅଧିକାର ଅଛି ଛନ୍ଦା— କେବଳ ଆମ ଚାଲିବାଟ ଫରକ । ରାତି ବହୁତ ହେଲାଣି—ଘରକୁ ଯାଅ ।

ଅଶୋକ ଆଗକୁ ପାଦ ବଢ଼ାଇବା ଆଗରୁ କହିଲା—ଯଦି କେବେବେଳେ ସୁବିଧା ସୁଯୋଗ ପାଅ, ଟିକିଏ ବସ୍ତି ଆଡେ ବୁଲିବୁଲି ହୋଇ ଆସିବ ଛନ୍ଦା !

ଛନ୍ଦା ମୁହଁରୁ ହଁ ନାଁ ଶୁଣିବାକୁ ଅପେକ୍ଷା ନକରି ଅଶୋକ ଫେରି ଚାଲିଲା ।

ପଞ୍ଚାମୃତ ଘରକୁ ଅଢେଇଁ ଦ'ଦିନ ହେଲା ଆସିବାକୁ ନାହିଁ । ଯାହେତୁ ବସ୍ତି ଚଉପଟ ବଧି ଉପରେ ତା ଦଳକୁ ନେଇ ସେ ବେଶ୍ ଆଡ୍ଡା ଜମେଇଛି...ମାଷ୍ଟର ବାବୁ ଯେଉଁ ଅଜସ୍ର ପଇସା ଦେଉଚନ୍ତି ତା ସେ ମଦ ଓ ଖାଇବାରେ ଉଡ଼େଇ ଦେଉଚି...ସେଥିପାଇଁ ଲୋକଙ୍କ ଭିଡ଼, ବିଶେଷତଃ ଟୋକା ଟାକଲିଆଙ୍କ ଭିଡ଼ ଦିନକୁ ଦିନ ବଢି ଉଠୁଛି ତା ପଛରେ । ପ୍ରତିଦିନ ଖାସି କଟା ହେଉଚି....କୁକୁଡ଼ା ବିରିଆନି ହେଉଚି...ଆଉ ତା ସାଙ୍ଗରେ ମଶ୍‌ଗୁଲ୍ ମଦ । ଅଭାବ କଣ ଅଛି ?

ଅପର୍ତ୍ତି କି ବୁଝେଇଚି—ମଣିଷ ଆସିଚି ଖାଇପିଇ, ମଉଜ, ମଜଲିସ୍‌ରେ ଦିନ କଟେଇ ଦବାପାଇଁ...ସେଇଥିପାଇଁ ସେ ଯେତେ ଫନ୍ଦି ଫିକର କରୁଚି । ଆମର ଅଭାବ କୋଉଥିର ଅଛି...ଖାଅ, ପିଅ, ମଜଲିସ୍ କର ।

ଶୋଭନ ଟିକିଏ ବେଶୀ ପିଇଦେଇଚି···ଲମ୍ବା ହାଲ୍ଲୁଟି ମାରି ଢଳି ଢ଼ଳି ସମସ୍ତଙ୍କ ସ୍ୱରପାଖେ ସେ ପେଗ ଖାଇ ସୁର ଧରନ୍ତି—ଓିଏଯା, ଜିନ୍ଦଗୀ ଦୋ ଦିନକା...

ଅପର୍ତ୍ତି ଆଖି ବି ଟୁଲୁ ଟୁଲୁ ହେଉଚି । ଚଇତନଥା, ରାମଖିଲାନ୍ ଗୋଟାଏ ହିନ୍ଦୀ ଗୀତର ସୁର ଧରିଛନ୍ତି—ମିଲକେ ବିଛୁଡ଼େ ନାହିଁ ଯାନା···

ରଫିକ୍ ଅପର୍ତ୍ତି ଉପରେ ନିଶା ଝୁଙ୍କରେ ଅଜାଡ଼ି ହୋଇ ପଡ଼ି କହିଲା—ହେଲେ ଦୋସ୍ତ...ଆମର ଭିତରେ ପଶି ଚାଳା ଚଢ଼ାଆଟାଏ ଉଡ଼େଇନେଲା ଅଶୋକ...

ଶୋଭନ କହିଲା—ଜାଏ ଶାଲା···ଯବାନୀ ଭି କୋଇ ଚିଜ୍ ହୈ ଦୋସ୍ତ....ବିଚାରାର ମନର ଅରମାନ୍ ବି ମିଟିଗଲା ।

ଅପର୍ତ୍ତି କହିଲା—ଆରେ ସେଠି ତ ଲୁଚକାଲି ଖେଳ ଚାଲିଚି .. ଗୋଟାଏ ଟୋକା ପାଇଁ ସମସ୍ତେ ପାଗଳ...ଡ଼ାହୁକ ହାଣ୍ଡି ବସିଚି...ଟୋକା ନ ଜମିବେ କାହିଁକି ?

ରାମଖିଲାନ୍ କହିଲା—ସିଏ ବି କମ ନାହିଁ ଦୋସ୍ତ...ଏ ପଞ୍ଚାସୁନ୍ଦରୀର ସେକ୍ରେଟେରୀ ବନିଚି....ଯେତେବେଳେ ସମସ୍ତଙ୍କୁ ଟିକିଏ ହସି ପଦେ କଥା କହି ଦେଉଚି କଳଜାରେ ଛୁରୀ ଚାଲି ଯାଉଚି । ମନଗୁଲ କରି ରଖିଚି ସମସ୍ତଙ୍କୁ ଲେକିନ୍ ଧରା ଦେଉଚି ଜଣକୁ ।....ହସି ଉଠିଲା ରାମଖିଲାନ ।

ମାଷ୍ଟର କଡ଼ା ପାଟିରେ ଡାକିଲେ—ଅପର୍ତ୍ତି ! !

ଅପର୍ତ୍ତିର ନିଶାତଳକୁ ଖସିଗଲା...ଶୋଭନ୍ ଚମକି ପଡ଼ି ଅନ୍ୟ ସମସ୍ତଙ୍କୁ କେଣ୍ଠି ସାବଧାନ କରିଦେଲା ।

ମାଷ୍ଟର ସେତେବେଳକୁ ଆସି ସମସ୍ତଙ୍କ ମଝିରେ ଠିଆହେଲେଣି ।

—ଆଜିର କିଛି ଖବର ରଖିଚ ତମେମାନେ ?

ଅପର୍ତ୍ତି କହିଲା—ହଜୁର, ଆମର ଜଣ ଅଛି କିଛି ଜାଣିବାକୁ ବାକି ଅଛି । ଅଶୋକ ଦିନରାତି ସମସ୍ତଙ୍କ କାନରେ ଫୋଡ଼ୁଚି ଛୁଟି ପଇସା ପାଇଁ, ଫଣ୍ଡ ପାଇଁ, ବୋନସ୍ ପାଇଁ ଧର୍ମଘଟ କରିବାକୁ । ସେ ଟୋକା ବି ଘରେ ଘରେ ବୁଲି ସମସ୍ତଙ୍କୁ ମତେଇବାରେ ଲାଗିଚି—କହୁଚି ଏ ଧର୍ମଘଟ ସବୁ

ଦାବୀ ପୂରଣ ନ ହେବାଯାଏ ଚାଲୁ ରହିବ...ମା, ଭଉଣୀ ସବୁ ଗାଁ ଗଣ୍ଡାକୁ ଚାଲିଯା, ଏଠି କେବଳ ଶ୍ରମିକମାନେ ଏକା ରହନ୍ତୁ ।

—ସେ ସବୁ ପୁରୁଣା ଖବର ଅପର୍ତ୍ତି । ନୂଆ ତାଜା ଖବର ମୋଠୁଁ ଶୁଣ । ଅଶୋକଙ୍କୁ କାଲିଠାରୁ ଚାକିରିରୁ ବରଖାସ୍ତ କରି ଦିଆ ଯାଉଛି ।

ଶୋଭନ କହିଲା—ଖାସା ହୋଇଛି ହଜୁର...ବାକୀ ରହିଲେ ଆଉ ପାଞ୍ଚଜଣ ଆଉ ସେଇ ହୋକାଟା...

ତାର ବନ୍ଦୋବସ୍ତ ଖୁବ୍ ଶୀଘ୍ର ହେବ, ତମେମାନେ ତମଦଳ ମଜବୁତ କର । ଦରକାର ପଡ଼ିଲେ ମାରପିଟ ଗୁଣ୍ଡାମୀ ବି କର ଲୋକଙ୍କ ସାଙ୍ଗରେ । ଯେ କୌଣସିମତେ ଏ ଝଡ଼କୁ ଦବେଇବାକୁ ହବ । କୌଣସି ଭୟ ନାହିଁ ତମର—ପୁଲିସ ଆମ ଅକ୍ତିଆରରେ । ଦରକାର ପଡ଼ିଲେ ମିଲିଟେରୀ ବି ଆସିବେ ।

—ଏତକ ବଳ ପାଇଲେ ଆମେ ତ ହାତ ସଫେଇରେ ସମସ୍ତଙ୍କୁ ଉଡ଼େଇଦବୁ ହଜୁର ।

ସମସ୍ତେ ଚାଲିଗଲେ ମାନ୍ଦାରଙ୍କ ପଛରୁ ଫେରି । ମାନ୍ଦାର ମଟରରେ ବସିବା ପୂର୍ବରୁ ବିପରୀତ ଦିଗରୁ ଦଠା ଟର୍ଚ୍ଚର ଉଦ୍ଭାସିତ ଆଲୋକ ତାଙ୍କ ମୁହଁ ଉପରେ ପଡ଼ିଲା । କ୍ଷଣେ ମାତ୍ର ବିଳମ୍ବ ନ କରି ମାନ୍ଦାର ମଟର ଷ୍ଟାର୍ଟ କରି ଚାଲିଗଲେ ମିଲ୍ର ଫାଟକ ଆଡ଼େ ।

ପଞ୍ଚାୟତ ଘର ଭିତର ଲୋକ ଗହଳରେ ସରଗରମ ହୋଇ ଉଠିଛି ..ଆଜି ମିଲ ଭିତରେ ସମସ୍ତଙ୍କୁ ଡାକି ଧମକ ଦିଆଯାଇଛି ଚାରିଆଡ଼େ ଆଇନ କଡ଼ା ହୋଇ ଗଲାଣି । ମିଲରେ ପଶିଲାଠୁ ବାହାରିବା ପର୍ଯ୍ୟନ୍ତ କଡ଼ା ନଜର ଦିଆ ହେଉଛି...ପଛେ ପଛେ ଦଲାଲ ଗୋଇନ୍ଦା ଲାଗି ରହିଛନ୍ତି । ଭଲ ମନ୍ଦରେ ପଦେ କଥା ପାଟି ଫିଟେଇଲେ ଚାରିଟ ଜୋରିମାନା, ଶେଷକୁ ଦରଓ୍ୱାନଙ୍କୁ ଡାକି ମିଲରୁ ବାହାର କରି ଦବା ପର୍ଯ୍ୟନ୍ତ କଥା ଯାଉଛି । ନାଲି ଆଖିର ଅତ୍ୟାଚାର ବଢ଼ି ଉଠୁଛି ଦିନକୁ ଦିନ...କାହାରି ଟିକିଏ ପାଟି ଫିଟେଇବାକୁ ଯୁ' ନାହିଁ ।

—ଏ ଅନ୍ଧାର ଶାସନ କେତେ ଦିନ ଚାଲିବ ବାବୁ ? ଗୌରାଙ୍ଗ ପଞ୍ଚାୟତ ଆଗରେ ଗୁହାରି କଲା । ବାସ୍ତବିକ କେତେ ଦିନ ଚାଲିବ ଏ

ଅତ୍ୟାଚାର ? ? ଅଶୋକ ମନେ ମନେ ଉପାୟ ଖୋଜୁଛି...କଅଁଣ ଜାଲ ଦେବା ଆଗରୁ ଆଉଥରେ ସେ ଚେଷ୍ଟା କରି ଦେଖି ଯଦି ମିଲର କର୍ମକର୍ତ୍ତାଙ୍କ ମନ ବଦଳିବ—

ସରଳା କହିଲା—ଆମେତ ଆମ ରାସ୍ତା ଠିକ କରି ସାରିଛୁ ଗୌରାଙ୍ଗ, ପୁଣି ଏକଥା ପଚାରୁଛ କାହିଁକି ? —କାଲି ଆମର ସବୁ ଦାବୀ ଚିଠା ହୋଇ ଯାଇଛି···ଆମେ ପଞ୍ଚାୟତ ତରଫରୁ ମାଲିକଙ୍କୁ ସେ ଦାବୀ ପୂରଣ କରିବାକୁ କହିବୁ...ଯଦି ମାଲିକ ମୁଣ୍ଡ ନୁଆଇଁ ଆମର ସେ ଦାବୀ ମାନି ନ ନିଏ, ତାହେଲେ ଆମେ ଧର୍ମଘଟ କରିବୁ ।

ଅଶୋକ କହିଲା—ଧର୍ମଘଟ ଆମର ଶେଷ ପନ୍ଥା...ଅନ୍ୟ ଚେଷ୍ଟାରେ କିଛି ଫଳ ନ ଫଳିଲେ ଆମକୁ ତା କରିବାକୁ ହେବ । ତଥାପି ପାଣି ଭିତରେ ରହି କୁମ୍ଭୀର ସାଙ୍ଗେ କଳି କଲେ ସେଇଟା ସୁନ୍ଦର ହେବ ନାହିଁ ।

ମୁରଲୀ କହିଲା—କୁମ୍ଭୀର ଯେ ଆମକୁ ଗୋଟା ସୁଦ୍ଧା ଗିଳି ଗଲଣି ବାବୁ । ମାଲିକ କଥା କିଏ ପଚାରୁଛି, ଆମ ଘର ଛୋଟିଙ୍କେ କୁମ୍ଭୀର ହେଲଣି । ଅପର୍ତ୍ତିଆ ପଞ୍ଚାଏ ଟୋକାଙ୍କୁ ମତେଇ ଦଳ ବାନ୍ଧିଲଣି । ଏଠା ଆଉ ମାନିବାକୁ ନାହିଁ । ଶେଖର ମିଆଁ ଜୁଟିଛି ତା ସଙ୍ଗକୁ ! ମିଲ ଭିତରେ ସାଇବ ପୁଅବାଙ୍କ ସାଙ୍ଗେ ଦିନ ରାତି ଫୁସ ଫାସ ହୋଇ ମନ୍ତ୍ରଣା ଚାଲିଛି— ଏତେବେଳେ ଆମେ କିଛି ନ କଲେ ସବୁ ଭୁଷୁଡ଼ି ପଡ଼ିବ ବାବୁ—ମାଲିକ ଆମକୁ ପାତାଳରେ ଚାପି ଗୁଣ୍ଡା କରି ଦେବ ।

ଅଶୋକ କହିଲା—ସେ ଅପର୍ତ୍ତିର ଦୋଷ ନୁହେଁ ମୁରଲି ! ଏ ଆମ କାଳର ଦୋଷ....ଅପର୍ତ୍ତି ନିଜ ସ୍ୱାର୍ଥକୁ ବଡ଼ କରି ଦେଖୁଛି । ଅମାପ ପଇସା ସେ ପାଉଛି ମେଣ୍ଟ ବାନ୍ଧିବାକୁ । ଏମିତି ହୋଇ ଆମେ ଦେଢଶ ବର୍ଷ ହେଲା ପରାଧୀନ ଗୋଲାମ ହୋଇ ରହିଥିଲୁ...ଖାଲି ଭାଇ ଭାଇର ଭଣ୍ଡିରେ ଛୁରି ଦେଇ ।

ସରଳା କହିଲା—ଅପର୍ତ୍ତି ବିଶ୍ୱାସଘାତକ...ସେ ଆମ ଆନ୍ଦୋଳନକୁ ପଛରୁ ଛୁରି ମାରି ଦେବାକୁ ସଜ ହେଉଛି....ସମସ୍ତେ ଏକ ହେଲେ ସେ ଆପେ ଆପେ କାବୁ ହୋଇଯିବ ।

—ଅପତ୍ତି ଉପରେ ଦାବି ସାଧି କିଛି ଲାଭ ହେବନାହିଁ, ସେ ଆମର ଭାଇ । ହୁଏତ ସେ ଭୁଲ ବାଟରେ ଚାଲିଛି । କ୍ଷମା ବୁଲ କରି ତା ମନ ବଦଳେଇ ପାରିଲେ ସେ ପୁଣି ଆମ ପାଖକୁ ଫେରି ଆସିବ । ମୁଁ ସେ ଖବର ନେଉଛି...ତମେମାନେ ସମସ୍ତେ ଏ ଲଢ଼େଇ ପାଇଁ ପ୍ରସ୍ତୁତ ହୁଅ । ଆମ ପାଖରେ ଗୋଲା, ବନ୍ଧୁକ, ବାରୁଦ ନାହିଁ, ଆମେ ନିଃସ୍ୱ, ଦରିଦ୍ର... କାଙ୍ଗାଳର ଦଳ—ତଥାପି ଚାରି ହଜାର ଶ୍ରମିକଙ୍କର ଏକା ସାଙ୍ଗରେ ଆବାଜ ଉଠିଲେ ମାଲିକର ଆସନ ଟଳମଳ ହେବ । ସେ ନିଶ୍ଚୟ ମୁଣ୍ଡ ନୁଆଁଇବ ।

ଧର୍ମଘଟ ପାଇଁ ଶେଷ ଡାକରା ଦେବା ପୂର୍ବରୁ ମୁଁ ତମମାନଙ୍କୁ ଏକଥା ପରିଷ୍କାର ବୁଝେଇ ଦେବାକୁ ଚାହେଁ ଯେ ଆମର ଏ ଆନ୍ଦୋଳନ ମୂଳରୁ ଶେଷ ଯାଏ ଶାନ୍ତିପୂର୍ଣ୍ଣ ଉପାୟରେ ଚାଲିବ । ମାଲିକ ଚହାନ୍ତ କରିବ ଆମର ସବୁ ଚେଷ୍ଟାକୁ ପଣ୍ଡ କରିବାକୁ—ଅତ୍ୟାଚାର କରିବ, ବିରୋଧ କରିବ ଆମକୁ ବେଶୀ ଚିଡ଼ାଇବାକୁ; ଆମ ଆଡୁ ଟିକିଏ ହିଂସାକାଣ୍ଡ ଘଟିଲେ ମାଲିକ ପୁଲିସ, ଲାଠି, ଜେଲର ଆଶ୍ରୟ ନେଇ ଏ ଆନ୍ଦୋଳନକୁ ଲିଭେଇ ଦେବାକୁ ଚେଷ୍ଟା କରିବ । ସେପରି ପରାଜୟ ଆମର ଯେପରି ନ ହୁଏ—ଧୈର୍ଯ୍ୟର ସହିତ ଆମକୁ ମାଲିକର ସବୁ ଚାଲବାଜି, ସବୁ ଅତ୍ୟାଚାର ଓ ଜୁଲମକୁ ସାମନା କରିବାକୁ ପଡ଼ିବ । ଅହିଂସା, ଶାନ୍ତି ଓ ସତ୍ୟର ମଶାଲ କେବେହେଲେ ଲିଭିବ ନାହିଁ—ଯିଏ ତାକୁ ଲିଭେଇବାକୁ ଚେଷ୍ଟା କରିବ ସେ ନିଜେ ଲିଭିଯିବ ।

ସମସ୍ତଙ୍କ ଭିତରେ ଉତ୍ତେଜନା ବଢ଼ି ଉଠିଲା । ଘନଶ୍ୟାମ ଧଇଁସଇଁ ହୋଇ ପଶି ଆସି ସମସ୍ତଙ୍କ ସାମନାରେ ଥକା ହୋଇ ଠିଆ ହେଲା ।

—ଏ ସବୁ କଥା ମୋ ମନକୁ ମୋଟେ ପାଉ ନାହିଁ ବାବୁ । ମୁଁ ସେ ବଦମାସଙ୍କ ଆଡ଼ାରୁ ଆସୁଛି—ଟିହେନେଟେଷି ସାଇବ ବି ସେଠିକି ଆସିଥିଲା । ଯାହା ଶୁଣିଲି କାନରେ ହାତ ଦେଇ ଆସିଲି । ଓହୋ ଭଗବାନ କେମିତି ସହୁଚନ୍ତି ଏ ପାପ ଖବରକୁ । ମୁଣ୍ଡରେ ହାତ ଦେଇ ବସି ପଡ଼ିଲା ଘନ ।

—କିଏ କଣ କହୁଥିଲା ଘନ ? କହ ଆମେ ଯାଇ ତା ଜିଭକୁ କଅନ୍ତା ଓଟାରି ଆଣିବୁ...ପାଟି କରି କହି ଉଠିଲା ପଞ୍ଚୁ ।

—ଛି, ଛି, କିଛି ନ ଜାଣି ନ ଶୁଣି ଏମିତି କାହିଁକି ହଉଚ ?...ଏତେ କଥା ଶୁଣି ସାରିଲା ପରେ ବି ସେମାନଙ୍କର ମତିଗତି ଏମିତି ରହୁଚି ? ଅଶୋକ ଚିନ୍ତା କରି କହିଲା । ତା ପରେ ଘନକୁ ବାହାରକୁ ଡାକି ନେଇ ଅଶୋକ କହିଲା—ତୋର ବୁଦ୍ଧି ଶୁଦ୍ଧି ନାହିଁ ଘନ । ତାତିଲାବେଳେ ଲୋକଙ୍କୁ ଏମିତି କଥା କୁହାଯାଏ ?

ଘନ ମନ ମାରସ ହୋଇ ଗଲା—ଆପଣ ଆମ ପାଇଁ ଏ ସବୁ କଥା କାହିଁକି ଶୁଣିବେ ବାବୁ ? ଅପର୍ତ୍ତି ମଦନ ପଣ୍ଡାଏ ଘେରେଇ ଆପଣ ଓ ସରଳା ଦେଈଙ୍କ ନାଁରେ ଯାହା କହୁଚି ତା କିଏ କାନରେ ଶୁଣି ବରଦାସ୍ତ କରି ପାରିବ । ଶୋଭନ ମିଆଁର ପୁଣି ଏତେ ମଜଦୁର ହେଲାଣି ସେ ଗୋଟାଏ କଥା କହି ବସିବ ।

ଅଶୋକ ହସିଲା—ଏଇ କଥାଟି ? ଏଥିପାଇଁ ତୋର କାହିଁକି ଏତେ ରାଗିଲେଣି ? ମୁଁ ଅପର୍ତ୍ତିକୁ ବୁଝେଇ ସୁଝେଇ ଠିକ କରିଦେବି । ତୁ ଯା—ଏଠି ପଞ୍ଚୁଭାଇଙ୍କ ସାଙ୍ଗେ କାନ୍ଧ ମିଶେଇ କାମ କର । ଦେଖିବୁ ହବେ ଅପର୍ତ୍ତି ବି ଆସି ଆମରି ମେଳରେ ପଶି କାମ କରିବ ।

ରାତି ଅନେକ ହେଲାଣି...ସମସ୍ତଙ୍କୁ ବିଦାୟ କରିଦେଲା ଅଶୋକ । ମୁରଲୀ ଯିବା ଆଗରୁ କହିଲା—ବାବୁ, ଡାକ୍ତର ଆଉ ମତେ ଦ'ଦିନ ହେଲା ଔଷଦ ଦବାକୁ ନାହିଁ ।

—ସତେ ନାଁ କଣ ? ରୋଗ ବଇରାଗ ଉପରେ ବି ହିଂସାବାଦ ଚାଲଚି ମୁରଲି ? 'ମୁଁ ରାଜୀବକୁ ଆଜି ଦେଖି ଆସିଚି....ବେଶ୍ ଭଲବାଲ୍ ହଉଚି । ଔଷଦ ଆଉ ଖାଇବା ତାର ଦରକାର ନାହିଁ ।

—ଆପଣଙ୍କ ଦୟାରୁ ତାକୁ ଜିବା ପାଇଲୁ ।...ନମସ୍କାର କରି ମୁରଲୀ ବାଟ କାଢ଼ିଲା ।

ଘର ନିର୍ଜନ ହୋଇଗଲାଣି···ତଳେ ମସିଣା ପାରି ସରଳା ଗୋଟାଏ କଣକୁ ଖାତାପତ୍ରରେ ଲେଖାଲେଖି କରିବା ଆରମ୍ଭ କରିଦେଇଚି ।

ଅଶୋକର ମୁଣ୍ଡ ଭିତରେ ଘୂରି ବୁଲୁଚି ଭବିଷ୍ୟତ ଆନ୍ଦୋଳନର ସ୍ୱପ୍ନ ...ସେ ଯେପରି ଆଜି ମୁକ୍ତି ପାଇଚି···ଛନ୍ଦା ଓ ସୁବୋଧ ବାବୁଙ୍କ ସ୍ନେହରୁ ବଞ୍ଚିତ ହୋଇ ସେ ଯେମିତି ଗୋଟାଏ ବନ୍ଧନର ଜଗତ ଭିତରୁ ବାହାରକୁ ବାହାରି ଆସିଚି ।

ସରଳା ଅକ୍ଳାନ୍ତ ପରିଶ୍ରମ କରୁଚି, କାହିଁକି ? କେଉଁ ସ୍ୱାର୍ଥ ଅଛି ତାର ଶ୍ରମିକର ବିଜୟ ବା ପରାଜୟରେ ? ? ଏ କେତେଦିନ ଧରି ଖଟି ଖଟି ସେ କେମିତି ଶୁଖିଲା ଦିଶିଲାଣି । ଅଶୋକ ଚାହିଁଲା ସରଳା ଅଡ଼କୁ.... ଲଣ୍ଠନର ମଇଳା ଆଲୁଅରେ ତା କପାଳ ଉପରେ ଦେଖା ଯାଉଛି ବିନ୍ଦୁ ବିନ୍ଦୁ ଝାଳ । ଖୁବ ହାଲିଆ ହୋଇପଡ଼ିଲାଣି ବିଚାରି ।

—ସରଳା !

ଯେମିତି ଖାତା ଉପରେ ମୁହଁ ମାଡ଼ି ସରଳା କହିଲା—କଣ କହୁଚନ୍ତି ?

—ଏତେ ଖଟିଲେ ତମେ ଶେଷକୁ ବେମାର ପଡ଼ିଯିବ ସରଳା । ଆଜି କାମ ସେତିକି ଥାଉ ।

ସରଳା ଆଖି ଟେକି ଚାହିଁଲା । ଝିରକି ଫାଙ୍କରେ ଦେଖା ଯାଉଚି ତ୍ରୟୋଦଶୀର ପୂରିଲା ଜହ୍ନ ...ପଲ୍ଟାଏ କାଉ କା’ କା’ କରି ଉଡ଼ିଗଲେ । ବଞ୍ଚିବା ପାଇଁ ଏମାନେ ବି ସଂଗ୍ରାମ କରୁଚନ୍ତି । ଦିନର ସୀମା ପାରି ହୋଇ ଏମାନେ ଚାଲିଚନ୍ତି ଆଗକୁ ।

—ତମେ ନ ଥିଲେ ଏ ବିପ୍ଳବର ଜନ୍ମ ହୁଏତ ହୋଇପାରି ନ ଥାନ୍ତା ସରଳା !

ସରଳା ନିର୍ନିମେଷ ଆଖିରେ ଚାହିଁ ରହିଲା ଅଶୋକ ଆଡ଼େ । ଆଜି ଏତେଦିନ ମନାଦଷା ପରେ ଅଶୋକ ତା’ ସାଙ୍ଗରେ ନିକାଞ୍ଚନରେ ମନ ଖୋଲିଚି ।

—ମୋ ମନ ଭିତରର ନିଭିଲା ସଳିତାକୁ ଆପଣ ତ ଜାଳି ତେଜି ଦେଇଚନ୍ତି ଅଶୋକ ବାବୁ···ବିପ୍ଳବର ମନ୍ତ୍ର ମୋ କାନରେ ପ୍ରଥମେ ଶୁଣାଇଚନ୍ତି ଆପଣ ।

—ତମ ପରି ସହକର୍ମିଣୀ ପାଇ ମୁଁ ବାସ୍ତବିକ ଧନ୍ୟ ହୋଇଚି ସରଳା...

ଅଶୋକ ମନ କେମିତି ଖସି ଯାଉଚି... । ନିଜକୁ ଆୟତ୍ତ କରି କହିଲା ଅଶୋକ—ଏପର୍ଯ୍ୟନ୍ତ କେତେ ଚାନ୍ଦା ଅସୁଲ୍ ହେଲାଣି ସରଳା ?

—ତିନି ହଜାର ଟଙ୍କା...ମନମାରି କହିଲା ସରଳା । ... ଏମିତିକା ଖାପଛଡ଼ା ଅଶୋକ ବାବୁ । ଚଲି ବାଟର ଦୋ'ଛକରେ ବିପରୀତ ଦିଗରେ ଚାଲିବାର ତାଙ୍କ ଆନନ୍ଦ । ଦୀର୍ଘ ନିଃଶ୍ୱାସ ପକାଇଲା ସରଳା । ଅଶୋକ ବି ଦୀର୍ଘ ନିଃଶ୍ୱାସ ପକାଇ ବାହାରି ଆସିଲା ବାହାରକୁ । ଠାକୁରାଣୀ ଚଉତରା ତୋଫା ଚାନ୍ଦନୀ ଉପରେ ବସିଚନ୍ତି ମାଧବ, ଗୌରାଙ୍ଗ, ସାଧୁଆ ।

ପରଦିନ ମିଲ୍ ଫାଟକ ପାଖରେ ଦରୱାନ ଅଶୋକକୁ ଭିତରକୁ ଯିବାପାଇଁ ରୋକିଲା । ଅଶୋକର ଆଶ୍ଚର୍ଯ୍ୟ ଭାବ ନ ଭାଙ୍ଗୁଣୁ ଦରୱାନ ତା ହାତକୁ ଖଣ୍ଡେ ବନ୍ଦ ଲଫାଫା ବଢ଼ାଇ ଦେଲା । ଅଶୋକ ଲଫାଫା କାଗଜ ଚିରି ଦେଖିଲା ତାର ବରଖାସ୍ତ ପରୱାନା—ସେ କାମରୁ ଡିସ୍‌ଚାର୍ଜ ହୋଇଚି । କାରଣ ମିଲ୍ ତାର ଚାକିରି ଆଉ ଦରକାର କରୁନାହିଁ ।

କାଗଜ ଖଣ୍ଡିକ ପକେଟ ଭିତରେ ରଖିଲା ଅଶୋକ । ଫେରି ପଡ଼ି ଏକମୁହାଁ ହୋଇ ଚାଲିଲା ବସ୍ତି ଆଡ଼କୁ । ଛି...ଛି....ଏମାନଙ୍କର ଏତେ ଟିକିଏ ବି ସତ୍‌ସାହସ ନାହିଁ । ଶ୍ରମିକ ଆନ୍ଦୋଳନ ସକାଶେ ତାଙ୍କୁ ଚାକିରିରୁ ବାହାର କରି ଦିଆଯାଇଚି...ଅଥଚ ଏମାନଙ୍କର ସେଇ କାରଣ ଲେଖିବାକୁ ବି ବହପ ନାହିଁ । ଖାଲି ଗୁଡ଼ାଏ ମିଛ ଆଶ୍ରୟ ନେଇ ଏମାନେ କେମିତି ମୁଣ୍ଡ ଟେକି ରହି ପାରୁଚନ୍ତି ? ?

ପଞ୍ଚାୟତ ଘର ଭିତରେ ସରଳା କାଗଜପତ୍ର ନେଇ କାମ କରୁଚି । ଅଶୋକକୁ ଦେଖି ପଚାରିଲା—ଆଜି କଣ ମିଲ୍‌କୁ ଗଲେନାହିଁ ନା କଣ ?

—ଆଉ ଯିବା ଦରକାର ନାହିଁ ସରଳା—ଆଜି ଯାଇ ଫାଟକ ପାଖରୁ ଫେରି ଆସିଲି । ମୋର ଆଉ ମିଲ୍ ଭିତରେ କାମ ନାହିଁ, ମତେ ଜଣାଇ ଦିଆଯାଇଚି ।

ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲା ଅଶୋକର ମୁହଁକୁ । ଟିକିଏ ହେଲେ ଦୁଃଖର ଚିହ୍ନବର୍ଣ୍ଣ ବି ନାହିଁ ।

ଅଶୋକ କଣ୍ଠ ବୁଲିଲ—ଭଲ ହେଲ ସରଳା, ଏଣିକି ମୋତେ ହଡ଼ତାଳ କାମ କରିବାକୁ ସମୟ ମିଳିବ । ଏ ଆନ୍ଦୋଳନକୁ ଜୋରରେ ଆଗେଇ ନେବାକୁ ବେଳ ମିଳିବ···ତା'ଛଡ଼ା ତମକୁ କାମ କରିବାରେ ମୁଁ ମଧ୍ୟ ଟିକିଏ ସାହାଯ୍ୟ କରି ପାରିବ ।

—ମାତ୍ର ଏ ଚାକିରି ଯିବାଦ୍ୱାରା ଆପଣଙ୍କର କିଛି ଅସୁବିଧା ହେବନାହିଁ, ସେଇ କଳଙ୍କ ଉପରେ କଣ ଆପଣ ଭବିଷ୍ୟତର ମୂଳଦୁଆ ବାନ୍ଧିବେ ଅଶୋକ ବାବୁ ? ସକରୁଣ ହୋଇ ଆସିଲ ସରଳାର କଥା ।

—ଯୋଉ ତ ଚାକିରି, ତମେ କଣ ଭାବୁଚ ସରଳା ମୋର ସ୍ୱାଧୀନତାର ମୂଲ୍ୟ ଏଇ ମାସକୁ ଅଢ଼େଶ ଟଙ୍କିଆ ଚାକିରି...ପରିବାର ଲୋଭରେ ମୁଁ ଗୋଲାମୀ କରିପାରିବ ନାହିଁ । ଚାକିରି ମୁଁ ଛାଡ଼ି ଦବାକୁ ଆଗରୁ ଭାବି ଠିକ କରିଥିଲି.... ଏଇଟାକୁ ତମେ କଳଙ୍କ ବୋଲି କାହିଁକି ଭାବୁଚ ସରଳା ? ମୁଁ ଭାବୁଚି ମାଲିକ ପକ୍ଷରେ ଏମିତି କରିବାଟା ଭୀରୁତା ଓ କାପୁରୁଷତାର ଚିହ୍ନ—ପରାଜୟର ଲକ୍ଷଣ ।

ଅଶୋକ କବାଟକୁ ଚାଲିଗଲା । ଦିନ୍ଟି ଭିତରେ ତା ଘର ଖାଲି କରିବାକୁ ହେବ । ବନ୍ଧନ ଯେତେ ଯେତେ ଛୁଟି ଯାଉଚି ସେତେ ସେତେ ମୁକୁଳା ହୋଇ ଯାଉଚି ସେ—ଆଜି ଶେଷଥର ପାଇଁ ଫୁଙ୍ଗୁଳା ନିଃଶ୍ୱାସ ମାରିବାକୁ ସମୟ ପାଉଚି ସେ ।

କାହାରି ପାଖରେ ତାକୁ କୈଫିୟତ ଦବାକୁ ପଡ଼ିବ ନାହିଁ । ଘରେ ମା' ଅନ୍ତନ୍ତ-ବର୍ଷିଳ ଚଳିଲା ମାଇଆ ଜମିବାଡ଼ି ଅଛି—ବାପା ରଖି ଯାଇଥିବା ଟଙ୍କାରେ ଏପର୍ଯ୍ୟନ୍ତ ହାତ ଲାଗିନାହିଁ । ମା' ଠାକୁର ପୂଜା ନେଇ ଧନ୍ଦାରେ ବ୍ୟସ୍ତ—ତାଙ୍କ ନଜର ତା ଉପରେ ନାହିଁ—ମା ତା' କାମ ଶୁଣିଲେ ହୁଏତ ସୁଖୀ ହେବେ । ସେ ତ ହଡ଼ତାଳ ଲାଗିଛି ଦାୟିତ୍ୱ-ଭାରପୂର୍ଣ୍ଣ କାମଟେ !

ଜିନିଷ ଭିତରେ ବିଶେଷ କିଛି ନାହିଁ—ଘର ଭିତରୁ ଅଶୋକ ପଦାକୁ ବାହାର କରି ଆଣିଲା ସବୁ ଜିନିଷ କେତୋଟା ମିନିଟ ଭିତରେ । ଏ ଭଡ଼ାଡ଼ିଆ ଖଟିଆଟା ନ ନେଲେ ବି ଚଳିବ । ଆଉ ଏମିତି ବାହାରେ,

କାହାର ଦରକାର ପଡ଼ିଲେ ନେଇଯିବ । ବାଙ୍କ ସୁଟକେଶ୍‌ରେ ବନ୍ଧୁପତ୍ର ନେକ୍‌ଟେଇଖଣ୍ଡେ, ଖଣ୍ଡେ ସତରଞ୍ଜି ଭିତରେ ଗୁଡ଼ାହୋଇ ଲୁଗାପଟା, ତକିଆ ବେଢ଼େଇ । ଗୋଟାଏ ହାତରେ ସୁଟ୍‌କେଶ ଓ ଅନ୍ୟ ହାତରେ ବଉଣା ଧରି ଅଶୋକ ଚାଲିଲା ପଞ୍ଚାୟତ ଘରଆଡ଼େ ।

ଅଶୋକ ମୁହଁକୁ ନିଧି, ମାଧବ, ପଞ୍ଚୁ, ରହମାନ ବଲବଲ ହୋଇ ଚାହିଁ ରହିଲେ । ସରଳା ସେମାନଙ୍କୁ ସବୁ କଥା କହି ସାରିଛି । ନିଧି ଆଗୁଆ ପଡ଼ି ଅଶୋକ ହାତରୁ ଜିନିଷପତ୍ର ନେଇ ଗୋଟାଏ କଣକୁ ରଖିଦେଲା ।

ରହମାନ କହିଲା—ଆଜିଠାରୁ ଆମର ବି ବସା ଏଇଠି ବାବୁ ।

ଅଶୋକ କଥା ଠଉରେଇ ନେଲା । ଆଗୁଆ ଲୋକ ଏଇମାନେ—ହାଣ କୁରାହାଡ଼ି ସମସ୍ତଙ୍କର ବେକରେ ପଡ଼ିଛି ।

—ଡିପାର୍ଟ ସାଇବ ଆମକୁ ସସ୍‌ପେଣ୍ଡ କରିଛି ବାବୁ—ଚବିଶ ଘଣ୍ଟା ମହଲତ ଦେଇଛି ଆମ କଥା ଲେଖି ଦବାକୁ । ନିଧି ଅଶୋକ ହାତକୁ ପରୱାନା ବଢ଼ାଇ ଦେଲା । ସମସ୍ତଙ୍କ ହାତରେ ସେଇ କାଗଜ ।

ଅଶୋକ ପଢ଼ି କହିଲା—ହୁଁ ମାଲିକ ବିରୁଦ୍ଧରେ ଶ୍ରମିକମାନଙ୍କୁ ମନ୍ଦ ଉଷ୍କା ଲାଗି ୨୪ ଘଣ୍ଟା ଭିତରେ ତମମାନଙ୍କୁ କୈଫିୟତ ଦବାକୁ ହେବ । ବେଶ୍, ତା ଦିଆଯିବ, ଭୟ ନାହିଁ କିଛି ।

—ହେଲେ ବାବୁ, ଆମ ପାଖରୁ କିଛି ନ ଶୁଣି, କୈଫିୟତ ନ ପାଇ ଆମକୁ କାମ ମନା କରିଦେବା କଣ ବେଆଇନ ନୁହେଁ ?

ପଞ୍ଚୁ କଥା ଶୁଣି ଅଶୋକ କହିଲା—ମାଲିକ ଯାହା କରୁଛି, କୋଉ କଥାଟା ନ୍ୟାୟ ହଉଛି ପଞ୍ଚୁ—ମୁଁ ନିଜେ ଥରକୁ ପାଞ୍ଚ ଥର ମାଲିକକୁ ବୁଝେଇଲି, ମୋ କଥା ରହିଲା ନାହିଁ, ଶେଷକୁ ନିଆଁ ଜଳି ଉଠିଲା । ଯେତେ ଅନ୍ୟାୟ, ଅନିୟମ, ଅବିଚାର ହବ ସେତିକି ଆମର ଭଲ—ଦୁଧ ଚୁଲିରେ ପଶିବା ଆଗରୁ ଉତୁରି ପଡ଼େ—ସେମିତି ମାଲିକ ଏଇନେ ଉତୁରୁଛି— । ତମେମାନେ କିଛି ହେଲେ ବ୍ୟସ୍ତ ହୁଅନା, ଧୈର୍ଯ୍ୟ ଧର, ଦମ୍ଭ ଧର ।

—ଆମେ କାହିଁକି ବ୍ୟସ୍ତ ହବୁ ବାବୁ, ହାତ ମୁଠାରେ ତାକତ ଥିବା ପର୍ଯ୍ୟନ୍ତ ଯୁଆଡ଼ି ଦିନ ଗୁଜୁରିବୁ ଦି'ପଇସା ଆଣିବୁ—ନ ହେଲା ଏବେ ଏ

ମିଲ ଚୁକ୍ତିପତ୍ର । ମାଧବ କହିଲା—ହେଲେ ବାବୁ, ଆପଣ ଆମଲାଗି କାହିଁକି ଏତେଭେସର ହେଲେ । ଆମେ ସମସ୍ତେ ଯାଇ ମାଲିକ ଗୋଡ଼ତଳେ ପଡ଼ିବୁ, ନେହୁରା ନମନ୍ତ ହବୁ ଆପଣଙ୍କ ଚୁକ୍ତିପତ୍ର ଆପଣଙ୍କୁ ଦବାକୁ । ସେଥିପାଇଁ ଯୋଉ ସର୍ତ୍ତ କହିବ ସେଥିରେ ଆମେ ରାଜି ହବୁ ।

—ଛାଡ଼ ସେ ପାଗଳକଥା ମାଧବ । ସେମିତି କହିଲେ ଏଠା ଛାଡ଼ି ମୁଁ ଚାଲିଯିବି । ଯୋଉ କାମ ମୁଁ ଆରମ୍ଭ କରିଚି ତାକୁ ମତେ ମୁଣ୍ଡି ମାରିବାକୁ ଦିଅ...ଆଉ ତମେ କଣ ଭାବିଚ ତମେ ନେହୁରା ନମନ୍ତ ହେଲେ ମାଲିକ ତମକଥା ଶୁଣିବ ? ଯୋଉ ପର୍ଯ୍ୟନ୍ତ ସେ ଅକଲରେ ନ ପଡ଼ିଚି ସେ ପର୍ଯ୍ୟନ୍ତ ସେ ତମ କଥା ମାନିବ ନାହିଁ, ଅଧିକ ତମ ଚେର ମୂଳ ବି ଉପାଡ଼ି ଫୋପାଡ଼ି ଦେବ । ତମ ଉପରେ ବହୁତ କାମ ଅଛି...ବସ୍ତି ଭିତରେ ପ୍ରତି ଘରେ ବୁଲି ଲୋକଙ୍କୁ ବୁଝାଅ—ଏ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଲଢ଼ିବାକୁ ତାଙ୍କର ମନର ବଳ ଓ ସାହସ ତାହାହେଲେ ବଢ଼ିବ । ଏବେଠୁଁ ତମ କାମ ଆରମ୍ଭ କରିଦିଅ । ସନ୍ଧ୍ୟାବେଳେ ତମ ସମସ୍ତଙ୍କର କୈଫିୟତ ମୁଁ ଲେଖିଦେବି ।

ସମସ୍ତେ ଗୋଟି ଗୋଟି ହୋଇ ବସ୍ତି ଆଡ଼େ ଚାଲିଗଲେ । ଆରପଟେ ନିବିଷ୍ଟଭାବରେ ଘରଭିତରେ କାମ କରୁଚି ସରଳା...ଧର୍ମଘଟର ପ୍ରଚାରପତ୍ର, ଦାବୀର ଫର୍ଦ୍ଦ ସେ ଲେଖି ଚାଲିଚି ।

—ମୁଁ ସାହାଯ୍ୟ କରେ ସରଳା...ଖଣ୍ଡେ କାଗଜ ଟାଣିଆଣି ତା ଉପରେ ଲେଖି ବସିଲା ଅଶୋକ ।

—ପଣାପାଲିର ପ୍ରଥମ ଚାଲ କେବଳ ଚଳିଚି...ଖେଳ ଶେଷ ହେବାଯା ଏମିତି ଆହୁରି କେତେପ୍ରକାର ଚାଲ ବାହାରିବ ମାଲିକ ତରଫରୁ...ଆଉ ସେହି ନିର୍ଯ୍ୟାତନାକୁ ପିଠେଇ ଦେଇ ପାରିଲେ ମାଲିକର ଦମ୍ଭ ଖାଲି ଭାଙ୍ଗିବ ନାହିଁ, ଭେଳା ବି ବୁଡ଼ିଯିବ ।

ସଞ୍ଜବେଳକୁ ମାଲିକ ତରଫରୁ ଡିପାର୍ଟର ନୋଟିସ ବୋର୍ଡରେ, ଫାଟକ ବାହାରେ ଘୋଷଣା ପତ୍ର ମରା ହୋଇଗଲା । ସବୁଠି ଲୋକ ଜମାହୋଇ ପଢ଼ିଲେ ଦଳ ଦଳ ପଞ୍ଝା ପଞ୍ଝା ହୋଇ । ମିଲର ଲୋକସାନ ହେଉଥିବା ଦୃଷ୍ଟିରୁ ଏବଂ ଶ୍ରମିକମାନେ ଯଥେଷ୍ଟ ଉତ୍ପାଦନ କରୁ ନଥିବାରୁ,

୨୪ ଘଣ୍ଟିଆ କାମ ୨ ଦିନ ପରଠାରୁ ବନ୍ଦ ରହିବ । ମିଲ୍ କେବଳ ଦୁଇଟା ସିଫ୍ଟରେ ୧୬ ଘଣ୍ଟା କାମ କରିବ । ବଳକା ଲୋକେ ଛଟେଇ ହେବେ । ସବୁ ଲୋକଙ୍କ ମନରେ ଆତଙ୍କ ଖେଳିଗଲା । ଛଟେଇରେ ଯେ କାହା ମୁଣ୍ଡ କଟିବ କିଏ ଜାଣିଛି ।

ମାହାର ଭାବୁଛନ୍ତି ଏ ଅସ୍ତ୍ର ତାଙ୍କର ଫେଲ ମାରିବ ନାହିଁ···ବିଫଳ ହେବ ନାହିଁ·· ଠିକ ନିଶାନ୍‌ରେ ବାଜିବ । ଭିତରେ ଖୁବ ଜୋରସୋରରେ ପ୍ରଚାର ଚାଲିଛି ସବୁ ଡିପାର୍ଟ ଭିତରେ....ଅପର୍ତ୍ତି ଓ ତା ସାଙ୍ଗ ସାଥୀ ସମସ୍ତେ ଲାଗି ପଡ଼ିଛନ୍ତି । ଗୋବିନ୍ଦ ଆସି କହିଲା—ଅପର୍ତ୍ତି ଭାଇ, ଏଠି ଚାରିମାସ ଭୋକ ଓପାସରେ ପଡ଼ି ପଡ଼ି ଏବେ ଛଅମାସ ହେଲା ଚାକିରି ପାଇଛୁ । ଏ ଯାଏ ମହାଜନ ଦେଣା ଶୁଝି ନାହିଁ । ପିଲାଦିଟା ଚାକିରି ଗଲେ ଠକ୍‌ଠାକ ମରିଯିବେ ।

ଅପର୍ତ୍ତି ମାମଲତକାରୀ ଦେଖେଇ କହିଲା—ଏସବୁ କାହିଁକି ହେଲା—ତମରି ଗୁଣରୁ । ଆରେ ଏତେ ଉଦ୍‌ବାର୍ଯ୍ୟ ହେଲେ ଚଳିବ ? କାହିଁ ଆଜି ଯାଏ ତ କିଛି ହୋଇ ନ ଥିଲା । ତମେତ ପର ବୋଲରେ ପଡ଼ିବ, ତମକୁ ରଖିବ କିଏ ?

ମଦନା ପଛରେ ଠିଆହୋଇ ଶୁଣୁଥିଲା । ତା ଦିହ ଚଢ଼ି ନିଆଁ ହୋଇଗଲାଣି ଅପର୍ତ୍ତିର କଥା ଶୁଣି—ଯିଏ ଜୀବନ ଦେଇଛି ସେଇ ରଖିବ । ମା ଥନରେ ପିଲାପାଇଁ ସେ ତ କ୍ଷୀର ଆଗରୁ ସାଇତି ରଖିଛି । ତୋରି ସକାଶେ ତ ଆମର ଆଜି ଏତେ ଦଶା········

ସାଙ୍ଗେ ସାଙ୍ଗେ ତମ ତମ ହୋଇ ଅପର୍ତ୍ତି ଦଉଡ଼ିଲା ସାହେବ ଦପ୍ତରକୁ । ମଦନା ମେଲବାନ୍ଧି ଡିପାର୍ଟ ଭିତରେ ତାକୁ ମାରଧର କରିବାକୁ ଧମକ ଦେଉଛି ବୋଲି ସାହେବ ଆଗରେ ଗୁହାରିକଲା । ଦି'ଜଣ ଦରଓ୍ୱାନଙ୍କୁ ନେଇ କଣରେ ହାତମାରି ମାରି ଡିପାର୍ଟ ଭିତରକୁ ଆସିଲା ଅପର୍ତ୍ତି ....ମଦନା ଓ ମଦନା ଦଳର ଅନ୍ୟ ଲୋକଙ୍କୁ ଚିହ୍ନେଇ ଦେଲା··ଦରଓ୍ୱାନ ବିନା କଥାରେ ଜଣ ଜଣ କରି ଭିଡ଼ି ନେଇ ଫାଟକ ବାହାରେ ଛାଡ଼ି-ଆସିଲା ।

ଅପର୍ତ୍ତି ସେମିତି କ୍ଷଣରେ ହାତମାରି କହିଲା—ଦେଖିଲୁ ଗୋବିନ୍ଦ, କେମିତି ଟୋକାର ବାକ୍ସଭୁଷ୍ଟି ଛଡ଼େଇ ଦେଲି । ତୋର କିଛି ଭୟ ନାହିଁ ଛଟେଇରେ ତୋ ନାଁ ଉଠିଥିଲା, ମୁଁ ସେକ୍ରେଟେରି ସାଇବଙ୍କୁ କୁହାବୋଲା କରିଚି ତୋ ପାଇଁ...ମୋ କଥାରେ ରହିଲେ ମୁଁ ତୋ ପାଇଁ ମୁଖ୍ୟାମି ହେବି । ସାଇବ ମୋ କଥା ଟାଳି ପାରିବ ନାହିଁ ।

ଗୋବିନ୍ଦ ମନ ପିତା ହୋଇଗଲା ମଦନା କଥାରେ...ଯେତେହେଲେ ଆମର ଭାଇତ । ଆଜି ମଦନାକୁ ଯେମିତି କୁକୁର ଭଳିଆ ଘୋଷାରି ନେଲେ କାଲି ସେଇ ମୁହଁ ପାଇ ତାଙ୍କୁ କି ଆଉ ଯାହାକୁ ଇଚ୍ଛାହେବ ତାକୁ ଘୋଷାରି ନ ନେବେ କାହିଁକି ? ଅରେ ସାହସ ପାଇଗଲେ···ଜ,’ କଲନେଲେ । ସାଧବ ଭାଇ, ନିଧିଓଝା, ପଞ୍ଚୁଦାସ କାହାର କି ଦୋଷ କରିଥିଲେ ? ତାଙ୍କୁ କାହିଁକି କାମ ମନାକରି ଦରଓ୍ୱାନ ତଡ଼ିଦେଲା ?

ଗୋବିନ୍ଦ ମୁଣ୍ଡ ହଲାଇ କହିଲା—ନାଇଁ ଅପର୍ତ୍ତି ଭାଇ, ମୋ ଭାଗ୍ୟରେ ଯାହା ଥିବ ହବ । ହଜାର ଜଣଙ୍କଠଉଁ ମୁଁ କଣ ବାହାର ।

ଗୋବିନ୍ଦ ନିଜ କଳ ପାଖକୁ ଯାଇ କାମରେ ମନଦେଲା । ଅପର୍ତ୍ତି ଖାଲି ମନେ ମନେ ରକ୍ତ ଗୁଡ଼ାଳ ସେବେଇହେଲା । ଏତେଗୁଡ଼ାଏ ଲୋକଙ୍କ ଗୋଟାଏ ହାତମୁଠାରେ ରଖିଛନ୍ତି ଟୋକା ଟୋକି ଦିଇଟା···ନିଶ୍ଚେ ଅଶୋକ ଓ ସରଳାଙ୍କ ଆଖିଭିତରେ କିଛି ଗୋଟାଏ କମିଆ ଅଛି । ନହେଲେ ତା ପାଖରେ ପଂଝାଏ ଲୋକ ଖାଇପିଇ ବାଲ ଉଡ଼ଉଛନ୍ତି···ଖାଇଲା ଯାଏ ତାର ମୁହଁ ପୋଛି ସାରିଲେ କୋଟିକଯାକ ଅଶୋକର ।

ଶୋଭନା ଅପର୍ତ୍ତିର ପିଠିରେ ହାତ ଆପୁଡ଼େଇ କହିଲା – ଦୋସ୍ତ, ଏଡିକବେଳେ ମଜ୍ଜା, ଗ୍ଲାସି ଆଣ ଯେତେ ଇଚ୍ଛା ପଇସା, ତା ପରେ ଦେଖ୍, ଘନପଡ଼ିଆ ଭାସରେ ଯେବେ ନାଲିକୁ କଲା ନ କରିଦେବି ତାହାହେଲେ ମୋ ନାଁ ଧରିବୁ ନାହିଁ । ଉପାସ୍ଥିତ ଏକା ଠିକ ବତେଇଦ ଦୋସ୍ତ···ଏ ଗୁଡ଼ାକ ବାହାରି ଯାଇ ନୂଆ ଲୋକ ଆସିଲେ ଆମର ଗୁଜୁ ପୁରାପୂରି । ତୁ ହବୁ ବଡ଼ ମିସ୍ତ୍ରୀ ଆଉ ମୁଁ ବି ଉପରକୁ ଉଠିବି ।

ଦରଓ୍ୱାନ ଅପର୍ତ୍ତି ଓ ଶୋଭନକୁ ଖବର ଦେଲା ସେକ୍ରେଟାରି ସାଇବ ଡାକୁଚନ୍ତି । ମିଲ୍‌ର ହାନଲାଇରେ ବର୍ତ୍ତମାନ ମ୍ୟାନେଜରଙ୍କ

କୌଣସି ହାତ ନାହିଁ—ସେ ନିଜ ଇଚ୍ଛାରେ ଏଥିରେ ହସ୍ତକ୍ଷେପ କରିବାକୁ ମଧ୍ୟ ଚାହୁଁ ନାହାନ୍ତି । ସେକ୍ରେଟାରୀ ମିହିର ବର୍ତ୍ତମାନ ମୁଖ୍ୟ—ପରିଚାଳନାର ସମସ୍ତ ଦାୟିତ୍ୱ ତାଙ୍କ ଉପରେ ।

ମିହିରବାବୁଙ୍କ ଦପ୍ତର ଭିତରେ ସବୁ ଡିପାର୍ଟର ସାହେବଙ୍କର ମେଳା ବସିଚି । ଶ୍ରମିକର ଜାଗରଣ ଓ ତା ସଙ୍ଗେ ସଙ୍ଗେ ଆନ୍ଦୋଳନ ସମସ୍ତଙ୍କ ମନରେ ଆତଙ୍କ ସୃଷ୍ଟି କରିଚି । ଏପରି ଅବସ୍ଥାର କିପରି ସମ୍ମୁଖୀନ ହେବାକୁ ହେବ ଏବଂ ଏଥିପାଇଁ ପରିଚାଳନା ତରଫରୁ କି କି ବ୍ୟବସ୍ଥା କରାଯିବ ତାର ବିଶଦ ଆଲୋଚନା ଚାଲିଚି ।

ଜରୁରୀ ସମସ୍ୟା ହୋଇଛି ପ୍ରତ୍ୟେକଙ୍କର ଧନଜୀବନର ନିରାପତ୍ତା ।

ଶ୍ରମିକମାନେ ପଙ୍ଗପାଳ ଦଳ—ଏମାନଙ୍କୁ ମୋଟେ ବିଶ୍ୱାସ ନାହିଁ ।

ସମସ୍ତଙ୍କୁ ଆଶ୍ୱାସନା ଦେବାକୁ ଯାଇ ମିହିର କହିଲେ—ମୁଁ ଆପଣମାନଙ୍କ ମନର ଆବେଗ ଓ ଉଦ୍‌ବିଗ୍ନତାକୁ ବେଶ୍ ବୁଝିପାରୁଛି । ବିଶେଷତଃ ଏଇ ମାସେ ହେଲା ଶ୍ରମିକ ମହଲରେ ଯେଉଁ ଧରଣର ଅପପ୍ରଚାର ଚାଲିଚି ଏବଂ ଯାହା ଯୋଗୁଁ ଗୋଟାଏ ସାଙ୍ଘାତିକ ଆନ୍ଦୋଳନ ତେଜି ଉଠିଲାଣି ତା ମଧ୍ୟ ଖୁବ୍ ସାବଧାନତା ସହିତ ମୁଁ ଲକ୍ଷ୍ୟ କରିଚି । ଅଶୋକର ନେତୃତ୍ୱ ଥିବା ପର୍ଯ୍ୟନ୍ତ ଏ ଆନ୍ଦୋଳନରେ ଯେ କୌଣସି ପ୍ରକାର ହିଂସାତ୍ମକ କାଣ୍ଡ ଘଟିବ ନାହିଁ ଏ ବିଷୟରେ ମୁଁ ଆପଣମାନଙ୍କୁ ପକ୍‌କା କଥା ଦେଉଛି । ଯଦି ସେଥିରେ କିଛି ଘଟେ ତାହେଲେ ଆପଣମାନଙ୍କ ସହିତ କେତେଜଣ ବିଶ୍ୱସ୍ତ ଶ୍ରମିକଙ୍କର ମିଲ୍ ଭିତରେ ରହିବାର ଓ ଖାଇବାର ମୁଁ ବନ୍ଦୋବସ୍ତ କରି ରଖିଛି, ତା ଛଡ଼ା ଆମ ପାଖରେ ଗୋଲିଗୁଳା ବି ଯଥେଷ୍ଟ ରହିଚି ଓ ଆମକୁ ସାହାଯ୍ୟ କରିବାପାଇଁ ପୋଲିସକୁ ଆଗରୁ ସତର୍କ କରି ଦିଆଯାଇଚି । ଆପଣମାନେ ନିଶ୍ଚିନ୍ତ ରହନ୍ତୁ ।

ଅପର୍ତ୍ତି ଓ ଶୋଭନ ଭିତରକୁ ପଶି ସମସ୍ତଙ୍କୁ ଜୁହାର ହୋଇ ଗୋଟାଏ କଣକୁ ଠିଆ ହେଲେ ।

ସାହେବମାନେ ଯାଇ ସାରିଲା ପରେ ମିହିର କହିଲେ—ତମେ ଗୋଟାଏ ନୂଆ ଶ୍ରମିକ ପଞ୍ଚାୟତ ଗଢ଼ି ଦେଇ ପାରିବ ଅପର୍ତ୍ତି ?

—ହଜୁର ତା କାହିଁକି ପାରିବ ନାହିଁ ? ପାଞ୍ଚଜଣ ମେମ୍ବର ହେଲେ ତ ପଞ୍ଚାୟତ ହେଲା । ଅପର୍ତ୍ତି ହାତ ମଳି ମଳି କହିଲା ।

—ନାଁ ସେମିତି ପାଞ୍ଚଜଣ ନୁହଁ—ପ୍ରତି ୱାର୍ଡରୁ ଜଣେ ଲେଖାଏଁ ମେମ୍ବର ତା ମୋଟ ଛଜଣ କରିବାକୁ ହେବ, ତାପରେ ତମର ମୋଟ ମେମ୍ବର ଏତେ ଅଛନ୍ତି ବୋଲି ଗୁଡ଼ାଏ ଲୋକଙ୍କ ଦସ୍ତଖତ ନବାକୁ ହେବ । ଆଚ୍ଛା, ଆଜି କେତେ ଲୋକଙ୍କ ଦସ୍ତଖତ ନେଇପାରିବ ?

—ଅଜି ହଜାର ଉପରେ ହୋଇଯିବ । ଏ ଛଟେଇ କଥା ବାହାରି ସମସ୍ତଙ୍କୁ ତ ଭେଳିକି ଲଗିଲାଣି ଆଜ୍ଞ ଆଗର ସେ ତମ ନାହିଁ ହଜୁର । ଏତିକିବେଳେ ଯାହା ଗ୍ରହିବ ସବୁ ହୋଇଯିବ ।

ନିଜ କାମର ବାହାଦୁରୀ ଶୁଣି ଟିକିଏ ଖୁସି ହୋଇଗଲେ ମାହାର—ବେଶ୍, ତମେ ଦରହିଁସକ ଲଗିପଡ଼ି ଆଜି ପଞ୍ଚାୟତ ଗଢ଼ି....ମେମ୍ବରଙ୍କର ସନ୍ତକ ନିଅ । ସକାଳୁ ଏ ପଞ୍ଚାୟତ ରେଜିଷ୍ଟ୍ରି ହେବ । ସେଇ ପଞ୍ଚାୟତ ଛଟେଇ, ମୁକରିତ, ହାନିନାଭ, କଥାର ସଫେଇ ବୁଝିବ ବାଲା ତା ଛଡ଼ା ଅଶୋକର ପଞ୍ଚାୟତକୁ ସବୁ କଥାରେ ବିରୋଧ କରିବ, ଆଗାକରେ ପଞ୍ଚାୟତକୁ ବେଆଇନ୍ ବୋଲି କହି ଆଉ ପ୍ରମାଣ ଦେଖାଇ ଭାଙ୍ଗି ଦିଆଯିବ, ଅଚଳ କରି ଦିଆଯିବ, ବୁଝିଲ ତ ମୋ ମତଲବ ?

ବିଡ଼ାଏ ନୋଟ ଅପର୍ତ୍ତି ହାତରେ ଗୁଞ୍ଜିଦେଲେ ମାହାର । ଏତେ ଟଙ୍କା ଦେଖି ଶୋଭନର ଆଖି ଖୋସି ହୋଇଗଲା । ଅପର୍ତ୍ତି ଟିକିଏ କାମିତ ଥତମତ ହେଲା ତା ସାମନାରେ ।

—ଯେତେ ପଇସା ପଡ଼ୁ ଖର୍ଚ୍ଚ କର, ଏ କାମ ହବା ଦରକାର ।

ଶୋଭନ ଓ ଅପର୍ତ୍ତି ପଦାକୁ ଚାଲି ଆସିଲେ । ମାହାର ହସି ଉଠିଲେ ଆତ୍ମ ଗୌରବରେ...ତାଙ୍କର ଧୂର୍ତ୍ତ ଚାହାଣୀ ଭିତରେ ଆତ୍ମପ୍ରବଞ୍ଚନାର ଏକ ସ୍ୱପ୍ନ ଜମି ଉଠିଥିଲା ।

* * * *

—ଛନ୍ଦା, ତମେ ? ଆଶ୍ଚର୍ଯ୍ୟ ଆଖିରେ ଅନାଇ ରହିଲା ଅଶୋକ ।

ଛନ୍ଦା ଲଜ୍ଜାୟିତ ଭଙ୍ଗୀରେ ଭିତରକୁ ପଶି ଆସୁ ଆସୁ କହିଲା—ମୁଁ ଆସିଛି ବୋଲି ଅପଣଙ୍କର ବିଶ୍ୱାସ ହେଉ ନାହିଁ ନା କଣ ?

—ଏ ମଇଳା ଅଯନା ବସ୍ତି ଭିତରର ପଚାଗନ୍ଧ ଭିତରେ ତମର ନିଶ୍ୱାସ ଯେ ରୁଦ୍ଧ ହୋଇଯିବ ଛନ୍ଦା...ତା ଛଡ଼ା ତମର ସ୍ୱାଗତକୁ ଜଣାଇବା ପାଇଁ ଏଠି ସଙ୍ଗୀତ ସୁରଭି ଉଭୟର ଅଭାବ । ଅଶୋକ ନିଆଁଳା ସ୍ୱରରେ କହିଲା ।

ଛନ୍ଦାର ହସ ହସ ମୁହଁ ମଉଳିଗଲା । କହିଲା—ଆପଣ ଯେତେ ଯାହା କହିଲେ ବି ମୁଁ ଆଜି ଅପମାନ ବୋଧ କରିବି ନାହିଁ ଅଶୋକ ବାବୁ । ସତରେ, ଆପଣ ଏ କେତେଦିନ ଭିତରେ ଏ ବସ୍ତିକୁ ଏତେ ସୁନ୍ଦର ପରିଷ୍କାର କରି ପାରିଲେଣି, ନ ଦେଖିଥିଲେ ମୁଁ ମୋଟେ ବିଶ୍ୱାସ କରି ପାରି ନ ଥାନ୍ତି । ଆପଣଙ୍କ ବସାଟା ଦେଖି ପାରିବି ନାହିଁ ?

ଅଶୋକ ହସିଲା । କହିଲା—ମୋର ବସା ତ ଏଇ ଛନ୍ଦା - ତାଛଡ଼ା ରାତିଟା ଶୋଇବାପାଇଁ ଟିକିଏ ଜାଗା ଦରକାର, ଯୋଉଠି ସନ୍ଧ୍ୟା ହେଲା ସେଇଠି ସେ ଦିନ ବସା ।

ଅଶୋକର କଥାଗୁଡ଼ିକ ଶାଣଦିଆ ଛୁରୀ ପରି—ଅନ୍ୟଦିନ ହୋଇଥିଲେ ଛନ୍ଦା ଏହାର ଠିକ୍ ଜବାବ ଦେଇଥାନ୍ତା ମାତ୍ର ଆଜି ସେ ଭାଙ୍ଗି ପଡ଼ିଛି— ଏକଦମରେ ନଇଁ ପଡ଼ିଛି, ଅସହାୟ ହୋଇ ପଡ଼ିଛି । ଅଶୋକ ତା ମନ ଭିତରେ ଜଳାଇ ଦେଇଛି ଗୋଟାଏ ସର୍ବଗ୍ରାସୀ ନିଆଁ—ଜଗାଇ ଦେଇଛି ଉତ୍କଟ ଏକ ଘୂର୍ଣ୍ଣିବାୟୁ—ଯନ୍ତ୍ରଣା ଭିତରେ ଗମ୍ ଗମ୍ ହୋଇ ସେ ଘୂରୁ ଲୋଡ଼ୁ ଲାଗିଛି । ଛନ୍ଦା କରୁଣ ଦୃଷ୍ଟିରେ ଚାହିଁଲା ଅଶୋକକୁ । କହିଲା—ଏଟା ତ ମିଲ କ୍ୱାର୍ଟର ନୁହେଁ ଅଶୋକବାବୁ !!

—ନାଁ ଏଟା ଶ୍ରମିକ ପଞ୍ଚୁସ୍ଥିତର ଘର । ତା ଛଡ଼ା ମୋର ତ ଆଜିଠାରୁ ମିଲ କ୍ୱାର୍ଟର ଭିତରେ ରହିବାର ଅଧିକାର ନାହିଁ ।

କିଛି ବୁଝି ପାରିଲା ନାହିଁ ଛନ୍ଦା—ପଚାରିଲା ଆଖିରେ ସେ ଚାହିଁ ରହିଲା ଅଶୋକକୁ । ଛନ୍ଦା ହାତକୁ ମିଲ୍‌ରୁ ପାଇଥିବା ଅର୍ଡରଟା ବଢ଼ାଇ ଦେଇ ସଂକ୍ଷେପରେ କହିଲା ଅଶୋକ—ମୋର ଆଜିଠାରୁ ମିଲ୍ ଭିତରେ ସ୍ଥାନ ନାହିଁ ଛନ୍ଦା । ତମେ ଏଠିକି ଆସିଛ ବୋଲି ଶୁଣିଲେ ମୌସା ବିରକ୍ତ ହୋଇପାରନ୍ତି ।

ଛନ୍ଦାର ମୁହଁ ଫିଟିଲାନାହିଁ କିଛି କହିବାକୁ । ଅଶୋକ ବିରୁଦ୍ଧରେ ଯେ ଗୋଟାଏ ଗୁପ୍ତମତ ଷଡ଼ଯନ୍ତ୍ର ଚାଲିଥିଲା ଏହାର ସୂଚନା ସେ ବହୁ ପୂର୍ବରୁ ପାଇ ସାରିଥିଲା । ମାହାର ଏଥିରେ ବେଶୀ ଜଡ଼ିତ ଥିଲେ । ବେଳେ ବେଳେ ଅଶୋକଙ୍କୁ ସମାଲୋଚନା କରି ମାହାରଙ୍କୁ ଆତୁର କରିବାକୁ ଖୋରାକ ଯୋଗାଉଥିଲା ସେ ନିଜେ । ଅଶୋକର ସରଳା ସହିତ ସମ୍ପର୍କ କଥା ତାକୁ ମାହାରହିଁ କହିଥିଲେ ଏବଂ ଅଶୋକ ଉପରେ ପ୍ରତିହିଂସା ସାଧିବାକୁ ଯାଇ ସେ ଶେଷକୁ ନିଜେ ଜଳିପୋଡ଼ି ମଲା । କିନ୍ତୁ ଏତେ ଅପ୍ରତ୍ୟାଶିତ ଭାବରେ ଯେ ଅଶୋକଙ୍କୁ କାମରୁ ବାହାର କରି ଦିଆଯିବ ଏ ଧାରଣା ତାର ମୋଟେ ନ ଥିଲା ··ଛି ମାହାର କେଡ଼େ ନୀଚ ? ଘୃଣାରେ ଫୁଲି ଉଠିଲା ଛନ୍ଦା । ବାପା କେମିତି ସମ୍ମତି ଦେଲେ ଏଥିରେ ?

ଛନ୍ଦା ପଚାରିଲା—ତାହାହେଲେ ଆପଣ କଣ ଏଠୁଁ ଚାଲିଯିବେ ଅଶୋକବାବୁ ?

—ତମେମାନେ ଏକାନ୍ତ ଚାହିଁଲେ ବି ମୁଁ ଏଠା ଛାଡ଼ି ଯାଇପାରିବି ନାହିଁ ଛନ୍ଦା । ଏଇଟା ମୋର ପ୍ରଥମ କର୍ମଭୂମି—ଏଠାରୁ ପରାଜୟ ମୁଁ ନେଇ ଯାଇପାରିବି ନାହିଁ । ଏଠାରେ ଯୁ' କାମ ମୁଁ ଆରମ୍ଭ କରିଛି ତା ଶେଷ ନ ହେବା ଯାଏ ମୁଁ ଏଠି ରହିବି ।

—ମୁଁ ସବୁ ଜାଣେ ଅଶୋକ ବାବୁ, ମୁଁ ଆପଣଙ୍କର କାମ ବିଷୟରେ ସବୁ ଟିକିନିଖି ଖବର କରି ରଖିଛି । ଦିନ ଥିଲା ଯେତେ-ବେଳେ ଆପଣଙ୍କ ଆଦର୍ଶକୁ ମୁଁ ସମାଲୋଚନା କରୁଥିଲି—କିନ୍ତୁ ଆଜି ମୁଁ ଆପଣଙ୍କର ମହତ୍ ଉଦ୍ଦେଶ୍ୟକୁ ମୋର ଅନ୍ତରର ଅଭିନନ୍ଦନ ଜଣାଉଛି । ଆପଣଙ୍କର ଏଇ ସାଧନା ଜୟଯୁକ୍ତ ହେଉ । ମୁଁ ନିଜେ ବୁଝି ପାରୁନି ହଠାତ୍ ମୋର ଏ ପରିବର୍ତ୍ତନ କାହିଁକି ହୋଇଛି !

ଅଶୋକ ଅବାକ୍ ହୋଇଗଲା । ନିର୍ବାକ ବିସ୍ମୟରେ ସେ ଚାହିଁ ରହିଲା ଛନ୍ଦାର ଗତିପଥକୁ ।

ଗୋଟାଏ ମୁହୂର୍ତ୍ତ ନଷ୍ଟ କରିବାକୁ ନାହିଁ ଅଶୋକ । ଦିନ ରାତି ବସି ସେ ଧର୍ମଘଟର ରୂପରେଖ ଚିତ୍ରକରି ଚାଲିଛି—ଦଳ ଦଳ ହୋଇ ରାତିଦିନ ଶ୍ରମିକ ଛୁଟିଛନ୍ତି ପଞ୍ଚାୟତ ଘରକୁ । କିଏ ପୋଷ୍ଟର ଲେଖୁଛି, କିଏ ପତାକା ତିଆରି କରୁଛି—ସମସ୍ତେ ସବୁବେଳେ ନାନାପ୍ରକାର କାମ, ଯା, ଆସ, ବୋଲହାକରେ ମଜ୍ଜି ରହିଛନ୍ତି ।

ପ୍ରତ୍ୟେକ ସିଫ୍ଟର ଲୋକ ମିଲକୁ ଗଲାବେଳେ ଓ ଛୁଟିରୁ ଫେରିଲା-ବେଳେ ପଞ୍ଚାୟତ ଘରୁ ଲାଉଡ ସ୍ପିକରରେ ଶ୍ରମିକମାନଙ୍କର ଅଭାବ ଅଭିଯୋଗ, ମାଲିକ ଓ ପରିଚାଳନାର ଜୁଲୁମ ଓ ଶ୍ରମିକର ମିଳିତ ସଂଗଠନ ପାଇଁ ଡାକ ଦିଆ ଯାଉଛି । ହଜାର ହଜାର ହୋଇ ଲୋକ ଠାକୁରାଣୀ ଚଉତରା, ରାସ୍ତା, ଘାଟରେ ଜମି ରହୁଛନ୍ତି । ସମସ୍ତଙ୍କ ମନରେ ପ୍ରେରଣା ଜାଗି ଉଠିଛି—ତେଇଁ ଉଠିଛି ଆଶା ଓ ଆଶ୍ୱାସନା ।

ଆଜି ସନ୍ଧ୍ୟା ପାଞ୍ଚଟାବେଳେ ଶ୍ରମିକ ପଞ୍ଚାୟତ ଶେଷ ସିଦ୍ଧାନ୍ତ କରିବ—ଭବିଷ୍ୟତ ପାଇଁ କାର୍ଯ୍ୟ ସୂଚୀ ତିଆରି କରିବ ।

ସରିଲା ଏ ପର୍ଯ୍ୟନ୍ତ ଆସିବାକୁ ନାହିଁ...କାଲି ବହୁତ ରାତିରେ ସେ ଫେରିଛି ଘରକୁ । ଅଶୋକ ବି ଶୋଇ ପାରିନି ରାତିଟା ଯାକ...ସେ ଗୋଟାଏ ଚିନ୍ତାରେ ଏକମୁହାଁ ହୋଇ ଚାଲିଥିଲା । ଛନ୍ଦା ଅନ୍ତର୍ଦ୍ଧ୍ୟାନରେ ପହଞ୍ଚି ତାର ଏକନିଷ୍ଠ ସାଧନାକୁ ଚହଲେଇ ଦେଇଛି । ଛନ୍ଦା ଆଡ଼କୁ ତାର ମନ ଢଳି ପଡ଼ୁଛି...ମନର ଗୋଟାଏ କଣ ଛନ୍ଦା ଅଧିକାର କରି ବସିଛି । ଛନ୍ଦା ହୁଏତ କାଲି ଉତ୍କ୍ଷିପ୍ତ ଭାବରେ ଆସିଥିଲା କ୍ଷଣିକର ଦୁର୍ବଳତାରେ ଅନ୍ଧ ପରାଜୟ ସ୍ୱୀକାର କରିଥିଲା ତା ପାଖରେ । ଛନ୍ଦାକୁ ସହକର୍ମୀ ଭାବରେ ପାଇଲେ ସେ ଖୁବ୍ ଖୁସି ହୁଅନ୍ତା...ଆନ୍ଦୋଳନକୁ ଆଗେଇ ନେବାକୁ ସେ ଆହୁରି ବଳ ପାଆନ୍ତା ।

ଛନ୍ଦା ବିଷୟରେ ଏ ସବୁ ଉଦ୍ଭଟ ଭାବନାକୁ ଭୁଲି ଯିବାକୁ ଆପ୍ରାଣ ଚେଷ୍ଟା କଲେ ବି ସେ ପାରୁ ନାହିଁ କି ଅନ୍ୟ କୌଣସି କାମରେ ମନ ଲଗାଇ ପାରୁ ନାହିଁ । ତାର ଅଫିସ୍ ଘରକୁ ଯିବାର କଥା...ଦଶଟା ବାଜିଲେ ଅଫିସ୍ କାମକୁ ବାହାରି ଯିବ । ତା ଆଗରୁ ତାକୁ ଯିବାକୁ

ହୁଏ । ସରଳା ଆସିଥିଲେ କାମର ବରାଦ ଦେଇ ସେ ପଦାକୁ ଯାଇ ଆସନ୍ତି ।

ବାହାରକୁ ବାହାରି ପଡ଼ିଲେ ଅଶୋକ, ଆଉ ଡେରି କରି ଲାଭନାହିଁ ।

ଅପର୍ଣ୍ଣାର ଡ୍ରଇଂଘରେ ସରଳା ବସିଛି । ଥରେ ଦୁ'ଥର ଅଶୋକ ଆସିଥିଲା ଏ ଘରକୁ...ସେତେବେଳେ ସବୁରି ଘରପରି ଏ ଘର ବି ନୁହଁଛୁଣା ଦିଶୁଥିଲା । କିନ୍ତୁ ଏଇ ଦିନ କେଇଟାରେ ଏ ଘରର ଚେହେରା ବଦଳି ଗଲାଣି....ଆସବାବ ବଦଳି ଗଲାଣି ।

...ସାହେବ ବଙ୍ଗଳା ପରି ଦୁଆର ଖିଡ଼କିରେ ପରଦା ଟଙ୍ଗା ହୋଇଛି...କାନ୍ଥ ଉପରେ ଝୁଲୁଛି ବଡ଼ ବଡ଼ ଫଟୋ....କେତେ କିସମର ଚୌକି, ଟେବୁଲ ଉପରେ ନାନା ପ୍ରକାରର ଦାମିକା ସାଜସଜ୍ଜା ଜିନିଷ... ଅପର୍ଣ୍ଣା ବି ଖୁବ୍ କରିଛି ଯା ଭିତରେ—କାରିଗରରୁ ହଠାତ୍ ବଡ଼ ମିସ୍ତ୍ରୀ ହେଲାଣି...ଦିନ ପନ୍ଦର କୋଡ଼ିଏଟା ଭିତରେ ଷାଠିଏ ଟଙ୍କାରୁ ଅଢ଼େଇଶ ଟଙ୍କା ପଗାର ହୋଇଲାଣି ।

ଚଉଆଡ଼େ ଥରେ ଆଖିବୁଲେଇ ଆଣି ଅଶୋକ ପଚାରିଲା—ସରଳା, ତମେ ଏଠି ଯେ ?

ସରଳା କହିଲା – ଆଜି ଆପଣ ଏଆଡ଼େ ଆସି ପାରିବେ କି ନାହିଁ ଜାଣି ମୁଁ ବୁଲି ଆସିଲି ଅପର୍ଣ୍ଣାକୁ ସଙ୍ଖୋଳି ଯିବାପାଇଁ ।

ଅଶୋକ ଗୋଟାଏ ଚୌକି ଟାଣି ବସୁ ବସୁ ପଚାରିଲା—ଦେଖା ହେଲାଣି ?

ଗଳା ଖଙ୍କାର ମାରି ଅପର୍ଣ୍ଣା ଭିତରକୁ ଆସିଲା । ଅଶୋକକୁ ଦେଖି ସେ ଟିକିଏ ଅପ୍ରସ୍ତୁତ ହୋଇ ପଡ଼ିଲା । ଆଜି ଟୋକାଟାକୁ କାବୁ କରିବାକୁ ଠିକ୍ ମଉକା ମିଳିଥିଲା । ଆଉ ଗୋଟାଏ ଚୌକି ଉପରେ ବସି ପଡ଼ି ଅପର୍ଣ୍ଣା କହିଲା – ଆଜି ରଙ୍କ ଘରେ ରାଜକୁଣିଆ...ବାବୁଆଣିଙ୍କ ପଛରେ ବାବୁ ବି ଆସି ହାଜର । କଥା କଣ ?

ଅପର୍ଣ୍ଣାର କଥାରେ କୁତ୍ସିତ ଇଙ୍ଗିତ ଶରଭଳିଆ ଭୁସି ହୋଇଗଲା ଅଶୋକ ଦେହରେ । ସେ କହିଲା—ତମକୁ ଓ ତା ସାଙ୍ଗେ ସାଙ୍ଗେ ତମ ଲୋକ ସମସ୍ତଙ୍କୁ ଆଜି ସଞ୍ଜକୁ ଯିବାପାଇଁ କହିବାକୁ ଆସିଚୁ ଆମେ ଦିଜଣ ।

ଅପର୍ତ୍ତି ହସ ହସ ହୋଇ କହିଲା— ଆମେ ତ ଏକଘରିକିଆ ହୋଇ ରହିଚୁ ଅଶୋକ ବାବୁ । ଆପଣମାନଙ୍କ ସାଙ୍ଗେ ଆମର କିଛି ସପର୍କ ନାହିଁ । ଆମେ ମିଲ୍ ଭିତରେ ଆମ ପଞ୍ଚାୟତ ଗଢ଼ିଚୁ...ଲୋକଙ୍କ ଭଲ ମନ୍ଦ ବୁଝୁଚୁ ।

—ବେଶ୍, ଗୋଟାଏ କାହିଁକି ପଚ୍ଚଶଟା ଅନୁଷ୍ଠାନ ହେଉ... ଲୋକଙ୍କର ପ୍ରକୃତରେ ସେବା ହେଉ...ଏତ ଖୁସିର କଥା । ମତେ ତମ ପଞ୍ଚାୟତ ଭିତରେ ମିଶେଇବ ଅପର୍ତ୍ତି ?

—ଆପଣଙ୍କ ରାସ୍ତା ଆଉ ଆମ ରାସ୍ତା ତ ଆକାଶ ପାତାଳ ଫରକ ବାବୁ । ଆପଣଙ୍କ ପରି ଆମର ମନ ତ ଆଉ ଭଙ୍ଗାବୁଜା ନୁହେଁ ?

ସରଳା ସମ୍ଭାଳି ପାରିଲା ନାହିଁ । ଉତ୍ତେଜିତ ସ୍ୱରରେ ସେ କହିଲା— ତମ ମୁହଁରେ ଏକଥା ସାଜେ ନାହିଁ ଅପର୍ତ୍ତି ଦାଦା । ନିଜ ସ୍ୱାର୍ଥ ପାଇଁ ତମେ ଗୁରେଦ୍ୱକାର ଲୋକଙ୍କ ଦାନାରେ ଧୂଳିଦେବାକୁ ବସିଚ—ମାଲିକର ଦଲାଲ ସାଜି ଶ୍ରମିକର ନ୍ୟାଯ୍ୟ ହକ୍ ଉଡ଼ାଇଦେବାକୁ ବସିଚ ।

ଅଶୋକ କର୍କଶ କଣ୍ଠରେ କହିଲା—ଛି, ସରଳା, ଏ ସବୁ କଣ ? ଅପର୍ତ୍ତିଙ୍କୁ ମୁଁ ଆଜି ଆମ ଭିତରକୁ ଟାଣିନବାକୁ ଆସିଚି—କଥା କହି ଦାଉ ସାଧିବାକୁ ଆସିନାହିଁ ।

ସରଳା ନିଆଁରେ ପାଣି ପଡ଼ିଲା ପରି ଅପ୍‌କନା ତୁନି ହୋଇଗଲା ।

—ଅପର୍ତ୍ତି, କିଛି ଖରାପ ଭାବିବ ନାହିଁ ସରଳାର କଥାକୁ, ମୁଁ ତା ତରଫରୁ ତମ ପାଖରେ ଦୋଷ ମାଗିନଉଚି ।

ଅପର୍ତ୍ତି ଗରଗର ହୋଇ କହିଲା—ଏ ଗୁଣ୍ଡାମୀର ମୁଁ ଠିକ୍ ଜବାବ ଦେବି ଅଶୋକ ବାବୁ । ଆପଣ ଭାବୁଚନ୍ତି ଆପଣ ଏଠି ଯାହା କରୁଛନ୍ତି ତା କେହି ଦେଖିପାରୁ ନାହାନ୍ତି—ସମସ୍ତଙ୍କୁ ବେଲକୁ କରି ରଖିଚନ୍ତି । ଆପଣଙ୍କର ଟୋକାଟା ଉପରେ ଆଖି ତ ସେଥିପାଇଁ ବିଚରା ଶ୍ରମିକଙ୍କ ନାଁରେ ଏ ଆନ୍ଦୋଳନ କାହିଁକି, ଏତେ ଆଲ କାହିଁକି ? ଏତେ ନାଟ କାହିଁକି ଲାଗିଚି ? ଆପଣ ତାକୁ ନେଇ ଏଠୁ ହଟି ଯାଆନ୍ତୁ.... ନହେଲେ ଭଲ ହବ ନାହିଁ କହୁଚି ।

ଅଶୋକ ସେମିତି ଶାନ୍ତ ସ୍ୱରରେ କହିଲା—ଏ ସବୁ କଣ କହୁଛ ଅପର୍ଣ୍ଣି ? ଏପରି ଜୀବନ ମରଣ ସମସ୍ୟା ଉପରେ କି କଦର୍ଯ୍ୟ କଥାକୁ ବୋଲି ତମେ ବୋଲି ଦେଉଛ ? କାହା ସାଙ୍ଗରେ ତମର ଶତ୍ରୁତା ଥିଲେ ତାକୁ ଶୁଝେଇବାକୁ ଅନ୍ୟବେଳ ଅଛି, ଅନ୍ୟ ବାଟ ଅଛି...କିନ୍ତୁ ଏତେବେଳେ ?

—ବାଟ ଅବାଟ ମତେ ଖାସା ଜଣା ଅଛି ଅଶୋକ ବାବୁ—ଅବାଟରେ ଚାଲିନାହିଁ ବୋଲିତ ଏପର୍ଯ୍ୟନ୍ତ ଚାକିରି ରହିଛି । ଦାନାପାଣି ରହିଛି, ଚାକିରି ଉପରେ ଭରସା କରିବାକୁ ପଡ଼ିନାହିଁ ।

ଅଣଆୟତ୍ତ ହୋଇ ପଡ଼ୁଛି ଅପର୍ଣ୍ଣି । ବେଶୀ କଥା ନ ଲମ୍ବାଇ ଅଶୋକ କହିଲା—ଆଜି କଷ୍ଟେ ସମସ୍ତଙ୍କୁ ହିବ ଅପର୍ଣ୍ଣି । ତମେ ଦୋଷରୁ ରାସ୍ତାରେ ଚାଲିଲେ ପଛେ ଚାଲିବ...କିନ୍ତୁ ତମକୁ ଦେଖିଲେ ଆମେ ବଳ ବହପ ପାଇବୁ । ଏ ଶ୍ରମିକ ପଞ୍ଚାୟତରେ ମୂଳ ଥିଲ ତମେ...ଅଥଚ ଆଜି ଯଦି ତମେ ଖସୁଥାଅ ଏଥିରୁ ବାହାରେ ରହି ତମେ କାହିଁକି ଓ କଣପାଇଁ ଗୁରୁଜନଙ୍କୁ କିଛି ସ୍ଥାପନା ବାନ୍ଧିପାରିବ ତା ତମେ କର ।

ଅପର୍ଣ୍ଣି ଅତିମତ ହୋଇଗଲା । ଅଶୋକ ପୁଣି କହିଲା—ଆମେ ଯାହା କରିଯିବା କାଲି କାଲିକୁ ସେଇ କଥା ରହିଯିବ ଅପର୍ଣ୍ଣି....ଆମେ ଆଜି କୁଲିଆ ଭଲିଆ ଏଠି ଯେ ଚାକିରି ଅଛୁ....କାଲିକି ଚାଲିଯିବା, ମରି ହଜି ଯିବା...ତାପରେ ଆମ ପିଲାଏ, ଏଇ କଲକାରଖାନାରେ ହାତ ପିଟିବେ । ଆମ ନିଜ କଥା ସାଙ୍ଗେ ସାଙ୍ଗେ ପ.ଅଭିଭାବକଙ୍କ କଥା, ଭବିଷ୍ୟତ କଥା...ଆଉ ଆମ ଭବିଷ୍ୟତ ବଂଶଧର ପିଲା ଛୁଆଙ୍କ କଥା ଭାବି ସମସ୍ତଙ୍କର ଉପକାର ହେଲା ଭଳି କାମ କଲେ ଆମ ନାଁ ରହିବ...ନହେଲେ କାତର ଟେକ ରହିବ ।

ଯିବା ପୂର୍ବରୁ ସରଳା ଅପର୍ଣ୍ଣିର ଗୋଡତଳେ ନଇଁ ପଡ଼ି ଗୋଡ଼ ଛୁଇଁ ନଗେଇଲା ମୁଣ୍ଡରେ...ମୋ ଦୋଷ ଧରିବ ନାହିଁ ଅପର୍ଣ୍ଣି ଦାଦା । ଆମକୁ ଶେଷରେ ପାଣିରେ ଭସାଇ ଦେବ ନାହିଁ...ଯେତେହେଲେ ଆମେ ତମର ପିଲା । ···ବିକଳିଆ କଥାରେ କହିଲା ସରଳା ।

ଅପର୍ଣ୍ଣି ହାତ ଟେକ ନମସ୍କାର କଲା ପୂର୍ବରୁ ଅଶୋକ ବାହାର ଯାଇଥିଲା ରାସ୍ତା ଉପରକୁ । ସରଳା ଚାଲିଚ ତାର ପଛେ ପଛେ । ଅପର୍ଣ୍ଣି ଯେତେ କଥା କହିବାକୁ ଚାହୁଁଥିଲା କହି ପାରିଲାନ । ଅଶୋକକୁ ଦେଖି ତା ମନ ଦବି ଏକବାରେ ଗ୍ରେଟ ହୋଇଗଲା ।

ଅପର୍ଣ୍ଣି ଘର ପଛଆଡ଼ ଗଳିରେ ଭନଭନ ହେଉଚ ଶୋଭନ । ଅଶୋକକୁ ସାମନା ସାମନି ଭେଟି ଶୋଭନ ଆଉ ଖସି ପଳାଇବାକୁ ସମୟ ପାଇଲା ନାହିଁ । ଲମ୍ବା ଚଉଡ଼ା ଦଣ୍ଡବତ ପକେଇ କହିଲା—ଟିକଏ ଇଆଡେ ଯାଉଥିଲି···

—ଖଟିକୁ ଯାଉଥିଲ ନାଁ ଶୋଭନ ? କାହିଁ ଆଜି କାଲି ତ ଦେଖା ସାକ୍ଷାତ ନାହିଁ ?

—ହାଡ଼ଭଙ୍ଗା ଖଟଣି ପରେ ଆଉ କଣ ବଳ ରହୁଚି ବାବୁ ଏ ଅଣ୍ଠିକି ଯିବାକୁ ?

—କିନ୍ତୁ, ତମର ତ ଆଜିକାଲି ମିଲ ଭିତରେ ଖଟଣି ନାହିଁ, ତମେ ପରା ମିସ୍ତ୍ରୀ ପାହିଆକୁ ହଟିଗଲଣି ?

—ହଁ ବାବୁ, ବାଳତ ଆସି ଖୋଟ ହେଲା ଖଟି ଖଟି, ଆଉ କଣଟା ବେଶୀ ହୋଇଚ ।

—ତ ଜିତା, ବଧି ଉପର ବରଗଛ ମୂଳେ ତ ତମମାନଙ୍କର ଖୁବ୍ ଆଡ଼୍ଡା ଜମୁଚି ଆଜିକାଲି । ବୋତଲ ପରେ ବୋତଲ ଉଡି ଯାଉଚ, ପାଞ୍ଚୁଭାଇଙ୍କ କଥା ବି ପଡ଼ୁଚ ! ଅଶୋକର ଭିତରେ ବଦ୍ରୁପର ଶର ।

ଶୋଭନ ମୁଣ୍ଡ ତଳକୁ ନୁଆଁଇ କହିଲା—ସହି ନ ପାରିତ ଲୋକେ ନଟେଇ ସଟେଇ କେତେ କଥା କହୁଚନ୍ତି ବାବୁ...ହେଲେ...

—ହେଲେ କଣ କାହିଁକି ଶୋଭନ ? ଆରେ ବାବା, କିଏ ମନା କରୁଚ ତମକୁ ମେଣ୍ଟ ବାନ୍ଧିବାକୁ ? ପଇସା ମିଳୁଚି···ମଜଲିସ ହେଉଚି... ଏଇଥରେ ମାତିଗଲେ କଣ ଚଳିଯିବ ଶୋଭନ ! ଏ ସବୁ ତ ଉନଆ ···ପଛକୁ ଦେଖିବ ତମକୁ ମଟେଇଲା ଲୋକ ତା କାମ ହାସଲ କରି ଚାଲିଯିବ, ତମେ ଯୋଉ ଫରୁଆକୁ ସେଇ ଫରୁଆ···

ଶୋଭନ କେମିତି ପଳାଇଯିବ ବାଟ ଖୋଜୁଥିଲା । ପଛରେ ଯେତେ ଛୁ' ଗୁଳର କରି କହୁଥିବେ ଅଶୋକ ବାବୁଙ୍କ ସାମନାକୁ ଆସିଲେ ପାଟି ଖନମାରିଯିବ, ମୁଣ୍ଡ ତଳକୁ ନଇଁପଡ଼ିବ । ଲକ୍ଷେ ଭିତରେ ଗୋଟାଏ ମୁଣ୍ଡ । ଅପର୍ତ୍ତି ଶବ୍ଦ ଶବ୍ଦ କରି କଡ଼ା ନୋଟ ମାରି ଆଣୁଚି ସେକେଣ୍ଡେସ୍ରି ସାଇବଠୁଁ ···ତାଙ୍କୁ ସବୁ କେଉଁଠାଏ ପକେଇ ଦଉଚି...ମନଖୁସି କରିବାକୁ ଟିକିଏ ଦଶାପାଣିରେ ଢେର କରି ରଖୁଚି—ହେଲେ ଜଣେ କେତେ ମାରୁଚି ତାର କଣ ହିସାବ ଅଛି ? ଅଶୋକ ବାବୁର ତ ଅଣ୍ଟାରେ ପଇସାଟିଏ ଥିଲେ ଖଳବଳ ହବ—କୋଉ ବାଟରେ ଯିବାକୁ ତର ସହୁବ ନାହିଁ ।

—ନିଜ ଚିନ୍ତାକୁ ପଶୁଚି ସବୁକଥା ଭାବି ଶୋଭନ...ଭଲମନରେ ଦଶାପାଣି ନ ଖାଇଥିଲାବେଳେ··ନିଜ ବୁଦ୍ଧିରେ ମଣିଷ ହୁଅ, ମାନିଆଣିଲା ବୁଦ୍ଧିରେ କଣ ମୁଣ୍ଡି ମରିବ ? ହନୁ ଖାଲି ବ୍ୟସ୍ତ ହୋଇ ପଡ଼ିଲାଣି । କୁଆଡ଼େ ଯାଉଥିଲ ଯାଅ । ଆଜି ସଂଜବେଳକୁ ଠାକୁରାଣୀଙ୍କଠାକୁ ଆସିବ....ସନ୍ଧ୍ୟାରେ ବସିବ··ଆମର କୋଉଠି ଭୁଲଥିଲେ ବାଛିବ । ମଜାଘଷା ହେଲେ ଦିନା ଅସଲ କଥାଟା ବାହାରିବ ।

ଶୋଭନ ମୁଣ୍ଡିଙ୍କୁ ନମସ୍କାର କଲା । ଅଶୋକ ପଛରେ ଡାକି କହିଲା—ନିଶ୍ଚେ ଆସିବ ଶୋଭନ—ତମ ହାଥୀ ଖାଇବି ବିଭିକାଥିବ ।

ଶୋଭନ ଯେମିତି ଗୋଟାଏ ହାତକାଠରୁ ଖସିଲା—ଏକା ନିଶ୍ୱାସରେ ସେ ପଶିଗଲା ଅପର୍ତ୍ତିର ଘର ଭିତରକୁ ।

ଛନ୍ଦା ପଞ୍ଚାମୃତଘରେ ବସିଚି । ସରଳା ପଶିଆସି ତା ଗୋଡ଼ତଳେ ମୁଣ୍ଡ ଲଗାଇଲା—ମୁଁ ସରଳା, ଏଇ ବସ୍ତିର ଝିଅ··ଛନ୍ଦା ସରଳାକୁ ତୋଳି ଧରିଲା । ବେଶ୍ ଭଲ ଝିଅଟିଏ ପରି ଦେଖାଯାଉଚି ତ । ମୁହଁଟି କେଡ଼େ ଅମାୟିକ....ସରଳ । ଛନ୍ଦାକୁ ବେଶୀ ସମୟ ଭାବିବାକୁ ନ ଦେଇ ଅଶୋକ ଭିତରକୁ ପଶିଆସିଲା ।

—ଛନ୍ଦା ଯେ ? ଆଶ୍ଚର୍ଯ୍ୟ ଭାବରେ ପଚାରି ଟିକିଏ ଦମ ନେଲା ସେ—ଆସିଚ ଯେତେବେଳେ ପରିଚୟ କରେଇ ଦିଏ । ଇଏ ସେଇ ସରଳା......

—ଆମର ଏହା ଭିତରେ ପରିଚୟ ହୋଇଗଲାଣି ଅଶୋକବାବୁ !

—କୁଆଡେ ଆସିଲ ତମେ ? ତମ ଭାଇର ଆସିବାଟାକୁ ମୁଁ ଗୋଟାଏ ଉଦ୍‌ଭ୍ରାନ୍ତ ଖିଆଲ ବୋଲି ଧରି ନେଇଥିଲି । କିନ୍ତୁ ତମର ରୋକ ଏପରି ଏଠାକୁ ବାର ବାର ଆସିବାଟା ତ ଭଲ ଲକ୍ଷଣ ନୁହେଁ ଛନ୍ଦା...ଜାତି ନାହିଁ, ପରିପାଟୀ ନାହିଁ...ତା ଛଡ଼ା ଏଠି କ୍ଲବର ପରିଚର୍ଯ୍ୟା ବି ନାହିଁ ।

ସରଳା ଏହା ଭିତରେ ବାହାରକୁ ବାହାରି ଯାଇଛି ।

—ମୋର ଗୋଟାଏ କଥା ଶୁଣିବେ ଅଶୋକ ବାବୁ ? ଛନ୍ଦା ନିର୍ବିକାର ସ୍ୱରରେ ପଚାରିଲା ।

— କଣ ?

—ଏ କ୍ଷେତ୍ର ଆପଣଙ୍କ ପାଇଁ ନୁହେଁ ଅଶୋକବାବୁ । ଆପଣ ଏ ବାଟରୁ ଫେରି ଯାଆନ୍ତୁ...ଅନୁରୋଧ ଗୋଳେଇ ହୋଇଛି ଛନ୍ଦାର କଥାରେ ।

—ମୁଁ ତା'ହେଲେ ତମକୁ ଠିକ ଧରି ପାରିଛି ଛନ୍ଦା...ତମ ଉପଦେଶ ପାଇଁ ଧନ୍ୟବାଦ । ମୁଁ ଅଟରେ ଠିକ କରି ସାରି ପାଦ ବଢ଼େଇଛି...ଅଧ ବାଟରୁ ମୁଁ ଫେରି ପାରିବି ନାହିଁ ।

—କିନ୍ତୁ ଏ ଯେ ସାଙ୍ଘାତିକ ଗୋଟାଏ ମହାସମରର ଯୁଦ୍ଧ ହେବାକୁ ବସିଲାଣି ଅଶୋକବାବୁ । ସୈନ୍ୟ ସଂଗ୍ରହ ଚାଲିଛି, ଗୋଳା, ବାରୁଦ, ପୁଲିସ, ଫୌଜର ବିରାଟ ଆୟୋଜନ ଚାଲିଛି...ଏ ନିରୀହ ଲୋକଗୁଡ଼ାକ ପାଇଁ ଏ ସବୁର କି ଦରକାର ତା ମୋ ମୁଣ୍ଡରେ ପଶୁ ନାହିଁ—ଶେଷକୁ ରକ୍ତପାତ ଛଡ଼ା ଏଠି କିଛି ହବ ନାହିଁ ଦେଖୁଛି ।

ହସିଲା ଅଶୋକ—ମେଣ୍ଢାକୁ ବଳି ପକାଇଲାବେଳେ ବି ଶାଣ ଦିଆ ତରବାରିର ଦରକାର ପଡ଼େ ଛନ୍ଦା, ତା ଛଡ଼ା ହେଉ ରକ୍ତପାତ ! ବଳି ନ ଦେଲେ, ତ୍ୟାଗ ନ କଲେ କିଏ କାହାର ମନ ସହଜେ ବଦଳେ । ଏ ନିରୀହ ଲୋକଙ୍କ ରକ୍ତ ଟୋପାଏ ଯେଉଁଠି ପଡ଼ିବ, ସେଠି ସେଇ ମାଟିରେ ଚିର ଦିନ ପାଇଁ ବିଦ୍ରୋହର ଅଗ୍ନିମନ୍ତ୍ର ଅଳକ୍ଷ୍ୟ ହୋଇ ରହି ଯିବ । ତେବେ ଯଦି ପାରି ତମ କର୍ମକର୍ତ୍ତାଙ୍କୁ ଅନ୍ତତଃ ଏତକି ଜଣାଇ ଦେବ—କେତେବେଳେ ହେଲେ ଆମ ତରଫରୁ ହିଂସାର ଲେଶମାତ୍ର

ଗନ୍ଧ ବ ମିଳିବ ନାହିଁ । ଯେ କୌଣସି ପରିସ୍ଥିତି ପଡ଼ିଲେ ବ ଏବଂ ଆମ ପ୍ରତି ଯଦି ତା ଭଙ୍ଗଯାଏ ଭାଙ୍ଗିଲେ ବିନା ବାଧାରେ ଆମେ ମୁଣ୍ଡ ପାତି ସବୁ ସହିଯିବୁ ।

ଛନ୍ଦା ବ୍ୟଥାରେ ଏଁଠିଲି ପଡ଼ିଲା । ଅଶୋକ କହିଲା—ତମେ ଯାଅ ଛନ୍ଦା, ତମେ ଯେ ଏମାନଙ୍କୁ ଭଲ ପାଇବାକୁ ଆରମ୍ଭ କରିଛ ଏତିକି ଯଥେଷ୍ଟ, ତମ ପକ୍ଷରେ ଏହାଠୁଁ ବେଶୀ କିଛୁ ଭାବିବା ଠିକ ହବ ନାହିଁ ।

ଗୁମର ଭାଙ୍ଗିଲା ଛନ୍ଦାର ସ୍ୱର—ଏକ ବ୍ୟଥାଭରା ଦୀର୍ଘଶ୍ୱାସ ପକାଇ ସେ ଉଠି ଠିଆ ହେଲା ।

—ମୋର ଗୋଟାଏ ଅନୁରୋଧ ଛନ୍ଦା—ତମେ ଏଠିକି ନ ଆସିଲେ ଭଲ ହେବ—ଘାଷ୍ଟ ଲୋକଙ୍କ ମନରେ ତମ ଯା’ଆସ ବିଷୟରେ ନାନା କଳ୍ପନାଜଳ୍ପନା ଚାଲିବ—ଆମ ବିରୁଦ୍ଧ ଲୋକେ ଅପପ୍ରଚାର ଚଳାଇ ଏ ଆନ୍ଦୋଳନକୁ ଦୁର୍ବଳ କରି ଦେବେ । ତମର ଆନ୍ତରିକ ଶୁଭେଚ୍ଛାହିଁ ଆମକୁ ଆଗେଇ ନବ ।

ଛନ୍ଦା କିଛି ନ କହି ବାହାରକୁ ବାହାରି ଗଲା—ଅଶୋକ ଛନ୍ଦାର ଏଇ ଆକସ୍ମିକ ପରିବର୍ତ୍ତନ କାହିଁକି ବୁଝିବାକୁ ଚେଷ୍ଟା କରୁଛି—କିନ୍ତୁ ପାରୁନି । ଗୋଟାଏ ଦୁର୍ବୋଧ୍ୟ ପ୍ରହେଳିକା ପରି ଝାପ୍ସା ହୋଇ ତା ଆଖି ସାମନାରେ ଠିଆ ହୋଇଛି ଛନ୍ଦା, ଛନ୍ଦାର ମନ କିପରି ବଦଳିଛି । ବିଳାସ ଓ ପ୍ରାଚୁର୍ଯ୍ୟ ଭିତରେ ହାହାକାରର ସ୍ୱପ୍ନ ଦେଖି ଛନ୍ଦା ହୁଏତ ତାର ଆଗର ଛନ୍ଦ ହରେଇଛି—ସାବଲୀଳ, ସ୍ୱଚ୍ଛନ୍ଦ ତାର ଏଇ ପରିବର୍ତ୍ତନ । ମନିଷ ଭିତରର ଦେବତ୍ୱକୁ ଅଶେଷ ପ୍ରଶଂସା ବାଢ଼ି ଦେଲା ଅଶୋକ ।

ଅରୁଣ୍ଡି ଓ ତା ଦଳର ମିଳାଇ ଚେଷ୍ଟା ଓ ଅପପ୍ରଚାର ସତ୍ତ୍ୱେ ଓ ସଭାରେ ଲୋକ ଭରପୂର ହୋଇ ଯାଇଛନ୍ତି । ଗୁରୁଆଡ଼େ ସବୁରି ମୁହଁରେ ଉନ୍ମାଦନାର ଚିହ୍ନ—ଉତ୍କ୍ଷିପ୍ତତାର ସଙ୍କେତ ।

ମିଲରେ ସ୍ୱତ ଉଠୁଛି କାମ ବନ୍ଦ କରି ଦିଆଯିବ ବୋଲି ନୋଟିସ ଦିଆଯାଇଛି ଏବଂ ଛଟେଇ ଲୋକଙ୍କର ଫର୍ଦ୍ଦ ନୋଟିସ ବୋର୍ଡ଼ରେ ମାରି ଦିଆଯାଇଛି ସକାଳଠାରୁ । ଲୋକମାନେ ଆଳ ଦେଖାଇ ମାଲିକ ଣ’ ଣ’

ଲୋକଙ୍କର ସ୍ୱାଧୀନ ଚିନ୍ତା ଭରି ଦବାକୁ ବସିଛି — ବାଛି ବାଛି ଚାଣୁଆ ଶ୍ରମିକମାନଙ୍କୁ ମୂଳପୋଛ କରି ବାହାର କରିଦିଆଯିବାର ଆୟୋଜନ ହୋଇଛି ।

ଲୋକଙ୍କ ମନରେ ଏହାର ପ୍ରଭାବ କେବଳ ଯେ ଆତଙ୍କ ସୃଷ୍ଟି କରିଛି ସେତିକି ନୁହେଁ, ସମସ୍ତେ ଆଜି ଜପରି ଏକ ନିଃସହାୟ ଭାବ ଅନୁଭବ କରୁଛନ୍ତି । ଏଥିପାଇଁ ଗଣଆନ୍ଦୋଳନ ଦରକାର— ଶ୍ରମିକର ମିଳିତ ଆଭିମୁଖ୍ୟ ଦରକାର । ତା'ନହେଲେ ନାନା ରୂପରେ ଏ ଅନ୍ୟାୟ ଚାଲିବ ଶୋଷଣର କଳ ମଜଭୁତ କରିବାକୁ ।

ଅଶୋକ ଖୁବ ଜୋର ଦେଇ କହିଲା—ଆମର ଏଇ ଆନ୍ଦୋଳନ ଶାନ୍ତି ଓ ଅହିଂସା ଉପରେ ପ୍ରତିଷ୍ଠିତ । ଯେଉଁ ଦିନ ଆମେ ହିଂସାର ଆଶ୍ରୟ ନବୁ ସେଇ ଦିନ ଏବଂ ସେଇ ମୁହୂର୍ତ୍ତରେ ଆନ୍ଦୋଳନ ଭୁଷୁଡ଼ି ପଡ଼ିବ । ସୁତରାଂ ମୁଁ ଅନୁରୋଧ କରିବି ସମସ୍ତଙ୍କୁ ସହିଷ୍ଣୁ ହେବାକୁ—ସବୁ ଅନ୍ୟାୟ ଅତ୍ୟାଚାରକୁ ପିଠି ପଟେଇ ସହିଯିବାକୁ—ଆମ ଭିତରେ ବିଭେଦ ସୃଷ୍ଟି କରିବାକୁ ମାଲିକ ଅନେକ ଚାଲ ଖେଳିବ, ଟଙ୍କା ପଇସାର ପ୍ରଲୋଭନଠୁ ଆରମ୍ଭ କରି ଦଙ୍ଗା ହେଙ୍ଗାମା ଲଗାଇବା ପର୍ଯ୍ୟନ୍ତ କୌଣସି ଚେଷ୍ଟା ସେ ବାକି ରଖିବ ନାହିଁ କିନ୍ତୁ ଆମକୁ ଅଟଳ ରହିବାକୁ ହେବ—ପାରିବ ସମସ୍ତେ ?

ଜନତା ପକ୍ଷରୁ ଘନ ଘନ କରତାଳି ବାଜି ଉଠିଲା । ଉଚ୍ଚ ଓ ଦୃଢ଼ କଣ୍ଠରେ ସମସ୍ତଙ୍କ ମୁହଁରୁ ବାହାରିଲା—ହଁ ପାରିବୁଁ ।

— ତାହାହେଲେ ଆପଣମାନେ ବାଛିଥିବା ପଞ୍ଚାୟତ ଧର୍ମଘଟ ପରିଚାଳନା କରିବାର ଦାୟିତ୍ୱ ନେଉ । ଧର୍ମଘଟ ଚାଲିଥିଲା ବେଳେ କୌଣସି ପ୍ରକାରର ଅରାଜକତା ବରଦାସ୍ତ କରାଯିବ ନାହିଁ । ଜଣକର ମନମୁଖୀ କାମ ପାଇଁ ହୁଏତ ସାରା ଆନ୍ଦୋଳନ ଦୁର୍ବଳ ହୋଇଯିବ । ଅତଏବ ଧର୍ମଘଟ ପରିଚାଳନା କରୁଥିବା ପଞ୍ଚାୟତଙ୍କର ସବୁ ନିର୍ଦ୍ଦେଶ ଅକ୍ଷରେ ଅକ୍ଷରେ ମାନିବାକୁ ପଡ଼ିବ । ଯେତେଦିନ ଯାଏ ଆମର ସବୁଦାବୀ ପୂରଣ ନ ହୋଇଛି ସେତେଦିନ ପର୍ଯ୍ୟନ୍ତ ଆମର ଏହି ଅହିଂସ ଆନ୍ଦୋଳନ ଚାଲୁ ରହିବ । ଆପଣମାନେ

ଯେଉଁ ଦାଖଲ ଫର୍ଦ୍ଦ ତିଆରି କରିଛନ୍ତି ଏବଂ ଯାହା ମାଲିକ ସାମନାରେ ଆମେ ପେଶ୍ କରିବାକୁ ଯାଉଛୁ ତାକୁ ଅକ୍ଷରଶଃ ଥରେ ମୁଁ ପଢ଼ି ଆପଣମାନଙ୍କୁ ଶୁଣାଇ ଦେଉଛି ।

୧—ଶ୍ରମିକ ଛଟେଇ ବନ୍ଦ ହେଉ । କେବଳ ଯେ ଅଜ୍ଞାତ ଛଟେଇ ନୋଟିସ୍ ଫର୍ଦ୍ଦ ହେବ, ତାହା ନୁହେଁ, ବରଂ ଶ୍ରମିକ ଜାଗରଣ ଦିନଠାରୁ ଯେତେ ଶ୍ରମିକଙ୍କୁ ଦଣ୍ଡ ଦିଆ ଯାଇଛି, ବିନା ସର୍ତ୍ତରେ ସବୁ ପ୍ରତ୍ୟାହାର କରିବାକୁ ଦୃଢ଼ ଭାବରେ ଦାବୀ କରାଯିବ ।

୨—ଶ୍ରମିକର ଦରମା ବଢ଼ୁ ଓ ଲାଭାଂଶର ଭାଗ ମିଳୁ—୩ ବର୍ଷ ହେଲା ଏ ଶିଳ୍ପକୁ ବଞ୍ଚାଇବାକୁ ଯେଉଁମାନେ ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ଦେହର ଲହୁ ଢାଳିଛନ୍ତି, ଲୋକସାନର ଆଳ ଦେଖାଇ ସେମାନଙ୍କର ଦରମା ବଢ଼ାଯାଉ ନାହିଁ—ବୋନସ୍ ମିଳୁନାହିଁ । ଯଦି ପ୍ରକୃତରେ କିଛି ଲୋକସାନ ହୋଇଥାଏ ତା ହେଲେ ବିଧିବଦ୍ଧ ଭାବରେ ତାର ଅନୁସନ୍ଧାନ ହେଉ, ଜମା ଖର୍ଚ୍ଚକୁ ତନଖି ଦେଖାଯାଉ । ଯଦି ପରିଚାଳନାର ଦୋଷ ଥାଏ, ତାହେଲେ ତୁରନ୍ତ ସେ ପରିଚାଳନାକୁ ବଦଳାଇ ଦିଆଯାଉ । ପ୍ରତ୍ୟେକ ଶ୍ରମିକ ଲାଗି ତାର କାମ ଅନୁସାରେ ଦରମାର ଗୋଟାଏ ହାର ବାନ୍ଧି ଦିଆଯାଉ ଓ ସେହି ହାରରେ ଗଲା ୩ ବର୍ଷର ବଳକା ପଇସା ତକ୍ଷ ଦେଇ ଦିଆଯାଉ ।

୩—ଶ୍ରମିକର ନ୍ୟାଯ୍ୟ ପାଉଣା ମିଳୁ—ଶ୍ରମିକର ଛୁଟି ପଇସା, ମଜୁରି, କ୍ଷତିପୂରଣ ବା ଫଣ୍ଡ ବାବଦ ସମସ୍ତ ପାଉଣା ପଇସାଟିଏ ପର୍ଯ୍ୟନ୍ତ ହିସାବ କରି ଚୁକ୍ତି କରି ଦିଆଯାଉ ।

୪—ଜୁଲମ ବନ୍ଦ ହେଉ—ମାଲିକ ଓ ଶ୍ରମିକ ଭିତରେ ଗୋଟାଏ ସୁସ୍ଥ ସଦ୍ଭାବସ୍ଥାନର ପରିବେଶ ସୃଷ୍ଟି ହେଉ । ସରକାରଙ୍କ ଶ୍ରମିକ ସଂକ୍ରାନ୍ତୀୟ ସମସ୍ତ ଆଇନ ଶିଳ୍ପର ଉନ୍ନତି ଦୃଷ୍ଟିରୁ ପାଳିତ ହେଉ ।

୫—ଶ୍ରମିକର ଶିକ୍ଷା, ସ୍ୱାସ୍ଥ୍ୟ ଓ ବାସସ୍ଥାନ ପ୍ରତି ଠିକ୍ ନଜର ଦିଆଯାଉ—ସେଥିପାଇଁ ତୁରନ୍ତ ଉପଯୁକ୍ତ ବ୍ୟବସ୍ଥା ମଧ୍ୟ କରାଯାଉ ।

ଏଇ ହେଲା ମୋଟାମୋଟି ଆମ ଦାବୀର ରୂପରେଖ । କାଲିଠାରୁ ଏ ସବୁର ବିଚାର କରିବା ପାଇଁ ମାଲିକଙ୍କୁ ୭ ଦିନର ନୋଟିସ ଦିଆଯିବ ଏବଂ

ଏହି ୭ ଦିନ ଭିତରେ ମାଲିକ କୌଣସି ସୁବିଚାର କରିବାର ଅଙ୍ଗୀକାର ନ ଦେଲେ ଆଠ ଦିନଠୁଁ ସମ୍ପୂର୍ଣ୍ଣ ହରତାଳ କରାଯିବ ବୋଲି ମଧ୍ୟ ମାଲିକ ଓ ସରକାରଙ୍କୁ ଜଣାଇ ଦିଆଯିବ ।

ସତ କହିବାକୁ ହେଲେ ଏ ବାଦ ବିସମ୍ବାଦ ବଢ଼ି ମିଲ୍ ବନ୍ଦ ହେବା ବା ହରତାଳ କରି ଦେଶ ଓ ଜାତିର ପୁନର୍ଗଠନ ବେଳେ ଏ ହରତାଳ କରିବା ମୋର ଇଚ୍ଛା ନୁହେଁ, ସରକାରଙ୍କର ମଧ୍ୟ ଇଚ୍ଛା ନୁହେଁ । ଆପଣା ସ୍ୱାର୍ଥ ଦେଖିବା ସଙ୍ଗେ ଆମକୁ ଆମ ଦେଶ, ଜାତି ଓ ଏଇ ବିରାଟ ଜାତିର ୩୫ କୋଟି ଲୋକଙ୍କର ସୁବିଧା, ସ୍ୱାଚ୍ଛନ୍ଦ୍ୟ ଦେଖିବାକୁ ପଡ଼ିବ । କୌଣସି ଶିଳ୍ପ ବନ୍ଦ ହୋଇଗଲେ କେବଳ ଯେ ଆମର ଏବଂ ଦେଶର ଆୟ କମିଯିବ କେବଳ ସେତିକି ନୁହେଁ, ବରଂ ଆମ ସୁବିଧା ନେଇ ଅନ୍ୟ ଦେଶ ଆମଠୁ ଧନ ଲୁଟିନେବେ । ଭଗବାନ୍ ନ କରନ୍ତୁ ଆମକୁ ଧର୍ମଘଟ ପରି ଏକ ଅନିଷ୍ଟକର ପନ୍ଥା ଗ୍ରହଣ କରିବାକୁ ନ ପଡ଼ୁ— ଶାନ୍ତି ଓ ସାଲିସ୍‌ରେ ଏ ସମସ୍ୟାର ସମାଧାନ ହେଉ । ମାଲିକ ବୁଝିବାକୁ ଚେଷ୍ଟାକରୁ —ଦେଶ ଓ ଶିଳ୍ପର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସେ ଆମର ଯଥାର୍ଥ ଦାବୀ ପୂରଣ କରୁ ।

ସରଳା ଚଉତରା ଉପରେ ଠିଆ ହୋଇ ବାରମ୍ବାର ଶଙ୍ଖ ଫୁଙ୍କିବାକୁ ଲାଗିଲା—ଶୁଭଶଙ୍ଖର ମାଙ୍ଗଳିକ ଓ ବିରାଟ ହର୍ଷୋଚ୍ଛ୍ୱାସ ଭିତରେ ସଭାକାମ ଶେଷ ହେଲା ।

ଯିଏ ଯେଝା ଘରକୁ ଫେରିଲେ । କାହାରି ମୁହଁରେ କଥା ନାହିଁ— ବିଷମ ପରୀକ୍ଷାର ବେଳ ଆସି ପହଞ୍ଚୁଛି — ଆଗରେ ବିପଦ ଓ ଅତ୍ୟାଚାର କଳକଳ ହୋଇ ଦେଖା ଯାଉଛି—ସମସ୍ତେ ତା'ର ସାଙ୍ଗେ ଲଢେଇ କରିବାକୁ ଶକ୍ତି ସଞ୍ଚୟ କରୁଚନ୍ତି ।

ରାତି ରାତି ବସି ସରଳା ସବୁ ଲେଖି ସାରୁଛି—ଶ୍ରମିକଙ୍କର ଦୀର୍ଘ ୪ ପୃଷ୍ଠା ବ୍ୟାପୀ ଦାବୀର ଇସ୍ତାହାର ତାକୁ ଅନେକ ଥର ଲେଖିବାକୁ ପଡ଼ିଚି ।

ମାଧବ ସେ ରାତିରେ ଘରକୁ ନ ଯାଇ ପଞ୍ଚାୟତ ଘରେ ଶୋଇଚି...ସୂତାକଳ ମିଲ୍‌ର ମାଲିକ, ଦେଶର ରାଜନୈତିକ ନେତୃବୃନ୍ଦ ଓ ଅନ୍ୟାନ୍ୟ ଶିଳ୍ପାଞ୍ଚଳର ପ୍ରଭାବଶାଳୀ ସଂଗଠନମାନଙ୍କ ନିକଟକୁ ଇସ୍ତାହାରର ନକଲ ଖଣ୍ଡେ ଖଣ୍ଡେ ପଠାଇ ଦେଲା ଅଶୋକ—ନିଜେ ଯାଇ ସେ ଡାକଘରେ ସବୁତକ ଚିଠି ଦେଇ ଆସିଲା । ଏହା ଛଡ଼ା ଶ୍ରମିକର ଏଇ ଜୀବନମୂର୍ଚ୍ଛା ଆନ୍ଦୋଳନକୁ ବଞ୍ଚେଇ ରଖିବା ପାଇଁ ଆର୍ଥିକ ଓ ନୈତିକ ସାହାଯ୍ୟ ପାଇଁ ଅନୁରୋଧ କରି ଦେଶର ଅନେକ ବଡ଼ ବଡ଼ ଶ୍ରମିକ ସଙ୍ଗଠନ ଓ ୟୁନିୟନ ପାଖକୁ ଚିଠି ଲେଖି ସେ ଡାକରେ ପଠାଇ ଦେଲା ।

ପଞ୍ଚାୟତ ଘର ସାମନାରେ ଦିନ ଆଠଟା ବେଳୁଁ ପୁଣି ଲୋକ ଜମି ଗଲେଣି...ହାଲ ହକିକତ ବୁଝିବା ଓ ନାଡ଼ୀ ଟିପିବା ପାଇଁ ନିହାରଙ୍କ ଦଲାଲ ଦଳର କେତେକ ଆସି ମଧ୍ୟ ଜୁଟିଛନ୍ତି । ଅଶୋକ ସମସ୍ତଙ୍କୁ ବିଦାୟ କରି କହିଲା—ଆପଣମାନେ ଏମିତି ମେଳା ମେଳା ହେଲେ କିଛି କାମ ହେବ ନାହିଁ ଭାଇମାନେ, ଆପଣମାନେ ଏ ସାତ ଦିନ ଭିତରେ ବଳ ବହପ ସଞ୍ଚୟ କରନ୍ତୁ...ପଞ୍ଚାୟତର ନିର୍ଦ୍ଦେଶକୁ ଅପେକ୍ଷା କରନ୍ତୁ ।

ସମସ୍ତେ ଚାଲିଗଲା ପରେ ଅଶୋକ ଘର ଭିତରକୁ ପଶିଲା । ମାଧବ, ରଘୁ, ବୈକୁଣ୍ଠ, ରହମାନ ଓ କୃଷ୍ଣ ତଳୁ ଘୁଞ୍ଚି ବସିଚନ୍ତି । ସମସ୍ତଙ୍କୁ ସସ୍‌ପେଣ୍ଡ କରାଯାଇଚି କେତେଦିନ ତଳେ... ସୁତରାଂ ଆନ୍ଦୋଳନ ପାଇଁ ଦିନରାତି ଖଟିବାର ସମୟ ପାଇଚନ୍ତି ଏମାନେ ।

—ଆଜି ହେଲା ମଙ୍ଗଳବାର, ଆସନ୍ତା ସୋମବାରକୁ ଆମର ସାତ ଦିନ ନୋଟିସ ପୂରି ଯାଉଚି । ମାଲିକ ଆମ ଦାବୀ ପୂରଣ ନ କଲେ ଆର ମଙ୍ଗଳବାରଠୁଁ ହରତାଳ ଚାଲୁ ହେବ । ଏଇ କେତେଦିନ ଭିତରେ ତମମାନଙ୍କୁ ବହୁତ କାମ କରିବାକୁ ହେବ ।

—ତା ନହେଁ କଣ ? ମାଧବ କହିଲା—ହେଲେ ବାବୁ, ଏ ରାସ୍ତାରେ ଜିତ୍ ନିଶ୍ଚୟ ହାର୍ ନାହିଁ......ଆହମଦାବାଦରେ ଦଶବର୍ଷ କାମ କଲି । ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଗୋଟାଏ ବୋଲି ୟୁନିୟନ କାମ କରୁଚି । ହେଲେ ମିଲ ମାଲିକର ଟିକିଏ ହେଲେ ମଜଦୁର ଅଛି

ସୂନସୂନ କଥା ଟାଳି ଦବାକୁ । ଦଙ୍ଗା, ହେଙ୍ଗାମ ନାହିଁ, ହରତାଳ, ଲକ୍‌ଆଉଟ୍ ନାହିଁ । ଯେତେବେଳେ ଯୁ' କଥା ଉଠିଲା ଦୁ ଦିନ ଭିତରେ ରାଜିନାମା ହୋଇ ଯାଉଛି ।

ନିଧି କହିଲା—ଯାହା କହିଲୁ ମାଧବ ଭାଇ, ସେ ସବୁ ରାଇଜ କଥା ଫରକ । ଏ ଜିନିଷର ସୁଆଦ ସେଠି ଚାଖି ଚାଖି ରହିଲେଣି—ସେମିତି କାମବି ଚାଲୁଚି, ମୁନାଫା ବାଢ଼ୁଚି ।

ଅଶୋକ କହିଲା—ଜୋର କରି ନ ମାଗିଲାଯାଏ ଦେଲା ଲୋକର ମନ ଦବାକୁ ବଳେ ନାହିଁ । ତମ କଥାମତ ଥରେ ଦେଖିଲେ ମାଲିକ ବଡ଼ସ୍ତର ହୋଇ ରହିବ ନିଧି···ସବୁ କାମରେ ତମକୁ ଲୋଡ଼ିବ ।

ମୋ କଥା ତୁମମାନଙ୍କ ମନକୁ କେମିତି ପାଉଚି କହ । ଏ କଥା ଉଠିବା ଦିନଠୁଁ ମୁଁ ତ କହୁଥିଲି ସମସ୍ତଙ୍କୁ କହ, ପିଲା କବିଲା ସୁବିଧା ଦେଖି ଗାଁରେ ଛାଡ଼ି ଆସନ୍ତୁ । କେତେଦିନ ଯାଏ ଆମର ଏ ଲଢ଼େଇ ଚାଲିବ କିଏ କହିବ ! ହେଲେ ଏଠି ପିଲା ଛୁଆ ରହି ତମସାଙ୍ଗରେ ହଇରାଣ ହେବାଟା ମୁଁ କାହିଁକି ପସନ୍ଦ କରୁନାହିଁ ।

ରହିମାନ କହିଲା—ଓ୍ୱାଜିବ କଥା ବାବୁ—ତାଙ୍କ ପାଖରେ ବାନ୍ଧି ହୋଇ ରହିଲେ କାମ କରିବାକୁ ଫୁରସତ ବି ମିଳିବ ନାହିଁ ।

କୃଷ୍ଣ କହିଲା—ବସ୍ତିରୁ ଅନେକ ଲୋକେ ତ ଏଇ ଗଲା ରବିବାର ଛୁଟିରେ ପିଲାପିଲିଙ୍କି ନେଇ ଛାଡ଼ି ଆସିଚନ୍ତି । ବାକି ଯୋଉ କେତେ ଲୋକେ ଅଛନ୍ତି ତା ଭିତରୁ ଏଇ ରବିବାରକୁ କେତେ ଚାଲିଯିବେ ।

ଅଶୋକ କହିଲା—ତାହେଲେ ଗୋଟାଏ ଅଡୁଆ କାଟି ଛିଡ଼ିଲେ—କିଏ ଜାଣେ କି ହଇରାଣ ଯୋଗ ଅଛି । ତା' ପରକଥା ହେଲା ସଂଗଠନ ଗଢ଼ିବା—ଯଦି ହରତାଳ ନିଷ୍ପତ୍ତି କରିବାକୁ ପଡ଼େ, ଆଉ ମୋର ମନେ ହେଉଚି ମାଲିକ ତା ଦମାକ୍ ନେଇ ଅଛି, ଯେ ଆମ କଥା ଜମାରୁ ଶୁଣିବ ନାହିଁ, ବାଧ୍ୟ ହୋଇ ଆମେ ହରତାଳ କରିବୁ । ଏତିକି-ବେଳେ କାମ କରିବାକୁ ପ୍ରତ୍ୟେକ ସାଇରେ, ବସ୍ତି ମୁଣ୍ଡ ଓ ଛକ ଜାଗାମାନଙ୍କରେ, ଦୋକାନ, ବଜାର, ହାଟ ବାଟରେ ଆଉ ବାହାରେ

ରହୁଥିବା ଶ୍ରମିକମାନଙ୍କ ଘଅଆସ ଘାଟିମୁଣ୍ଡମାନଙ୍କରେ ଟୋକାମାନଙ୍କ ଭିତରୁ ବାଛି ଟାଣୁଆ ସ୍ୱେଚ୍ଛାସେବକ ରଖିବାକୁ ହେବ । ଏମାନଙ୍କର କାମ ଖାଲି କାରଖାନା ମୁହାଁ ଲୋକଙ୍କ ବାଟ ଓଗାଳିବା ନୁହେଁ... ଖବର ଅନ୍ତର ସହରଅଡ଼େ ସରବରାହ କରିବାକୁ ବି ହେବ ।

ସବୁଠୁଁ ବଡ଼ କଥା ହେଲା ଆନ୍ଦୋଳନକୁ ବଞ୍ଚେଇ ରଖିବାକୁ ପ୍ରଚୁର ଦରକାର । ସେଥିପାଇଁ ପ୍ରତିଦିନ ସକାଳ ଓ ସନ୍ଧରେ ଅତି କମ୍ ରେ ହଜାରେ, ଉପର ଲୋକ ଶୋଭାଯାତ୍ରାରେ ବାହାରି ସହରଆଡ଼େ ବୁଲି ଆସିବା ଦରକାର । ତା'ଛଡ଼ା କଟକ ବାଟକରେ ଆମ ଆନ୍ଦୋଳନ ପାଇଁ ନୈତିକ ବଳ ଆଣିବାପାଇଁ ପଟୁଆରରେ ବୁଲିବା ଦରକାର ।

ବର୍ତ୍ତମାନ ଏତିକି ହେଲା ଆମ ଭବିଷ୍ୟତ କାମପାଇଁ ଖସଡ଼ା । ତୁମେମାନେ ନିଜ ଭିତରେ ବିଚାର କରି ଶହେ ଲୋକ ବାଛ ସେଚ୍ଛାସେବକ କାମ କରିବାପାଇଁ – ଲେଖାପଢ଼ାର ସବୁ ଦାୟିତ୍ୱ ସରଳା ଉପରେ.... ସେ ତାକୁ ଚଳେଇନବ । ବାକି ରହିଲା ପଟୁଆର—ତମେ ସବୁ ଆଗୁସର ହୋଇ ବାହାରିଲେ ଲୋକେ ବଳେ ବଳେ ତମ ପଛରେ ଗୋଡ଼େଇବେ ।

ଅପର୍ତ୍ତି ଖାଲି ଗୋଟାଏ ଦଳ ଦଳ ବୋଲି ମିଛରେ ନଗେଇ ଜୁଟେଇ ଶାନ୍ତ ଶିଷ୍ଟ ଠିକ୍ । ତାଙ୍କଠୁଁ ମାର ନହୁଚି ହୁଏତ । ଖାଲି ସଭାରେ ଟିକିଏ ଗୋଳମାଳ କି ପଦେ କଥା ବି ପ୍ରତିବାଦ କରି ପାରନ୍ତିନାହିଁ । ଆଜି ଏମିତି ଦଳ ରହି ଲାଭ କଣ ? ଅଶୋକ ଯୁକ୍ତିପତି ଭଳିଆ ଯାହା କହିଲା ଲୋକେ ତାକୁ ଶିରୋଧାର୍ଯ୍ୟ କରିନେଲେ···ଆଉ ଏମାନେ କହୁଥିଲେ କଣ ? ? ବିରକ୍ତ ହୋଇ ଉଠିଲେ ମାଷ୍ଟର ସମସ୍ତକଥା ଶୁଣି ।

ମାତ୍ର ସେ ବିବ୍ରତ ହୋଇ ପଡ଼ି ନାହାନ୍ତି କି ହାଲ ଛାଡ଼ି ନାହାନ୍ତି । ଦୁର୍ଦ୍ଧର୍ଷ ଭାବରେ ଶ୍ରମିକର ଏହି ଆନ୍ଦୋଳନକୁ ସେ ଖର୍ବ କରିବେହିଁ କରିବେ । ଶ୍ରମିକ ଜୀବନ ମୂର୍ଚ୍ଛାପନ୍ନ କଲା ସାଥେ ସାଥେ ସେ ବି ପଣ କରିଛନ୍ତି । ତୃପ୍ତିରେ ହସି ଉଠିଲେ ମାଷ୍ଟର । ଏଇ ଆନ୍ଦୋଳନକୁ କାବୁ କରି ଦେଇ ପାରିଲେ ସେ ହେବେ ଏ ମିଲ୍‌ର ମ୍ୟାନେଜର—ସୁବୋଧ ଭଣ୍ଡା ।

ମାଲିକର ଗୁପ୍ତ ଇଶାରା ସେ ପାଇଚନ୍ତି—ଏ ବିଷୟରେ ମାଲିକଠାରୁ ସ୍ୱାଧୀନତା ମଧ୍ୟ ପାଇଚନ୍ତି ଅନେକ କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱାଧୀନ ଭାବରେ କାମ କରିବାକୁ । ତାଙ୍କର କସମତ ଅଛି—ଏ ବିଦ୍ରୋହୀଙ୍କୁ ସେ କଳରେ ହେଉ ବା ବଳରେ ହେଉ, ଯେ କୌଣସି ମତେ ଦବେଇ ଦେବେ... ଗୁଣ୍ଡାମି ବା ଅନ୍ୟ ଯନ୍ତ୍ରା କିଛିରେ ଦରକାର ପଡ଼ିଲେ—ଏପରିକି ଖୁନ୍ କରିବାକୁ ପଡ଼ିଲେ ବି ସେ ପଛେଇବେ ନାହିଁ । ତାଙ୍କ ପକ୍ଷରେ ଏଇଟା ବି ଗୋଟାଏ ବଡ଼ ପରୀକ୍ଷାର ବେଳ ।

ସଞ୍ଜ ଉଛୁର ଗଲାଣି । ଅପର୍ତ୍ତି ଫାଟକ ଫେଟେଇ ପଶିଲା ଭିତରକୁ ।

—ହଜୁର—ଚୁପା ଗଳାରେ ଅପର୍ତ୍ତି ଡାକିଲା···

—କିଏ, ପପର୍ତ୍ତି, ଆସ ଭିତରେ ବସ ! ବିରକ୍ତିଆ କଥାରେ ମିହାର କହିଲେ । ଅପର୍ତ୍ତି ସାହେବଙ୍କ ମନୋଭାବ ଠଉରେଇ ପାରିଲା । ଧୀରେ ଧୀରେ ଘର ଭିତରେ ପଶି ବସିଲା ଗୋଟାଏ କଣକୁ ।

—କଁଓ, ତମେମାନେ ଆଚ୍ଛା ଦାୟିତ୍ୱହୀନ ଲୋକ—ତମମାନଙ୍କ ଉପରେ କେମିତି ନିର୍ଭର ରଖିବାକୁ ହେବ ମୁଁ କିଛି ବୁଝି ପାରୁନାହିଁ । କାଲି ଏତେବଡ଼ ଗୋଟାଏ ମଯୂଧା ହେଲା—ଅଥଚ ତମେ ଚୁପ୍ ଚାପ୍ ଘରେ ବସିଚ କିଛି ଖବର ଅନ୍ତର ନାହିଁ ?

—ହଜୁର, ସେମିତି ତାହାର ଖବର ଦେଇ କି ଲାଭ ଅଛି ? ଭିତରେ କଥା କରି କାଲି କିଛି ବାହାରିଲା ? ଖାଲି ପଞ୍ଚଜଣ ଲୋକଙ୍କୁ ଏ ପର୍ଯ୍ୟନ୍ତ ଜଣେଇଥିଲି ସେଇଥିପାଇଁ । ଆଜି ହଜାରୁ ପୁଣି ତାଙ୍କର ମଯୂଧା ବୁଲାଚ । ଠିକ୍ ହୋଇଚି କ ହେଲା ବେଳକୁ ମାରପିଟ୍ କରିବେ—ସାଇବ ପୁଅମାନଙ୍କ ରକ୍ତତତା ଦେଖିବେ ।

ଗମ୍ଭୀର ହୋଇ ପଡ଼ିଲେ ମିହାର—କେବେକାର କଥା କହୁଚ ଅପର୍ତ୍ତି ?

—ଏଇ ଲୋକେ ଗୋଟେ ସେଇକଥା ଶୁଣି ଆସୁଚି ହଜୁର । ଆଜିର କଥା !

—ଆଉ ତମେ ଭାଲ୍ ସସ୍ ଭିତରେ କିଛି ଗୋଳମାଳ କରିପାରିଲ ନାହିଁ, କିଛି ଗୋଟାଏ କରି ଲୋକଙ୍କ ଭିତରେ ଝଗଡ଼ା ଆଣି ପାରିଲ ନାହିଁ ? କାହିଁକି ? ? କାଲିଠୁଁ ତ ମସୁଧା ଭାଙ୍ଗି ଥାଆନ୍ତା, ଆଜିପର୍ଯ୍ୟନ୍ତ ଏତେ ବଗୁର ହବାକୁ ବାକୀ ଥାଆନ୍ତା କାହିଁକି ?

—ହୁଜୁର ତ ମଣିଷ ଚରଉଛନ୍ତି, ମୁଁ କଣ କହିବି ? ହେଲେ—ବାଘ ମୁହଁରେ ଶୀକାର ଧରିଥିଲା ବେଳେ—

—ବାଘ ! ! ବଦ୍ରୁ ପରେ ହସି ଉଠିଲେ ମାଲ୍ହାର । ଅଶୋକ ବାଘ କେଉଁ ଦିନଠୁ ହେଲା ଅପର୍ତ୍ତି ? ତା ଛଡ଼ା ବାଘ ପାଟିରେ ଶୀକାର ଥିଲାବେଳେ ତାକୁ ଗୁଳି ମାରିବାକୁ ହୁଏ ଅପର୍ତ୍ତି । ତମେ ଏତେଗୁଡ଼ାଏ ପଇସା ଯାହା ବରବାଦ କଲ, କିଛି କାମ ହେଲା ନାହିଁ ।

ଅପର୍ତ୍ତି ଦୋଷୀ ପରି ମୁଣ୍ଡ ନୁଆଁଇ ଶୁଣିଗଲା ସବୁ । ଏହା ଭିତରେ ସେ ନିଜ ଦଳ ବଢେଇ ଆରପଟର ମସୁଧାକୁ ଭାଙ୍ଗିଦବାକୁ ବହୁତ ଚେଷ୍ଟା କରିଚି, ଧାଁ ଦଉଡ଼ କରିଚି—ହେଲେ ତା ପାଖରୁ ଖାଇ ପିଇ ସମସ୍ତେ ପାଇ ହୋଇ ଯାଇଛନ୍ତି—ଆଜି ଆସିଲେ କାଲି ଆସିବାକୁ ନାହାନ୍ତି, ଶେଷକୁ ସବା ପ୍ରଥମରୁ ଯୋଉ ୧୫।୨୦ ଜଣ ଥିଲେ ସେତିକି ରହିଛନ୍ତି । ସେ ମିଲ ଭିତରେ ଶ୍ରମିକ ପଞ୍ଚାୟତ ଗଢ଼ିଚି ସେଇମାନଙ୍କୁ ନେଇ—ହଜାର ଉପରେ ଲୋକଠୁଁ ଦସ୍ତଖତ କରେଇଚି ଅନୁଷ୍ଠାନର ଶ୍ରେଣୀଭୁକ୍ତ କରି—ହେଲେ ଠିକ କାମବେଳେ କେହି ଦେଖାନାହାନ୍ତି । ବୋର ଝାଞ୍ଜି ଦଳପତି ସମସ୍ତେ ଅଶୋକ ଆଡ଼େ ଆଉଜି ପଡ଼ୁଛନ୍ତି । ସେନେଟାସ୍ ଖାଇବଙ୍କର ତାଙ୍କୁ ଏକା ଦୋଷ ଦେଇ ଲାଭ କଣ ? ଦୋଷ ଏ ଲୋକଙ୍କର—ଅମଣିଷ ସମସ୍ତେ—ନିଆଁ ଭିତରକୁ କୁଦୁଛନ୍ତି—ଜଳି ପୋଡ଼ିଗଲେ ଛଟ ଛଟ ହୋଇ ବଳେ ଆସିବେ ।

ଶେଷକୁ ଅପର୍ତ୍ତି କହିଲା—ଗଛକୁ ମୂଳପୋଛ କାଟିଦେଲେତ ସେ ପୁଣି କୁଆଁଦବ ହଜୁର । ଚେରମୂଳ ତାଡ଼ି ଫୋପାଡ଼ି ଦେଲେ ଆଉ ତାର ପତ୍ତା ରହିବ ନାହିଁ । ଏ ହରତାଳ ବୁଲୁ...ଆପଣ ଖୁବ ମଜବୁତ ରହନ୍ତୁ । ବଳେ ଲମ୍ବ ଲମ୍ବ ହୋଇ ଗୋଡ ତଳେ ପଡ଼ିବେ । ସେକରେ ଅଭ୍ରୁ

ପାଉଣ୍ଟ ହୋଇ କାମକୁ ଫେରିବାକୁ ତାର ସମ୍ଭବ ନାହିଁ । ସେତିକବେଳେ ଟାଂସ ଭଲିଆ କରିଦେଲେ ସବୁ ଛିନଛତ୍ର ହୋଇଯିବେ ।

—ଠିକ କଥା, ମଝିରେ ତମ ଲୋକ ଗଣ୍ଡଗୋଳ କରିବାକୁ ତିଆରି ଥିଲେ ତ ? ପଦାକୁ ବାହାରିଲେ ତ ?

—ଅଲବତ ବାହାରିବେ ହଜୁର ! କେତେଟା ଲୋକଙ୍କୁ ଗୁଣ୍ଡିଦେଲେ ହଜାର ହଜାର ଲୋକଙ୍କର କଣ ଏ କାମ କରିବାରେ ମନ ଅଛି । ହେଲେ ଗୋଳ ଉଠିଚ...ସମସ୍ତେ ଭୟରେ ଗ୍ରାମଥରେ ସେଥିରେ ମିଶୁଛନ୍ତି । ସାମନାରୁ ଆକ୍ରୁଷ ହେଲେ କିଏ କୁଆଡ଼େ ଛିନଛତ୍ର ହୋଇ ପଳେଇ ଯିବେ । ଖାଲି ଧମକ ଗୁଣ୍ଡାମି ଯୋଗୁଁ ଲୋକ ଯାହା ଭଣ୍ଡି ଯାଉଛନ୍ତି—ଏଇତ ଆଖି ଦେଖେଇ ହଜାର ହଜାର ଟଙ୍କା ଚୁଲା ଅସୁଲ କରି ନେଲେ ଆଖି ଆଗରେ । ହଜୁର ଆମକୁ ଜଗିବାକୁ ଦରୱାନ ଦିଅନ୍ତୁ, ପୁଲିସ ପହରା ଦିଅନ୍ତୁ । ପୁଣି ଦେଖନ୍ତୁ ଆମେ କଣ କରୁଚୁ ।

—ବେଶ୍, ସବୁର ବନ୍ଦୋବସ୍ତ ହେବ....ଘରଆଡ଼େ ଭୟ ଓ ଥାନାଙ୍କ ଖୋଲାଇ ଦିଆଯିବ । ଆଉ ଏତେଜଣ ମୁଁ ବୁଝେଁ ଏ ଧର୍ମଘଟ ଯେମିତି ମୂଳରୁ ଫସର ଫାଟିଯିବ । ମିଲ ଭିତରେ ମେସିନ୍ ଚାଲୁ ରହିବ । ଦରକାର ପଡ଼ିଲେ ଶ୍ରମିକ ମଧ୍ୟ ଅଣାଯିବ । ବୁଝିଲ ଅପର୍ତ୍ତି ? ଦେଖ, ଏ ଧର୍ମଘଟ ତୁଲାଇ ନ ପାରିଲେ ତମର ଏଠି ମୁହଁ ଦେଖେଇବାକୁ ଉପାୟ ନଥିବ ।

—ମୁଁ ସବୁ କଥାକୁ ହାଜର ଅଛି ହଜୁର...ଆପଣ ବ୍ୟବସ୍ଥା କରି ଦିଅନ୍ତୁ...ପୁଣି ଦେଖନ୍ତୁ ଅପର୍ତ୍ତି କଣ କରିପାରେ ।

—ସାବାସ....ଅପର୍ତ୍ତି ପିଠିରେ ହାତ ଥାପୁଡ଼େଇ ଆଣିଲେ ମାହାନ୍ତି ।

—ଆଉ ଶୁଣିଚନ୍ତି ହଜୁର, ମ୍ୟାନେଜର ସାଇବ ଝିଅ ଦ'ଦିନ ହେଲା ଦୌଡ଼ ଲଗେଇଚି ଅଶୋକ ପାଖକୁ ।

ଭ୍ରୂଲତା ଉପରକୁ ଉଠେଇ ମାହାନ୍ତି କହିଲେ—କିଏ ଛନ୍ଦା ?

ଅପର୍ତ୍ତି ମୁଣ୍ଡ ଟୁଙ୍ଗାରିଲା । ମାହାନ୍ତି ମନେ ମନେ ଭାବିଲେ—ଠିକ୍ ଖୋରାକ ମିଳିଚି ତାକୁ ଏତେବେଳେକେ । ଏଇଥର ବୁଲ୍‌ବେ ସେ ସୁବୋଧକୁ ହରାଇ ଚପେଯିବ ଆଗକୁ । ସାବଧାନ ହେବା ବି ଦରକାର—

ଅଟକ୍ତି ମୁଣ୍ଡ ନୁଆଁଇ ଜୁହାର କରି ବାହାର ଆସିଲୁ ।

❊ ❊ ❊ ❊

ଶ୍ରମିକ ଜନତା କ୍ଷେତ୍ରରେ ଘଟୁଅଛି ବେଳ···ଛ' ଦିନ ବିତି ସାତ ଦିନ ହେବାକୁ ବସିଲାଣି....ଏ ପର୍ଯ୍ୟନ୍ତ ମିଲର ମାଲିକ ତରଫରୁ କୌଣସି ଚୁକ୍ତି ପ୍ରସ୍ତାବ ଆସିନାହିଁ । ମାହାର ପରିସ୍ଥିତିର ସମ୍ପୂର୍ଣ୍ଣ ଦାୟିତ୍ୱରେ ଅଛନ୍ତି—ସେ ଧର୍ମଘଟ ଇସ୍ତାହାରକୁ ଯେଉଁ ନିର୍ମମ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି ଖାଲି ସେତିକି ନୁହେଁ ବରଂ ଏହା ଭିତରେ ପ୍ରତିଦିନ ମାଲିକ ପକ୍ଷରୁ ନୂଆ ନୂଆ ନୋଟିସ ଓ ଜୁଲମର ଫନ୍ଦି ଫିକର କରିବାରେ ଲାଗି ପଡ଼ିଛନ୍ତି ।

ବର୍ତ୍ତମାନ ସ୍ଥିତିରେ ଏହା ଭିତରେ ଶହେ ସତିକି ପଟ୍ଟିମା ଲୋକ ମୁତୟନ ହୋଇଛନ୍ତି । ୫ ହାତିଆ ଭେଣ୍ଡା ଭେଣ୍ଡା ବନ୍ଧୁକଧାରୀ ମଧ୍ୟ । ତତା ଏ ହୁଇଁର କଣ୍ଠା ବାଉଁଶି ଠେଙ୍ଗାଧାରୀ ଦଳ କଡ଼ରେ ପଇତରା ମାରି ବୁଲୁଛନ୍ତି । ଶାନ୍ତି ଶୃଙ୍ଖଳା ଭଙ୍ଗ ବା ବେଆଇନ କାମର ବାହାନାରେ ଦିନକୁ ୪୦।୫୦ ଲୋକ ବରଖାସ୍ତ ସସପେଣ୍ଡ ହେଉଛନ୍ତି । ଯିଏ ପକ୍ଷ ଭିତରେ ଯୋଗଦେବ ବା ତାର କଥାରେ ଚାଲିବ ତା' ପ୍ରତି ମିଲ ପକ୍ଷରୁ କଠୋର ଶାସ୍ତି ବିଧାନ କରାଯିବ ବୋଲି ମିଲ ଫାଟକରୁ ଡାକବାଜା ଘଣ୍ଟା ସାହାଯ୍ୟରେ ପ୍ରଚାର କରାଯାଉଛି । ଶ୍ରମିକର ଏ ପଞ୍ଚାୟତକୁ ମିଲ ଅସ୍ୱୀକାର କରେ ।

ଗୁଳି ଆଉ ଆତଙ୍କ ଦେଖାଯାଉଛି · ଶ୍ରମିକ ମହଲର ଅଶାନ୍ତ ଶାନ୍ତ ଟେକି ଜାଳିଉଠିଲାଣି । ସମସ୍ତେ ପଣ କରିଲେଣି ଏ ଅନ୍ୟାୟ ଅତ୍ୟାଚାରର ସାମନା କରିବାକୁ ହେବ ··ଏଥର ଭାଙ୍ଗି ପଡ଼ିଲେ ଶ୍ରମିକ ଜନତା ଚିରଦିନ ପାଇଁ ଧୂଳିରେ ମିଶିଯିବ...କେବେ ମୁଣ୍ଡ ଟେକିବାକୁ ତାର ବଳ ରହିବ ନାହିଁ । ଶ୍ରମିକମାନଙ୍କ ପକ୍ଷରୁ ସ୍ୱତନ୍ତ୍ରଭାବେ ଜୋରସୋରରେ ପ୍ରଚାର ଚାଲିଛି...ପ୍ରଚାର ଚାଲିଛି । ଛୁଟି ଫେରନ୍ତା କଳା କୋଟଲ ଲୋକ ଅପୂର୍ବ ଉତ୍ସାହରେ ଟେକି ଧରିଛନ୍ତି ଶ୍ରମିକର ନିଶାଣ—ସେମାନଙ୍କର ଦାବି ମାନିନେବା ପାଇଁ ମାଲିକ ଉପରେ ବଳିଷ୍ଠ ଭାବରେ ଚାପ ପକାଇବା ପାଇଁ ଚୁରିଆଡ଼ୁ ଆବାଜ ଉଠୁଛି...ଜମି ଉଠୁଛି ପଥୁରିଆ ଭୂଇଁ । ଜ

ମାଧବ, ପଞ୍ଚୁ, ଉତ୍ତମାନଙ୍କ କୈଫିୟତ ନାକଚ ହେଉଛି । ଏମିତି ସତ ଛପିଯିବ...ମିଛ ଓ ଜୁଲମର ରାଜ୍ୟ ଚାଲିବ ।

ନେତାର ଅଭାବ ନାହିଁ...ନେତୃତ୍ୱର ଅଭାବ ନାହିଁ । ମୁଖିଆ ଲୋକେ ତ ଦିନ ରାତି ଖଟିବାରେ ଲାଗିଛନ୍ତି—ପ୍ରଚୁର ପତ୍ର ବଣ୍ଟାଯାଉଛି—ଚାନ୍ଦା ସଂଗ୍ରହ ହେଉଛି—ମୁଷ୍ଟି ଭିକ୍ଷା ଚାଲିଛି । ତା ଛଡ଼ା ଏ ଆନ୍ଦୋଳନକୁ ତେଜେଇ ଦେଉଛନ୍ତି ଶହ ଶହ ସାଧାରଣ ଶ୍ରମିକ—ଯାହାଙ୍କର ଶିକ୍ଷା ନାହିଁ, ଅଭିଜ୍ଞତା ନାହିଁ । ଚମତ୍କାର କାମ କରୁଛନ୍ତି ସେମାନେ । ବାଟ ଦେଖେଇ ଦେଲେ ଧାଉଁଛନ୍ତି ଅଣନଃଶ୍ୱାସୀ ହୋଇ—କାଳ ବୈଶାଖୀର ପରି ଏମାନେ—ବିଦ୍ରୋହର ବଳାଶୁ ଯୁଙ୍କର ରକ୍ତ ଭିତରେ । ଅଶୋକର ଧାରଣା ହୋଇଛି ପରିସ୍ଥିତି ପଡ଼ିଲେ ନେତୃତ୍ୱ ନେବାକୁ ଆପେ ଆପେ ଲୋକ ଚଡ଼ି ହୋଇଯିବେ । ତା ପାଇଁ, ସରଳା ପାଇଁ ବା ମଧୁ, ପଞ୍ଚୁ, ମାଧବଙ୍କ ପାଇଁ ଏ ଆନ୍ଦୋଳନ ଅଚଳ ହେବ ନାହିଁ । ଖୁବ ଆଶ୍ୱସ୍ତ ହୋଇଛି ଅଶୋକ ।

ସେ ଦିନ ସନ୍ଧ୍ୟାବେଳେ ଭୂତ ପରି ମାଡ଼ି ଆସିଲ ତିନିଟା ଟ୍ରକ ବୋଝେଇ ହୋଇ ମାଲିକଙ୍କ ଫୌଜ—ଗୋଳା, ବନ୍ଧୁକ ସଙ୍ଗୀନ ସ ବୋଝେଇ ହୋଇ ଆସିଲା । ଅପଣ୍ଡିର ତିନି ଦିନ ହେଲା ବସ୍ତି ଭିତରେ ଦେଖା ନାହିଁ—ଶୋଭନ ଓ ତା ସାଙ୍ଗପାଙ୍ଗଙ୍କୁ ଧରି ସେ ରହୁଛି ମିଲ ଭିତରେ । ବସ୍ତି ଭିତରେ ସେମାନଙ୍କ ଘରେ ତାଲା ପଡ଼ିଛି—ଯୁଆଡ଼େ ଯାଉଛନ୍ତି ବରକନ୍ଦାଜ ଭଳିଆ ତାଙ୍କ ଆଗ ପଛରେ ଚାଲିଛନ୍ତି ପଞ୍ଚମା ପରଓଆନ ।

ଅଞ୍ଚ ଭିତରେ ମାଲିକଙ୍କଠୁଁ କିଛି ଇଶାରା ନ ପାଇଲେ କାଲିଠୁଁ ହରତାଳ ହେବ । ପଞ୍ଚାୟତ ଘରର ଗୋଟାଏ କଣକୁ ମୁହଁ ଲୁଚେଇ ବସିଛି ଅଶୋକ ।

—କଣ ହୋଇଛି ଆପଣଙ୍କର ଅଶୋକ ବାବୁ ? ଉଦବିଗ୍ନ କଣ୍ଠରେ ପଚାରିଲା ସରଳା ।

ଅଶୋକ କହିଲା – ମନ କିଛି ଭଲ ଲାଗୁନାହିଁ ସରଳା...ଏ ବିପ୍ଳବର ନିଆଁ ଜଳାଇ ଦେଇ ମୁଁ ସନ୍ତୁଷ୍ଟ ହୋଇ ପାରୁନାହିଁ କାହିଁକି ?...ସରଳା

ବୁଝିଲି ଅଶୋକର ମନରେ ଘୁଣ ଧରିଚି...ଅଜସ୍ର କ୍ଲାନ୍ତିରେ ସେ ହୁଏତ ଭାଜି ପଡ଼ିଚି ।

ରାତି ପାହିଲେ ଧର୍ମଘଟ ଖୋଲୁ ହେବ । ଭୋର ଚାରିଟାଠୁଁ ସ୍ୱେଚ୍ଛାସେବକ ମାନେ ଘାଟିମୁଣ୍ଡମାନଙ୍କୁ ଚାଲିଗଲେ...ସରଳା ଏଇ ଟୋକାଟୋକୀଙ୍କ ନାଁ ବାନର ସେନା ଦେଇଚି । ଟୋକାଳିଆ ପଞ୍ଚାୟତ ମେମ୍ବର କାରଣ ସେମାନଙ୍କର ଭାର ନେଇଚି ।

ସରଳା ବାହାରି ଯାଇଚି · ସାଙ୍ଗ ଝିଅମାନଙ୍କୁ ଧରି ବସ୍ତି ଭିତରେ ସବୁ ଗଳିକନ୍ଦିରେ ସେ ଜଣ ଜଣ କରି ଛକେଇ ଦେଇଚି । ସାଢ଼େ ଚାରିଟା ବେଳେ ମିଲର ଚୁଙ୍ଗା ବାଜି ଉଠିଲା...ଆଜି ଯେପରି ଆର୍ତ୍ତନାଦ କରି ଉଠୁଚି ଶ୍ରମିକ ଜନତାର ପ୍ରେତାତ୍ମା ତାରି ଭିତରେ । ରାତିର ନିଥର ବାୟୁମଣ୍ଡଳକୁ କମ୍ପାଇ ଦେଇ ବାନର ସେନାର ଆହ୍ୱାନ ଥରକୁ ଥର ଡାକି ଯାଉଚି—ଇନକିଲାବ୍...ଜିନ୍ଦାବାଦ ।

ଫସର ଫାଟିଲା....ଲୋକେ ସକାଳ କାମକୁ ଯିବାକୁ ଅଭ୍ୟାସ ଅନୁସାରେ ଚାରିଆଡ଼େ ମେଲା ମେଲା ହେଉଚନ୍ତି....ପଞ୍ଚାୟତ ଘର ପାଖରୁ ପଟୁଆର ବାହାରି ବସ୍ତି ଭିତରଆଡ଼େ ଆସୁଚି ହରତାଳର ଡାକରା ଦେଇ ଦେଇ ପିମ୍ପୁଡ଼ି ଧାଡ଼ି ପରି । ଲୋକେ ତାରି ସାଙ୍ଗେ ମିଶି ମିଶି ଯାଉଚନ୍ତି ।

ଜୋର ଜବରଦସ୍ତି ନାହିଁ ...ଜୁଲମ ନାହିଁ କାହା ଉପରେ... ମିଲର ରାସ୍ତା ଆଜି ଯେମିତି ସମସ୍ତେ ଭୁଲି ଯାଇଚନ୍ତି । ୬ଟା ବେଳ ଡିଉଟିରୁ ଫେରନ୍ତା ଲୋକଙ୍କର ମୁଅ ଛୁଟିଚି....କାଁ ଭାଁ ଜଣେ ଅଧେ ଯିଏ ମିଲ ଭିତରକୁ ଯାଉଚନ୍ତି ତାଙ୍କୁ ବି ପାଖରେ ପଶ୍ଚିମା ଦରୱାନ ଜଗି ଚାଲିଚନ୍ତି ।

ଗୌରୀଙ୍କ ସାତମାସ ବଚସା କଟେଇ ଦେଇଚି ଜଟଙ୍କ ସାଙ୍ଗରେ ବସ୍ତି ମୁଣ୍ଡରେ ।

—ମୋ ଇଚ୍ଛା, ମୁଁ କାମକୁ ଯିବି । ମୋ ଭୋକରେ ଯାଇ ପିଲା ମାଇପ ଗଡ଼ି ମଲେ ତୁମେ କଣ ମୋ ପିଠିରେ ପଡ଼ିବ ?

ସରଳା ପାଖରୁ ଧାଇଁ ଆସି ସବୁ କଥା ଶୁଣିଲା । କହିଲା—୪ହଜାର ଲୋକଙ୍କର ଯାହା ହବ, ତୁମର ସେଇଆ ହବ....ତମେ କଣ ସମସ୍ତଙ୍କଠୁଁ

ତାହାର ? ଏଇ ଆନ୍ଦୋଳନ ସମସ୍ତଙ୍କ ପାଇଁ...ତାହାର ଜଣକ ପାଇଁ ନୁହେଁ । ସମସ୍ତଙ୍କ ସ୍ୱାର୍ଥରେ ଗୋଡ଼ ଦେଇ ତମର ଯେତେବେ ଚାଲିବାକୁ ମନ ପାଉଚି ତମେ ଯାଅ ।

ଜଣଠୁଁ ଚାରିଜଣ ଆସି ଜମିଲେ । ସାମନାରୁ ପୁଲିସ ଓ ଫୌଜ ଛୁଟି ଆସିଲେ ଶାଗୁଣା ପରି ।

—ଯାଅ ତମେ ମିଲକୁ....କିଏ ରୋକୁଚି ତମକୁ ?

ସମସ୍ତେ ହଟିଗଲେ । ଲୋକଟା ବି ମିଲ ଆଡ଼େ ଚାଲିଲା ।

ସକାଳବାରର ହଜାର ଶ୍ରମିକ ଭିତରୁ ମୋଟେ ଶହେଜଣ କାମକୁ ଯାଇଛନ୍ତି । କଳଗୁଡ଼ାକ ଅଚଳ ହୋଇ ପଡ଼ିଚି । ମିଲ ଭିତରେ ସମସ୍ତଙ୍କ ପାଇଁ ଖାଇବା ପିଇବାର ଆୟୋଜନ କରାଯାଇଚି...ଅପର୍ଣ୍ଣି କହୁଥିଲା ୫୦୦ ସରକ ଲୋକ ନଷ୍ଟେ ଆସିବେ । କିନ୍ତୁ ଘଣ୍ଟାଏ ହୋଇଗଲାଣି । କାହାନ୍ତି ଲୋକ ? ମୀହାର ବ୍ୟସ୍ତ ହୋଇ ପଡ଼ିଲେ । ଶ୍ରମିକ ବସ୍ତି ଭିତରେ ଲାଉଡ୍‌ସ୍ପିକର ପ୍ରଚାର କରୁଚି—କାମକୁ ଆସ । କେହି ଜଣେ ହେଲେ ବାହାରିବାକୁ ନାହିଁ...ଠାକୁରାଣୀ ଚହଟତରମୂଳେ ଶ୍ରମିକ ଜନତାର ବିରାଟ ସଭା ବସିଚି ।

ମ୍ୟାନେଜରଙ୍କ ଦପ୍ତର ଭିତରକୁ ପଶିଗଲେ ମୀହାର ।

—ଅବସ୍ଥା କଣ ମୀହାର ?

—ଅବସ୍ଥା କିଛି ଭଲ ନୁହେଁ ସାର ।...ମୀହାର ସୁବୋଧବାବୁଙ୍କ ମୁହଁକୁ ଚାହିଁଲେ । ସୁବୋଧ ଭାବନା ଭିତରେ ଗମ୍ଭୀର ହୋଇ ଯାଇଚନ୍ତି ।

—ତେବେ ମୁଁ ଯାହା ଖବର ପାଇଚି ସାର....ପରିଚାଳନା ତରଫରୁ ଏ ଧର୍ମଘଟ କରିବାକୁ ଶ୍ରମିକମାନଙ୍କୁ ମଧ୍ୟ ମତାଇ ଦିଆଯାଇଚି । ବିଶେଷତଃ ଛବିଙ୍କର ଏ ଆନ୍ଦୋଳନରେ ସାମିଲ ରହିବା ଦ୍ୱାରା ଅବସ୍ଥା ଯେ ଅନେକଟା ଖରାପ ହୋଇଯାଇଚି ଏକଦିଗରେ ଏବଂ ଅନ୍ୟ ଦିଗରେ ଶ୍ରମିକମାନଙ୍କର ଶକ୍ତି ମଧ୍ୟ ବଢ଼ିଯାଇଚି ।

—କିଏ କହୁଚି ଛବି ଏଥିରେ ଭାଗ ନେଇଚି ବୋଲି ? ଆଶ୍ଚର୍ଯ୍ୟ ହୋଇ ପଚାରିଲେ ସୁବୋଧ ।

—ମୁଁ ଜଣକ ମୁହଁରୁ ନୁହେଁ, ବହୁ ଶ୍ରମିକଙ୍କ ମୁହଁରୁ ଶୁଣିଛି ସାର୍, ଛନ୍ଦା ଏହା ଭିତରେ ଅନେକଥର ଶ୍ରମିକ ପଞ୍ଚାୟତକୁ ଯାଇ ସେମାନଙ୍କର ଗୁପ୍ତ ମନ୍ତ୍ରଣାରେ ଯୋଗ ଦେଇଛନ୍ତି । ଥରେ ଏକଥା ଛନ୍ଦାଙ୍କୁ କହିବାକୁ ମୁଁ ମଧ୍ୟ ବଙ୍ଗଲାକୁ ଯାଇଥିଲି । ମାତ୍ର ଛନ୍ଦା ମୋ କଥା ଶୁଣିବା ଅବସ୍ଥାରେ ନ ଥିଲେ ।

—ଏ କଥା ତ ମୋ ନଜରକୁ ଆଣି ପାରିଥାଆନ୍ତ ମିହିର । ଅସହାୟ ଭାବରେ କହିଲେ ସୁବୋଧ—ଆଚ୍ଛା ସେ ବ୍ୟବସ୍ଥା ନ ହେଲେ ପରେ ହେବ ବର୍ତ୍ତମାନ ପରିସ୍ଥିତିକୁ ସମ୍ଭାଳିବାକୁ କି ଉପାୟ ତମେ କରିବାକୁ ଠିକ୍ କରୁଛ !

—ମୁଁ ଯେତେବେଳେ ଭାର ନେଇଛି ମୁଁ ଶେଷପର୍ଯ୍ୟନ୍ତ ସବୁର ବ୍ୟବସ୍ଥା କରିବି ସାର୍, ଆପଣ ନିଶ୍ଚିନ୍ତ ରହନ୍ତୁ ।

ମିହିର ଦପ୍ତର ବାହାରକୁ ଆସିଲେ । ମନ ଭିତରେ ତାଙ୍କର ନାନାରକମର ସଇତାନୀ ପାଞ୍ଚ କାଟି ଉଠିଲା—ଏକାଥରକେ ସେ ଦି’ କାମ ହାସଲ କରିବ ।

ସୁବୋଧ ବସି ବସି ଭାବୁଥିଲେ—କି ମାରାତ୍ମକ ଏଇ ମିହିର । ଏହା ଭିତରେ ମାଲିକ ଗୋଟାଏ ଖେଳ ଲଗାଇ ଦେଇଛି । ଜାଣି ଶୁଣି ଛ’ ମାସହେଲା ମିହିରକୁ ଲିଙ୍କ୍ ଦିଆଯାଇଛି, ସବୁ ପ୍ରକାରର ସୁବିଧା ସୁଯୋଗ ଓ କ୍ଷମତା ଦେଇଛି ମିହିରକୁ । ହୁଏତ ଏଥର ଛିଡ଼ାପଟ ନେଲେ ମିହିର ତାଙ୍କ ଜାଗାରେ ବସିବ । ସେଥିପାଇଁ ସେ ଆଜିଠାରୁ ରାସ୍ତା ପରିଷ୍କାର କରୁଛି ।

ଆଉ ଛନ୍ଦା—ସେ ହୁଏତ ଅଶୋକର ବଳିଷ୍ଠ ବ୍ୟକ୍ତିତ୍ୱ ପାଖରେ ଏହା ଭିତରେ ଶିର ନୁଆଁଇ ଦେଇଛି । ତାଙ୍କର ବି ଦିନେ ମଥା ନଇଁ ପଡ଼ୁଥିଲା— ମନ ଚହଲି ଯାଉଥିଲା ଅଶୋକର କଥାରେ ।

ଥରକୁ ଥର ମିଲ ଭିତରର ଚାଙ୍ଗା ଆର୍ତ୍ତନାଦ କରି ଉଠୁଛି— ଦିନ ଦଶଟାରେ, ରାତି ଦଶଟାରେ—ଯେତେବେଳେ ମିଲ ରାସ୍ତା କାମ ବାହୁଡ଼ା ଓ କାମକୁ ଆସୁଥିବା ଲୋକଙ୍କରେ ଫାଟି ପଡ଼େ ସେଠି ଭାଉ ହଉଛି । କେହି ଆସିବାକୁ ଚାହାନ୍ତି, କି କେହି ଯିବାକୁ ଚାହାନ୍ତି । ସୁରିଆଟେ

ଶୂନଶାନ—ମିଲ୍ ଭିତରେ କଳଗୁଡ଼ାକର କାନଫଟା ଆବାଜ ବ ନାହିଁ—ଖାଁ। ଖାଁ। ଗୋଡ଼ଉଛି ଗୃହଆଡ଼। ମିଲ୍ ଭିତରେ ଯୋଉ ଶବ୍ଦ ଲୋକଙ୍କୁ ସେଇ ଶବ୍ଦ—ଆଗ୍ରମରେ ଖାଇ ପିଇ ବସି ରହୁଚନ୍ତି। ବାହାର ରାସ୍ତା ଉପରେ। ଖାଲି ପଇଁତରା ମାରୁଚନ୍ତି ପୁଲିସ ଫୌଜର ସିପାହୀ—ଘଡ଼ିକେ ପହରେ ମଟର ସାଇକଲର ଆବାଜ ରାସ୍ତାଘାଟ କମ୍ପାଇ ଦେଉଛି—ଶ୍ରମିକ ବସ୍ତି ଭିତରୁ ଶୁଭୁଚି ବିପ୍ଲବର ପରୱାନା—ଇନ୍‌କିଲାବ ଜିନ୍ଦାବାଦ...

ବସି ବସି ବ୍ୟସ୍ତ ହୋଇ ପଡ଼ିଲେ ମିହାର। ସକାଳୁ ଗୃହଆଡ଼ର ଅବସ୍ଥା ଥରେ ଦେଖି ଆସି ପୋଲିସ ଓ ମ୍ୟାଜିଷ୍ଟ୍ରେଟଙ୍କ ସାଙ୍ଗେ ଟେଲିଫୋନ ଯୋଗେ ସେ ବାରବାର ସମ୍ପର୍କ ରଖିଚନ୍ତି, ମିଲ ମାଲିକଙ୍କୁ ଆଶାରବାଣୀ ଶୁଣାଇଚନ୍ତି। ଲେବର କମିଶନରଙ୍କୁ ପରିଚାଳନାର ନ୍ୟାୟସଙ୍ଗତ ପନ୍ଥା ବିଷୟରେ ଭରସା ଦେଇଚନ୍ତି। ପୋଲିସ ସାହେବ ମିହାରଙ୍କର ଏକାନ୍ତ ଅନୁରୋଧରେ ଆସିଲେ ମିଲ ଭିତରକୁ। ଦୁହିଙ୍କ ଭିତରେ ପରିସ୍ଥିତି ବିଷୟରେ ଘମାଘୋଟ ଆଲୋଚନା ହେଲା।

—ପୋଲିସ ଏଠାରେ ଆମକୁ କୌଣସି ପ୍ରକାର ସାହାଯ୍ୟ ଦେଉ ନାହାନ୍ତି ରଣଜିତ୍ ବାବୁ, ଲୋକଙ୍କ ଘରକୁ ଆସିବାରେ ଅନେକ ଜାଗାରେ ଅଟକ ଧରା ଯାଉଛି ବୋଲି ମୁଁ ଖବର ପାଉଚି...ଭୟଭୀତ କରାଯାଉଛି ସମସ୍ତଙ୍କୁ....ଅଥଚ ପୋଲିସ ଆଖି ସାମନାରେ ସବୁ ଦେଖି ଚୁପ୍ ରହୁଚନ୍ତି।

ରଣଜିତ୍ ଟିକିଏ ହସି କହିଲେ—ଅପଣ ବେଶୀ ବିବ୍ରତ ହୋଇପଡ଼ି ଥିବାରୁ ଏକଥା ହୁଏତ କହୁଚନ୍ତି ମିହାର ବାବୁ। ସ୍ୱାଧୀନ ଦେଶର ନାଗରିକ ସ୍ୱାଧୀନତାକୁ କ୍ଷୁଣ୍ଣ କରିବା ନିଶ୍ଚୟ ପୁଲିସର କାମ ନୁହେଁ, ତାଛଡ଼ା ଗୋଟିଏ ବୋଲି ଜାଗାରେ କୌଣସି ପ୍ରକାରର ହିଂସାତ୍ମକ କାଣ୍ଡ ଘଟି ନାହିଁ, ଯାହାପାଇଁ ପୋଲିସର ହସ୍ତକ୍ଷେପ କରିବା ଦରକାର ପଡ଼ି ଥାଆନ୍ତା।

—କିନ୍ତୁ ଲୋକ ମେଳବାନ୍ଧ ସାଧାରଣ ନିରୀହ ଶ୍ରମିକଙ୍କ ମନରେ ଭୟର ସଂଚାର କରୁଛନ୍ତି ବୋଲି କଣ ଆପଣଙ୍କର ବିଶ୍ୱାସ ହେଉନି ରଣଜିତ୍ ବାବୁ ?

—ବିଶ୍ୱାସ ଦେଲେ ତ ମୁଁ କରୁପାରୁ । ଆପଣ ଏ ବିଷୟରେ କଲେକ୍ଟରଙ୍କ ସାଙ୍ଗେ କଥାବାର୍ତ୍ତା କରି ପାରନ୍ତୁ । ଆଉ ଆପଣ ଯଦି କୌଣସିଠାରେ ସାଧାରଣ ନବ୍ୟପନ୍ଥୀ ବନ୍ଧୁଙ୍କରେ ବିକ୍ଷୋଭ ପ୍ରକାଶ ପାଉଛି ବୋଲି ମନେ କରନ୍ତୁ ତା' ଜଣାଇଲେ ଆମେ ସାଙ୍ଗେ ସାଙ୍ଗେ ସେ ପରିସ୍ଥିତି ଦମନ କରିବୁ ।...

ରଣଜିତ୍ ସୁରଆଡ଼ ଥରେ ବୁଲି ମିଲ୍ ବାହାରକୁ ଚାଲିଗଲେ ।

ମାହାର ମଧ୍ୟ ତାଙ୍କ ପଛେ ପଛେ ଉଠି ମିଲ୍ ଭିତରେ ପଶିଲେ । କଳପୁର୍ଜାକ ନିର୍ଜୀବ ହୋଇ ପଡ଼ି ରହିଛନ୍ତି । ବିଦେଶୀୟ ଅଫିସରମାନେ ଆଜ୍ଞା ଚାଲବୁଲ କରୁଛନ୍ତି । ଓ୍ୱାଲଡ଼ିଙ୍ଗ୍ ଘରର ପଛପଟେ ବସିଛି ଅପର୍ତ୍ତି । ତା ଚାରିପାଖେ ସବୁ ଲୋକ ଘେରିଛନ୍ତି ।

— ଅପର୍ତ୍ତି ! ଚଢ଼ାଗଳାରେ ପଛରୁ ଅସି ଡ଼ାକିଲେ ମାହାର । ସମସ୍ତେ ଚଞ୍ଚଳ ହୋଇପଡ଼ି ନମସ୍କାର କଲେ । ମାହାରଙ୍କ ପଛେ ପଛେ ପୋଷା କୁକୁର ପରି ଚାଲିଲା ଅପର୍ତ୍ତି ।

ଚନ୍ଦଘର ଦସ୍ତର ପାଖେ ଠିଆ ହୋଇ ମାହାର ପଚାରିଲେ —ଏଇନେ କି ମସୁଧା ଚାଲିଛି ଅପର୍ତ୍ତି ? ତମ ଜାଗିଁ ତ ଯାହା ଦେଖିଲି···

—ହଜୁର, ଆପଣ ଏମିତି କାହିଁକି ହାଲି ଗ୍ରୁଡ଼ି ହେଉଛନ୍ତି । ଦିନେ ଦି'ଦିନ ଯାଉ...ମୁଁ ସ୍ୱା ଭିତରେ କଲ ମୋଡ଼ୁଛି, ଦେଖିବେ ଲୋକ ଦଳେ ଦଳେ ଆସିବେ । ଥରେ କେଇଟା ମିଶିନ ଚାଲୁ ହୋଇଗଲେ ଆପଣାଛାଏଁ ଲୋକ ଜମା ହେବେ ।

—ବହୁତ ଦିନ ତ କଲ ମୋଡ଼ିଲ ଅପର୍ତ୍ତି, ଆଉ କାହିଁକି ? ବିଦ୍ରୂପର ସ୍ୱରରେ କହିଲେ ମାହାର—କଲିକତା ଯାଇ ପାରିବ ତମେ ?

—ହଁ, ହଜୁର, ଯୁଆଡ଼େ କହିବେ ସିଆଡ଼େ ଯିବି । ହାତମଳି କହିଲା ଅପର୍ତ୍ତି ।

—ତାହେଲେ ଆଜି ରାତି ଗାଡ଼ିରେ ତମେ ଚାଲିଯା । ମାନିଆବୁରୁଜର ଖେଳା ସର୍ଦ୍ଦାରକୁ ଚିହ୍ନିଚ ?

ଅପର୍ତ୍ତି ଆବାକାବା ହୋଇ ଅନେଇ ମୁଣ୍ଡ ଟୁଙ୍ଗାରିଲା....ଏ ଖେଳା ସର୍ଦ୍ଦାର ଆସି ତା ଦାନାପାଣି ଜବ ନା କଣ ? ଲୋକଟା କିଛି ଭଲ ଢଙ୍ଗର

ନୁହେଁ ...ଚଟକଲରେ କାମ କରୁଥିଲାବେଳେ ଭୋଲା ତା ନାକରେ ପାଣି ଚେଣ୍ଟେଇ ଦେଇଛି···

—ଭୋଲାକୁ ମୋ ନାଁ କହିବ....କହିଲେ ସେ ଚିହ୍ନିବ ତମକୁ ।

ଖୁସାମଦିଆ କଥାରେ ଅପର୍ତ୍ତି କହିଲା—ହଜୁରଙ୍କୁ ପୁଣି ଚିହ୍ନି ନେଇଁ ନାଏ । ମାଟିଆବୁରୁଜରେ ହଜୁରଙ୍କ ନାଁ ଶୁଣିଲେ ଗର୍ଭିଣୀ ଗାଈ ବାଛ ଛୁଡ଼ିଦବ ।

ଏ ତୋଷାମଦ ଶୁଣି ଖୁସି ହେବାର ବେଳ ଆଜି ନାହିଁ ମିହାରଙ୍କର । କଡ଼ା କଥାରେ ସେ କହିଲେ —

ତମେ ଭୋଲାକୁ କହି ଭର୍ତ୍ତି ସକାଶେ ପାଞ୍ଚଶହ ଲୋକ ସାଙ୍ଗରେ ନେଇ ଆସିବ । ସେଠିକା ରୋଜ ଅପେକ୍ଷା ଏଠି ଦିଅଣା ଅଧିକା ଦିଆଯିବ —ରହିବା ପାଇଁ ମାଗଣା ଘର ଦିଆଯିବ, ବୁଝିଲ ।

ଅପର୍ତ୍ତି ହସି କହିଲା—ହଜୁର ଏଇ କଥାଟା ! ମୁଁ ପରା କଲିକତାରେ ପୋକ । ମାଟିଆବୁରୁଜ, ଚେଙ୍ଗଲ, ନଯ୍ୟାହାଟୀ, ଶାମନଗର, କୋନନଗର, ପାଣିହାଟୀ ସବୁଆଡୁ ସାଉଁଟି ଆଣିଲେ ମୁଇଁ ତ ଲୋକ ପାଆଁଶ ଆଣିବି ।

—ଯାହା କର, କାମିକା ଲୋକ ଆଣିବ ଅପର୍ତ୍ତି । ତମେ ନିଜେ ନ ପାରିଲେ ଭୋଲାକୁ କହିବ । କଲିକତା ଗାଡ଼ି ଚଢ଼ିଲେ ମୋ ପାଖକୁ ତାର କରିବ । ମଟର ପଠାଇ ଲୋକଙ୍କୁ ଷ୍ଟେସନରୁ ଉଠାଇ ଆଣିବି । ଆଉ ଯେତେଦିନ ଗୋଳମାଳ ଚାଲିବ, ସେମାନଙ୍କୁ ମିଲ ଭିତରେ ରଖାଯିବ । ସମସ୍ତଙ୍କୁ ଭରସା ଦବ, ଭୟ ବା ଚକସ୍ତି ଯିବାର କୌଣସି କାରଣ ନାହିଁ ।

ଅପର୍ତ୍ତି ମୁଣ୍ଡ ଝୁଣ୍ଟେଇ କହିଲେ—ମୁଁ ସେ ସବୁ ବ୍ୟବସ୍ଥା କରିଦେବି ହଜୁର । ଆଜି ବୁଧବାର, ରବିବାର ଦିନକୁ ସବୁ ଲୋକ ନେଇ ମୁଁ ପହଞ୍ଚିଲେ ହେଲା ।

ହିସାବ କଲା ପରି ଗୁଣୁ ଗୁଣୁ ହୋଇ କହିଲେ ମିହାର—ନିଅ ଏ ଟଙ୍କା ପାଞ୍ଚ ହଜାର, ସମସ୍ତଙ୍କୁ ଟିକଟ ମାସୁଲ ହାତରୁ ଦେଇ ଆଣିବ...ହଁ ତମ ଲୋକମାନଙ୍କୁ କହିଯା' ସେମାନେ ଯେମିତି ତାଙ୍କ ଚେଷ୍ଟାରେ ଲାଗି

ପଡ଼ନ୍ତା । ସେ କୌଣସି ଉପାୟରେ ସୋମବାର ଭିତରେ ମିଲ ବନ୍ଦ୍ କରିବାକୁ ପଡ଼ିବ । ତମେ ସଜ ହୋଇପଡ଼...ମଟର ନେଇ ଷ୍ଟେସନରେ ଛାଡ଼ି ଦେଇ ଆସିବ ··· ଆଉ ମୋଟେ ଘଣ୍ଟାଏ ସମୟ ଅଛି । ··· ସାହାବ ଘଡ଼ିଆଡ଼କୁ ଥରେ ଚାହିଁ ତାଙ୍କ ଦପ୍ତର ଆଡ଼େ ଚାଲିଗଲେ !

ଟଙ୍କା ପାଞ୍ଚ ହଜାର କାନରେ ଦଉଣ୍ଡି କରି ବାନ୍ଧି ହସହସ ହୋଇ ସମସ୍ତଙ୍କ ପାଖକୁ ଫେରିଆସିଲା ।

—ସାହାବ କଣ କହୁଥିଲା ଅପର୍ତି ଭାଇ, ଭାରି ହେଣ୍ଟି ମାରୁଚ, ତ !

—ଆରେ ତମର ସବୁ କଟେ ଯୋ ବାର...ସାହାବ ଦେଖି ଭାରି ଖୁସି । ମିଲ୍ ବନ୍ଦ ହେଲେ ତମର ସମସ୍ତଙ୍କର ରୋଜ ଗୁଡ଼ବୁରଣା ବଢ଼ାଇ ଦେବ··· ସମସ୍ତଙ୍କୁ ବକସିସ୍ ଦେବ ।

ଶୋଭନ ଅପର୍ତି ନାଲି ପାଗର ନୂଆ ଲୁଙ୍ଗିଟା ଟାଣିଦେଇ ପଚାରିଲା—ଇଏ କଣ ଅପର୍ତି ଭାଇ ? ସାହାବ କଣ ଦେଲା ?

ଶୋଭନକୁ ଆଖି ମାରି ଚପେଇଦେଲା ଅପର୍ତି...କେଣ୍ଟି ନ ବାବୁଙ୍କୁ ଦେଇ ଦବାକୁ ଏ କାଗଜ ଟୁକୁଡ଼ାଟା ମୋ ହାତରେ ପଠେଇଚି ସେ ତାଙ୍କୁ କାନରେ ବାନ୍ଧି ଦେଇଚି । ହଁ ଶୋଭନ...ସାହେବ ଲୋକ ଆସିବା ପାଇଁ ମଟର କଲିକତା ପଠଉଚି...ମୁଁ ଉଇବାର ସକାଳ ନେଇ ଧରି ଆସିବି । ଯୁଆ ଭିତରେ କେତେ ଯୁଆଙ୍କ କଥା କହିଲା । ଠିକ ଖବର କରୁଥିବୁ ।

ତତେ ଏଇନେ ସାହେବ ଡକେଇଚି ଶୋଭନ ଭାଇ, କୁଲି ମୁକାବିଲା କରିଦେଇ ଆସିବ ।

ଶୋଭନ ହାତକୁ ଆଙ୍ଗୁଠି ଦାନ୍ତରେ ଚିପିଦେଇ ଅପର୍ତି କହିଲା—ଆରେ କଲିକତାରୁ ଲୋକ ଆସିବ ପାଇଁ ସାଇବ ଟଙ୍କା ଦେଇଚି । ତୋ ପାଟିରୁ ଏମିତି ନାଲ କାହିଁକି ବୋହୁଚି ? ବୋକା ଭଳିଆ ହାଟ ଭିତରେ କଥାଟା ପକେଇ ଦଉଚୁ ?

ଶହେଟଙ୍କିଆ ନୋଟଟାଏ ଶୋଭନ ହାତରେ ଗୁଞ୍ଜିଦେଲା ଅପର୍ତି—ଏଥର ଖାଲି ଜଳାପଟ ! ଆମର ତ ନେଉଟିଆ କଥାର ପଡ଼ିଚ ଶୋଭନ ଭାଇ । ସେତେବେଳେ ଇଚ୍ଛା କରିବା ଭାତି ଖାଇବା ।

ଶୋଭନ ଶହେଟଙ୍କିଆ ନୋଟଖଣ୍ଡକ ଏ ପାଖ ସେ ପାଖ କରି ଲେଉଟାଇ ଦେଖିଲା ଖୁବ ପାଞ୍ଚଥର । ତାପରେ ହସି ହସି ଖୋସଣି ଭିତରେ ମାରିଦେଲା ଖୁସିଭଙ୍ଗ କରି ।

* * * *

ବୁଧବାର, ଗୁରୁବାର, ଶୁକ୍ରବାର, ଶନିବାର ଲଗାତର ଚାରିଦିନ ହୋଇଗଲା ହରତାଳ ହେବାର । ଅଥଚ ଅବସ୍ଥାର କୌଣସି ପରିବର୍ତ୍ତନ ନାହିଁ... ମିଲ୍ ଭିତରେ ଯୁଗଆଡ଼ ସେମିତି ନିଶୂନ, ନିଥର—ଯନ୍ତ୍ରଗୁଡ଼ାକ ସେମିତି ଛପ ସ ଭେକରେ ନିର୍ଜୀବ ହୋଇପଡ଼ି ରହିଛନ୍ତି । ସେମାନଙ୍କର ପ୍ରାଣ ଥିଲେ ହୁଏତ ସେମାନେ ବି ଏଇ ଲୋକଗୁଡ଼ାଙ୍କ ଭଳିଆ ବିପ୍ଳବ କରି ବସି ଥାଆନ୍ତେ । ପରିଚାଳନା ତରଫରୁ ଯେତେପ୍ରକାର ପ୍ରଲୋଭ ହେଲେ ମଧ୍ୟ ଯେତେପ୍ରକାର ଭୟ ଦେଖାଗଲେ ମଧ୍ୟ ଲୋକଙ୍କ ମନ ଉପରେ କୌଣସି ପ୍ରଭାବ ପଡ଼ୁନାହିଁ ।

ମାଲ୍ହାରଙ୍କର ଅଜସ୍ର ପ୍ରରୋଚନାରେ ଦୁଇଦିନ ହେଲା ଜିଲ୍ଲା କଲେକ୍ଟର ସମଗ୍ର ଶିଳ୍ପାଞ୍ଚଳ ଉପରେ ୧୪୪ ଧାରା ଜାରି କରିଛନ୍ତି । ଅଥଚ ଅଶୋକ ପଣ୍ଡା ଅପରିପକ୍ୱ ଟୋକା ଦଳେ ଆଇନର କୌଣସି ବିରୋଧ ନକରି ସେମାନଙ୍କର ସଙ୍ଗଠନ ଓ ପ୍ରଚାର ଠିକ୍ ଚଳାଇଛନ୍ତି । ସହରର ପ୍ରତ୍ୟେକ ଖବର କାଗଜର ବଡ଼ ବଡ଼ ଶୀର୍ଷନାମାରେ ଏଇ ଧର୍ମଘଟ ଖବର ଖୁବ୍ ବଡ଼ ବଡ଼ ଅକ୍ଷରରେ ବାହାରିଛି...ଶ୍ରମିକ ଆନ୍ଦୋଳନର ସଫଳ ପରିଚାଳନା ଲାଗି ବଧେଇ ଦିଆଯାଇଛି...ଅଥଚ "ପରିଚାଳନାର ଦୃଷ୍ଟିକୋଣ" ଶୀର୍ଷକ ଖବର ଗ୍ରେଟ ଗ୍ରେଟ ଅକ୍ଷରରେ ଗୋଟାଏ କୋଡ଼ ପତ୍ରରେ ଛପା ହୋଇଛି...ଶୋଭନ ମିଆଁ ଶ୍ରମିକମାନଙ୍କର ଅନ୍ୟାୟ ଆଚରଣ ବିଷୟରେ ଶ୍ରମିକ ପ୍ରତିନିଧି ହିସାବରେ ଯେଉଁ ଚିଠି ଲେଖିଛି ତା ପ୍ରକାଶିତ ହୋଇଛି ସତ୍ୟ, କିନ୍ତୁ ତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇନାହିଁ ସମ୍ପାଦକୀୟ ଟିପ୍ପଣୀରେ ।

ମାଲ୍ହାର ବାସ୍ତବିକ୍ ଅତି ମାତ୍ରାରେ ବିବ୍ରତ ହୋଇ ପଡ଼ିଛନ୍ତି...ଏଠି ସରକାରଠାରୁ ଖବର କାଗଜ ପର୍ଯ୍ୟନ୍ତ ସମସ୍ତେ ପରିଚାଳନା ସହିତ ଯେପରି

ଅସହଯୋଗ କରୁଚନ୍ତି,—ସେଇଥିପାଇଁ ହୁଏତ ଏ ଅଞ୍ଚଳରେ ନୂଆ ନୂଆ ଶିଳ୍ପର ନିର୍ମାଣ ବା ପ୍ରସାର ହୋଇ ପାରୁନାହିଁ । ଏପରି ଅବସ୍ଥାରେ ଶିଳ୍ପ-ପତିମାନେ ସେମାନଙ୍କର ପୁଞ୍ଜି ଖଟେଇବାକୁ ଆତଙ୍କିତ ହେବାର କଥା ।

ଲେବର କମିଶନର ମଧ୍ୟ ବାଧ୍ୟ କରୁଚନ୍ତି ତୁରନ୍ତ ଶ୍ରମିକମାନଙ୍କ ସହିତ ଗୋଟାଏ ଆପୋସ୍‌ନାମା କରିବାକୁ । ସ୍ୱାଧୀନତା ନାମରେ ଯେତେ କିଛି ଅପାରଗତାର ପ୍ରଶ୍ରୟ ଦିଆଯାଉଚି । ବଷେଇ ଉଠିଲେ ନୀହାର ।

କାଲି ସନ୍ଧ୍ୟାବେଳେ କଲିକତାକୁ ଅର୍ଜେଣ୍ଟ ତାର ପଠେଇଚି । ଶନିବାର ଗୁଡ଼ ଗାଡ଼ିରେ ସେ ଚାରିଶ ଲୋକ ନେଇ ଆସୁଚି । ଠିକ୍ କାମିକା ଲୋକ ଅପର୍ତ୍ତି । ଏହି ବୁଭୁକ୍ଷ ଲୋକ ଆସି ମିଲ୍ ଭିତରେ ପଶି ଗୋଟାଏ ସିଫ୍ଟ ଚାଲୁ କରିଦେଲେ ଏକା ସାଙ୍ଗରେ ଶ୍ରମିକ, ସରକାର ଓ ଦରଦୀ ଜନ ସାଧାରଣ ସମସ୍ତଙ୍କ ଆଖିରେ ଧୂଳି ପକେଇ ସେ ଜିତାପଟ ମାରିନେବ ।

ହଂସ୍ କାଗ ପତ୍ର ଦସ୍ତୁର ଭିତରେ ଏପାଖ ସେପାଖ ନୀହାର ବୁଲିବାକୁ ଲାଗିଲେ—ପ୍ରତିଶୋଧ ନେବେ ସେ ସମସ୍ତଙ୍କ ଉପରେ । ସମସ୍ତଙ୍କ ଆଖିରେ ଆଙ୍ଗୁଠି ଦେଇ ସେ ଦେଖାଇ ଦେବେ ଶିଳ୍ପ ପରି-ଚାଳନାର କରାମତି ।

*　　*　　*　　*

ଛନ୍ଦା !

ବାପାଙ୍କ କଣ୍ଠ ଗଳା ଶୁଣି ଥରି ଉଠିଲା ଛନ୍ଦା ।

ସୁବୋଧ ଭିତରକୁ ପଶି ଆସିଲେ । ଛନ୍ଦାର ଶୋଇଲା ଘର ଖଟ ଉପରେ ବସିଚି ଅଶୋକ.... ଆଖି ଦି'ଟାରେ ତାର ଜଳି ଉଠିଚି ବିଦ୍ରୋହର ଅଗ୍ନି ଶିଖା ...

ଏକା ସାଙ୍ଗରେ ଅଶୋକ ଓ ଛନ୍ଦା ଉଠି ଠିଆ ହେଲେ । ଅଶୋକ ନମସ୍କାର କଲା ନମ୍ର ଭାବରେ । ସୁବୋଧ ବାବୁଙ୍କ ଦେହ ଉପରେ ଯେମିତି ଗୋଟାଏ ଝଡ଼ ବୋହିଗଲା । ଶିରା ଭିତରର ରକ୍ତ ନାଚି ଉଠିଲା ସେଇ ଝଡ଼ର ଉଦଭ୍ରାନ୍ତ ଘୂର୍ଣ୍ଣି ଭିତରେ ।

—ଅଶୋକ, ତମେ ଏଠି କାହିଁକି ? ଚଢ଼ାଗଳାରେ ପଚାରିଲେ ସୁବୋଧ ।

ଅଶୋକ ସୁବୋଧବାବୁଙ୍କର ରୁଦ୍ର ଚେହେରା ଦେଖି ଅତମତ ହୋଇ କହିଲା—ଛନ୍ଦା ଡକେଇଲେ ବୋଲି ମୁଁ ଆସିଥିଲି ମେଁସା । ଆପଣ ଯଦି ଅସନ୍ତୁଷ୍ଟ ହେଉଛନ୍ତି ମୁଁ ଏଠୁ ଚାଲି ଯାଉଛି ।

ଅଶୋକ ଘରୁ ଖୋଜ କାଢ଼ିଲା । ପଛଆଡ଼ୁ ଅଶୋକର କାମିଜ ଭିଡ଼ି ଧରି ଛନ୍ଦା କହିଲା—ଆପଣ ବସନ୍ତୁ ଅଶୋକବାବୁ ! ମୁଁ ବାପାଙ୍କୁ ବୁଝାଇ ଦେବି ।

ନାଲି ଆଖିର ଶାସନ ଦେଇ ସୁବୋଧ କହି ଉଠିଲେ—ଛନ୍ଦା, ଅଶୋକକୁ ଯିବାକୁ ଦେ ।

—କାହିଁକି ବାପା ? ଛନ୍ଦା କରୁଣ ଦୃଢ଼ କଣ୍ଠରେ ପଚାରିଲା ।

—କାହିଁକି ? ମୋର ଯୋଗୁଁ ଏଠି ଚାକିରି ପାଇ ମୋର ବିରୁଦ୍ଧରେ ପୁଣି ଷଡ଼ଯନ୍ତ୍ର !! ଅଶୋକ ଏଠି ଯୁ' ନିଆଁ ଲଗେଇ ଦେଇଛି, ତାର ଶେଷ ପରିଣତି କଣ ହବ ଜାଣୁ ଛନ୍ଦା ?

—ଜାଣେ, ଆପଣଙ୍କ ଚାକିରି ରହିବ ନାହିଁ, ଏଇଆ ତ । ଆପଣଙ୍କ ଦୃଷ୍ଟିକୋଣ ଏତେ ନୀଚ ହେଲା କେବେଠୁଁ ବାପା ? ନିଜ ସ୍ୱାର୍ଥ ପାଇଁ ଆପଣ ଜନତାର ସ୍ୱାର୍ଥ ଦଳିଦବାକୁ ଟିକିଏ ହେଲେ କୁଣ୍ଠାବୋଧ କରୁ-ନାହାନ୍ତି ।...ଛନ୍ଦାର କଥା ଭିତରେ ଗର୍ଜି ଉଠିଛି ଭୈରବୀ ।

—ଏ ନୀତି ଶିକ୍ଷା ମୁଁ ତୋଠାରୁ ଶୁଣିବାକୁ ଚାହେଁ ନାହିଁ ଛନ୍ଦା ! ଶାସନ କରିବାକୁ ହେଲେ ଏମିତି ଅନେକ ସ୍ୱାର୍ଥ ଦଳି ମକଚି ଦବାକୁ ପଡ଼େ । ବଡ଼ ହେବାକୁ ହେଲେ ପର ବେକରେ ଏମିତି ଝୁଷି ଦେଇ ଉପରକୁ ଉଠିବାକୁ ପଡ଼େ—ବିଶ୍ୱାସଘାତକତା କରିବାକୁ ପଡ଼େ, ନୀଚ ହେବାକୁ ହୁଏ ।

ଅଶୋକ ନିଶ୍ଚଳ ହୋଇ ଠିଆ ହୋଇଥିଲା ଗୋଟାଏ କଣରେ । ଏତେବେଳେ ସେ ମୁହଁ ଖୋଲି କହିଲା—ଯୁକ୍ତି କରି କିଛି ଲାଭ ନାହିଁ ଛନ୍ଦା । ମେଁସା ଠିକ କଥା କହୁଛନ୍ତି । ତମକୁ ତାଙ୍କ ଆଦର୍ଶ ମାନ

ନବାକୁ ପଡ଼ିବ···ତାଙ୍କର ସ୍ମୃତିରେ ବଞ୍ଚିବାକୁ ପଡ଼ିବ । ମୁଁ ବଞ୍ଚିବି...କେହୁ ତେଣା କାଟି ଛୁଡ଼ାଇ ଦେଲେ ମୁଁ ମୋର ସ୍ମୃତିରେ କ୍ଷତ ବିକ୍ଷତ ହୋଇ ବଞ୍ଚିବାକୁ ଚେଷ୍ଟା କରିବ ।

କଣ୍ଠ ଗଦ୍‌ଗଦ୍‌ ହୋଇ ଆସିଲା ଅଶୋକର । ଶେଷ କଥା କେଇ ପଦ ସେ ଭଲ ଭାବରେ କହି ପାରିଲା ନାହିଁ । ଏକ ପ୍ରାଣମୟ ସମ୍ପର୍କର ବନ୍ଧନ ତାକୁ ଦୁର୍ବଳ କରି ପକାଇଲା—ମତେ କ୍ଷମା କରିବେ ମୌସୀ—ଝିଆକୁ ମଧ୍ୟ କ୍ଷମା ଦେବେ ।

ଏକ ଅଶାନ୍ତ ଝଡ଼ ପରି ଅଶୋକ ବାହାରକୁ ବାହାରି ଆସିଲା । ଲୁହରେ ଅନ୍ଧ ହୋଇଯାଇଛି ଝିଅର ଆଖି । କଟା କଦଳୀଗଛ ପରି କଇଁ କଇଁ ହୋଇ ଭୂଇଁ ଉପରେ ଲୋଟିପଡ଼ିଲା ସେ ।

ଷ୍ଟେସନର ପ୍ଲାଟଫର୍ମକୁ ଘେରି ରହିଛି ଲୋକାରଣ୍ୟ । ବନ୍ଦେମାତରମ୍ ଶ୍ରମିକ ଜନତାର ଗୁଞ୍ଜି ଉଠୁଛି ବାହାର ଅସୁର—ଇନ୍‌କିଲାବ···ଜିନ୍ଦାବାଦ...

କଲିକତା ଅଭ୍ରୁ ଆସିବା ଗାଡ଼ିର ଛଟିସ୍ଟ ଘଣ୍ଟା ବାଜିଲା...କଳା ଧୂଆଁରେ ଚାରିଆଡ଼ ଛାଇଦେଇ ମିନିଟିକ ପରେ ଲୁଷ ଲୁଷ ହୋଇ ମାଡ଼ି ଆସିଲା ଏକ୍‌ସପ୍ରେସ ଗାଡ଼ି । ପ୍ଲାଟଫର୍ମ ବାହାରେ ମିଲିଟାରୀ ଓ ପୋଲିସ ଭ୍ୟାନ୍ ଠିଆ ହୋଇଛି ଲୋକଙ୍କୁ ନେଇଯିବାକୁ ।

ଅପର୍ତ୍ତି ସାଙ୍ଗରେ ଶୋଭା ସର୍ଦ୍ଦାର ତଳକୁ କୁଦି ପଡ଼ିଲା । ସାମନାରେ ଧାଡ଼ି ହୋଇ ଠିଆ ହୋଇଛନ୍ତି ସରଳା ସାଙ୍ଗରେ ଧାଡ଼ିଏ ଝିଅ...ତାଙ୍କ ପଛକୁ ହଜାର ହଜାର ଶ୍ରମିକ...ଦେଖଣାହାରି ଲୋକ ଅନେକଙ୍କ ଭିତରେ ଅନେକ ପ୍ରଭାବଶାଳୀ ଲୋକ ବି ଠିଆ ହୋଇଛନ୍ତି ।

ଗାଡ଼ିର ଏ ମୁଣ୍ଡରୁ ସେମୁଣ୍ଡ ଯାଏ ବୁଲି ଅପର୍ତ୍ତି ଆଉ ଶୋଭା ସର୍ଦ୍ଦାର ସମସ୍ତଙ୍କୁ ଓହ୍ଲାଇବାକୁ କହୁଛନ୍ତି । ଆସିବା ଲୋକଙ୍କ ଭିତରେ ହୁନ୍ ପ୍ରାଣ

ଅଧାଅଧି ଆଉ ଅଧାଅଧି ଓଡ଼ିଆ.....ସମସ୍ତେ କଲିକତା ମିଲ୍‌ର ଶ୍ରମିକ ।

ସରଳା ଦଉଡ଼ି ଗଲା ଅପର୍ତ୍ତି ପାଖକୁ—ଅପର୍ତ୍ତି ଦାଦା, ଆମ ସମସ୍ତଙ୍କୁ ମାରି ଦେଇ ଏଠି ଯିବ ତ ଯା' । କରୁଣ ଅସହାୟତାରେ ଭରି ଉଠିଛି ସରଳାର ପ୍ରାଣମୟ ଆବେଦନ ।

ଅପର୍ତ୍ତି ଘାବରି ହୋଇ ଡାକ ଛାଡ଼ିଲା—ପୁଲିସ୍, ପୁଲିସ୍...

ଦଳେ ପୁଲିସ ସିପାହୀ ଭିଡ଼ ଠେଲି ପଶି ଆସିଲେ.....

ଅଶୋକ ପ୍ଲାଟଫର୍ମ ବାହାରକୁ ଯାଇ ଖୁବ୍ ପାଟିକରି କହିଲା—ଶ୍ରମିକ ଭାଇମାନେ, ଆମେ ନ୍ୟାୟ ପାଇଁ, ବିଚାରପାଇଁ ହରତାଳ କରିଛୁ.... ଏ କେବଳ ଆମର ସମସ୍ୟା ନୁହେଁ....ଶ୍ରମିକ ଜାତି ପକ୍ଷରେ ଏକ ଜୀବନ ମରଣ ସମସ୍ୟା । ମାଲିକ ଆମର ଭିତରେ ଫାଙ୍କ ଫାଙ୍କ କରି, ଭାଇ ଭାଇଙ୍କରେ ଭାଇକୁ ଲଢ଼େଇ ଦେଇ ଏଠି ଫାଇଦା ଉଠାଇବାକୁ ବସିଛି । ତାହାରି ଆପଣମାନଙ୍କୁ ଡାକିଆଣି ଶ୍ରମିକ ସଂଗଠନକୁ ମୂଳପୋଛ କରି ଦେବାକୁ ବସିଛି । ଆପଣମାନେ କଣ ଏ ଅନ୍ୟାୟ ବରଦାସ୍ତ କରି ପାରିବେ ? ଆମେ ୪।୫ ଦିନ ହେଲା ନ ଖାଇ ନ ପିଇ ଏଠି ଶୋଇ, ଉପାସରେ ପଡ଼ି ରହିଛୁ । ଆମ ପାଇଁ ଆପଣମାନଙ୍କ ମନ ନିଶ୍ଚୟ ତରଳିବ । ଏ ବିଶ୍ୱାସ ଆମର ଅଛି । ଦୁନିଆର ସବୁ ଶ୍ରମିକ ଗୋଟାଏ ଭାଇ, ଗୋଟାଏ ପରିବାର । ଆମର ଜୟ ହେଲେ ଶ୍ରମିକ ଜାତିର ଜୟ ହେବ—ପରାଜୟ ହେଲେ କଳଙ୍କରେ ନଇଁଯିବ ଗୋଟାଏ ଜାତିର ମୁଣ୍ଡ । ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି, ଆପଣମାନେ ଫେରିଯାଇ ମାଲିକର ଏହି ନୀଚ ଚାଲ-ବାଜିର ଠିକ୍ ଜବାବ ଦିଅନ୍ତୁ ।

ସମସ୍ତେ ଅବାକ ହୋଇ ଚାହିଁ ରହିଲେ ଅଶୋକ ଆଡ଼େ ।

ପୋଲିସର ହୁଅଡ଼ ଭିତରେ ଥାଇ ଅପର୍ତ୍ତି ଓ ଭୋଲା ସର୍ଦ୍ଦାର ଡାକିଲେ—ସେ ମିଛ କଥାରୁ ତମେ କଣ ପାଇବ ? ଆସ ଭାଇମାନେ, ବାହାରେ ମଟର ଠିଆ ହୋଇଛି...ଚଞ୍ଚଳ ଚଞ୍ଚଳ ଚାଲି ଆସ । କିଛି ଭୟ ନାହିଁ ।

ତଥାପି ଉଷ୍ଣଳ ହୋଇ ଯିଏ ଯେଝା ଜାଗାରେ ଠିଆ ହୋଇଛନ୍ତି । ଅପର୍ତ୍ତି ଓ ଖେଳାର କଥା କାହାର କାନରେ ପଶୁ ନାହିଁ ଯେମିତି ।

ଜଣେ କହୁ ଉଠିଲା—ଯାହା କହ ପଛେ ସର୍ଦ୍ଦାର, ଆମେ ଏ କାମ କରି ପାରିବୁ ନାହିଁ । ଖାଇ ଦେବକରେ ଛୁରୀ ଭୁଷି ପାରିବୁ ନାହିଁ ।

ସମସ୍ତେ ଯେଝା ମୁହଁକୁ ଚାହାଁଚାହିଁ ହେଲେ । ସମବେତ ଜନତା ବିପୁଳ ହର୍ଷରୋଳ ଭିତରେ ଶ୍ରମିକ ସାଙ୍ଗରେ ସମାନ ତାଳ ଦେଇ କହି ଉଠିଲେ—ଇନ୍‌କିଲାବ.........ଜିନ୍ଦାବାଦ, ଶ୍ରମିକ ଜନତା......... ଏକାହୁଅ ।

ଚେଇଁ ଉଠିଚ ଶ୍ରମିକର ପ୍ରାଣ••ପ୍ରାଣ ପାଇଛି ତାର ଆକୁଳ ଆବେଦନ । ସରଳା ଉଚ୍ଛ୍ୱସିତ କଣ୍ଠରେ କହିଲା—ଆମର ଗୁହାରି ମଞ୍ଜୁର କରି ଆପଣମାନେ ଆଜି ଯଥାର୍ଥରେ ଶ୍ରମିକ ଜାତିର ମୁଣ୍ଡ ଟେକି ରଖିଛନ୍ତି••ମାନ ଇଜ୍ଜତ ରଖିଛନ୍ତି । ଅନ୍ତରର ଲକ୍ଷ ଲୁହରେ ଆମେ ଆପଣମାନଙ୍କୁ ବିଦାୟ ଦେଉଛୁ । ଆମର ତାତିଲା ଦୀର୍ଘଶ୍ୱାସ ଏଥର ନିଶ୍ଚୟ ଅଥୟ କରି ପକାଇବ ମାଲିକଙ୍କୁ ।

ଆଗନ୍ତୁକ ଶ୍ରମିକମାନଙ୍କ ଭିତରୁ ଜଣେ ସମାନ କଣ୍ଠରେ କହି ଉଠିଲା—ଫେରି ଚାଲ ସମସ୍ତେ । ଖେଳା ସର୍ଦ୍ଦାରକୁ କହ—ଆମେ କେହି ଧର୍ମଘଟ ମିଲ ଚାଲୁ କରିବାକୁ ଯିବୁନାହିଁ ।

ପଣ୍ଡ ପରିଶ୍ରମ କରି, ତିନି ତିନି ଘଣ୍ଟା ଷ୍ଟେସନରେ ଆଗୁଳା ବାଛି ଫେରି ଆସିଲେ ପୁଲିସ୍ ଫୌଜ...ଖାଲି ଫେରିଲା ପୋଲିସ ଭ୍ୟାନ୍ । ଖେଳା ସର୍ଦ୍ଦାର ଶ୍ରମିକମାନଙ୍କ ସାଙ୍ଗରେ ଧରି ଫେରିଗଲା । ସେମାନଙ୍କ ଆଗରେ ସଫେଇ ଦେଲା—ମତେ ଅପର୍ତ୍ତିଆ କହିଲା ନୂଆ ମିଲ୍ ଚାଲୁ ହେବ, ଲୋକ ଦରକାର । ଏଠି ଦେଖିଲିବେଳକୁ ଚାଲୁ ମିଲ୍‌ରେ ହରତାଳ । ମୁଁ ଜାଣେ ପରା ସେ ସେମିତି ନାଲ୍‌ବାଗିଆ ଲୋକ । ମିଛରେ ଆମକୁ ହଇରାଣ କଲା ।

—କଲିକତାରେ ଘୋଷ ଖାଇବ ପଠେଇଛ...ଏଇ କଥାରୁ ତମେ ବୁଝି ପାରିଲ ନାହିଁ ସର୍ଦ୍ଦାର । ସେ ପରା ୫୦ ମିଲ୍‌ରୁ ମାଡ଼ ଖାଇ, ବଦନାମ

ହୋଇ ଏଠି ଆସି ପହଞ୍ଚିଛି—ଜଣେ ଶ୍ରମିକ ଛୁଟିଲେଇ ହୋଇ କହିଲା ।

ଶୁଖିଲା ମୁହଁ ନେଇ ପୋଲିସଭ୍ୟାନ୍‌ରେ ଅପର୍ଣ୍ଣ ମିଲ ଭିତରକୁ ଫେରିଗଲା । ମିହାରଙ୍କ ଦପ୍ତରରେ ପଶି କହିଲା—ହଜୁର, ମୁଁ ମୋର ପାରୁପର୍ଯ୍ୟନ୍ତ ଚେଷ୍ଟା କ'ଣ ନ କରିଛି ? ହେଲେ ସେଇ ଅଶୋକ ବାବୁଟା ଯଦି ନ ଆନ୍ତା, ତାହାହେଲେ ସବୁକାମ ସୁରୁଖୁରୁରେ ଉଠିଯାଇ ଥାଆନ୍ତା ।

ଦାନ୍ତ କଡ଼ମଡ଼ କରି ଉଠିଲେ ମିହାର ।

ଏ ସବୁରେ ସେ ହାରିଚନ୍ଦ୍ର···ଅନ୍ତରାଳରେ ରହି ସେ ଆପ୍ରାଣ ଚେଷ୍ଟା କରି ଯାଉଥିଲେ ଏ ସବୁ ନଷ୍ଟହୁଏ ଲାଗିଯିବ । ଜର୍ଜରିତ ହୋଇ ଉଠିଲେ ମିହାର ।

—ଅଶୋକ ! ଡ୍ୟାମ୍, ନନ୍‌ସେନ୍‌ସ ଅଶୋକ···ତାକୁ ନିଶ୍ଚୟ ସେ ଜୀବନରେ ନ ଭୁଲିବା ଭଳି ଶାସ୍ତି ଦେବେ ।

ମନ ଭିତରେ ମୁଣ୍ଡ ଟେକି ଉଠିଲା ପୁଣି ସଇତାନୀ ଭାବନା...

* * * *

ସବୁ ଠିକ୍ ଚାଲିଛି···ଧର୍ମଘଟ ସଫଳ ହୋଇଛି...ଆଜି ଧର୍ମଘଟର ସପ୍ତମ ଦିନ...ଅଶୋକ ସକାଳୁ ଉଠି ଶ୍ରମିକ ବସ୍ତି ଭିତରେ ଘର ଘର ହୋଇ ବୁଲି ଆସିଛି···ସବୁ ଘରେ ଅଭୟ ଓ ଆଶ୍ୱାସନାର ବାଣୀ ଶୁଣାଇ ଆସିଛି...ପଞ୍ଚାୟତ ଘର ସାମନାରେ ବି ଦଳ ଦଳ ହୋଇ ଜମୁଥିବା ଲୋକଙ୍କୁ ସେ ବୁଝାଉଛି—ସେମାନଙ୍କର ବିଜୟ ସୁନିଶ୍ଚିତ ।

ମାତ୍ର ସବୁଠି ଅଭାବ ଅନାଟନର ନଗ୍ନରୂପ ଦେଖି ସେ ବିଚଳିତ ହୋଇଛି । ଅନେକଙ୍କର ଘରେ ଖାଇବା ପାଇଁ ନାହିଁ । ଓଳିଏ ଖାଇ, ଓଳିଏ ଉପାସ ରହୁଛନ୍ତି···ଜନ୍ମକୋଳ ପାଇଁ ରୋଗ ବଇରାଗ ବି ଦେଖା ଦେଲଣି । ମ୍ୟାଲେରିଆ ଜ୍ୱରରେ ପଟାଳି ଭଳିଆ ଶୋଇଗଲେଣି କେତେ ଲୋକ । ଖୋଲିଲା ଲୋକଙ୍କ ପ୍ରତି ପ୍ରକୃତି କି ନିର୍ଦ୍ଦୟ ହୋଇ ଉଠିଛି !

ଚାନ୍ଦା ଟଙ୍କାରେ ଯାହା ଚୂଡ଼ା ଚାଉଳ କିଣା ହୋଇଥିଲା ସେଥିରୁ ଅଧେ ଶେଷ ହେବାକୁ ବସିଲାଣି । ସହରରେ ମୁଷ୍ଟି ଭିକ୍ଷା କରି ପିଲାଏ

ଯାହା ଆଣୁଚନ୍ତି ତା ସେଇଦିନ ଶେଷ ହୋଇ ଯାଉଛି—କିଛି ବଳକା ରହୁନାହିଁ । ହାତରୁ ଟଙ୍କା ପଇସା ସରିଲାଣି—ଅଥଚ ଏ ହରତାଳ କେତେଦିନ ଚାଲିବ ତାର ଠିକଣା ନାହିଁ । ଭୋକ, ଉପାସ କେତେଦିନ ବରଦାସ୍ତ କରିପାରିବେ ଲୋକେ ? ଏ ଆନ୍ଦୋଳନର ମେରୁଦଣ୍ଡ ହୁଏତ ଭାଙ୍ଗି ପଡ଼ିବ ଆଉ କେତେଦିନରେ । ଧର୍ମଘଟକୁ ଜୀଆଇବାକୁ ହେଲେ ପ୍ରଚୁର ଖାଦ୍ୟ ଦରକାର, ଔଷଧ ଦରକାର । ଅଧୈର୍ଯ୍ୟ—ଏମାନଙ୍କର ୧୫ଟା ଦିନପାଇଁ ବି ବଞ୍ଚିବାର ସମ୍ବଳ ନାହିଁ, ରୋଜ ଖଟି ରୋଜ ଖାଇବେ । କାଲି ପାଇଁ ଚିନ୍ତା ନାହିଁ—ଭାବନା ନାହିଁ, ଯୋଜନା ନାହିଁ । ଏଥିରେ ଏମାନଙ୍କୁ ଶୋଷଣ କରିବାକୁ କିଏ କାହିଁକି ବଳ ନ ପାଇବ ?

ଚିନ୍ତା ଓ ଭାବନା ଭିତରେ ବୁଡ଼ି ରହିଛି ଅଶୋକ ।

ସରଳା ଭିତରକୁ ପଶି ଅଶୋକର ଚେହେରା ଦେଖି ଅଟକି ହୋଇ ଠିଆହେଲା—ଆପଣଙ୍କର କଣ ହୋଇଚି ଅଶୋକ ବାବୁ ! ଗୋଟାଏ ମନ-ଖୁସିଆ କଥା କହିବି, କଣ ଦେବେ ?

ସରଳା ଭାରି ହେଲମେଳ ହୋଇଗଲାଣି ଅଶୋକ ସାଙ୍ଗରେ ଅନ୍ତତଃ ଏଇ କେତେଦିନ କାନ୍ଧକୁ କାନ୍ଧ ମିଶାଇ କାମ କରିବା ଭିତରେ । ଆଗପରି ଅଶୋକ ପାଖରେ କଥା କହିଲାବେଳେ ତାର ସଙ୍କୋଚ ନାହିଁ ।

ଅଶୋକ ଗମ୍ଭୀର ଭାବରେ ପଚାରିଲା—କି କଥା ?

—ଛନ୍ଦା ଦେଈ ତାଙ୍କ ପୂଜାରୀ ହାତରେ ଖବର ପଠେଇଚନ୍ତି, ଆଜି ରାତିରେ ଆସିବେ ଏଠିକି ।

—ବେଶ୍, ଏଥିରେ ମୋର ଖୁସି ହେବାର କଣ ଅଛି ସରଳା ? ଅଶୋକ ଏ କଥା କହିଲା ସତ, କିନ୍ତୁ ତା ମୁହଁରେ ବିବ୍ରତତାର ଚିହ୍ନ ସ୍ପଷ୍ଟ ହୋଇ ଉଠିଲା । ସରଳା ସେଇଆଡ଼କୁ ଲକ୍ଷ୍ୟ କରି କହିଲା—ନା, କହୁଥିଲି ଆପଣ ରହିବେ ରାତିରେ ଏଠି, ନ ହେଲେ ବସ୍ତି ଭିତରେ ରହିଗଲେ ଛନ୍ଦା ଦେଈ ମନ ଦୁଃଖରେ ଫେରିଯିବେ ।

ସରଳାର ମୁହଁ ଶୁଖି ଯାଇଚି । ଏମିତି ଅଠାଳିଆ କଥା ଭିତରେ ତା ମୁହଁ ଯେମିତି ହଠରେ ଫୁଲ ଫୁଟିବାର କଥା ତା ହୋଇ ନାହିଁ । ଅଶୋକ ମନ ଭିତରେ ବ୍ୟଥାର କରୁଣ ସ୍ପର୍ଶ ଛୁଇଁଗଲା ।

ସେଦିନ କଥା ସେ ଏ ପର୍ଯ୍ୟନ୍ତ ସରଳା ଆଗରେ କହି ନାହିଁ । କହିବାର ପ୍ରୟୋଜନ ମଧ୍ୟ ପଡ଼ି ନାହିଁ ତାର । ଛନ୍ଦା କଥା ଶୁଣି ତା ମନର ପୁରୁଣା କ୍ଷତ ପୁଣି ପୋଡ଼ି ଉଠିଛି...ତା ସାଙ୍ଗକୁ ସରଳାର ସ୍ୱଦେଶୀ ନ ଗ୍ରାହ୍ୟ କଟାଘାରେ ଚୂନ ଲେସି ଦେଇଛି ।

—ଦେଖ, ତମେ ବି ଏଠି ମୋ ସାଙ୍ଗରେ ଘରେ ରହିବ । ଛନ୍ଦା ସାଙ୍ଗରେ କଥାବାର୍ତ୍ତା ହେଲାବେଳେ, କିନ୍ତୁ ବର୍ତ୍ତମାନ ଅବସ୍ଥା ଉପରେ ଧ୍ୟାନ ଦିଅ ସରଳା...ଚାରିଆଡେ ଅଭାବ ଓ ଅନାଟନର ଚିତ୍ରିଆ ଭୂତ ନାଚ ଉଠିଲାଣି....ଏ ପରିସ୍ଥିତିରେ ଏ ଧର୍ମଘଟ କେତେଦିନ ଚାଲିପାରିବ ?

ସରଳା ବୁଝିଲା ଅଶୋକ ତା ମନ ତଳର ଲୁଚିଛପା କଥା ଜାଣି ନେଇଛି । ମନେ ମନେ ସେ ଖୁବ ପସ୍ତେଇ ହେଲା...ହୁଏତ ଅଶୋକ ମନରେ କଷ୍ଟ ଦେଇଛି ଏମିତି କଥା କହି । ତଥାପି ଅଶୋକର ଶେଷ କଥା କେତେ ପଦର ଜବାବ ଦେବାକୁ ଯାଇ ସେ ଦୃଢ଼ କଣ୍ଠରେ କହିଲା—ଯେତେଦିନ ପର୍ଯ୍ୟନ୍ତ ଆମର ନୈତିକ ବଳ ଥିବ, ସେତେଦିନ ପର୍ଯ୍ୟନ୍ତ ଏ ଆନ୍ଦୋଳନ ଚାଲୁ ରହିବ ।

—ଆମ ନୈତିକ ବଳ ଭାଙ୍ଗିବା ଆଗରୁ ଏଇ ଖେଳକଲ ଲୋକଗୁଡ଼ାଙ୍କର ନୈତିକବଳ ଯେ ଭାଙ୍ଗିଯିବ ସରଳା ।

—ନାଁ, ତା' କଦାପି ହେବ ନାହିଁ...ତା ହେବା ପୂର୍ବରୁ ଆମର ବିଜୟ ହେବ ଏ ମୋର ଦୃଢ଼ ବିଶ୍ୱାସ ।

ହୁଏତ ଆଶ୍ୱାସନା ଦେବାକୁ ଯାଇ ଅଶୋକକୁ ଏ କଥା କେଇ ପଦ କହିଲା ସରଳା । କିନ୍ତୁ ପ୍ରକୃତରେ ଅଶୋକ ଆଶ୍ୱସ୍ତ ହୋଇ ପାରିଲା ନାହିଁ ।

* * * *

ସନ୍ଧ୍ୟା ପରେ ଅଶୋକ ମିଲ ଦ୍ୱାରରେ ଆଗକୁ ଚାଲିଛି । ଟିକିଏ ଅନ୍ଧାରିଆ ହୋଇ ଆସୁଛି । ଭୂମ ନୁଚିଲାଣି ।

ବାଟ ପଡ଼ାରେ ଅନେକ ଲୋକ ଆସି ପଞ୍ଚାୟତ ସାମନାରେ ହା'ଅନ୍ନର ଚିତ୍କାର କରୁଛନ୍ତି । ସରଳା ସମସ୍ତଙ୍କୁ କିଛି କିଛି ଚୂଡ଼ା ଗୁଡ଼ଲ ଦେଇ ବୋଧ କରୁଛି...ବୁଝେଇଛି ଧୈର୍ଯ୍ୟ ଧରିବାକୁ...ମାତ୍ର ପେଟ ଡାକିଗଲେ ଏ ଲୋକ

ପୁଣି ମାଲିକ ଗୋଡ଼ ତଳେ ଲମ୍ବ ଲମ୍ବ ହୋଇ ପଡ଼ିବେ—ଜମ ମଜୁରିରେ ବ ଖାମ ଭରିବେ । ଅନ୍ୟାୟ ଅତ୍ୟାଚାରର ମୁଣ୍ଡ ପାତି ସହିନେବେ ।

ଅଶୋକ ଅଶାନ୍ତିରେ ଛଟପଟ ହୋଇଛି ବେଳାଟାଯାକ । ସନ୍ଧ୍ୟାପରେ ସେ ମନର ସବୁ ଅଶାନ୍ତି ଭୁଲିଯିବାକୁ ଟିକିଏ ବାହାରକୁ ବାହାରିଛି ।

ବୁଲି ବୁଲି ହୋଇ ସେ ମିଲ ଫାଟକ ପାଖ ପର୍ଯ୍ୟନ୍ତ ଯାଇ ଫେରି ଆସିଲା । ଚାରିଆଡ଼ ନିଶ୍ଚୁପ, ଖାଁ ଖାଁ ଗୋଡାଉଛି···ଲକ୍ଷ୍ମୀଛଡ଼ା ଦିଶୁଛି ଚାରିଆଡ । ସାତଦିନ ତଳେ ଲୋକ ଗହଳି ଚହଳି ହେଉଥିବେଳେ କେତେ ସୁନ୍ଦର ଦିଶୁଥିଲା—ଅଥଚ ଆଜି ଏଠି ବାଲୁଆ ଭେଜିଁଛି । ଦୁଃଖ ଭରିଗଲା ଅଶୋକ ମନରେ । ଅଶୋକ ଚାହିଁ ପାରିଲା ନାହିଁ ମିଲ ଆଡ଼କୁ ।

ଝପ୍ ଝପ୍ ହୋଇ ପଞ୍ଚାଏ ଲୋକ ସାମନା ବୁଦା ମୂଳୁ ବାହାରି କୁଆଡ଼େ ଧାଇଁଚନ୍ତି ? ଲୁଚିକି ଜମିଥିଲେ ଏମାନେ ଏଠି ?

ଅଶୋକ କେବଳ ଦଉଡ଼ୁଥିବା ଅଡକୁ ଏକମୁହାଁ ହୋଇ ଚାହିଁଲା ।

କରୁଣ ଆର୍ତ୍ତନାଦରେ ନୀରବ ବାୟୁମଣ୍ଡଳ ଭିତରେ ଭାସି ଆସିଲା—ଇନ୍‌କିଲାବ...ଜିନ୍ଦାବାଦ !

ତାପରେ ସେ ହଠାତ୍ ମୁଣ୍ଡରେ ଶକ୍ତ ଆଘାତ ପାଇ ତଳେ ଟଳି ପଡ଼ିଲା । ତାପରେ ତା ଚେତା ବୁଡ଼ିଗଲା ।

ଅଧ ରାତିରେ ଆଖି ମେଲିଲା ବେଳକୁ ପଞ୍ଚାୟତ ଘର ଭିତରେ ତାକୁ ଘେରି ବସିଚନ୍ତି ମାଧବ, ନିଧି, ଗୌରାଙ୍ଗ, ମୁରଲୀ । ଝରକା ଫାଙ୍କରେ ଆଉ କେତେ ମୁହଁ ଦେଖାଯାଉଚି । ଉପରେ ବସି ସରଳା ତା ମୁଣ୍ଡ ଆଉଁସୁଚି ।

ଦୀର୍ଘ ନିଃଶ୍ୱାସ ପକାଇ ଅଶୋକ ପୁଣି ଥରେ ଆଖି ମୁଦିଲା । କେହି କୁଆଡ଼େ ହଲଚଲ ହେଲେ ନାହିଁ । ଅଶୋକକୁ ଜଗି ସମସ୍ତେ ଶୋଇ ରହିଲେ ପଞ୍ଚାୟତ ଘର ବାରଣ୍ଡା ଉପରେ ।

ଗହନ ରାତିର ନିର୍ଜନତା ଭିତରେ ତନ୍ଦ୍ରା ଆସିଚି । ବହଳ ଅନ୍ଧାର ଭିତରେ ବାଟ ଅବାଟ ଭୁଲି, ଝଣ୍ଟିଆ ଖାଦରା ହୋଇ ସେ ଉତ୍‌କ୍ଷିପ୍ତ ପରି ଧାଇଁ ଆସିଚି ଅଶୋକ ପାଖକୁ । ସମସ୍ତେ ଶୋଇ ରହିଚନ୍ତି—କେବଳ ଜାଗ୍ରତ ହୋଇ ବସି ରହିଚି ସରଳା ।

ଛନ୍ଦାକୁ ଦେଖି ସରଳା ଆଖିରୁ ଶ୍ରାବଣର ଧାର ପରି ଲୁହର ଝରଣା ଛୁଟି ଚାଲିଚି—ଛନ୍ଦା ଦେଈ ! ଆକୁଳ ଅଶ୍ରୁରେ ଭରି ଉଠିଚି ତାର ଅପୂର୍ବ ସମ୍ବୋଧନ ।

ଅଶୋକର ମୁଣ୍ଡ ସାରା ଲୁଗା ଚିରା ହୋଇ ପଟି ବନ୍ଧା ହୋଇଚି— ମୁହଁ ଶେତା, ନିରକ୍ତିଆ ଦିଶୁଚି । ଚମକି ପଡ଼ିଲା ଛନ୍ଦା—ଏ କଣ ହେଲା ସରଳା ? ବସିପଡ଼ିଲା ସେ ଅଶୋକର ପାଖଶୁଆ ଉପରେ । ଦୁଇ ହାତ ଚାରିଆଡ଼େ ଥରେ ହାତ ବୁଲାଇ ଆଣି ଆକୁଳ ଆବେଗରେ ପଚାରିଲା ସେ— କୁହ ସରଳା, କଥା କୁହ ।

ସରଳାର ଉଦ୍‌ବେଳ ଅଶ୍ରୁ ବାଧା ମାନିବାକୁ ନାହିଁ । ଆଖି ଦି'ଟା ତାର ଫୁଲି ଗଲଣି ।

ଅଶୋକ ଆଖି ମେଲିଲା—ଛନ୍ଦା, ତମେ ଆସିଚ ? କାହିଁକି ମୋ ପାଖକୁ ଏମିତି ବାରମ୍ବାର ବିରକ୍ତ କରୁଚ ତମେ ।

ଛନ୍ଦାର ଆଖି ଭିତରେ ଅଶ୍ରୁର ପ୍ଳାବନ—ମତେ କ୍ଷମା କରିବେ ଅଶୋକବାବୁ, ମୁଁ ଅଣଆୟତ୍ତ ହୋଇ ପଡ଼ିଚି—ଭଲ ମନ୍ଦ କିଛି ବୁଝି ଦେଖିବାକୁ ମୋର ବେଳ ନାହିଁ—ଜାଗ୍ରତ ବିପ୍ଳବର ସୁଅ ଛୁଟି ଚାଲିଚି ମୋର ଧମନୀ ଭିତରେ—ମୁଁ ଚାଲି ବାଟ ଭୁଲି ଏ ବାଟରେ ଗୋଡ଼ ଦେଇଚି ।

ଗମ୍ଭୀର ଧୀର କଣ୍ଠରେ କହିଲା ଅଶୋକ—ଛନ୍ଦା, ଏ ବିପ୍ଳବ ଯେ କାଲି ଲିଭିଯିବ—ଯାକୁ ଆଉ ବଞ୍ଚେଇ ହେବନି । ଅଭାବ, ଅନାଟନର କଳା ଛାୟା ତଳେ ଏ ବଞ୍ଚି ପାରିବ ନାହିଁ ଛନ୍ଦା, ଏ ଆପେ ଆପେ ମରିଯିବ ।

ବ୍ଲାଉଜ ଭିତରୁ ପୁଳାଏ ନୋଟ ବାହାର କରି ଛନ୍ଦା ସରଳା ହାତକୁ ବଢ଼ାଇ ଦେଲା—ନେ, ରଖ ଏ ପାଞ୍ଚ ହଜାର ଟଙ୍କା ସରଳା । ଶେଷ ନିଜସ୍ୱ ପର୍ଯ୍ୟନ୍ତ ଏ ବିପ୍ଳବ ଚାଲୁ ରହିବ, ମୁଁ ଯାକୁ ମରିବାକୁ ଦେବ ନାହିଁ ।

ବିସ୍ଫାରିତ ଆଖିରେ ଚାହିଁଲା ଅଶୋକ ଛନ୍ଦାକୁ—ପାଞ୍ଚ ହଜାର ! ଏତେ ଟଙ୍କା ତମେ ପାଇଲ କେଉଁଠୁ ଛନ୍ଦା ?

— ବାପାଙ୍କ ବାକ୍ସ ଭାଙ୍ଗି ଚୋରି କରି ଆଣିଚି ମୁଁ ଏ ଟଙ୍କା । ଆପଣ ଆପତ୍ତି କରନ୍ତୁ ନାହିଁ ଅଶୋକ ବାବୁ, ଆପଣ ଏ ଟଙ୍କା ଗ୍ରହଣ

କରନ୍ତୁ । ମନ ଖୁସି ଖର୍ଚ୍ଚ କରନ୍ତୁ ଆନ୍ଦୋଳନ ପାଇଁ । ଆପଣଙ୍କର ସମୃଦ୍ଧି ମୋର ଆଜିର ଏକାନ୍ତ କାମନା ।

ସ୍ତବ୍ଧ ହୋଇଗଲା ଅଶୋକ । ସରଳାର ମୁଣ୍ଡ ନଇଁ ପଡ଼ିଲା ।

ଅଶୋକ କିନ୍ତୁ ସେ ଟଙ୍କା ରଖିଲା ନ । ଅସତ୍ ଉପାୟରେ ସଂଗୃହୀତ ଧନରେ ସତ୍ୟ ଓ ନ୍ୟାୟର ଜୟ ନେବାକୁ ସେ ଚାହେନା ।

ରାତିର ଶେଷ ପହରର ବେଳକୁ ଘରକୁ ଫେରି ଆସିଲା ଛନ୍ଦା ମନ ଦୁଃଖରେ । ଗୋଡ଼ ଟିପି ଟିପି ଦୁଆର ଖୋଲି ତା ଶୋଇଲା ଘର ଭିତରକୁ ପଶିବାର ଅଧାବାଟରେ ସୁବୋଧ ଡାକିଲେ—ଛନ୍ଦା !

ଅଶ୍ରୁର ଉଚ୍ଛ୍ୱାସ ଆଉ ରୋକି ପାରିଲାନି ଛନ୍ଦା । ଉପରେ କଗୃଡ଼ି ହୋଇ ପଡ଼ି ସେ ଡାକିଲା...ବାବା...

ଛନ୍ଦା ଆଖିର ଲୁହ ପୋଛି ପୋଛି ସୁବୋଧ କହିଲେ—ମୁଁ ସବୁ ଜାଣେ ମା' ଅଧ ରାତିରେ ବାକ୍ସ ଭାଙ୍ଗି ଟଙ୍କା ପଇସା ନେଇ ତୁ ଘରୁ ବାହାରି ଗଲା-ବେଳେ ମଧ୍ୟ ମୁଁ ଜାଗିଛି । କିନ୍ତୁ ତୋ ରାସ୍ତା ମୁଁ ରୋକିବାକୁ ଉଚିତ ମନେ କଲିନି ସେତେବେଳେ । ତୋ ମନରେ ଦୁଃଖ ଦେବାକୁ କାହିଁକି ମନ ବଳିଲା ନାହିଁ । ତୁ ଜାଣୁନା ମା', ମୁଁ ଅଶୋକକୁ କେତେ ଭଲ ପାଏ ।

—କିନ୍ତୁ ବାପା; ସେ ଯେ ଏ ଟଙ୍କା ନେଲେ ନି....କହୁ କହୁ ଶୋକୋଚ୍ଛ୍ୱାସରେ ଫାଟି ପଡ଼ିଲା...

—ଅଶୋକବାବୁଙ୍କ ଅବସ୍ଥା ଗୁରୁ ସାଂଘାତିକ ବାବା, ତାଙ୍କ ମୁଣ୍ଡ ଫାଟି ଯାଇଛି, କିଛି ଚିକିତ୍ସା କରାଯାଇ ନାହିଁ ଏ ପର୍ଯ୍ୟନ୍ତ ।

ଅଭିଭୂତ ହୋଇ ପଡ଼ିଲେ ସୁବୋଧ—ମାହାର କିନ୍ତୁ ଏ ଶେଷ ସ୍ଥଳରେ ହାରିଛି ଛନ୍ଦା । ଅଶୋକର ଜିତ ହୋଇଛି—ତାର ଆନ୍ଦୋଳନ ସଫଳ ହୋଇଛି । ଆଉ ଟଙ୍କାର ଦରକାର ହେବନି ।

—ଜିତ ହୋଇଛି ଅଶୋକବାବୁଙ୍କର ? ସତେ ବାବା ? କଳ କଳ କଥାରେ ପଚାରିଲା ଛନ୍ଦା ।

—ହଁ ମା, ମୁଁ ନିଜେ ମାଲିକ ପାଖକୁ ଏକ ସାଲିସ କରିବାର ପ୍ରସ୍ତାବ ପଠାଇଥିଲି । ବାହାର ଶ୍ରମିକ ଆଣି କମ୍ପା ଏଠିକାର ଶ୍ରମିକମାନଙ୍କ ଭିତରେ ବିଭେଦ ସୃଷ୍ଟି କରି ମିଲକୁ ପୁଣି ଚାଲୁ କରିବା ଆପ୍ରାଣ ଚେଷ୍ଟା କରିଥିଲେ ନୀହାର । ତା ବିଫଳ ହେଲା ପରେ ମୁଁ ଏ ପ୍ରସ୍ତାବ ପଠାଇଥିଲି । ଜାଣୁ ମା, ଶ୍ରମିକ ଆନ୍ଦୋଳନ ପାଇଁ ଯେତିକି ନୁହେଁ ଅଶୋକ ପ୍ରତି ମୋର ହୃଦୟର ଦୁର୍ବଳତା ଯୋଗୁଁ ମୁଁ କେବଳ ଏ ପ୍ରସ୍ତାବ ବାଛିଥିଲି । ଅଶୋକ ସେ ଦିନ ଚାଲିଗଲା ପରେ ମୋର ଦୁର୍ବଳତା ବହୁଗୁଣ ବଢି ଉଠିଥିଲା । ସୁଖର କଥା ମାଲିକ ମୋର ପ୍ରସ୍ତାବ ଗ୍ରହଣ କରି ନେଇଛି—ଶ୍ରମିକର ସମସ୍ତ ଦାବି ପୂରଣ କରିବାକୁ ସ୍ୱୀକାର କରି ନେଇଛି, ଆଉ ସବୁ ଦଣ୍ଡ ପ୍ରତ୍ୟାହାର କରିବାକୁ ସମ୍ମତି ଦେଇଛି ।

ଛନ୍ଦାର ମୁହଁ ଶୁଖିଗଲା—ଏ କଥା କହି, ଅଶୋକବାବୁଙ୍କ ଦୁର୍ବଳତାର ଆଳ ଦେଖାଇ ଆପଣ ଶ୍ରମିକ ଆନ୍ଦୋଳନକୁ ଅପମାନିତ କରୁଛନ୍ତି ବାବା ।

ସସ୍ନେହ କଣ୍ଠରେ ଛନ୍ଦାର ମୁଣ୍ଡ ଆଉଁସି ଦେଇ କହିଲେ ସୁବୋଧ – ଆରେ ନାଁରେ ପାଗଳି । ଆନ୍ଦୋଳନର ପ୍ରତି ମୋର ଯଥେଷ୍ଟ ସମ୍ମାନ ଅଛି । କିନ୍ତୁ ଅଶୋକର ନିଃସ୍ୱାର୍ଥପର ଓ ବିରାଟ ବ୍ୟକ୍ତିତ୍ୱ ତ ଏ ବିପ୍ଳବର ପ୍ରାଣ । ସେ କଥା ଭୁଲିଗଲେ ଚଳିବ କିପରି ।

ଛନ୍ଦା ମନେ ମନେ ଆନ୍ଦୋଳନ ଓ ବ୍ୟକ୍ତିତ୍ୱ ଦୁହିଁଙ୍କୁ ପ୍ରଣାମ କଲା ।

*　　*　　*　　*

ଖୁବ୍ ସକାଳୁ ଅଶୋକ ଖବର ଶୁଣି ପଞ୍ଚାୟତ ଘର ସାମନାରେ ବସ୍ତିର ସବୁ ଲୋକ ଜମା ହୋଇଛନ୍ତି ।

ସୁବୋଧ ଓ ଛନ୍ଦାକୁ ଆସୁଥିବାର ଦେଖି ସମସ୍ତେ ପାଖେଇ ହୋଇଗଲେ । ସୁବୋଧ ଓ ଛନ୍ଦା ଦୁହେଁ ପଶିଗଲେ ଘର ଭିତରକୁ । ଅଶୋକ ଆଖିମେଲି ଚାହିଁ ରହିଛି । ସୁବୋଧବାବୁଙ୍କୁ ଦେଖି ସେ ବିଛଣାରୁ ଉଠି ବସି ନମସ୍କାର କଲା । ସରଳା ଅନିଦ୍ରା ହୋଇ ରାତି ସାରା ବସି ରହିଛି ତାକୁ ଜଗି । ଅନିଦ୍ରା ଓ କ୍ଳାନ୍ତିରେ ତାର ଆଖିପତା ନଇଁ ପଡ଼ୁଛି ।

ବାହାରେ ସମସ୍ତେ ଫୁସ୍ ଫାସ୍ ହେଲେ । ମ୍ୟାନେଜର ସାହେବ କାହିଁକି ଆସିଛନ୍ତି ? କିଛି ଗୋଟାଏ ଗୁରୁତର କଥା ହୋଇଛି ନିଶ୍ଚୟ ।

ସୁବୋଧ ବସି ପଡ଼ିଲେ ଖଟିଆ ଉପରେ ଅଶୋକଙ୍କୁ ଲାଗି । ତା ମୁଣ୍ଡରେ ହାତ ବୁଲାଇ ଆଣି କହିଲେ—ଜନତାର ଜୟ ହୋଇଛି ଅଶୋକ । ତମ ଆନ୍ଦୋଳନ ସଫଳ ହୋଇଛି । ଶ୍ରମିକ ପଞ୍ଚାୟତର ସବୁ ଦାବୀଗୁଡ଼ିକୁ ମାଲିକ ମାନି ନେଇଛି । ଆଜି ମାଲିକ ପକ୍ଷରୁ ଶ୍ରମିକ ପଞ୍ଚାୟତକୁ ଶେଷ ଫଏସଲା ଜଣାଇ ଦିଆଯିବ ।

ଆନନ୍ଦ ଆବେଗରେ ସୁବୋଧଙ୍କ ପାଦତଳେ ଲୋଟି ପଡ଼ି ଅଶୋକ କହିଲା—ସତେ ମଉସା !

—ହଁ, ଅଶୋକ ବାବୁ, ସେଇଥିପାଇଁ 'ମୁଁ ବାବାଙ୍କୁ ନେଇ ଆସିଛି ସେ ଖବର ଦେବା ପାଇଁ'...ଆନନ୍ଦରେ ଅଧୀର ହୋଇ କହିଲା ଛନ୍ଦା ।

—ସରଳା ! ଶୁଣୁଛ ଜନତାର ଜୟ ହୋଇଛି, ତମର ଅକ୍ଳାନ୍ତ ପରିଶ୍ରମ ସାର୍ଥକ ହୋଇଛି ! ଆନନ୍ଦର ଆତିଶଯ୍ୟରେ ଅଶୋକ ବିଛଣାରୁ ଉଠିପଡ଼ିଲା । ସେ ଯେପରି ଶତସିଂହର ବଳ ଫେରି ପାଇଛି । ସମସ୍ତଙ୍କୁ ଡଟ୍ଟଙ୍କରି ସେ ଧାଇଁ ଚାଲିଲା ବାହାରକୁ... ପାଖେ ପାଖେ ସମତାଳରେ ଦଉଡ଼ି ଚାଲିଛି ଛନ୍ଦା । ସରଳା ପଛରେ ପଡ଼ିଯାଇଛି । ଆଗରେ ବିରାଟ ପଟୁଆର ଆଗେଇ ଆସୁଛି ବିପ୍ଳବର ଧ୍ୱନି ଦେଇ···

ସରଳା ଆଖିରୁ ଦୁଇବୁନ୍ଦା ଅଶ୍ରୁ ତଳେ ଖସିପଡ଼ିଲା ସମସ୍ତଙ୍କ ଅଲକ୍ଷ୍ୟରେ...ଏତେ ଆନନ୍ଦ ସେ ଜୀବନରେ କେବେ ପାଇନି ।

ଏକତାର ପ୍ରତୀକ ନେଇ ବିରାଟ ଶ୍ରମିକ-ପଟୁଆର ଉଦ୍ଦେଶ୍ୟରେ ସେ ମଥାନତ କରି ହୃଦୟର ପ୍ରଣତି ଜଣାଇଲା ।

ବିପୁଳ ହର୍ଷଧ୍ୱନି ଆଉ ଆନନ୍ଦ ଉଚ୍ଛ୍ୱାସ ମଧ୍ୟରେ ସେ ଶୁଣିପାରୁଥାଏ ଅଶୋକ ଆଉ ଛନ୍ଦାର ମିଳିତ କଣ୍ଠସ୍ୱର....**ଇନ୍‌କିଲାବ୍···ଜିନ୍ଦାବାଦ···!**

ରଚନା କାଳ :

ଆରମ୍ଭ ୨୫-୭-୫୬

ଶେଷ ୫- -୫୬

Edited, Printed & Published by B. Bhuyan for Jana-Sahitya-Prakashna
at Krushak Press, Cuttack—1